


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-21 • TUESDAY • 15 JULY 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୨୧ • ମଙ୍ଗଳବାର • ୧୫ ଜୁଲାଇ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦

# ନିର୍ଯାତନା ନିଆଁ | ଜୀବନ ଯୁଦ୍ଧରେ ହାରିଗଲେ ସୌମ୍ୟାଶ୍ରୀ

## ରାତିରେ ତରବରିଆ ଭାବରେ ବ୍ୟବଚ୍ଛେଦ ପାଇଁ ନିଆଗଲା ଶବ

## ଏମ୍ସ ପରିସରରେ ତୀବ୍ର ଉତ୍ତେଜନା, ପୁଲିସ ଛାଉଣି

## ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ବସିଲେ ବିଜେଡି, କଂଗ୍ରେସ କର୍ମୀ





**୧୨ ଜୁଲାଇ ୨୦୨୫**
- ବାଲେଶ୍ୱର ଏଫ୍.ଏମ୍ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇଲେ ସୌମ୍ୟାଶ୍ରୀ
- ଶରୀରର ୯୦ ଭାଗ ପୋଡ଼ିଯାଇଥିଲା । ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି
- ଚିକିତ୍ସା ଲାଗି ୧୦ ଜଣିଆ ଡାକ୍ତରୀ ଟିମ୍ ଗଠିତ
- କଲେଜ ଅଧ୍ୟକ୍ଷ ଦିଲୀପ ଘୋଷ ଏବଂ ଅଧ୍ୟାପକ ପ୍ରଫେସର ସମୀର ସାହୁ ସସ୍‌ପେଣ୍ଡ
- ଅଧ୍ୟାପକ ସମୀର ସାହୁ ଗିରଫ

**୧୩ ଜୁଲାଇ ୨୦୨୫**
- ଛାତ୍ରୀ ଆତ୍ମଦାହ ପ୍ରତିବାଦରେ ରାଜ୍ୟସାରା ପ୍ରତିବାଦ
- ଏମ୍ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ
- ରିପୋର୍ଟ ତଲବ କଲେ ଜାତୀୟ ମହିଳା କମିସନ୍
- କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ତଦନ୍ତ

**୧୪ ଜୁଲାଇ ୨୦୨୫**
- ରିପୋର୍ଟ ମାଗିଲେ ରାଜ୍ୟପାଳ
- ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଦିଲୀପ ଘୋଷ ଗିରଫ
- ଏମ୍ସ ଯାଇ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଷ୍ଟ୍ରପତି
- ରାତି ୧୧ଟା ୪୬ରେ ସୌମ୍ୟାଶ୍ରୀଙ୍କୁ ମୃତ ଘୋଷଣା କଲା ଏମ୍ସ

■ **ଭୁବନେଶ୍ୱର, ୧୪।୭ (ସମିସ):** ଅଧ୍ୟାପକଙ୍କ ଯୌନ ଅନୁଗ୍ରହ ଦାବିକୁ ପ୍ରତ୍ୟାଖ୍ୟାନ କରି ରୋଷର ଶିକାର ହୋଇଥିବା ସୌମ୍ୟାଶ୍ରୀ ସରକାରଙ୍କଠାରୁ ଲୋଡ଼ିଥିଲେ ନ୍ୟାୟ। କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କର ଅନୁନୟ କେହି ଶୁଣିଲେ ନାହିଁ, କେହି ଗୁରୁତ୍ୱ ଦେଲେ ନାହିଁ। ଓଲଟି ତାଙ୍କୁ ଭୁଲ ବୋଲି ପ୍ରମାଣିତ କରିବାକୁ କଲେଜ କର୍ତ୍ତୃପକ୍ଷ ଲାଗିପଡ଼ିଲେ। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରି ସୌମ୍ୟାଶ୍ରୀ ନିଜ ଦେହରେ ନିଆଁ ଲଗାଇ ଦେଲେ। ଆଉ ଦୁଇଦିନ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଦେଲେ ସୌମ୍ୟାଶ୍ରୀ।

ଦୀର୍ଘଦିନ ଧରି ସମ୍ପୃକ୍ତ ଅଧ୍ୟାପକଙ୍କ ଦ୍ୱାରା ସୌମ୍ୟାଶ୍ରୀ ମାନସିକ ନିର୍ଯାତନାର ଶିକାର ହୋଇଥିଲେ। ଅଧ୍ୟାପକଜଣକ ତାଙ୍କଠାରୁ ଯୌନ ଅନୁଗ୍ରହ ଦାବି କରି ନିର୍ଯାତନା ପ୍ରଦାନ, ପରୀକ୍ଷାରେ ଫେଲ୍ କରାଇଦେବା ଧମକ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହିବା ପରେ ଜୁଲାଇ ୧ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଏ ସମ୍ପର୍କରେ 'ଏକ୍ସ'ରେ ଅବଗତ କରିଥିଲେ। କଲେଜ ଅଧ୍ୟକ୍ଷ ଏହି ପ୍ରସଙ୍ଗରେ ମଧ୍ୟ ନିରବ ରହିଲେ ଓ ନିଜ ଅଧ୍ୟାପକଙ୍କୁ ଘଣ୍ଟ ଘୋଡ଼ାଇଲେ। ଅତ୍ୟନ୍ତ ବିମର୍ଷ ହୋଇ ଗତ ୧୨ ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କୋଠରୀ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଲେ। ତାଙ୍କ ଶରୀରର ୯୦ ଭାଗରୁ ଉର୍ଦ୍ଧ୍ୱ ପୋଡ଼ିଗଲା। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଗଲା। ଏମ୍ସ କର୍ତ୍ତୃପକ୍ଷ ଏକ ଡ଼ାକ୍ତରୀ ଟିମ୍ ଗଠନ କରି ତାଙ୍କର ଚିକିତ୍ସା କରୁଥିଲେ। ଜୀବନରକ୍ଷା ପ୍ରଣାଳୀ ମଧ୍ୟରେ ରଖି ସୌମ୍ୟାଶ୍ରୀଙ୍କୁ ଚିକିତ୍ସା କରାଯାଉଥିଲା। ତାଙ୍କର କିଡ୍‌ନୀ କାମ କରୁ ନ ଥିଲା, ହୃଦସ୍ପନ୍ଦନ କ୍ଷୀଣ ହୋଇ ଯାଇଥିଲା। ▶ପୃଷ୍ଠା-୭

## ୧୪ ଦିନ ପାଇଁ ହାଜତକୁ ଗଲେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ

■ **ବାଲେଶ୍ୱର, ୧୪।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ଗତ ଶନିବାର ପୁଲିସ ଶିକ୍ଷକ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଦ୍ୱିତୀୟ ଅଭିଯୁକ୍ତ ଭାବେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ ହେବା ପରେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାସହ ଛାତ୍ରୀଙ୍କ ଭାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ବହୁ ସଙ୍ଗୀନ ଦଫା ମଧ୍ୟ ଲଗାଯାଇଛି ବୋଲି ଏସ୍‌ପି ▶ପୃଷ୍ଠା-୭

## ମୋ' ଝିଅ ଦେହରେ ନିଆଁ ଲଗାଯାଇଛି: ମା'

■ **ଭୁବନେଶ୍ୱର, ୧୪।୭ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ କଲେଜକୁ ଯାଇ କର୍ମଚାରୀ ଏବଂ ପୀଡ଼ିତାଙ୍କ ସାଙ୍ଗସାଥୀମାନଙ୍କୁ ପଚରାଉଚରା କରିଛି। ଆଗକୁ ଗିରଫ କଲେଜ ଅଧ୍ୟକ୍ଷ ଏବଂ ଏଚ୍‌ଓଡିଙ୍କୁ ଜେଲରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଏହି ଟିମ୍ ନିଲମ୍ବିତ ପ୍ରିନ୍ସିପାଲଙ୍କୁ ପଚରାଉଚରା କରିବା ସହ କଲେଜର ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି ରିପୋର୍ଟକୁ ବି ତଦାରଖ କରିଥିଲା। ଅନ୍ୟପଟେ, ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ପେଟ୍ରୋଲ ଲିଙ୍କ୍ ଖୋଜୁଛି। ଛାତ୍ରୀ ନିଜ ଦେହରେ ଢାଳିଥିବା ପେଟ୍ରୋଲ କେଉଁଠୁ ଆଣିଲେ। ନା ତାଙ୍କୁ କିଏ ଆଣି ଦେଇଥିଲେ, ସେ ଦିଗକୁ ନେଇ ଖୋଳତାଡ଼ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେପଟେ, ପୀଡ଼ିତାଙ୍କ ସୌମ୍ୟାଶ୍ରୀଙ୍କ ମା' ଆଜି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସାର୍ ମୋ' ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି। ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି। ▶ପୃଷ୍ଠା-୭

## ରିପୋର୍ଟ ମାଗିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୧୪।୭(ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି। କେଉଁ ପରିସ୍ଥିତିରେ ଘଟଣା ଘଟିଲା ଏବଂ ସମାଧାନ ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ▶ପୃଷ୍ଠା-୭

## ଜିଲ୍ଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

■ **ଭୁବନେଶ୍ୱର, ୧୪।୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ଉଦ୍‌ବେଗ ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)। ଘଟଣା ସମ୍ପର୍କରେ ମାନବାଧିକାର ଆୟୋଗ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବାଲେଶ୍ୱର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ତଥା ଓଡିଶା ଅଭିଭାବକ ମହାସଂଘ ଉପଦେଷ୍ଟା ମନୋଜ ଜେନା ମାମଲା ରୁଜୁ କରିଥିଲେ। କଲେଜ ଅଧ୍ୟକ୍ଷ ଏବଂ ▶ପୃଷ୍ଠା-୭

## ନିଶାଦେଇ ମହିଳାଙ୍କୁ ଗଣଦୁଷ୍କର୍ମ

**ବ୍ରହ୍ମପୁରରେ ପୁଣି ଲଜ୍ଜା!**

■ **ବ୍ରହ୍ମପୁର, ୧୪।୭ (ସମିସ):** ଗଞ୍ଜାମରେ ପୁଣି ଲଜ୍ଜା। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ନିମଖଣ୍ଡି ଥାନା ଅଞ୍ଚଳରୁ ପୁଣି ଏପରି ଏକ ସଂଗିନ୍ ଘଟଣା ପଦାକୁ ଆସିଛି। ନିଶା ଇଞ୍ଜେକ୍ସନ୍ ଦେଇ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଦୁଇବନ୍ଧୁ ଗଣଦୁଷ୍କର୍ମ କରିଛନ୍ତି। ମହିଳାଜଣଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳାଜଣଙ୍କ ପୁଲିସ୍ ଉପସ୍ଥିତିରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ଏନେଇ ପୁଲିସ୍ କୌଣସି ମାମଲା ରୁଜୁ କରିନଥିବା ଜଣାଯାଇଛି।

ସୂଚନାନୁସାରେ, ମହିଳାଙ୍କ ଘର ଗଞ୍ଜାମ ଥାନା ଅଞ୍ଚଳରେ। ରବିବାର ରାତିରେ ତାଙ୍କ ସ୍ୱାମୀ ଓ ତାଙ୍କର ଦୁଇ ବନ୍ଧୁ ତାଙ୍କୁ ନିମଖଣ୍ଡି ଥାନା ଅଞ୍ଚଳରେ ଏକ ଭଡ଼ାଘର ଉପର ମହଲାକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏଥିପାଇଁ ସେମାନେ ପ୍ରଥମେ ତାଙ୍କୁ ନିଶା ଇଞ୍ଜେକସେନ୍ ଦେଇଥିଲେ ▶ପୃଷ୍ଠା-୭



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## ରଥଯାତ୍ରା ବେଳେ କାନାଡ଼ାରେ ଅଣ୍ଡାମାଡ଼

### ଗଭୀର ଚିନ୍ତା ପ୍ରକଟ କଲେ ନବୀନ

**ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର**



■ **ଭୁବନେଶ୍ୱର, ୧୪।୭ (ସମିସ):** କାନାଡାର ଟୋରଣ୍ଟୋରେ ରଥଯାତ୍ରା ଉତ୍ସବ ସମୟରେ ଭକ୍ତଙ୍କ ଉପରେ ଅଣ୍ଡାମାଡ଼ ହୋଇଛି। ଏଭଳି ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏହି ଘଟଣା ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏପରି ଘଟଣା କେବଳ ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବନାକୁ ଗୁରୁତର ଆଘାତ ଦେଇନାହିଁ, ବରଂ ଏହି ଉତ୍ସବ ଓ ସଂସ୍କୃତିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓଡ଼ିଆ ଲୋକଙ୍କୁ ଏହା ଗଭୀର ଯନ୍ତ୍ରଣା ଦେଇଛି। ଯଦି ଗଣମାଧ୍ୟମ ରିପୋର୍ଟଗୁଡ଼ିକ ସଠିକ୍ ହୋଇଥାଏ, ତେବେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ଗମ୍ଭୀରତାର ସହ ନେବା ଉଚିତ। ଏହାସହିତ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇବାକୁ ମାମଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିବା ଉଚିତ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଅବପାତ ରୂପ ନେଲା ଲଘୁଚାପ | ଦୁଇ ଦିନ ପ୍ରବଳ ବର୍ଷା



**ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା**

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ବର୍ଷାର ପ୍ରଭାବ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ତଥା ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ରହିଥିବା ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଅନୁରୂପ ଭାବରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଯୋଡ଼ି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇଛି।

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ସମେତ ଝାରଖଣ୍ଡ ଓ ଛତିଶଗଡ଼ରେ ବର୍ଷା ବଢ଼ିବ। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଫଳରେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ▶ପୃଷ୍ଠା-୭

## ଉପଭୋକ୍ତାଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ | ନିଜଆଡ଼ୁ ଶୁଣାଣି କରିବ ଓଇଆର୍‌ସି

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ। ବିଭିନ୍ନ ଆଡ଼ୁ କମିଶନଙ୍କ ନିକଟରେ ଏନେଇ ପ୍ରତିବାଦ ହେବା ପରେ ଓଇଆରସି ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲେ। ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଛି ଓ ଆସନ୍ତାକାଲି ଏହାର ଶୁଣାଣି ହେବ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟୋଜିତ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ବିଶେଷକରି ଲୋ-ଭୋଲଟେଜ, ଅଘୋଷିତ ବିଜୁଳି କାଟ, ସ୍ମାର୍ଟ ମିଟର ଓ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରାହକମାନେ ଅଭିଯୋଗ କରି ଆସୁଛନ୍ତି। ଯାହାକୁ ଗୁରୁତର ସହ ନେଇଛନ୍ତି ଓଇଆରସି। ବିତରକ କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଅନୁଭବ କରି ଓଇଆର୍‌ସି ଏଥିପାଇଁ ଶୁଣାଣି ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ ଧାରା ୪୩ ଅନୁଯାୟୀ କୌଣସି ନୂଆ ସଂଯୋଗ ପାଇଁ ବୈଧ ଆବେଦନ ଥିଲେ ଏକମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ବାଧ୍ୟତାମୂଳକ। ମାତ୍ର ନୂଆ ଆବେଦନକାରୀ ବିଶେଷକରି ସିଙ୍ଗଲ ଫେଜ ବିଦ୍ୟୁତ୍ ବ୍ୟବହାର ପାଇଁ ଆବେଦନ କରିଥିବା ଆବେଦନକାରୀ ଏକ୍ଷେତ୍ରରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଯାହାର ଶୁଣାଣି ଆସନ୍ତାକାଲି ଧାର୍ଯ୍ୟ ହୋଇଛି। ଅପରପକ୍ଷେ ବିଦ୍ୟୁତ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧିମା ▶ପୃଷ୍ଠା-୭

## ଜଷ୍ଟିସ ମାନସ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



■ **କଟକ, ୧୪।୭(ସମିସ):** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୨୬ ତାରିଖରେ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଥିବା ବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯାଇଛି। ଜଷ୍ଟିସ୍ ପାଠକ ୧୯୬୫ ମସିହା ଅଗଷ୍ଟ ୨୮ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିଲେ। ▶ପୃଷ୍ଠା-୭

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ରାଉରକେଲା,୧୪।୭ (ସମିସ): ସ୍ଥାନୀୟ ସେକ୍ଟର -୧୫ ଥାନାଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକଙ୍କ ବୟସ ପାଖାପାଖି ୪୬ ବର୍ଷ ହେବ ବୋଲି ଜଣାପଡ଼ିଛି। ସୋମବାର ସକାଳେ ମହିଳା ଜଣକ ଫୁଲ ତୋଳୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବାବେଳେ ଶବକୁ ମର୍ଗ ହାଉସରେ ରଖାଯାଇ ଥିବା ସୂଚନା ମିଳିଛି।

## ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ

ରାଉରକେଲା,୧୪।୭ (ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବ ରୋଡ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଉଭୟ ଗୋଷ୍ଠୀର କିଛି ଜଣ ଆହତ ହୋଇଥିବା ଜଣାପଡିଛି। ଗତ କିଛି ଦିନ ପୂର୍ବେ ଏହି ଘଟଣା ଘଟିଥିଲା। ତେବେ ସୋମବାର ଘଟଣାର ସିସିଟିଭି ଫୁଟେଜ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଏହି ଘଟଣାକୁ ନେଇ ପୃଥକ୍ ମାମଲା ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

● ମୃତ ବାର୍‌ହା ଉଦ୍ଧାର

## ୭ ଶିକାରୀ ଗିରଫ



ବଣାଇଁ,୧୪।୭ (ସମିସ): ବଣାଇଁ ବନଖଣ୍ଡ କୁଲିପୋଷ ବନାଞ୍ଚଳର ଡଲେଇସରା ସେକ୍ସନରେ ବାର୍‌ହା ଶିକାର ଘଟଣାରେ ବନବିଭାଗ ୭ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଏକ ମୃତ ବାର୍‌ହା ଓ ଫାସ, ଧନୁତୀର, ବାଟୁଳି ଜବତ କରିଛି। ଅଭିଯୁକ୍ତ ସାତ ଜଣଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ମହୁଲପଦା ତସଡା ଅଞ୍ଚଳର ହାଟୁ ମଣ୍ଡଳ, ପୁଡ଼ ମଣ୍ଡଳ, ଚୈତନ୍ୟ ମଣ୍ଡଳ, କମାନୁ ମଣ୍ଡଳ, ସମ୍ବାରୁ ଦେହୁରୀ, ସାଧୁ ଦେହୁରୀ, ଦୁର୍ଜନ ଦେହୁରୀ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ମହୁଲପଦା ସଂରକ୍ଷିତ ଜଙ୍ଗଲ ତସଡା ନିକଟରେ ଶିକାରୀମାନେ ବାରହାକୁ ଶିକାର କରି ମାଂସ କାଟିବାକୁ ନେଉଥିବା ବନବିଭାଗ ନିକଟକୁ ଖବର ଆସିଥିଲା। କୁଲିପୋଷ ରେଞ୍ଜ ଅଧିକାରୀ ସୁଚିସ୍ମିତା ଦାସ, ଫରେଷ୍ଟର ସରିତା ମାହାନ୍ତ, ଜଗନ୍ନାଥ ବେହେରା, ସ୍ୱର୍ଣ୍ଣପ୍ରଭା ହାତୀ ପ୍ରମୁଖ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତ ବାର୍‌ହା ସହ ଆସାମୀଙ୍କୁ ଗିରିଫ କରିବାରେ ସଫଳ ହୋଇଥିଲେ।

## ହକର୍ସ ଆସୋସିଏସନ୍ ପକ୍ଷରୁ ସହାୟତା



ରାଉରକେଲା,୧୪।୭ (ସମିସ): ବରିଷ୍ଠ ଖବରକାଗଜ ବିତରକ ନିରଞ୍ଜନ ଦାସଙ୍କ ବିୟୋଗରେ ହକର୍ସ ଆସୋସିଏସନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ସୋମବାର ହକର୍ସ ଆସୋସିଏସନ ପକ୍ଷରୁ ସାଧାରଣ ସମ୍ପାଦକ ବିମାନ ମାଇତି, ବିମାନ ମାଇତି, ମିହିର ପାତ୍ର, କିଶୋର ରାଉତ, ଅନିରୁଦ୍ଧ ଜେନା, ମନୋଜ ପଟ୍ଟନାୟକ, ଅଶୋକ ସାହୁ,, ସଂଗ୍ରାମ ଭୂୟାଁ ପ୍ରମୁଖ ସ୍ୱର୍ଗତ ନିରଞ୍ଜନଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ହକର୍ସ ଆସୋସିଏସନ ୱେଲଫେୟାର ଫଣ୍ଡରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବଙ୍ଗୋମୁଣ୍ଡା,୧୪।୭ (ସମିସ): ବଙ୍ଗୋମୁଣ୍ଡା ତୁରେକେଲା ପଞ୍ଚାୟତ ପୂର୍ଣ୍ଣିୟାବନ୍ଧରେ ଆଜି ଜଣେ ପାଣିରେ ବୁଡି ଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ତୁରେକେଲା ଗାଁର ବାର୍ଲ୍ଲୀ ସୁନା (୫୫) ସକାଳ ୫ଟାରେ ଗାଧେଇ ଯାଇଥିବା ବେଳେ ଗୋଡ଼ ଖସି ଯାଇଥିବା ବେଳେ ପାଣିରେ ବୁଡି ଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଖବର ପାଇ ପରିବାର ଲୋକେ ଉଦ୍ଧାର କରିବା ପାଇଁ ଆସିଥବା ବେଳେ ତାଙ୍କ ମୃତ୍ୟୁ ହୋଇଯାଇଥିଲେ। ବାର୍ଲ୍ଲୀ ସୁନା ଜଣେ କଳାକାର ଭାବରେ ପରିଚିତ ସେ ଜଣେ ମୁହୁରୀ ବାଦକ ଭାବେ ବଙ୍ଗୋମୁଣ୍ଡା ଅଞ୍ଚଳରେ ଜଣାଶୁଣା। ବାର୍ଲୀ ସୁନା ମୃତ୍ୟୁ ଖବର ଶୁଣି ତୁରେକେଲା ଗାଁରେ ଦୁଃଖର ଛାୟା ଖେଳିଯାଇଛି।

# ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ

ରାଉରକେଲା,୧୪।୭ (ସମିସ)

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ଥିବାରୁ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଜଳାଭିଷେକ ନିମନ୍ତେ ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାର ବେଦବ୍ୟାସ, ଘୋଘଡ଼, ବାବା ବାଣେଶ୍ୱର, ତରକେରା ପରି ଶୈବପୀଠ ଗୁଡ଼ିକରେ କାଉଡ଼ିଆମାନଙ୍କ ପ୍ରବଳ ସମାଗମ ହୋଇଥିଲା। ଏଥିପାଇଁ ପ୍ରତ୍ୟେକ ଶୈବପୀଠ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସୂଚନାଯୋଗ୍ୟ ଯେ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ରବିବାର ରାତିରେ ବେଦବ୍ୟାସ ଶୈବପୀଠରେ ପୂଜାର୍ଚ୍ଚନା କରିବା ପରେ ବ୍ରାହ୍ମଣୀ ନଦୀରୁ ଜଳନେଇ କାଂଶବାହାଲ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଘୋଘଡ଼କୁ ଯାତ୍ରା କରିଥିଲେ। କାନ୍ଧରେ ସୁସଜ୍ଜିତ ବାହୁଙ୍ଗି ସହିତ କାଉଡ଼ିଆ ପୋଷାକ ପରିଧାନ କରି କାଉଡ଼ିଆମାନେ ଖାଲି ପାଦରେ ଚାଲିଚାଲି ଘୋଘଡ଼ ଶୈବପୀଠ ଠାରେ ପହଞ୍ଚିଥିଲେ। ସେଠାରେ ଲମ୍ବା ଧାଡ଼ିରେ ଘୋଘଡ଼ ବାବାଙ୍କଠାରେ କାଉଡିଆମାନେ ଜଳାଭିଷେକ କରିଥିବା ଜଣାପଡ଼ିଛି। ଶ୍ରାବଣ ମାସର ସୋମବାର ଦିନ ଘୋଘଡ଼ଧାମରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ଏହି କାଉଡିଆ ଯାତ୍ରାରେ ସହଯୋଗର ହାତ ବଢାଇଥିଲେ। ବେଦବ୍ୟାସଠାରୁ ଘୋଘଡ଼ ପୀଠ ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କାଉଡିଆମାନଙ୍କ ପାଇଁ ଜଳପାନ, ଚାହା, ବିସ୍କୁଟ୍ ଆଦିର ଆୟୋଜନ କରାଯାଇଥିଲା। ସେହିପରି ବେଦବ୍ୟାସ ଶୈବପୀଠ ସ୍ଥିତ ବାଲୁଙ୍କେଶ୍ୱର ଓ ବାବା ଚନ୍ଦ୍ରଶେଖରଙ୍କ ଠାରେ ମଧ୍ୟ ଶତାଧିକ ସଂଖ୍ୟାରେ କାଉଡିଆମାନେ ଜଳାଭିଷେକ କରିଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ତରକେରା ସ୍ଥିତ ଧବଳେଶ୍ୱର ପୀଠ, ବଣାଇଁ ସ୍ଥିତ ବାଣେଶ୍ୱର ଶୈବପୀଠ ଆଦିରେ ପ୍ରବଳ ବୋଲବମ୍ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏତଦ୍‌ବ୍ୟତୀତ ହଜାର ହଜାର କାଉଡିଆମାନେ ମହାଦେବସାଲ ଟେନରେ ଯାତ୍ରାକରି ମହାଦେବସାଲ ପୀଠରେ ଜଳାଭିଷେକ କରିଥିବା ଜଣାପଡ଼ିଛି।





ବଣାଇଁ: ଶ୍ରାବଣର ପ୍ରଥମ ସୋମବାର ହୋଇଥିବା ବେଳେ ବାବାଙ୍କ ନିକଟରେ ଜଳାଭିଷେକ ପାଇଁ ବଣାଇଁ ଉପଖଣ୍ଡର ବିଭିନ୍ନ ଶିବାଳୟ ରେ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମୁଖ୍ୟତଃ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ହଜାର ହଜାର ସଂଖ୍ୟାରେ ବୋଲବମ୍ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଭାବେ ମହୁଲଡିହାର ଲଙ୍ଗଳେଶ୍ୱର, କେନାଡେଟାର କରଡେଶ୍ୱର, ତଳିତାର ମହେଶ୍ୱର, ଗୋଗୁଆ ଧବଳେଶ୍ୱର, ଟେଣ୍ଡରାର ଝାଡ଼େଶ୍ୱର, ଜର୍କୈକଳାର ବାବା ଯୋଗେଶ୍ୱର ଇତ୍ୟାଦି ମନ୍ଦିରରେ କାଉଡ଼ିଆ ଭକ୍ତଙ୍କ ପ୍ରବଳ ସମାଗମ ଲାଗି ରହିଛି। ପବିତ୍ର ବ୍ରାହ୍ମଣୀରୁ ଜଳ ନେଇ ବାବା ବାଣେଶ୍ୱରଙ୍କୁ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଭିନ୍ନ ଦୂରଦୂରାନ୍ତରୁ ଆସିଥିବା କାଉଡିଆମାନଙ୍କ ବିଶ୍ୱାସ ରହିଛି। ପ୍ରଶାସନ ପକ୍ଷରୁ ନଦୀ ଘାଟରେ ବ୍ୟାରିକେଟ ନିର୍ମାଣ ସହ ମନ୍ଦିର ପ୍ରାଙ୍ଗଣ ଓ ରାସ୍ତା ଉପରେ ଆଲୋକୀକରଣ, ବ୍ୟବସ୍ଥା କରାଯାଇଛି।



ବର୍ଷାରେ ଧୋଇଗଲା ରାସ୍ତା

## ରୋଗୀକୁ ଖଟିଆରେ ବୋହି ନାଳ ପାରକଲେ ଗ୍ରାମବାସୀ



କୋଇଡ଼ା,୧୪।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ ବାକରତୋଡା ଗାଁର ଶାନ୍ତି ମୁଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗ୍ରାମବାସୀ ଖଟିଆରେ ବୋହି ତାଙ୍କୁ ଭରା ନାଳରେ ଡାକ୍ତରଖାନା ନେଇଥିଲେ। ବର୍ଷାରେ କୁରାଢ଼ି ନାଳରେ ପ୍ରବଳ ବର୍ଷା ଜଳ ଆସିଯିବାରୁ ନାଳ ଫୁଲି ଉଠିଥିଲା। ଫଳରେ ବାକରତୋଡାରୁ ସାନରକ୍ସି ଓ କେ.ବଲାଙ୍ଗ ମୁଖ୍ୟ ରାସ୍ତାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା।ଚକୌଣସି ଉପାୟ ନପାଇ ଗୁରୁତର ରୋଗୀକୁ ଗ୍ରାମବାସୀ ବଞ୍ଚାଇବାକୁ ଯାଇ ପାଣି ସ୍ରୋତରେ ଖଟିଆ ବୋହି ନାଳ ପାରକରି ଡାକ୍ତରଖାନା ନେଇଥିଲେ। ବାକରତୋଡ଼ାରୁ ସାନରକ୍ସି ଯିବାପାଇଁ କୁରାଢି ନାଳରେ କୌଣସି ବ୍ରିଜ୍ ନ ଥିବାରୁ ଲୋକେ ଏଭଳି ପ୍ରୟାସ କରିଥିବା ଜଣାପଡ଼ିଛି। ଗୁରୁତର ଶାନ୍ତି ମୁଣ୍ଡାଙ୍କୁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରା ଯାଉଛି। ଏବେ ଶାନ୍ତି ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ଉପାନ୍ତ ଅଞ୍ଚଳରେ ଏବେବି ସ୍ୱାସ୍ଥ୍ୟ ଅବସ୍ଥାର ବିକଳ ଚିତ୍ର ଏବେ ସମସ୍ତଙ୍କୁ ବ୍ୟଥିତ କରିଛି।

## ପ୍ରବଳ ବର୍ଷାରେ ବୁଡ଼ିଗଲା ଆର୍ କ୍ୟାବିନ୍ ବ୍ରିଜ୍



ରାଉରକେଲା,୧୪।୭ (ସମିସ): ରବିବାର ମଧ୍ୟରାତ୍ରିରୁ ହେଇଥିବା ଲଗାଣ ବର୍ଷା ଯୋଗୁଁ ବନ୍ଧମୁଣ୍ଡା ରେଲବାଇ ସେକ୍ସନର ଆର-କେବିନ୍ ବ୍ରିଜ୍ ବର୍ଷା ପାଣିରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲା। ସୋମବାର ସକାଳେ ବ୍ରିଜ୍ ଉପରେ ପ୍ରବଳ ଗତିରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ଦିନ ପ୍ରାୟ ୧୨ ଟା ଯାଏ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଇଥିଲା। କେବଳ ଏତିକି ନୁହେଁ, ବନ୍ଧମୁଣ୍ଡା ରେଲବାଇ ଷ୍ଟେସନକୁ ସଂଯୋଗ କରୁଥିବା ବୋଗଦା ବ୍ରିଜଟି ମଧ୍ୟ ବର୍ଷା ପାଣିରେ ବୁଡ଼ିଯାଇ ଥିଲା। ଜଳସ୍ତର ଏତେ ବୃଦ୍ଧି ପାଇଥିଲା ଯେ ବ୍ରିଜ୍ ଉପର ଦେଇ ଚାଲିବାକୁ ଭୟ ଲାଗୁଥିଲା। ପ୍ରବଳ ଜଳବନ୍ଦୀ ଯୋଗୁଁ ରେଲବାଇ କର୍ମଚାରୀମାନେ ସେମାନଙ୍କ କର୍ମକ୍ଷେତ୍ରରେ ପହଞ୍ଚିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଇଥିଲେ। ରେଲବାଇ କର୍ମଚାରୀଙ୍କ କହିବା କଥା ଯେ ପ୍ରତିବର୍ଷ ମୌସୁମୀ ସମୟରେ ଏହିପରି ସମସ୍ୟା ଦେଖା ଦେଉଥିଲେ ମଧ୍ୟ ବାରମ୍ବାର ଦାବୀ ସତ୍ତ୍ୱେ ଏହାର କୌଣସି ସ୍ଥାୟୀ ପ୍ରତିକାର ହୋଇ ପାରୁନାହିଁ।

ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

## ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ



ବଲାଙ୍ଗିର,୧୪।୭ (ସମିସ): ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାକୁ କଂଗ୍ରେସ ଓ ବିଜେଡି ଉଭୟ ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ନାରୀ, ଛାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିପାରୁନଥିବା ଅଭିଯୋଗ କରିବା ସହ ନୈତିକତା ଦୃଷ୍ଟିରୁ ଇସ୍ତଫା ଦାବିକୁ ଦାବି କରିଛନ୍ତି। ଏହି ପରିପେକ୍ଷୀରେ ବଲାଙ୍ଗିରରେ ମଧ୍ୟ ଏହି ଘଟଣାକୁ ନେଇ ବିରୋଧ ଆରମ୍ଭ ହୋଇଛି। ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବି କରିଛନ୍ତି। ଛାତ୍ର ବିଜେଡି ନେତା ସୁମନ ନନ୍ଦଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଫାଟକରେ ଆନ୍ଦୋଳନ କରିଥିଲେ। ପୀଡିତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଗୋଟିଏ ବର୍ଷ ର ସଫଳତା ବର୍ଷ ପାଳନ କରୁଥିବା ବେଳେ ଅନ୍ୟପଟେ ଏହି ବର୍ଷକ ଭିତରେ ରାଜ୍ୟରେ ନାରୀମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା ବୋଲି ଛାତ୍ର ବିଜେଡି ଅଭିଯୋଗ କରିଛି। ସେହିପରି ନିଜେ ଛାତ୍ରୀ ଜଣକ ଏବିଭିପି ଛାତ୍ର ସଙ୍ଗଠନର ହୋଇଥିବା ବେଳେ ତାଙ୍କ ନିଜ ସରକାର ଥାଇ କେମିତି ନ୍ୟାୟ ଦେଇପାରିଲେ ନାହିଁ ବୋଲି ବଲାଙ୍ଗିର ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି।

## କୋଇଡ଼ାରେ ଡିୱାଇଏଫ୍‌ଆଇର ଦ୍ୱିତୀୟ ସମ୍ମିଳନୀ




କୋଇଡ଼ା,୧୪।୭ (ସମିସ): ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍ (ଡିୱାଇ ଏଫ ଆଇ) ତରଫରୁ କୋଇଡ଼ାଠାରେ ଦ୍ୱିତୀୟ କୋଇଡା (କ) ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ସଂଗଠନର ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍ ର ଜିଲ୍ଲା ସଭାପତି ରାଜକିଶୋର ପ୍ରଧାନ, ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଜିଲ୍ଲା ସମ୍ପାଦକ ଶେଖର ଶର୍ମା, ପ୍ରଭାତ ପଣ୍ଡା, ନୂତନ ଭାବେ ନିର୍ବାଚିତ ହୋଇଥିବା ବ୍ଲକ୍ ସଭାପତି ପ୍ରଭାତ ପାତ୍ର, ସେକ୍ରେଟାରୀ ଭାବରେ ନିର୍ବାଚିତ ହୋଇଥିବା ମନୋଜ ପୂର୍ତ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବାଦଲ ବାରିକ୍, ଅଶୋକ କୁମାର ସାମଲ ଓ ବହୁ ସଂଖ୍ୟାରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍‌ର ସମସ୍ତ ସାଥୀ ଓ ଯୁବକ ଯୁବତୀ ସାମିଲ ହୋଇଥିଲେ।

# ଛତିଶଗଡ଼ର ଚାଉଳ ଟ୍ରକ୍‌କୁ ୨ଦିନ ଅଟକ ପରେ ଛାଡ଼ିଦେଲା ପୁଲିସ



ଦେଓଗାଁ,୧୪।୭ (ସମିସ) ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ତୁଷୁରାଛକ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ସ୍ଥାନୀୟ ପୁଲିସ ସନ୍ଦେହ କରି ଅଟକ ରଖିଥିଲା।ମିଳିଥିବାତଥ୍ୟ ଅନୁସାରେ ଚାଉଳ ବୋଝେଇ ଟ୍ରକ୍ ନଂ ସିଜି ୧୩ଏ ଡବ୍ଲ୍ୟୁ-୯୯୨୫ ଛତିଶଗଡରୁ ଦେଓଗାଁ ଓ ତୁଷୁରା ଅଞ୍ଚଳର ଏକ ରାଇସମିଲକୁ ଚାଉଳ ଆଣିଥିଲା। ସ୍ଥାନୀୟ ପୁଲିସ ଖବରପାଇ ରବିବାର ବିଳମ୍ବିତ ରାତିରେ ଟ୍ରକ୍‌କୁ ଅଟକାଇ ଡ୍ରାଇଭରକୁ ଅଟକ ରଖିବା ସମେତ ଗାଡିର ସମସ୍ତ କାଗଜପତ୍ର ଜବତ କରିଥିବା ଟ୍ରକ୍‌ର ହେଲପର ଏସ. ସାମନ୍ତ କହିଛି। ଟ୍ରକ୍ ତୁଷୁରାଛକରେ ରାତି ଓ ଦିନ ତମାମ ଅଟକି ରହିବାପରେ ପୁଲିସ ପ୍ରଥମେ ବଙ୍ଗଳା ପେଟ୍ରୋଲ ଟାଙ୍କିକୁ ଆଣି ରଖିଥିଲା ପରେ ସୋମବାର ପୋନ୍ନିସୁଗର ମିଲ ଗେଟ ସମ୍ମୁଖକୁ ଆଣି ଟ୍ରକ୍‌କୁ ରଖିବାପାଇଁ କହିଥିବା ଜଣାପଡିଛି। ହେଲେ ଅପରାହ୍ନ ୩ଟା ପରେ ସେଠି ନା ଚାଉଳ ବୋଝେଇ ଟ୍ରକ୍ ଅଛି ନା ଡ୍ରାଇଭର, ସମସ୍ତେ ଫେରାର। ନିୟମାନୁସାରେ ଚାଉଳ ବୋଝେଇ ଟ୍ରକ୍‌କୁ ସନ୍ଦେହରେ ଅଟକ ରଖିଲେ ଯୋଗାଣ ବିଭାଗକୁ ଡାକି ତଦନ୍ତ କରାଯିବା କଥା ହେଲେ ଦେଓଗାଁ ପୁଲିସର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।ସ୍ଥାନୀୟ ମିଲରମାନେ ଚାଉଳ ରିସାଇକ୍ଲିଂ କରିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଦେଓଗାଁ ପୋଲିସ ଯୋଗାଣ ବିଭାଗକୁ ଚାଉଳ ବୋଝେଇ ଟ୍ରକ୍‌କୁ ହସ୍ତାନ୍ତର କରି ତଦନ୍ତ କରାଯିବ ବୋଲି ପୂର୍ବରୁ କହିଥିଲା କିନ୍ତୁ ବର୍ତ୍ତମାନ ଚାଉଳ ବୋଝେଇ ଟ୍ରକ୍‌ଟି ଉଭାନ ହୋଇଯାଇଥିବାରୁ ପୁଲିସ ଓ ଟ୍ରକ ମାଲିକ ମଧ୍ୟରେ କିଛି ସଲାସୁତୁରା ହୋଇଥିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଏ ନେଇ ଦେଓଗାଁ ଥାନାଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଚାଉଳ ବୋଝେଇ ଟ୍ରକ୍ ଅଟକ ରଖି କାଗଜପତ୍ର ଜବତ କରା ହୋଇଛି। ଯୋଗାଣ ବିଭାଗର ତଦନ୍ତ ପରେ ଟ୍ରକ୍‌କୁ ଛଡାଯିବ ବୋଲି କହିଥିଲେ। କିନ୍ତୁ ଏବେ ଟ୍ରକ୍ ଉଭାନ ହେବା ବିଷୟରେ ଥାନାଅଧିକାରୀ ମୁହଁ ଖୋଲୁନାହାନ୍ତି। ଏ ଦିଗରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ୱାକୋ ରାଜ୍ୟସ୍ତରୀୟ କିକ୍ ବକ୍ସିଂରେ ବଲାଙ୍ଗିରର ସଫଳତା

ବଲାଙ୍ଗିର,୧୪।୭ (ସମିସ): ଅନୁଗୁଳ ଇଣ୍ଡୋର ଷ୍ଟାଡିୟମରେ ୧୧ ଜୁଲାଇରୁ ୧୩ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଓଡିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍ ବକ୍ସିଂ ଦଳର ସଫଳତା ମିଳିଛି। ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ କୋଚ ଜିତେନ୍ଦ୍ର ପୃଷ୍ଟି, ମଳୟ କୁମ୍ଭାର, ଟିମ୍ ମ୍ୟାନେଜର ବଦ୍ରିନାଥ ହୋତା ତଥା ୧୯ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ସିନିୟର ବର୍ଗରେ ମୁରଲି ମହାକୁର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଜୁନିୟର ବର୍ଗରେ ଅଭିପ୍ସା ହୋତା ୨ଟି ସ୍ୱର୍ଣ୍ଣ, ବିଣାପାଣି ସାହୁ ରୌପ୍ୟ ପଦକ, ଅମିତ ପାତ୍ର ରୌପ୍ୟ ପଦକ, ସତ୍ୟନାରାୟଣ ସାହୁ ରୌପ୍ୟ, ଚୈତନ କବାଟ ଦୁଇଟି କାଂସ୍ୟ, ପୁନମ କବାଟ ରୌପ୍ୟ, ଅକ୍ଷ୍ୟା ରାଜପୁତ ରୌପ୍ୟ, ଜୟକିଶାନ ଉଗ୍ରେଙ୍କର ଗୋଟିଏ କାଂସ୍ୟ, ମନଜିତ ସାହୁ ଦୁଇଟି କାଂସ୍ୟ, କିରନ ସେଠ ଗୋଟିଏ ରୌପ୍ୟ, ସୀତା ବରିହା ଗୋଟିଏ ରୌପ୍ୟ ଓ କାଂସ୍ୟ,ରୋଶନ ସେଠ ଗୋଲ୍ଡ ପଦକ ହାସଲ କରିଛନ୍ତି।ଏହି ଚାମ୍ପିଅନସିପ୍‌ରେ ଜିଲ୍ଲା ସଂପାଦକ ଭଗବାନ କୁମ୍ଭାର, ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ।ବଲାଙ୍ଗିର କିକ୍ ବକ୍ସିଂ ସଂଘରୁ ସର୍ବ ଭାରତୀୟ ବରିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତାରେ ଦୁଇ ଜଣ ଖେଳାଳି ମୁରଲି ମହାକୁର ଓ କ୍ରୀଷ୍ଣା ସେଠ ମନୋନୀତ ହୋଇଛନ୍ତି। ସଂଘର ସଭାପତି ଅଯୋଧ୍ୟା ମିଶ୍ର, କରାଟେ ସଂଘର ସଂପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



**ରରୁଆଁ ଅଞ୍ଚଳରେ ପ୍ରବଳ ବର୍ଷା; ଜନବସତି ଜଳମଗ୍ନ**

# ନିଷ୍କାସନ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ



ଶୁକୁଳି/ରରୁଆଁ,୧୪।୭ (ସମିସ): ରରୁଆଁ ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ହେବା ଫଳରେ ସବୁଆଡେ ଜଳାର୍ଣ୍ଣବ। ତୁହାକୁତୁହା ଘଡଘଡି ଓ ବଜ୍ରପାତ ଭୟରେ କାମଧନ୍ଦା ଛାଡି ଲୋକେ ଆଶ୍ରୟ ଖୋଜିଲେ। ମାସେ ହେଲାଣି ନିୟମିତ ବର୍ଷା ଯୋଗୁ ରରୁଆଁ ବ୍ଲକବାସୀ ହନ୍ତସନ୍ତ ହେଉଛନ୍ତି। ଆବଶ୍ୟକତା ଠାରୁ ଅଧିକ ବର୍ଷାରେ ଜନଜୀବନ ପ୍ରଭାବିତ ହେବା ସହ ସାହି ବସ୍ତିରେ ଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବ୍ଲକ ମୁଖ୍ୟାଳୟ ରରୁଆଁ ଗ୍ରାମରେ ଅନେକ ସମ୍ପ୍ରଦାୟ ବସବାସ କରୁଥିବା ବେଳେ ବର୍ଷା ଋତୁ ଆସିଲେ ୭ଟି ୱାର୍ଡର ଲୋକେ ଦୟନୀୟ ଜୀବନ ଜିଉଁଛନ୍ତି। ବର୍ଷା ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନବନିର୍ମିତ ମୁଖ୍ୟ ରାସ୍ତା ଗୁଡିକ ଉଚ୍ଚ ହେବା ବେଳେ ଘର ଗୁଡିକ ତଳେ ରହୁଛି। ଡ୍ରେନ ନ ଥିବାରୁ ବର୍ଷା ହେଲେ ଘରୁ ପାଣି ବାହାରକୁ ସମ୍ଭବ ହେଉନି। ଫଳରେ ରାସ୍ତାର ପାଣି ଘରେ ପଶୁଛି। ଏହା ଦ୍ୱାରା ଲୋକେ ରାତିରେ ଶୋଇବା, ରୋଷେଇ କରି ଖାଇବା, ଘରୁ ବାହାରି କୁଆଡେ ଯିବା ସମ୍ଭବ ହେଉନାହିଁ। ପୂର୍ବତନ ଜିଲ୍ଲାପାଳ ଶ୍ୟାମସୁନ୍ଦର ନାଏକଙ୍କ ଘର ସାମ୍ନା, ମଙ୍ଗଳା ମନ୍ଦିର ନିକଟରେ ଥିବା ପଡିଆ କୃତ୍ରିମ ପୋଖରୀ ପରି ପାଣି ଜମି ରହୁଛି। ହନୁମାନ ବାଟିକା ଶିବ ମନ୍ଦିର ଭିତରେ ଆଣ୍ଠୁଏ ଉଚ୍ଚର ନର୍ଦ୍ଦମା ପାଣି ଜମିରହିଛି। ରାସ୍ତା ଉପରେ ଚାଲିଥିବା ଜଳସ୍ରୋତ ଦେଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ପ୍ରତି ସାହିରେ ବର୍ଷା ପାଣି ଘରେ ପଶି କାନ୍ଥ ଧସିଯିବା କାରଣରୁ ଗରିବ ଲୋକେ ଗୃହଶୂନ୍ୟ ହୋଇ ଯାଉଛନ୍ତି। ଏ ସମ୍ପର୍କରେ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ଡ୍ରେନ ସଫେଇ ତଥା ନିର୍ମାଣ ଦିଗରେ ପଦକ୍ଷେପ ନିଆଗଲା ନାହିଁ। ଦୁଇଦିନ ତଳେ ତହସିଲଦାର ଓ ସ୍ଥାନୀୟ ବିଡିଓ ଅବସ୍ଥା ଅନୁଧ୍ୟାନ କରି ରାସ୍ତା ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଜନଅସନ୍ତୋଷ ଦେଖାଦେଇଛି। ଅଗାମୀ ଦିନରେ ସମସ୍ୟା ସମାଧାନ ନ ହେଲେ ରାସ୍ତାରୋକ କରି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି ଅଞ୍ଚଳବାସୀ। ତେଣୁ ସରକାର ତୁରନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ ନିର୍ମାଣ ଓ ପୁନଃରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

# ଡାକ୍ତର ଓ ଫାର୍ମାସିଷ୍ଟ ବଦଳିକୁ ନେଇ ତେଜିଲା ଆନ୍ଦୋଳନ



**ଧାରଣାରେ ବସିଲା ପଞ୍ଚାୟତ ବିକାଶ ପରିଷଦ**

କୁଆମରା,୧୪।୭ (ସମିସ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନାରେ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ବଦଳିକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ପ୍ରତିବାଦରେ ସୋମବାର କୁଆମରା ପଞ୍ଚାୟତ ବିକାଶ ପରିଷଦର ସଭ୍ୟମାନେ ଡାକ୍ତରଖାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। ଉକ୍ତ ଡାକ୍ତରଖାନା ଉପରେ ୪୦ ହଜାର ଲୋକ ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭର କରିଥାନ୍ତି। ୮ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ନିମନ୍ତେ ଦୁଇଜଣ ଡାକ୍ତର ଓ ଦୁଇ ଜଣ ଫାର୍ମାସିଷ୍ଟ ପଦ ରହିଛି। ଦୀର୍ଘ ଦିନ ଧରି ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ପଦ ଶୂନ୍ୟ ପଡ଼ିଥିବା ବେଳେ କିଛି ମାସ ତଳେ ଦୁଇ ଜଣ ଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଥିଲା। ଫଳରେ ପଦବୀ ପୂରଣ ହେବା ସହ ସ୍ୱାସ୍ଥ୍ୟ ସେବା ଠିକ୍ ଚାଲିଥିଲା। ମାତ୍ର କିଛି ମାସ ତଳେ ନୂତନ ନିଯୁକ୍ତି ପାଇଥିବା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଅଚାନକ ଏଠାରୁ ବଦଳି କରିଦେବା ଯୋଗୁଁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଥିଲେ ଅଞ୍ଚଳବାସୀ। ଆଉଟ ଡୋରରେ ଦୈନିକ ଦୁଇ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ମିଳୁଥିବା ବେଳେ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା କିପରି ସ୍ୱାସ୍ଥ୍ୟ ସେବା ମିଳୁଥିବ ତାହା ସ୍ପଷ୍ଟ ବୁଝା ପଡୁଥିବ। ଡାକ୍ତର ଜଣକ ଛୁଟିରେ କିମ୍ବା ଅଫିସ କାମରେ ଗଲେ ଫାର୍ମାସିଷ୍ଟ ଜଣକ ରୋଗୀଙ୍କ ଭରସା। ତେବେ ବଦଳିକୁ ନେଇ ଅସନ୍ତୋଷ ଦେଖାଦେବା ସହ ଖାଲି ପଡ଼ିଥିବା ପଦବୀକୁ ଯଥାଶୀଘ୍ର ପୂରଣ କରିବାକୁ ଦାବି ହୋଇଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ନ ଶୁଣିବାରୁ ଧାରଣା ଦିଆଯାଇଛି। ଆଜି ସକାଳ ୮ ଟାରୁ ପଞ୍ଚାୟତ ବିକାଶ ପରିଷଦର ସଂପାଦକ ବିମଳ ପ୍ରସାଦ ମିଶ୍ର ଙ୍କ ନେତୃତ୍ୱରେ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆ ଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଖବର ପାଇ ମଧ୍ୟ ନିଜେ ନ ଆସି ଫୋନ ଜରିଆରେ ଧାରଣା ପ୍ରତ୍ୟାହୃତ କରିବା ପାଇଁ ନିବେଦନ କରିଥିଲେ। ମାତ୍ର ଦାବି ପୂରଣ ନହେବା ଯାଏଁ ଧାରଣା ଅବ୍ୟାହତ ରହିବ ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

**ଆନନ୍ଦପୁରରେ ମାତିଲେଣି ବାଲ୍ ରୋହିଙ୍ଗ୍ୟା**

# ସରକାରୀ ଜାଗାରେ କଲେଣି ବସ୍ତି; ନିରବ ଦ୍ରଷ୍ଟା ସାଜିଛି ପ୍ରଶାସନ



ଆନନ୍ଦପୁର,୧୪।୭ (ସମିସ): ଆନନ୍ଦପୁର ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମାତୀ ଗଲେଣି ରୋହିଙ୍ଗ୍ୟା ଓ ବାଙ୍ଗଲାଦେଶୀ। ଏମାନେ କିଛିଦିନ ରହିବା ପରେ ଏବେ ସେମାନଙ୍କ ପିଲାମାନଙ୍କୁ ଆଣି ସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି। ଆନନ୍ଦପୁର ବାଉତିସାହି ଓ ବୈତରଣୀ ନଦୀର ଅବବାହିକା ଏବଂ ବିଏନ୍ ହାଇସ୍କୁଲ ପାଶ୍ୱର୍ ବସ୍ତିରେ ପରିଣତ ହେଲାଣି। ସରକାରୀ ଜାଗାରେ ପଲିଥିନ୍ ଟାଣି ରହୁଥିବା ଏହି ବାଙ୍ଗଲାଦେଶୀ ମାନେ ସ୍ଥାୟୀ ଗୃହ ନିର୍ମାଣ କଲେଣି। ଦିନରେ ରାଜମିସ୍ତ୍ରୀ ଓ ମଜୁରି କରୁଥିବା ବେଳେ ସଞ୍ଜ ହେଲେ ଅବାଧରେ ନିଶା କାରବାର କରୁଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଦେଶରେ ବାଙ୍ଗଲାଦେଶୀଙ୍କୁ ଚିହ୍ନଟ କରି ସେମାନଙ୍କ ରାଜ୍ୟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇ ଥିବାବେଳେ ଆନନ୍ଦପୁର ଉପଖଣ୍ଡରେ କାର୍ଯ୍ୟକାରୀ ହେଉନଥିବା ପରିତାପର ବିଷୟ। ପ୍ରତିଦିନ ସକାଳେ ଆନନ୍ଦପୁର ବଡ଼ଦାଣ୍ଡ, ସିନେମା ହଲ୍‌ଛକ, ଶାଳବଣି ଛକ, ଛେନାପଦୀ, ବିଦ୍ୟାଧରପୁର, ଶାଳନିଆଁ ଛକରେ ବାଙ୍ଗଲାଦେଶୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଗତ ଦିନରେ ସେମାନେ ସ୍ଥାନୀୟ ଅଞ୍ଚଳରେ ରହି ମହିଳାମାନଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା। ଏଣୁ ସେମାନଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

**ଗ୍ୟାରେଜରେ ନିଶା ଔଷଧ ଜବତ ଘଟଣା**

# ୩ଗାଡ଼ି ସମେତ ୧୧୮୦ ବୋତଲ ଜବତ; ୬ ଗିରଫ



ଯୋଡ଼ା,୧୪।୭ (ସମିସ): ଯୋଡ଼ା-କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ବନେଇକଳା ହିନ୍ଦୀ ହାଇସ୍କୁଲ ନିକଟ ଏକ ଚାରିଚକିଆ ଗ୍ୟାରେଜରେ ଚଢ଼ଉ ବେଳେ ପୁଲିସ ହାତରେ ନିଶା ଔଷଧ କାରବାରର ବଡ଼ ରାକେଟ ଧରାପଡ଼ିଛି। ଏହିଘଟଣାରେ ଯୋଡ଼ା ପୁଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନିଶା କାରବାରରେ ନିୟୋଜିତ ଗୋଟିଏ ସ୍କର୍ପିଓ, ଦୁଇଟି ବଲେରୋ, ୬ଟି ମୋବାଇଲ ଫୋନ ଓ ୧୧୮୦ ବୋତଲ ନିଶା ଔଷଧ ସହ ନଗଦ ୭୭୩୦ ଟଙ୍କା ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୋଡ଼ାସ୍ଥିତ ଝୁମ୍ପୁଡି ହାଟିଂର ସାଜିଦ ଅଲ୍ଲି, ମୟୂରଭଞ୍ଜ ବଳଦା ଅଞ୍ଚଳର ସହିଦ ଅଲ୍ଲି, ଯୋଡା ଆଜାଦବସ୍ତି ଉସ୍ମାନ ଅନଶାରୀ, ବିଚାକୁଣ୍ଡି ଅଞ୍ଚଳର ବସନ୍ତ ଦାସ, ଝୁମ୍ପୁରା ବାଲିବନ୍ଧ ଅଞ୍ଚଳର ଦିଲ୍ଲୀପ ମହାନ୍ତ, ଯୋଡ଼ା ହୁଡ଼ିସାହିର ଅମନ କାରୁଆ। ଦୀର୍ଘ ଦିନରୁ ଏମାନେ ହିନ୍ଦୀ ହାଇସ୍କୁଲ ନିକଟରେ ଥିବା ମହାଲକ୍ଷ୍ମୀ ଗ୍ୟାରେଜରେ କାମ କରିବା ସହିତ ଏହି ନିଶା କାରବାରର ର୍ୟାକେଟ ଚଳାଇଆସୁଥିବା ସୋମବାର ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଯୋଡ଼ାରୁ ବିଭିନ୍ନ ସ୍ଥାନକୁ ଏହି ନିଶା ଔଷଧ ଯୋଗାଇଦେଉଥିବା ବେଳେ ଦୀର୍ଘଦିନରୁ ପୁଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ରବିବାର ସନ୍ଧ୍ୟାରେ ଖବର ପାଇ ଉକ୍ତ ଗ୍ୟାରେଜରେ ପୁଲିସ ଚଢ଼ଉ କରିଥିଲା। ଘଟଣାଟିରେ ପୁଲିସ ନ୍ୟାସନାଲ ଡ୍ରଗ୍ସ ପ୍ରୋଟେକ୍ସନ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ତେବେ ଶ୍ରୀ ପିଙ୍ଗୁଆ ଗଣମାଧ୍ୟମ କୁ ସୂଚନା ଦେଇ କହିଛନ୍ତି ଯେ ଏଥିରେ ଆହୁରି ଅପରାଧୀ ଜଡ଼ିତ ଅଛନ୍ତି। ଯାହାକୁ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି। ନିଶା ବେପାରୀ ଏହି ନିଶା ଔଷଧ ବୋତଲକୁ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଜଗନ୍ନାଥପୁରରୁ ଆସି ଯୋଡ଼ାରେ ଡିପୋକରି ଯୋଡ଼ା-ବଡ଼ବିଲ ଆଖପାଖ ଅଞ୍ଚଳରେ ସପ୍ଲାଇ କରି ଯୁବପିଢିଙ୍କୁ ବରବାଦ କରି ଆସୁଥିଲେ।

**ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼**

# ବାବା ବ୍ରହ୍ମେଶ୍ୱରଙ୍କୁ ଜଳାଭିଷେକ



କେନ୍ଦୁଝର,୧୪।୭ (ସମିସ): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକ ଗୌରୀକମୟ ହୋଇଉଠିଛି। ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାବଳେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡିଆ ଭକ୍ତମାନେ ଶୁଦ୍ଧପୂତ ଭାବରେ ଅତି ନିଷ୍ଠାର ସହ ଦେବଦେବ ମହାଦେବଙ୍କୁ ଜଳାଭିଷେକ କରାଇଛନ୍ତି। ବହୁ ଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିରଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଛି। ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୂ ବାଞ୍ଛେଶ୍ୱର, ମୁର୍ଗା ମହାଦେବଠାରେ ଥିବା ଶ୍ରୀ ଶ୍ରୀ ଗିରିଶ୍ୱର, ପାଟଣାଠାରେ ଥିବା ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାଠାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡଶାସନଠାରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୂର୍ପଦାରେ ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରରେ ମୁକ୍ତେଶ୍ୱର, ଟୁକୁଣାରେ ଥିବା କୁଣ୍ଡେଶ୍ୱର, ବାର୍ହାଟିପୁରାରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର, ଘଟଗାଁରେ ଥିବା ଶ୍ରୀ ଘଟକେଶ୍ୱର, କେନ୍ଦୁଝର ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟୀରେ ଥିବା ପ୍ରଭୂ ପାଟେଶ୍ୱର, ଏକାମ୍ର ବନବିହାରୀରେ ଥିବା ପ୍ରଭୁ ମହାଦେବ, ଗୁଆବାଡିରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର, ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ତୁରୁମୁଙ୍ଗାରେ ଥିବା ପ୍ରଭୁ ଗିରିଜାଶଙ୍କର, ଡେଙ୍କାପୁରରେ ଥିବା ପ୍ରଭୁ ବିଶେଶ୍ୱର ଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ଜଳାଶୟରୁ ଜଳଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦସେବନ କରିଛନ୍ତି।

# ରେମାଳ ଡ୍ୟାମରୁ ଛଡ଼ାଗଲା ପ୍ରଥମ ବନ୍ୟାଜଳ



ରାମଚନ୍ଦ୍ରପୁର,୧୪।୭ (ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ରେମାଳ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଆଜି ସନ୍ଧ୍ୟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡାଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଡ୍ୟାମର ଜଳସ୍ତର ବୃଦ୍ଧି ପାଇ ୧୧୫ ମିଟର ରହିଥିବା ଯୋଗୁଁ ଘସିପୁରା ବ୍ଲକ ଅଧୀନ ବରିପାଳ, ରାଧିକାଦେଇପୁର, ଦରଡିପାଳ, କେଶଦୁରାପାଳ ଏବଂ ଦେଓଗାଁ ପ୍ରଭୃତି ପଞ୍ଚାୟତର ତଳିଆ ଅଞ୍ଚଳରେ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କ କରାଯାଇ ପ୍ରଥମ ବନ୍ୟାଜଳ ୦.୫ ମିଟର ଛଡାଯାଇଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଲଗାଣ ବର୍ଷା ସାଙ୍ଗକୁ ରେମାଳ ଡ୍ୟାମର ବନ୍ୟା ପାଣି ଯୋଗୁଁ ରେମାଳ ନଦୀ ଏବଂ କୁଶେଇ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି। ସେଥିପାଇଁ ନଦୀକୂଳିଆ ଲୋକେ ନିଜର ଗୃହପାଳିତ ପଶୁଙ୍କୁ ବାହାରେ ନଛାଡ଼ି ସୁରକ୍ଷିତ ସ୍ଥାନରେ ରଖିବାକୁ ଏବଂ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

**କାନପୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ଅଭିଯୋଗ**

# ତଦନ୍ତଭାର ହାତକୁ ନେଲେ ମାନବାଧିକାର କମିଶନ

**୨ ବର୍ଷର ପୁରୁଣା ସିସିଟିଭି ରେକର୍ଡ ଦେବା ପାଇଁ ନିର୍ଦ୍ଦେଶ**




ଯୋଡ଼ା,୧୪।୭ (ସମିସ)

କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅଧୀନ କାନପୁର ଡ୍ୟାମ ଜଳସେଚନ ପ୍ରକଳ୍ପରେ ଥିବା ତତ୍କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ଚରଣ ନାଏକଙ୍କ ବିରୋଧରେ ଲାଞ୍ଚନେବା ଏବଂ ଆଦିବାସୀ ଲୋକଙ୍କୁ ମାଡ଼ମାରି ହଇରାଣ କରିବା ଅଭିଯୋଗ ହୋଇଥିଲା। ୨୦୨୪ ଜୁଲାଇରେ ରାଜ୍ୟ ମାନବାଧିକାର କମିଶନ ଜଳ ସମ୍ପଦ ବିଭାଗର ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିରପେକ୍ଷ ତଦନ୍ତ କରି ସେପ୍ଟେମ୍ବର ୫ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଏବଂ ଶ୍ୟାମସୁନ୍ଦରଙ୍କ ଅଭିଯୋଗକୁ ତର୍ଜମା କରି କମିଶନ ପୁଲିସ ଏବଂ ଜଳସମ୍ପଦ ବିଭାଗର ରିପୋର୍ଟର ସତ୍ୟାସତ୍ୟନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ରାଜ୍ୟ କମିଶନ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିଜସ୍ୱ ଯାଞ୍ଚ୍ ୱିଙ୍ଗକୁ ୨୦୨୫ ମସିହା ଜୁନ୍ ୨୦ରେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ୟାମସୁନ୍ଦରଙ୍କ ମାଆ ସୁକୁନ୍ତଳା ଓରାମ ଏବଂ ସପରିବାରଙ୍କୁ ବିସ୍ଥାପିତ ପରିବାରରେ ଅନ୍ତର୍ଭୁକ୍ତ ଓ ଅନୁକମ୍ପା ରାଶି ପାଇଁ ଯୋଗ୍ୟ ଥିଲେ ସୁଦ୍ଧା ଶ୍ରୀ ନାଏକ ତାଙ୍କୁ ଲାଞ୍ଚ ମାଗିଥିଲେ। ସେମାନେ ଲାଞ୍ଚ ନ ଦେଇ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଶ୍ରୀମତି ଓରାମଙ୍କ ପରିବାରଙ୍କୁ ଯୋଗ୍ୟ ଏବଂ ୨ ମାସ ଭିତରେ ଅନୁକମ୍ପା ରାଶି ପ୍ରଦାନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୨୦୨୦ ମସିହାରେ ଆଦେଶ ଦେଇଥିଲେ। କୋର୍ଟ ରାୟର ୨ ବର୍ଷ ପରେ ତାଙ୍କୁ ଟଙ୍କା ଦେଇଥିଲେ ସୁଦ୍ଧା ଘରଡିହ ବାବଦକୁ ୧୦ ଡିସମିଲ ଜମି ଚିହ୍ନଟ କରି ଜୁଲାଇ ୨୦୨୨ରେ ଦେଖେଇଥଲେ। କିନ୍ତୁ ୧୦ ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ସେ ଲାଞ୍ଚ ନ ଦେବାରୁ ଜମି ଶକୁନ୍ତଳା ଦେଖାଇଥିବା ସତ୍ତ୍ୱେ ଉକ୍ତ ଚିହ୍ନଟ ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦେଖେଇ ଘର କରିବାକୁ କହିଥିଲେ। ଶ୍ୟାମସୁନ୍ଦର ୨୦୨୩ ଏପ୍ରିଲ ୬ରେ ଶ୍ରୀ ନାଏକଙ୍କୁ ବାସୁଦେବପୁର କାର୍ଯ୍ୟାଳୟରେ ଯାଇ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରି ଅଚେତ କରିଦେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ତତ୍କାଳୀନ ଚମ୍ପୁଆ ଥାନା ଅଧିକାରୀ ଗଗନ ବିହାରୀ ନାଏକ ତାଙ୍କୁ ଅଭିଯୋଗ ପ୍ରତ୍ୟାହାର କରିନିଅ ନଚେତ ମିଥ୍ୟା ମାମଲାରେ ଗିରଫ କରିବେ ବୋଲି ଧମକ ଦେଇଥିଲେ। ଏନେଇ ତୁରନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଏତଲା ଗ୍ରହଣ କରାଯାଇନଥିଲା। ଯାହାକୁ ନେଇ କମିଶନ ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଦ୍ଦେଶକ ଶ୍ରୀ ନାଏକ ଏବଂ ତତ୍କାଳୀନ ଚମ୍ପୁଆ ଆଇଆଇସି ଗଗନ ବିହାରୀ ନାଏକ ଚକ୍ରାନ୍ତ କରି ଶ୍ୟାମସୁନ୍ଦରଙ୍କ ଉପରେ ମାନସିକ ଚାପ ପକାଇ ତାଙ୍କ ଅଧିକାରକୁ ଦଳିଦେବାକୁ ଉଦ୍ୟମ କରିବା ଯୋଗୁଁ ପୀଡ଼ିତଙ୍କ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଶ୍ରୀ ଓରାମଙ୍କ ଆକ୍ରମଣର ଦୃଶ୍ୟ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିଲା। ତାହାକୁ ଯାଞ୍ଚ ନ କରି ଦୋଷୀକୁ ଘଣ୍ଟ ଘୋଡ଼ାଇବା ପୁଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ମାନବଧିକାର କମିଶନ ତଦନ୍ତଭାର ନିଜ ହାତକୁ ନେଇଛି। ନିଜସ୍ୱ ଯାଞ୍ଚ୍ ଏଜେନ୍ସିକୁ କାନପୁର ଜଳସେଚନ ପ୍ରକଳ୍ପ ବାସୁଦେବପୁରକୁ ଯାଇ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ତତ୍କାଳୀନ ଚମ୍ପୁଆ ଆଇଆଇସି ଗଗନ ନାଏକଙ୍କ ବିରୋଧରେ ହୋଇଥିବା ମାମଲାରେ ସହଯୋଗ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ସହ ଘଟଣା ଘଟିଥିବା ଦିନ କଏଦ ହୋଇଥିବା ସିସିଟିଭି ରେକର୍ଡକୁ ଦେବା ପାଇଁ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଯାଞ୍ଚ ଟିମ ତଦନ୍ତ କରି ପରବର୍ତ୍ତୀ ଶୁଣାଣି ୨୩ ଅକ୍ଟୋବର ସୁଦ୍ଧା ରିପୋର୍ଟ କମିଶନଙ୍କ ନିକଟରେ ତଲବ କରିବେ ବୋଲି ଆଦେଶ ଦେଇଛନ୍ତି।

## ବାଲି ଟ୍ରାକ୍ଟର ଜବତ; ଚାଳକ ଗିରଫ

ବାରିପଦା,୧୪।୭ (ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଭଞ୍ଜପୁର ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ସୁନୀଲ ସିଂ। ପୁଲିସ ପକ୍ଷରୁ ମୁର୍ଗାବାଡ଼ି ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଟଙ୍କା ଠକେଇ ମାମଲାରେ ସାମ୍ବାଦିକ ଗିରଫ



ବାରିପଦା,୧୪।୭ (ସମିସ): ବାରିପାଦ ପୌର ପରିଷଦରୁ ଟାଉନ ପ୍ଲାନିଂ ପାସ କରିଦେବେ ବୋଲି କହି ଟଙ୍କା ଠକେଇ ମାମଲାରେ ଜଣେ ସାମ୍ବାଦିକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ଭୁଗୁଡାକଟା ଅଞ୍ଚଳର ଦିଲ୍ଲୀପ ଚୌଧୁରୀ। ଦିଲ୍ଲୀପ ନିଜକୁ ସାମ୍ବାଦିକର ପରିଚୟ ଦେଇ ମୁର୍ଗାବାଡ଼ି ଅଞ୍ଚଳର ଚିତ୍ତରଞ୍ଜନ ବେହେରାଙ୍କ ଘରର ଟାଉନ ପ୍ଲାନିଂ କାଗଜପତ୍ର ବାରିପଦା ପୌରପାଳିକାରୁ ପାସ କରେଇ ଦେବେ ବୋଲି କହି ଟଙ୍କା ମାଗିଥିଲେ। ବିଭିନ୍ନ ପର୍ଯ୍ୟାୟକ୍ରମରେ ସମୁଦାୟ ୧ ଲକ୍ଷ ୨୮ ହଜାର ଟଙ୍କା ନେଇଥିଲେ। କିନ୍ତୁ ସମୟ ବିତିଥିଲେ ସୁଦ୍ଧା କାଗଜପତ୍ର କରି ଦେଇନଥିଲେ। ଯାହାକୁ ନେଇ ସେ ଟଙ୍କା ଫେରସ୍ତ ମାଗିଥିଲେ। ଟଙ୍କା ଫେରସ୍ତ ଦେବା ବଦଳରେ ତାଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ଏନେଇ ସେ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜଳାଶୟରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ବେତନଟୀ, ୧୪।୭ (ସମିସ): ରେଣୁଗାଁ ଗ୍ରାମର ଜଳାଶୟରୁ ଜଣେ ଚାଷୀଙ୍କ ମୃତଦେଡ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଲକ୍ଷ୍ମୀଧର ମହାନ୍ତ (୬୦)। ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ରବିବାର ନିଜ ଧାନକ୍ଷେତରେ ସାର ପକାଇବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରି ଗାଧୋଇବାକୁ ଜଳାଶୟକୁ ଯାଇଥିଲେ; ହେଲେ ସେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ମାତ୍ର କୌଣସି ପତ୍ତା ପାଇ ନ ଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଘର ନିକଟସ୍ଥ ଜଳାଶୟରେ ଲକ୍ଷ୍ମୀଧରଙ୍କ ମୃତଦେହ ଭାସୁଥିବା ଦେଖି ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପୁଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଡକ ଦୁର୍ଘଟଣାରେ 'ସକାଳ' ପ୍ରତିନିଧି ସମେତ ୨ଗୁରୁତର



ବେତନଟୀ/ବୈଶିଙ୍ଗା, ୧୪।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବଡାମ ଠାକୁରାଣୀ ନିକଟରେ ଏକ ଇ- ସ୍କୁଟି ଦୁର୍ଘଟଣାରେ ଯୁବସାମ୍ବାଦିକ ଓ ତାଙ୍କ ମାମୁ ପୁଅ ଭାଇଭାଇ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ଟ୍ରମା କେୟାର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଆହତ ହେଲେ ନିକଟ ଶଙ୍କରପୁର ଗ୍ରାମର ତଥା ଦୈନିକ 'ସକାଳ'ର ବୈଶିଙ୍ଗା ପ୍ରତିନିଧି ଅବିନାଶ ପଣ୍ଡା ଓ ୩ୟ ଶ୍ରେଣୀରେ ପଢୁଥିବା ତାଙ୍କ ମାମୁଁଙ୍କ ପୁଅ ଆଦିତ୍ୟ ଶେଖର ଦାଶ। ସୂଚନା ଅନୁଯାୟୀ ଆଦିତ୍ୟ ମହୁରୀ ସ୍ଥିତ ଏକ ପବ୍ଲିକ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ଭାଇ ଅବିନାଶ ତାଙ୍କୁ ପ୍ରତ୍ୟହ ନିଜ ସ୍କୁଟିରେ ନେବା ଆଣିବା କରନ୍ତି। ଆଜି ମଧ୍ୟାହ୍ନରେ ସବୁଦିନ ପରି ସ୍କୁଲ ଛୁଟି ହେବା ପରେ ସେ ଆଦିତ୍ୟକୁ ନେଇ ଘରକୁ ଯିବା ରାସ୍ତାରେ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବଡାମ ଠାକୁରାଣୀ ନିକଟରେ ହଟାତ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସ୍କୁଟି ଉପରୁ ନିଜର ଭାରସାମ୍ୟ ହରାଇ ଦେଇଥିଲେ ଓ ରାସ୍ତା ପାଶ୍ୱର୍ରେ ଥିବା ଏକ ଗଛରେ ଧକ୍କା ଖାଇଥିଲେ। ତେବେ ଘଟଣା ସ୍ଥଳରେ ଅବିନାଶଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଉଥିବାବେଳେ ଆଦିତ୍ୟଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଛି।

## ଘୋଷଣାନାମା ଦାଖଲ ପରେ ବି ହେଲା ବାଲ୍ୟ ବିବାହ

ହାଟଡ଼ିହୀ,୧୪।୭ (ସମିସ): ନନ୍ଦିପଦା ଥାନା ଅଧୀନ ମରେିଗାଁରେ ଏକ ବାଲ୍ୟ ବିବାହ ଖବର ପାଇ ପୁଲିସ ଝିଅର ବାପା ନରେନ୍ଦ୍ର ମହାନ୍ତି ଓ ମାଆ ମଞ୍ଜୁଲତା ମହାନ୍ତିଙ୍କୁ ବୁଝାଇ ଘୋଷଣା ନାମାରେ ସ୍ୱାକ୍ଷର କରିଥିଲେ। ଝିଅ ଦଶମ ଶ୍ରେଣୀରେ ପଢୁଥିବା ଏବଂ ୧୬ ବର୍ଷ ହୋଇଥିବାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ହାଟଡ଼ିହୀ ସିଡିପିଓ ଉମାମଣି ମହାପାତ୍ର, ନନ୍ଦିପଦା ପୁଲିସ, ଅଙ୍ଗନବାଡ଼ି କର୍ମୀ ଜ୍ୟୋତିର୍ମୟୀ ମହାପାତ୍ର, ଆଶାକର୍ମୀ ଶାନ୍ତିଲତା ସାହୁ ଉଭୟ ଝିଅ ଓ ବାପା ମା'ଙ୍କ ସହ ଆଲୋଚନା କରି ବାହାଘର ନକରିବା ପାଇଁ ତାଗିଦ୍ କରିବା ସହ ବୁଝାଇଥିଲେ। ହେଲେ ମଧ୍ୟରାତିରେ ଝିଅକୁ ନେଇ ପାଣିକୋଇଲି ଥାନା ଅଧୀନ ଷଠିପୁର ନିକଟରେ ଥିବା ଶାଳବା ଗ୍ରାମର ରତିକାନ୍ତ ଭୂୟାଁଙ୍କ ସହ ବାହାଘର କରିଛନ୍ତି। ଏନେଇ ସିଡିପିଓ କହିଛନ୍ତି ଯେ, ସେ ସକାଳେ ଝିଅ ଘରକୁ ଯାଇ ପହଞ୍ଚିବା ପରେ ଝିଅର ମା' ଝିଅ ମାମୁଁ ଘରକୁ ଯାଇଥିବା କହିଥିଲେ। ଝିଅ ପରିବାରର ସମ୍ପର୍କୀୟଙ୍କ ସୂତ୍ରରୁ ଝିଅର ବାହାଘର ସମ୍ପନ୍ନ ହୋଇଛି।

ସକାଳ THE SAKALA

# ଅନୁଗୋଳ

www.sakalaepaper.com

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା

# ଏସ୍‌ୟୁସିଆଇ ପକ୍ଷରୁ ଶୋଭାଯାତ୍ରା, ପ୍ରତିବାଦ ସଭା

ଅନୁଗୋଳ, ୧୪।୭ (ସମିସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଛି। ସୋମବାର ସନ୍ଧ୍ୟାରେ ଦଳର ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଅନୁଗୋଳ ବଜାରରେ ପ୍ରତିବାଦ ଶୋଭାଯାତ୍ରା ଓ ରାଜା ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର ଓ ଜିଲ୍ଲା କମିଟି ସଭ୍ୟ ତଥା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ପ୍ରମୁଖ ବକ୍ତବ୍ୟ ରଖି ଡବଲ ଇଞ୍ଜିନ୍ ବିଜେପି ସରକାରଙ୍କ ଛତ୍ରଛାୟା ତଳେ ଅପରାଧୀମାନେ




ରାଜ୍ୟର ବିଭିନ୍ନ ସ୍ଥାନରେ ଛାତ୍ରୀ, ଯୁବତୀ, ମହିଳାମାନଙ୍କ ଉପରେ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ଘଟାଇ ଚାଲିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଫ୍‌ଏମ୍ କଲେଜର ଶିକ୍ଷା ବିଭାଗର ମୁଖ୍ୟ ବିଭାଗର ଜଣେ ଛାତ୍ରୀଙ୍କୁ ଦୀର୍ଘ ୮ ମାସରୁ ଅଧିକ ସମୟ ଧରି ମାନସିକ ଓ ଯୌନ ନିର୍ଯାତନା ଦେଇ ଆସୁଥିବା ଘଟଣା ବିଷୟରେ ସମ୍ପୃକ୍ତ ଛାତ୍ରୀ କଲେଜ ଅଧ୍ୟକ୍ଷ, ଏସ୍‌ପି, ଜିଲ୍ଲାପାଳ, ବାଲେଶ୍ୱର ବିଧାୟକ, ସାଂସଦ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ, ଜାତୀୟ ମହିଳା କମିଶନଙ୍କୁ ଅବଗତ କରିବା ସତ୍ତ୍ୱେ ନ୍ୟାୟ ନ ପାଇ ଆତ୍ମାହୁତି ଦେଇ ମୃତ୍ୟୁ ସହ ସଂଘର୍ଷ କରିବା ଘଟଣା ରାଜ୍ୟ ବିଜେପି ସରକାର ଓ ପ୍ରଶାସନର ଅପାରଗତା ଯୋଗୁଁ ହୋଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ଼ ଦାବି କରିଥିଲେ। ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ରାଜ୍ୟ ବିଜେପି ସରକାର ଓ ପୁଲିସ ପ୍ରଶାସନ ଯେଉଁ ଅମାନବିକ କାର୍ଯ୍ୟ କରିଛନ୍ତି ତାହା ବିରୋଧରେ ରାଜ୍ୟବାସୀ ଏକ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସ୍ୱୟଂପ୍ରଭା ନାୟକ, ଜିଲ୍ଲା କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମନ୍ଦୋଦରୀ ରାଉଳ, ରଣଜିତ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ମାନସ ପାଳ, ସଞ୍ଜୟ ସାହୁ, ପ୍ରମିଳା ପଣ୍ଡାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ବାଲ୍ୟବିବାହ ଓ ଶିଶୁ ଚାଲାଣ ସମ୍ବନ୍ଧୀୟ ସଚେତନତା

**କିଶୋରନଗର, ୧୪।୭ (ସମିସ):** କିଶୋରନଗର ବ୍ଲକ ବଣୀନାଳୀ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସ ଟୁ ଜଷ୍ଟିସ' ପକ୍ଷରୁ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ସେରେଣ୍ଡା ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଗ୍ରାମ ସଭାପତି, ସମ୍ପାଦକ ଓ ଗ୍ରାମବାସୀ ଯୋଗଦେଇଥିଲେ। ଜିଲ୍ଲାରେ ଶିଶୁମାନଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ଥିବା କାର୍ଯ୍ୟରେ ନିୟୋଜିତ କରିବା ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡବିଧାନ, ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରିଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା ହୋଇଥିଲା। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସଭାପତି ବସନ୍ତ କୁମାର ପ୍ରଧାନ ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ।



## ଅବିଶ୍ରାନ୍ତ ବର୍ଷା; ଜନଜୀବନ ଅସ୍ତବ୍ୟସ୍ତ

**ତାଳଚେରସଦର, ୧୪।୭ (ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାସ୍ତାଘାଟରେ ପାଣି ଜମିରହିବାରୁ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗାଁଠୁ ସହର ସବୁଆଡ଼େ ଜଳମଗ୍ନ ପରିସ୍ଥିତି। ଲଗାଣ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ସୁଚାରୁରୂପେ ହୋଇପାରୁ ନ ଥିବା ବେଳେ ଗୃହପାଳିତ ପଶୁମାନେ ଚରାବୁଲା କରିବାକୁ ପଦାକୁ ବାହାରି ପାରୁନାହାନ୍ତି।



ବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରୁ ନ ଥିବାରୁ ବ୍ୟବସାୟରେ ମଧ୍ୟ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଯିବା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍କୁଲଗୁଡ଼ିକରେ ଉପସ୍ଥାନ କମ୍ ରହୁଛି। କୋଇଲା ଖଣିଗୁଡ଼ିକରେ ବର୍ଷାଜଳ ଜମି ରହୁଥିବାରୁ ଉତ୍ପାଦନ ଓ ପରିବହନ ବାଧାପ୍ରାପ୍ତ ହୋଇଛି। ଘରଗୁଡ଼ିକ ସନ୍ତସନ୍ତିଆ ହେବା ସହ ମାଟିକାନ୍ଥ ଧସିବାର ମଧ୍ୟ ଦେଖାଯାଇଛି। ଏଥିସହ ମଶାମାଛିଙ୍କ ବଂଶ ମଧ୍ୟ ବିସ୍ତାର ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ମ୍ୟାଲେରୀଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ନଦୀପାଣି ଗୋଳିଆ ରହୁଥିବା ବେଳେ ସହରବାସୀଙ୍କୁ ସେହି ଜଳ ଠିକ୍ ଭାବେ ବିଶୋଧନ କିମ୍ବା ଆଲମ, ବ୍ଲିଚିଂ ଆଦି ବ୍ୟବହାର କରା ନ ଯାଇ ପାଇପ୍ ଯୋଗେ ସିଧାସଳଖ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

**ବଇଣ୍ଡା, ୧୪।୭ (ସମିସ):** କିଶୋରନଗର ବ୍ଲକ ବଇଣ୍ଡା, ଗାଁବଇଣ୍ଡା, ବଡ଼ହୁଲା, ଇଚ୍ଛାପୁର, କଣ୍ଟେଇକୋଳିଆ, ହଣ୍ଡପା, ନାକିଚି, ବାମୁର, ସାଧୁପାଳ, ତୁରୁଡ଼ା ଆଦି ଶୈବପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ମହାଦେବଙ୍କଠାରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼ ଲାଗିରହିଥିଲା। ମନସ୍କାମନା ପୂର୍ଣ୍ଣ ପାଇଁ ଭକ୍ତମାନେ ବିଭିନ୍ନ ନଦୀ, ଜଳାଶୟରୁ ପବିତ୍ର ଜଳ ଉଠାଇ ପାଦରେ ଚାଲି ଚାଲି ଯାଇ ଶୈବପୀଠଗୁଡ଼ିକରେ ଜଳାଭିଷେକ କରିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ରାତି ୩ଟାରୁ ମନ୍ଦିର ଖୋଲାଯାଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ମନ୍ଦିର ନିକଟରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଏମସିଏଲ ସାଇଲୋରୁ ଚୋରି, ୪ ଗିରଫ

**କଣିହାଁ, ୧୪।୭ (ସମିସ):** ଏମସିଏଲ କଣିହାଁସ୍ଥିତ ସାଇଲୋରୁ ୱେଲ୍ଡିଂ ମେସିନ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି ଅଭିଯୋଗରେ କଣିହାଁ ଥାନା ପୁଲିସ ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସମଲ ଥାନା କଟରପଡ଼ା ଗ୍ରାମର ଲୋକନାଥ ଦେହୁରୀ (୩୪), ବୃନ୍ଦାବନ ଦେହୁରୀ (୩୨), ଜକା ଗ୍ରାମର ଦୀପକ ବେହେରା (୨୮) ଓ କଣିହାଁ ଥାନା ବଡ଼ତ୍ରିବିଡ଼ା ଗ୍ରାମର ଧରଣୀଧର ବେହେରା (୪୩)। ଏମାନଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ସମସ୍ତ ଅଭିଯୁକ୍ତ ଏମସିଏଲ ସାଇଲୋ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଗତ ୧୨ ତାରିଖ ରାତି ପ୍ରାୟ ୧୨ଟାରେ ସାଇଲୋରୁ ଯନ୍ତ୍ରାଂଶ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରିରେ ଏହି ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏଥିସହ କଣିହାଁ ଥାନା ପୁଲିସ ଏକ ଅପହରଣ ମାମଲାରେ ସମ୍ପୃକ୍ତ ବୋଲ ଗ୍ରାମର ଗୋବିନ୍ଦ ନାଏକ (୨୦)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

## ଦୋକାନରୁ ଚୋରି ଅଭିଯୋଗ

**କିଶୋରନଗର, ୧୪।୭ (ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମରେ ଥିବା ଘମାସାଗର ବେହେରାଙ୍କ ଦୋକାନରୁ ତାଲା ଭାଙ୍ଗି ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇ ଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଘମାସାଗର ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଲାଭାଙ୍ଗି ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଚୋରିକରି ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଲଗାଣ ବର୍ଷାରେ ବାଗଡ଼ିଆ ପଞ୍ଚାୟତ ଜଳମଗ୍ନ







**ଜନଜୀବନ ପ୍ରଭାବିତ**

**ଛେଣ୍ଡିପଦା, ୧୪।୭ (ସମିସ):** ଲଘୁଚାପ ଯୋଗୁଁ ସୋମବାର ଦିନତମାମ୍ ବର୍ଷା ଫଳରେ ଛେଣ୍ଡିପଦା ବ୍ଲକ ବାଗଡ଼ିଆ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ ହେବା ସହ ଜନଜୀବନ ପ୍ରଭାବିତ ହୋଇଛି। ବ୍ୟାପକ ଚାଷଜମି ମଧ୍ୟ ଜଳମଗ୍ନ ହୋଇଛି। ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ପାଣି ଜମି ରହିବା ଦ୍ୱାରା ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବାଗଡ଼ିଆ ଉଚ୍ଚବିଦ୍ୟାଳୟ ସମ୍ମୁଖରେ ପାଣି ଜମି ରହିଛି। ଫଳରେ ଛାତ୍ରଛାତ୍ରୀ ସ୍କୁଲ ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଗଡ଼ିଆ ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଆଜକୁ ୪ ବର୍ଷ ହେବ ଡ୍ରେନ ସଫା ହୋଇନାହିଁ। ଫଳରେ ବହୁ ଲୋକଙ୍କ ଘରେ ପାଣି ପଶିଯାଇଛି। ଲୋକେ ରୋଷେଇ କରି ନ ପାରି ଭୋକରେ ଦିନ କାଟିଥିବା ଦେଖିବାକୁ ମିଳିଛି। ଅନେକ ଦୋକାନରେ ମଧ୍ୟ ପାଣି ପଶିବା ଫଳରେ ବହୁ ସାମଗ୍ରୀ ନଷ୍ଟ ହୋଇଛି। ଆଗାମୀ ଦିନରେ ଏହି ପଞ୍ଚାୟତରେ ଡ୍ରେନ୍ ସମସ୍ୟା ଦୂର କରା ନ ଗଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

## ତାଳପଦା ଗାଁ ରାସ୍ତା ଅବସ୍ଥା ଶୋଚନୀୟ

**ତାଳଚେରସଦର, ୧୪।୭ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ତାଳପଦା ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ଗାଁ ଏକ ଆଧାତ୍ମିକ ପର୍ଯ୍ୟଟନସ୍ଥଳୀ ଅଟେ। ବହୁ ଦୂର ଦୂରାନ୍ତରୁ ଲୋକେ ଏଠାକାର ପ୍ରସିଦ୍ଧ ଶିବମନ୍ଦିର ଦର୍ଶନ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସନ୍ତି। ଶ୍ରାବଣ ମାସରେ ସ୍କୁଲ ପାଖରେ ଥିବା ଶିବ ମନ୍ଦିରରେ ପ୍ରବଳ ଭିଡ଼ ଜମିଥାଏ। ଗ୍ରାମର ଅଧିକାଂଶ ପରିବାର କୃଷକ, ଶ୍ରମଜୀବୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସବୁଠାରୁ ବଡ଼ ସମସ୍ୟା ହେଉଛି ରାସ୍ତାଘାଟ। ପୁରୁଣା ସାହିରୁ ମନ୍ଦିର ପର୍ଯ୍ୟନ୍ତ ଏହି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଏହି ରାସ୍ତା ଦେଇ ସ୍କୁଲ ଓ ଅଙ୍ଗନବାଡ଼ିର କୋମଳମତି ଶିଶୁମାନେ ଯିବା ଆସିବା କରନ୍ତି। ରାସ୍ତା ଖାଲଖମାରେ ଭରି ରହିଥିବା ବେଳେ ବର୍ଷା ହେଲେ ଆଣ୍ଠୁଏ ପାଣି କାଦୁଅ ଜମିରହି ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଯାତାୟାତରେ ଘୋର ଅସୁବିଧା ଭୋଗୁଛନ୍ତି। ଏହି ଗ୍ରାମକୁ ନେତାମନ୍ତ୍ରୀଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ସମସ୍ତେ ଆସନ୍ତି। ତେବେ ତାଙ୍କୁ ରାସ୍ତା ମରାମତି ସମ୍ବନ୍ଧରେ ଜଣାଇଲେ ବି ଆଜିପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ଏହି ରାସ୍ତା ଏବେ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଛି। ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଆମ୍ରପାଳ ପଞ୍ଚାୟତରେ ଜନଶୁଣାଣି



**କିଶୋରନଗର, ୧୪।୭ (ସମିସ):** କିଶୋରନଗର ବ୍ଲକ ଆମ୍ରପାଳ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୧୩ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଲୋକଙ୍କ ମୌଳିକ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଲୋଚନା ବୀର, ସମିତି ସଭ୍ୟା ଉର୍ମିଳା ସେଠୀ, ଜିପିଡିଓ ସତ୍ୟପ୍ରିୟ ସାହୁ, ବିଏଲସି (ଓଏଲଏମ୍) ସୁଜିତ ପ୍ରଧାନ, ଏବିଇଓ ଲକ୍ଷ୍ମଣ ଦେହୁରୀ, ସିଡିପିଓ ଆରତୀ ସିଂହ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଣିହାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି

**କଣିହାଁ, ୧୪।୭ (ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଅବଦାଲ ଏମ୍ ଅଖତର ଯୋଗଦେଇ ମୋଟ ୨୬ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୧୮ଟି ବ୍ୟକ୍ତିଗତ ଓ ଅବଶିଷ୍ଟ ସାମୂହିକ ଅଭିଯୋଗ ଥିଲା। ୪ ଅଭିଯୋଗର ତତ୍କାଳ ଫଏସଲା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଭକ୍ତବନ୍ଧୁ ଧୀର ଏବଂ ଶୁଭମ ମହାପାତ୍ରଙ୍କୁ ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଗ୍ରାମ ସମସ୍ୟା, କଳକାରଖାନା ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା, ରାସ୍ତାଘାଟ ମରାମତି ସମ୍ପର୍କିତ ଅଭିଯୋଗ ଆସିଥିଲା। ଏଥିରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ଉପଜିଲ୍ଲାପାଳ ସମୀର କୁମାର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଯକ୍ଷ୍ମା ନିୟନ୍ତ୍ରଣ ଅଭିଯାନ ପାଇଁ ତାଲିମ ଶିବିର

**କିଶୋରନଗର, ୧୪।୭ (ସମିସ):** କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଯକ୍ଷ୍ମା ରୋଗ ନିୟନ୍ତ୍ରଣ ଅଭିଯାନ ପାଇଁ ତାମିଲ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ସିଏଚ, ଲାବ୍ ଟେକ୍ନିସିଆନ, ସମସ୍ତ ପିଏଚସି ମେଡିକାଲ୍ ଅଫିସର ଉପସ୍ଥିତ ଥିଲେ। ବରିଷ୍ଠ ଚିକିତ୍ସା ପର୍ଯ୍ୟବେକ୍ଷକ ଅନ୍ତର୍ଯ୍ୟାମୀ ସାହୁ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ଅଫିସରୁ ବାବୁଲି କୁମାର ପ୍ରଧାନ (ଡିପିସି ଇନଚାର୍ଜ) ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆଲୋଚନା କରିଥିଲେ। ଡା. ଯତୀନ୍ଦ୍ର କୁମାର ହୋତା ଯକ୍ଷ୍ମା ରୋଗ ନିରାକରଣ ବିଷୟରେ ମତ ରଖିଥିଲେ। ବିପିଏମ, ଅଜିତ କୁମାର ସାହୁ, ଅନାଦି ସାହୁ ଓ ରୁଦ୍ରନାରାୟଣ ରଥ ସହଯୋଗ କରିଥିଲେ।

## ଜୈବବିବିଧତା ପରିଚାଳନା ସମିତି ପକ୍ଷରୁ ଚାରାରୋପଣ

**ଅନୁଗୋଳ, ୧୪।୭ (ସମିସ):** ଅନୁଗୋଳ ବ୍ଲକ ମାଟିଆସାହି ଜୈବବିବିଧତା ପରିଚାଳନା ସମିତି ପକ୍ଷରୁ ନୂଆ ବଡ଼ଦାଣ୍ଡସାହିରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ସନାତନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ, ବରିଷ୍ଠ ଆଇନଜୀବୀ ତଥା ପରିବେଶବିତ୍ ପ୍ରସନ୍ନ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟା କାଜଲ ପଟ୍ଟନାୟକ, ସରପଞ୍ଚ ସତ୍ୟବ୍ରତ ବେହେରା, ନାଏବ ସରପଞ୍ଚ ରତ୍ନପ୍ରଭା ବେହେରା, ୱାର୍ଡ ମେମ୍ବର ରଞ୍ଜିତା ମହାପାତ୍ର, ତପି ନାଏକ, ସମିତିସଭ୍ୟ ପ୍ରଭାତୀ ବେହେରା, ପୂର୍ବତନ ସରପଞ୍ଚ ସରୋଜ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ରଞ୍ଜନ ମହାକୁଡ଼, ସମାଜସେବୀ ସୁନୀଲ କୁମାର ଦଳବେହେରା ଅତିଥି ଭାବେ ଯୋଗଦେଇଥିଲେ। ପ୍ରକୃତି, ପରିବେଶ ଓ ବନ୍ୟଜୀବନ ସମିତିର ପ୍ରିୟବ୍ରତ ବେହେରା, ପୁରୁଣାଗଡ଼ ସେକ୍ସନ ବନରକ୍ଷୀ ରତ୍ନପର୍ଣ୍ଣା ବିଶ୍ୱାଳ, ପ୍ରିୟତମା ସାହୁ, ଜୟସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ବଡ଼ଦାଣ୍ଡସାହିର ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା। ପ୍ରକୃତି, ପରିବେଶ ଓ ବନ୍ୟଜୀବନ ସମିତିର ବିନୟ କୁମାର ସାହୁ, ସମାଜସେବୀ ରାହୁଲ ପଟ୍ଟନାୟକ, ଅର୍ଜୁନ ନାୟକ, ପିଙ୍କୁ ନାୟକ ସହଯୋଗ କରିଥିଲେ।

## ବନଖଣ୍ଡ ପକ୍ଷରୁ 'ସବୁଜ ଅନୁଗୋଳ' ଆପ୍‌ର ଶୁଭାରମ୍ଭ

**ଅନୁଗୋଳ, ୧୪।୭ (ସମିସ):** ଅନୁଗୋଳ ବନଖଣ୍ଡ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଡିଜିଟାଲ ମୋବାଇଲ ଆପ୍ 'ସବୁଜ ଅନୁଗୋଳ'ର ଉନ୍ମୋଚନ କରାଯାଇଛି। ଏହା ଏକ ଜିଆଇଏସ ଭିତ୍ତିକ ଏମଆଇଏସ ପୋର୍ଟାଲ। ଲୋକଙ୍କୁ ଜଙ୍ଗଲ ଓ ପରିବେଶ ସମ୍ପର୍କିତ ବିଭିନ୍ନ ସେବା ଯୋଗାଇଦେବାକୁ ଏହି ଆପ୍ ପ୍ରସ୍ତୁତ ହୋଇଛି। ବିଭାଗୀୟ ପରିଚାଳନା, ଲୋକଙ୍କ ଅଭିଯୋଗ ଓ ବିଭିନ୍ନ ସୂଚନା ଏଥିରେ ଦିଆଯିବ। ଗୁଗଲ୍ ପ୍ଲେ ଷ୍ଟୋରରୁ ଏଇ ଆପ୍‌କୁ ଡାଉନଲୋଡ କରାଯାଇପାରିବ। ଲୋକେ ପରିବେଶ ପ୍ରଦୂଷଣ ଜନିତ ଅଭିଯୋଗ, ଚାରା ଆବଶ୍ୟକତା ସମେତ ପରିବେଶ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଏହି ଆପ ମାଧ୍ୟମରେ କରିପାରିବେ। ଏହି ଆପ ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବ ବୋଲି କୁହାଯାଇଛି।

## ଶିକ୍ଷକପଡ଼ା ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ହେଉନି

**ଅନୁଗୋଳ, ୧୪।୭ (ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶିକ୍ଷକପଡ଼ା ଅଞ୍ଚଳକୁ ସଂଯୋଗ କରୁଥିବା ମାଟି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପକ୍କା ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଏହି ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ଅଞ୍ଚଳବାସୀ ବହୁବାର ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରେଳ ବିଭାଗ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି। ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାରୁ ଏହି ରାସ୍ତା ସାନ ଗୋବିନ୍ଦପୁରକୁ ସଂଯୋଗ କରୁଛି। ୨୦୧୦ରେ ରାସ୍ତାକୁ ପିଚୁ କରାଯାଇଥିଲା। ହେଲେ ରାସ୍ତାର ମୁଖ୍ୟ ଅଂଶର ୫୦୦ ମିଟର ରେଳ ବିଭାଗ ଅଧୀନରେ ଥିବାରୁ ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ପକ୍ଷରୁ ଏହାକୁ ଛାଡ଼ି ଦିଆଯାଇଥିଲା। ରେଳ ବିଭାଗ ଅଧୀନରେ ଥିବା ଏହି ୫୦୦ ମିଟର ରାସ୍ତାର ଉନ୍ନତୀକରଣ ନା ରେଳ ବିଭାଗ ପକ୍ଷରୁ କରାଯାଉଛି ନା ବ୍ଲକ ପ୍ରଶାସନ ପକ୍ଷରୁ। ଫଳରେ ରାସ୍ତାର ଏହି ଅଂଶ ସବୁବେଳେ କାଦୁଅପୂର୍ଣ୍ଣ ହୋଇ ରହୁଛି। ଏହି ରାସ୍ତା ଦେଇ ପ୍ରତେକ ଦିନ ଶିକ୍ଷକପଡ଼ା, ସାନଗୋବିନ୍ଦପୁର, ବଡ଼ହୁଲା, ଝରିପାଣି, ପାର୍ବତୀପୁର, ଦାଦରସାହି ଆଦି ୬ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭରଶୀଳ। ହେଲେ ରାସ୍ତା ଅବସ୍ଥା ଏମିତି ଅବସ୍ଥା ହୋଇଛି ଯେ ସାଇକଲ ଯିବା ସମ୍ଭବ ହେଉନାହିଁ। ଏପରିକି ଅନେକ ସମୟରେ ବାଇକ ଆରୋହୀ ଖସିପଡ଼ି ଗୁରୁତର ଆହତ ହେଉଛନ୍ତି। ରାସ୍ତାକୁ କଂକ୍ରିଟ କରିବା ପାଇଁ ଶିକ୍ଷକପଡ଼ା ଅଞ୍ଚଳବାସୀ ୨୦୨୦ ଏପ୍ରିଲ ୨୦ ଓ ୨୦୨୩ ଜୁନ ୫ରେ ନୁନୁକାପଶି ପଞ୍ଚାୟତଠାରୁ ଆରମ୍ଭ କରି ରେଳ ବିଭାଗ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ବାର୍ଡ ଫ୍ଲୁ ପାଇଁ ପ୍ରାଣୀସମ୍ପଦ ବିଭାଗର ତତ୍ପରତା

# ସଂଗ୍ରହ ହେବ ରକ୍ତ ନମୁନା, ଖସିଲା ଚିକେନ ଦର

ଅନୁଗୋଳ, ୧୪।୭ (ସମିସ)

ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ବାର୍ଡ ଫ୍ଲୁ ଦେଖା ଯାଇଥିବାରୁ ଅନୁଗୋଳ ଜିଲ୍ଲାରେ ଏଥିପାଇଁ ସତର୍କତା ଅବଲମ୍ବନ କରାଯାଇଛି। ରାଜ୍ୟ ପ୍ରାଣୀଧନ ବିଭାଗ ସହ ଆଭାସୀ ଜରିଆରେ ଆଲୋଚନା ପରେ ଜିଲ୍ଲା ପ୍ରାଣୀଧନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଡେପୁଟି ଡାଇରେକ୍ଟର ଡା. କେଶବ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଜିଲ୍ଲାର ସମସ୍ତ ଘରୋଇ କୁକୁଡ଼ା ଫାର୍ମ ମାଲିକଙ୍କୁ ପରିମଳ ବ୍ୟବସ୍ଥା କିଭଳି ଠିକ୍ ରଖିବେ, କୁକୁଡ଼ା ମଳ କିଭଳି ନିଷ୍କାସନ କରିବେ ସେ ନେଇ ସଚେତନ କରାଯାଉଛି। ପ୍ରାଣୀମିତ୍ର ଏବଂ ଏଲଆଇମାନେ ଫାର୍ମ ବୁଲି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଆବଶ୍ୟକ ମନେ ହେଲେ ବା ସନ୍ଦେହ ହେଲେ ରକ୍ତ ନମୁନା ସଂଗ୍ରହ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଲୋକେ ଅଯଥା ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଉଛି। ଅନ୍ୟପଟେ ଚିକେନ ଦର ଏବେ କିଲୋପ୍ରତି ପ୍ରାୟ ଶହେଟଙ୍କା ଖସିଛି। କିଛିଦିନ ପୂର୍ବରୁ ଅନୁଗୋଳରେ ଚିକେନ କିଲୋ ୨୪୦ରୁ ୨୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ତାହା ୧୫୦ରୁ ୧୬୦ ଟଙ୍କାକୁ ଖସିଆସିଛି। ତେବେ ତେବେ ବାର୍ଡ ଫ୍ଲୁ ଭୟ ପାଇଁ ନୁହେଁ ବରଂ ଶ୍ରାବଣ ମାସ ଯୋଗୁଁ ଆମିଷ ଦ୍ରବ୍ୟର ଚାହିଦା ନ ଥିବାରୁ ଦର ହ୍ରାସ ହୋଇଥିବା ଜଣେ ବ୍ୟବସାୟୀ କହିଛନ୍ତି।



# ନକଲି ମଦ କରୁଛି କିଡ୍‌ନୀ ଅଚଳ

# ୨ ବର୍ଷରେ ନେଲାଣି ୫ରୁ ଊର୍ଦ୍ଧ୍ୱ ଜୀବନ

କଣ୍ଟାପଡ଼ା, ୧୪।୭ (ସମିସ)

୨୦୧୨ ଫେବୃଆରୀ ୪ ଟୋକଲିପଡ଼ା ମଦମୃତ୍ୟୁ ମାମଲାରେ ସଦର, ଓଲଟପୁର ଓ ଗୋବିନ୍ଦପୁର ଥାନା ଅଞ୍ଚଳର ବିଷାକ୍ତ ମଦପିଇ ୪୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୦ରୁ ଅଧିକ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଯେଉଁ ଘଟଣା ଏବେ ବି ଲୋକଙ୍କ ମନରେ ଜୀବିତ ହୋଇ ରହିଛି। ଇତିମଧ୍ୟରେ ସଦର, ଓଲଟପୁର ଓ ଗୋବିନ୍ଦପୁର ଥାନା ଅଧିକାରୀ ଏବଂ କର୍ମଚାରୀମାନେ ବଦଳି ଯାଇଛନ୍ତି। ବଦଳି ଯାଇଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ଓ କର୍ମଚାରୀ। ହେଲେ ଗୋବିନ୍ଦପୁର ଥାନା ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଉଭୟ ଦେଶୀ ଓ ବିଦେଶୀ ନକଲି ମଦ ବିକ୍ରି ହେଉଥିବା ଜଣାପଡ଼ିଛି। ଗତ ଦେଢ଼ ବର୍ଷ ଭିତରେ ୫ରୁ ଊର୍ଦ୍ଧ୍ୱ ପୁରୁଷ ନକଲି ମଦପିଇ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଲେଣି। ଏବେ ମଧ୍ୟ ୭ରୁ ଊର୍ଦ୍ଧ୍ୱ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଆଗରୁ ଗୋବିନ୍ଦପୁର ଥାନା ଅଞ୍ଚଳରେ କିଡନୀ ରୋଗ ନ ଥିଲା। ଦୁଇ ବର୍ଷ ହେଲା କାହିଁକି କିଡନୀ ରୋଗ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଜଣେ ଡାକ୍ତରଙ୍କୁ ପଚାରିବାରୁ ସାଧାରଣତଃ ପିଇବା ପାଣି ଖରାପ ହେଲେ କିଡନୀ ରୋଗ ସହିତ ଅନ୍ୟାନ୍ୟ ରୋଗ ବୃଦ୍ଧି ପାଇଥାଏ ଓ ଅନ୍ୟ ଏକ କାରଣ ହେଲା ଅତ୍ୟଧିକ ମଦ୍ୟପାନ ଓ ଖରାପ ମଦ ବୋଲି ଉତ୍ତର ଦେଇଛନ୍ତି। ବର୍ତ୍ତମାନ ଚିକିତ୍ସାଧୀନ ଓ ଘରେ ଆସି ଚିକିତ୍ସିତ ରୋଗୀମାନଙ୍କ ରିପୋର୍ଟ ମଧ୍ୟ ସମାନ କଥା କହୁଛି।

ଅପରପକ୍ଷରେ ଗୋବିନ୍ଦପୁର ଥାନା ଅଞ୍ଚଳରେ ଗୋଟିଏ ଠିପି ଖୋଲା ଓ ଅନ୍ୟଟି ଠିପି ବନ୍ଦ ବିଦେଶୀ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଥିବା ବେଳେ ଗୋଟିଏ ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନ ମଧ୍ୟ ରହିଛି। ହେଲେ ନକଲି ଦେଶୀ ଓ ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ କିପରି ଏ ଅଞ୍ଚଳକୁ ଆସୁଛି, କେଉଁଠୁ ଆସୁଛି ଓ କିଏ ଯୋଗାଉଛି ଏ ବିଷୟରେ ସ୍ଥାନୀୟ ପୁଲିସ ଜାଣିଛି ନା ଅନ୍ୟ କିଛି କାରଣ ପାଇ ଜାଣି ଚୁପ୍ ରହୁଛି ତାହା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କଲେ ଜଣାପଡ଼ିବ ବୋଲି ଗୋବିନ୍ଦପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ସନ୍ଧ୍ୟାରେ ଝାରପଡ଼ା ନିକଟ ରାସ୍ତାକଡରେ ୫ଜଣ ଯୁବକ ବସି ମଦ୍ୟପାନ କରୁଥିବା ବେଳେ ଗୋବିନ୍ଦପୁର ପୁଲିସ ପାଟ୍ରୋଲିଂ ଗାଡି ପାଟ୍ରୋଲିଂ କରୁଥିବାବେଳେ ଥାନା ସବ୍ ଇନ୍ସପେକ୍ଟର ସେଠାରୁ ଚାଲିଯିବା ପାଇଁ ଯୁବକମାନଙ୍କୁ କହିବାରୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଏକ ବିୟର ବୋତଲରେ ସବ୍ ଇନ୍ସପେକ୍ଟର ଚିନ୍ମୟ ଦ୍ୱିବେଦୀଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିବାରୁ ଶ୍ରୀ ଦ୍ୱିବେଦୀ କୌଶଳକ୍ରମେ ହାତରେ ନିଜ ମୁଣ୍ଡକୁ ରକ୍ଷା କରିବାକୁ ଉଦ୍ୟମ କରିବାକୁ ଯାଇ ହାତରେ ଆଘାତ ପାଇ ଚିକିତ୍ସାଧୀନ ଥିବାବେଳେ ଅଭିଯୁକ୍ତ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।

## ଶ୍ମଶାନରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ତିଗିରିଆ, ୧୪।୭ (ସମିସ): ତିଗିରିଆ ଥାନା ଅଧୀନ ଭିରୁଡ଼ା ତଳଗଡ଼ ଗ୍ରାମରେ ରବିବାର ଜଣେ ଯୁବତୀ କୌଣସି କାରଣରୁ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ କାହାକୁ କିଛି ନ ଜଣାଇ ତରବରିଆ ଭାବେ ଉକ୍ତ ଯୁବତୀଙ୍କର ମୃତଦେହକୁ ଗ୍ରାମ ନିକଟରେ ଥିବା ଶ୍ମଶାନରେ ଦାହ କରୁଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଝିଅର ବାପାକୁ ତିଗିରିଆ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ଆତ୍ମହତ୍ୟା କରିଥିବା ଯୁବତୀଙ୍କର ନିର୍ବନ୍ଧ ସରିଥିବା ବେଳେ କିଛିଦିନ ପରେ ବିବାହ ହେବାର ଥିଲା। ଯୁବତୀ ଜଣକ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ଚାକିରୀ କରିଥିଲେ। ତେବେ କେଉଁ କାରଣ ପାଇଁ ଯୁବତୀ ଜଣକ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ତଦନ୍ତ ଦାବି

ଭଦ୍ରେଶ୍ୱର, ୧୪।୭ (ସମିସ): ଆଜି ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ପାଣ୍ଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଭଦ୍ରେଶ୍ୱର ଥାନା ପାଣ୍ଡିଆ ଗ୍ରାମର ଗୋଲଖ ଦାସଙ୍କ ପୁତ୍ର ମୂରଲୀଧର ଦାସ(୪୫)ଙ୍କର ପରିବାରରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଏଥିରେ ମାନସିକସ୍ତରରେ ଆଘାତ ପାଇ ମୂରଲୀ ବିଷପାନ କରି ମୃତ୍ୟୁବରଣ କରିଥିବାର କେତେକ ଗ୍ରାମବାସୀ କହୁଥିଲା ବେଳେ ବିଷାକ୍ତ ମଦପାନ କରି ମୂରଲୀ ମୃତ୍ୟୁବରଣ କରିଥିବାର କେତେକ ବ୍ୟକ୍ତି କହୁଛନ୍ତି। ତେବେ ମୂରଲୀଙ୍କର ଆଜି ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ବାନ୍ତି କରିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୂରଲୀଧରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ମୂରଲୀଧରଙ୍କର କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ସାଧାରଣରେ କୁହାଯାଉଛି।

## ରେଭେନ୍ସାରେ ଝାଡ଼ାବାନ୍ତି ନିବାରଣ କରିବାକୁ ଏଆଇଡିଏସ୍‌ଓର ଦାବି

କଟକ, ୧୪।୭ (ସମିସ): ରେଭେନ୍ସା ବିଶ୍ୱ ବିଦ୍ୟାଳୟର ନିୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ପରିସ୍ଥିତିରେ ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟିର ସଭାପତି ସତ୍ୟବ୍ରତ ମୁଦୁଲି ଓ ସମ୍ପାଦକ ଗାୟତ୍ରୀ ସାହୁ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, କ୍ୟାମ୍ପସରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା ତଥା ଆବଶ୍ୟକ ମୁତାବକ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ଏବଂ ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ରେଭେନ୍ସା କର୍ତ୍ତୃପକ୍ଷ ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରିଛନ୍ତି। ପରିଣତିରେ ଆଜିର ଏହି ପରିସ୍ଥିତିରେ ସୃଷ୍ଟି ହୋଇଛି। ଏଣୁ ଡାଇରିଆରେ ଆକ୍ରାନ୍ତ ସମସ୍ତ ଛାତ୍ରମାନଙ୍କର ଉପଯୁକ୍ତ ଚିକିତ୍ସା ଏବଂ ସଂକ୍ରମଣକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା, ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ବିଶ୍ୱବିଦ୍ୟାଳୟର ଡିସପେନ୍ସାରୀରେ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଔଷଧର ବ୍ୟବସ୍ଥା କରାଯାଇ ତାହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି।

## ଚାଷୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ

## ସଫେଇ ହେଲା ପାଟନାଳୀ



ନିଶ୍ଚିନ୍ତକୋଇଲି, ୧୪।୭ (ସମିସ): କଟକ ଡ୍ରେନେଜ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ୧୯ (କ) ନଂ ଡ୍ରେନେଜ (ପାଟନାଳୀ)ର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ହେବ ଏହି ପାଟନାଳୀକୁ ସଫେଇ କରାଯାଉ ନ ଥିବାରୁ ହଜାର ହଜାର ଚାଷୀଙ୍କର ଶହ ଶହ ହେକ୍ଟର ଧାନ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଧାନ ଚାଷ ନଷ୍ଟ ହେଉଥିଲା। ଯାହାଦ୍ୱାରା ଚାଷୀମାନେ ପ୍ରତ୍ୟେକ ବର୍ଷ ବହୁ କ୍ଷତି ସହୁଥିଲେ। ଚଳିତବର୍ଷ ଉକ୍ତ ଡ୍ରେନେଜ (ପାଟନାଳୀ)କୁ ସଫେଇ କରିବା ପାଇଁ ବହୁ ଚାଷୀ ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ କରିଥିଲେ। ଚାଷୀଙ୍କର ଏହି ଅଭିଯୋଗକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉପଲବ୍ଧି କରି ତୁରନ୍ତ ପାଟନାଳୀ ସଫେଇ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ତ୍ୱରିତ ପଦକ୍ଷେପ ଫଳରେ ସୋମବାରଠାରୁ ଏହି ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଚାଷୀ ମହଲରେ ଖୁସି ଦେଖାଯାଇଥିବା ବେଳେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ସାଧୁବାଦ ଜଣାଇଛନ୍ତି। ଓଥକା-ରାମକୃଷ୍ଣପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭେଟେଣା ପୋଲଠାରୁ ରାମକୃଷ୍ଣପୁର ହୁକ୍‌ଟୋଲା ପର୍ଯ୍ୟନ୍ତ ପ୍ରବାହିତ ହେଉଥିବା ଏହି ୧୯-କ ଡ୍ରେନେଜ୍ ପାଟନାଳୀରେ ଥିବା ଅନାବନା ଗଛ, କଳମ ଡ଼ାଳ, ଯୁଣ ଗଛ ଓ ବଣ ସଦୃଶ ପାଳଟିଥିବା ଘାସ ଲଟାଗୁଡ଼ିକୁ ସଫେଇ କରାଯାଉଛି। ୫ କିମି ବ୍ୟାପୀ ଲମ୍ବିଥିବା ଉକ୍ତ ପାଟନାଳୀଟି ସଫେଇ ହେଲା ପରେ ନତକାଇ, ରାମକୃଷ୍ଣପୁର, ଓସ୍ତପୁର, ଗୋତରା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରୁ ସହଜରେ ଜଳ ନିଷ୍କାସନ ହୋଇପାରିବ ବୋଲି ଜଣାଯାଇଛି। ଏ ବର୍ଷ ଚାଷୀମାନେ ଆଉ ଧାନ ଚାଷରେ ବିଶେଷ କ୍ଷତି ସହିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଆଠଗଡ଼, ୧୪।୭ (ସମିସ): ସୋମବାର ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୫୭ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୧ଟି ଏବଂ ସାମୂହିକ ୧୬ଟି ଅଭିଯୋଗ ଥିଲା। ଅଭିଯୋଗ ସ୍ଥଳରେ ମୋଟ ୨ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଅନ୍ୟାନ୍ୟ ଭତ୍ତା ନିମନ୍ତେ ୯ଟି ଅଭିଯୋଗ ମଧ୍ୟ ଗ୍ରହଣ କରାଯାଇଥିଲା। ଅଭିଯୋଗ ସ୍ଥଳରେ ସମାଧାନ ହୋଇଥିବା ଜଣେ ହିତାକାରୀଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଉପଜିଲ୍ଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ଜିଲ୍ଲା ପରିଷଦ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୃତକଙ୍କ ପରିବାରକୁ ବିଧାୟକ ଓ ସହପାଠୀଙ୍କ ସହାୟତା



ନିଶ୍ଚିନ୍ତକୋଇଲି, ୧୪।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ଆଏଣ୍ଡା(ସୁନାଲୁଣ୍ଡା) ଗ୍ରାମର ଭରତ କୁମାର ବେହେରା(୫୦)ଙ୍କ ସର୍ପାଘାତରେ ମୃତ୍ୟୁବରଣ ହୋଇଥିଲା। ତାଙ୍କର ଏକାଦଶାହ ଅବସରରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପକ୍ଷରୁ ପ୍ରାକ୍ତନ ସମିତିସଭ୍ୟ ସୁବାଷ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ମୃତକଙ୍କ ୧୯୮୯ ମାଟ୍ରିକ ବ୍ୟାଚର ସହପାଠୀମାନେ ତାଙ୍କ ବାସଭବନକୁ ଯାଇ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ୨୭ ହଜାର ଏକ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

● ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

## ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ଦୀପଦାନ କାର୍ଯ୍ୟକ୍ରମ



ସାଲେପୁର, ୧୪।୭ (ସମିସ): ବାଲେଶ୍ୱରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବାବେଳେ ଛାତ୍ରୀ ଜଣକର ଆଶୁ ଆରୋଗ୍ୟ କାମନା କରି ଆଜି ସାଲେପୁର କଂଗ୍ରେସ କମିଟି ପକ୍ଷରୁ ସାମୂହିକ ଦୀପ ଦାନ କରାଯାଇଛି। ଫକୀରମୋହନ କଲେଜରେ ଜଣେ ଅଧ୍ୟାପକଙ୍କର ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ଶେଷରେ ଛାତ୍ରୀ ଜଣକ ନିଜକୁ ଜାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଛାତ୍ରୀ ଜଣକର ଆଶୁ ଆରୋଗ୍ୟ କାମନା କରି କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସାଲେପୁର କଂଗ୍ରେସର ଶତାଧିକ କର୍ମୀ ସାଲେପୁର ମା' ସାହେଶ୍ୱରୀ ପୀଠରେ ସମୂହ ଦୀପଦାନ କରିଥିବା ଜଣାଯାଇଛି। ଏଥିରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ବିସ୍ମୟରଞ୍ଜନ ଭୂୟାଁ, ୪୬ନଂ ଜୋନ୍ ସଭାପତି ସେକ ସୁରଜ, ରୂପକ ଭୂୟାଁ, ସୁଦାମ ବାରିକ, ସରୋଜ କର, ସେକ୍ ପୀର ବକ୍ସ, ପ୍ରସନ୍ନ ଭୂୟାଁ, ସଫିଉଲ୍ ଆଲାମ, ଲୋକନାଥ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ମା'ସାହେଶ୍ୱରୀଙ୍କ ନିକଟରେ ସମ୍ପୃକ୍ତା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରି ସମୂହ ଦୀପଦାନ କରିଥିଲେ।

ତିଗିରିଆ/ଆଠଗଡ଼: ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ତରଫରୁ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବାରମ୍ବାର ନ୍ୟାୟ ଆଶାରେ ଅଭିଯୋଗ କରିବା ପରେ ନ୍ୟାୟ ନ ପାଇ ଦେହରେ ନିଆଁ ଲଗାଇ ଆତ୍ମହୁତି ଦେବା ଉଦ୍ୟମ ଘଟଣାକୁ ଆଠଗଡ଼ ତିଗିରିଆ ନିର୍ବାଚନ



ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ଦୃଢ ନିନ୍ଦା କରାଯାଇଛି। ସୋମବାର ତିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ, ନୂଆପାଟଣା ଚୈତନ୍ୟ ସାହୁ ସ୍ନାତକ ମହାବିଦ୍ୟାଳୟ ଓ ତିଗିରିଆ କଳିଙ୍ଗ ମହିଳା ବିଦ୍ୟାଳୟ ସମେତ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ବାଲି କଲେଜ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ସହିତ ଦୋଷୀ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲିଦ, ହିମାଂଶୁ ଶେଖର ସ୍ୱାଇଁ, ତୋଫାନ ସାମଲ, ପ୍ରଭଞ୍ଜନ ସେଠୀ, ଧନେଶ୍ୱର ବେହେରା ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



ତିଗିରିଆ, ୧୪।୭ (ସମିସ): ତିଗିରିଆ ବ୍ଲକରେ ଗତ କିଛିଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ ଗତକାଲି ବିଳମ୍ବିତ ରାତିରେ ବିନ୍ଧାଣିମା ପଞ୍ଚାୟତ ସ୍ଥିତ ବିନ୍ଧାଣିମା ଗ୍ରାମ ହାଟ ସାହିର ବାସିନ୍ଦା ସନ୍ତୋଷ ରାଉତ ଓ ଟୁଟୁଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ଭୁଶୁଡିଥିବା ଚାଳ ଘର ଅର୍ଥ ଅଭାବ ଯୋଗୁଁ ଛପର ହୋଇ ନ ଥିବାରୁ ଉକ୍ତ ଘର ବର୍ଷା ପ୍ରଭାବରେ ଭୁଶୁଡି ପଡ଼ିଥିବା ଜଣାପଡ଼ିଛି। ଏହି ଘଟଣାରେ ଉଭୟ ପରିବାରର ବିଶେଷ ଭାବେ କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ସନ୍ତୋଷଙ୍କ ପତ୍ନୀ ଅଳ୍ପକେ ରକ୍ଷା ପାଇଯାଇଥିବା ସନ୍ତୋଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଟୁଟୁ ରାଉତଙ୍କ ପରିବାର ନିଜ ଘରର ଏଭଳି ଶୋଚନୀୟ ଅବସ୍ଥା ଦେଖି କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ଭଡା ଘରେ ରହୁଥିବାରୁ ବର୍ତ୍ତି ଯାଇଛନ୍ତି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଉଭୟ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ସହ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ସାଧାରଣରେ ଦାବି କରାଯାଇଛି।

# ଶ୍ରାବଣର ପ୍ରଥମ ସୋମବାର

# ଧବଳେଶ୍ୱର ପୀଠରେ ପାଣି ଢାଳିଲେ ୫ ହଜାର ଶ୍ରଦ୍ଧାଳୁ

ଆଠଗଡ଼, ୧୪।୭ (ସମିସ)

ଶ୍ରାବଣ ମାସର ପ୍ରଥମ ସୋମବାରରେ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ହଜାର ହଜାର କାଉଡିଆ ଶ୍ରଦ୍ଧାଳୁ ଜଳ ଲାଗି କରିଛନ୍ତି। କଂକ୍ରିଟ ପୋଲ ଉପରେ ଆସି ଧବଳେଶ୍ୱରଙ୍କ ପୀଠରେ ସ୍ଥାପିତ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି ଶ୍ରଦ୍ଧାଳୁ। କଳା ବଳଦକୁ ଧଳା କରିଥିବାରୁ ବାବାଙ୍କ ନାମ ଧବଳେଶ୍ୱର ହୋଇଛି। ବିଶ୍ୱାସ

### ରାସ୍ତାକଡ଼ରେ ରାତି କାଟିଲେ କାଉଡ଼ିଆ



ରହିଛି ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ ସେଥିପାଇଁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ପବିତ୍ର ପୀଠକୁ ଛୁଟି ଆସିଥାନ୍ତି। ପୂଜକ ସମିତି ପକ୍ଷରୁ ରାତି ୨ଟାରୁ ପହଡ ଖୋଲାଯାଇ ୧୦୮ କଳସ ଜଳରେ ବାବାଙ୍କ ସ୍ନାନ କରାଯାଇ ମଙ୍ଗଳା ଆଳତୀ ସହିତ ସମସ୍ତ ନୀତିକାନ୍ତି ସମାପନ ପରେ ରାତ୍ର ୩ଟାରୁ ଶ୍ରଦ୍ଧାଳୁଙ୍କୁ ଜଳଲାଗି କରିବା ପାଇଁ ପହଡ଼ ଫିଟିଥିଲା। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇ ପୁଲିସ ପ୍ରଶାସନ ପକ୍ଷରୁ ନଜର ରଖାଯିବା ସହ, ଅଗ୍ନିଶମ ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ସମେତ ୧୦ଜଣ ପୁଲିସ ଅଫିସର ମୁତୟନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ ନିର୍ମାଣ କରାଯାଇ ଭକ୍ତଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସୁଯୋଗ ଦିଆଯାଇଥିଲା। ପୀଠରେ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ଓ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି ତଦାରଖ କରିଥିଲେ। ପବିତ୍ର ପୀଠକୁ ପ୍ରଥମେ ଡଙ୍ଗା, ପରେ ଝୁଲାପୋଲ ପରେ ଏବେ କଂକ୍ରିଟ୍ ପୋଲ ଦେଇ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁମାନେ। ପ୍ରଥମ ସୋମବାରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନୀତିନିୟମର ଖୁଲମଖୁଲ୍ଲା ଉଲ୍ଲଙ୍ଘନ ହୋଇଥିବାରୁ ଦେଖିବାକୁ ମିଳିଛି। ପ୍ରସ୍ତୁତି ବୈଠକରେ ପୀଠ ମଧ୍ୟକୁ ପ୍ଲାଷ୍ଟିକ ମୁକ୍ତ କରାଯିବାକୁ ନିବେଦନ କରାଯାଇଥିଲେ ହେଁ ବ୍ରତଧାରୀମାନେ ବହୁ ବହୁ ପରିମାଣରେ ଜରି ପଲିଥିନ ଓ ଡାଳ ଆଦି ଆଣିଥିଲେ। ସେହିପରି ପୀଠର ୩ କିମି ଦୂରରୁ ପୁଲିସ ପ୍ରଶାସନ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଗାଡି ମୋଟର ଆଦିକୁ ମଧୁସୂଦନ ସେତୁ ନିକଟରେ ଅଟକାଯିବାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏପରିକି କିଛି ଶ୍ରଦ୍ଧାଳୁ ପୀଠକୁ ନ ଆସି ଫେରିଯାଇଥିଲେ। ସମ୍ପୃକ୍ତ ସମସ୍ୟାକୁ ନେଇ ପୂଜକ ସମିତି ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକାରୀ ମିନାକ୍ଷୀ ଠାକୁରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷରେ ପୀଠ ପରିସରରେ ଓଟିଡିସି ପକ୍ଷରୁ ନିର୍ମିତ ପାନ୍ଥଶାଳାକୁ କାଉଡିଆ ଓ ବ୍ରତଧାରୀମାନଙ୍କ ବିଶ୍ରାମ ପାଇଁ ଖୋଲାଯାଇ ନ ଥିବାରୁ କାଉଡିଆ ଓ ବ୍ରତଧାରୀମାନେ ସାରା ରାତି ରାସ୍ତା କଡରେ ଶୋଇ ସକାଳେ ଜଳ ଲାଗି କରି ଅତି ଦୟନୀୟ ସ୍ଥିତିରେ ଘରକୁ ଫେରିଥିଲେ।

ନରସିଂହପୁର: ନରସିଂହପୁର ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରାବଣର ପ୍ରଥମ ସୋମବାର ଅବସରେ ବ୍ରତଧାରୀମାନେ ନିକଟସ୍ଥ ମହାନଦୀର ବିଭିନ୍ନ ଘାଟରୁ ଜଳ କଳସି ଆଣି ନିଜର ବ୍ରତ ପାଳନ କରିଛନ୍ତି। ଏହି ଅବସରରେ ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମୁକ୍ତାନାଥ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଶାନ୍ତିପୂର୍ଣ୍ଣ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଧାଡିରେ ଆସି ଶ୍ରଦ୍ଧାଳୁମାନେ ମୁକ୍ତାନାଥଙ୍କ ପୀଠରେ ଜଳ ଲାଗି କରିଥିଲେ। ମହାନଦୀର ଯେଉଁ ସ୍ଥାନରେ ସ୍ରୋତ ରହିଛି ସେହି ସ୍ଥାନରୁ ପବିତ୍ର ଶ୍ରାବଣ ମାସରେ ଶିବଙ୍କ ନିକଟରେ ଜଳାଭିଷେକ ଲାଗି ଜଳ ଉଠାଇଛନ୍ତି। ଏପରିକି ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି ବହୁ ଅନୁଷ୍ଠାନ ତରଫରୁ କଉଡ଼ିଆଙ୍କୁ ସେବା ଯୋଗାଇ ଦିଆଯାଇଥିଲା। କମଳାଡିହ, ଚକ୍ରଗଡ଼, ପଦାମାଳ, ଏକତାଳ, ଶ୍ୟାମସୁନ୍ଦରପୁର, ବାସେଳୀତା ଗ୍ରାମର ମହାନଦୀ ଘାଟରୁ କଉଡ଼ିଆମାନେ ବିଭିନ୍ନ ଶିବଙ୍କ ମନ୍ଦିରକୁ ଯାଇଥିଲେ।



ବଡ଼ମ୍ବା: କଟକ ଜିଲ୍ଲା ବଡମ୍ବା ବ୍ଲକ ଗୋପୀନାଥପୁରର ସର୍ବ ପୁରାତନ ପୀଠ ରୂପେ ପରିଚିତ ବାବା ସିଂହନାଥ ପୀଠ। ଶ୍ରାବଣ ମାସର ପ୍ରଥମ ସୋମବାରରେ ବୋଲବମ ଭକ୍ତଙ୍କ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରଥମ ସୋମବାରରେ ବାବା ସିଂହନାଥ ପୀଠରେ ୫ହଜାରରୁ ଊର୍ଦ୍ଧ୍ୱ ବୋଲବମ ଭକ୍ତ ଜଳ ଲାଗି କରିଥିଲେ। ଆଜି ପ୍ରଥମ ସୋମବାର ଥିବାରୁ ବିଭିନ୍ନ ପ୍ରାନ୍ତରୁ ବୋଲବମ ଭକ୍ତମାନେ ହାତରେ କଳସ ଧରି ମନ୍ଦିର ବେଢ଼ା ପରିଭ୍ରମଣ କରି ଧାଡିରେ ମହାଦେବଙ୍କ ମସ୍ତକରେ ଜଳ ଲାଗି କରିଥିଲେ। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ଓ ଓଡ୍ରାଫ ଟିମ ସଜାଗ ରହିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମାଗଣା ଖାଦ୍ୟପେୟ ବ୍ୟବସ୍ଥା କରାଯିବା ସହ ପ୍ରଶାସନର ସଠିକ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ଭକ୍ତ। ସେହିପରି ବିଶ୍ୱନାଥପୁର ସ୍ୱପ୍ନେଶ୍ୱର ମହାଦେବ, ବଡମ୍ବା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ, ବଡକମ୍ବିଲୋର ଖରଖିଆ ମହାଦେବ, ସୁନାପାଳ କୋଲେଶ୍ୱର ମହାଦେବ ପ୍ରମୁଖ ସ୍ଥାନ ମାନଙ୍କରେ ମାନସିକଧାରୀମାନେ ମହାଦେବଙ୍କୁ ଜଳ ଲାଗି କରିଥିଲେ।



## ବର୍ଷାରେ ବୁଡ଼ିଲା ରାଉରକେଲା ସହର

# ବାସନ୍ତୀ କଲୋନୀ ଜିଏମ୍ ବ୍ଲକ୍‌ରେ ୩ ଫୁଟ ପାଣି





ରାଉରକେଲା, ୧୪।୭ (ସମିସ)

ରବିବାର ରାତିରୁ ସୋମବାର ପର୍ଯ୍ୟନ୍ତ ଲଗାଣବର୍ଷା ଯୋଗୁଁ ରାଉରକେଲା ସହରରେ ଦେଖିବାକୁ ମିଳିଛି ନାହିଁ ନ ଥିବା ଅବସ୍ଥା। ଉବୁଟୁବୁ ହୋଇଛି ରାଉରକେଲା ସହରର ଅଧିକାଂଶ ଅଞ୍ଚଳ। ବିଶେଷକରି ବାସନ୍ତୀ କଲୋନୀସ୍ଥିତ ଜିଏମ୍ ବ୍ଲକର ରାସ୍ତା ଉପରେ ୫ ଫୁଟର ଡ୍ରେନ୍ ପାଣି କୃତିମ ବନ୍ୟା ସୃଷ୍ଟି କରିଥିବା ବେଳେ ଜିଏମ୍ ବ୍ଲକର ଅଧିକାଂଶ ଘର ଭିତରେ ୩ରୁ ୪ ଫୁଟ ଉଚ୍ଚର ଡ୍ରେନ ପାଣି ପସିବା ଘଟଣା ଆଜି ରାଉରକେଲା ମହାନଗର ନିଗମର ଅପାରଗତାକୁ ପଦାରେ ପକାଇ ଦେଇଛି। ତୃତୀୟ ଲାଇନ ପାଇଁ ରେଳବାଇ ପକ୍ଷରୁ ସେଠାରେ ଏକ ବ୍ରିଜ୍ ନିର୍ମାଣ କରାଯାଉଥିବା ଯୋଗୁଁ ଚଳିତ ବର୍ଷ ଜିଏମ୍ ବ୍ଲକର ଏପରି ଅକଥନୀୟ ଦୁର୍ଦ୍ଦଶା ଘଟିଲା ବୋଲି ବ୍ଲକର ବାସୀନ୍ଦା ଅଭିଯୋଗ କରିଛନ୍ତି। ଆଜି ଘରଭିତରୁ ପାଣି ନିଷ୍କାସନ କରିବା ପାଇଁ ପରିବାର ଲୋକ ଦିନ ତମାମ ନାକେଦମ ହୋଇ ପଡ଼ିଥିବା ସୂଚନା ମିଳିଛି। ସେହିପରି ଲଗାଣ ବର୍ଷା ଯୋଗୁଁ ସହରର ଅନେକ ଖାଲୁଆ ଅଞ୍ଚଳର ଅଧିକାଂଶ ଘର ଭିତରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନ ଓ ଅଞ୍ଚଳ ବର୍ଷା ପାଣିରେ ବୁଡି ଯାଇଛି। କିଛି ଅଞ୍ଚଳରେ ଘର ଓ ଦୋକାନ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଏବେ ବି କିଛି ଅଞ୍ଚଳରେ ବର୍ଷାପାଣି ଘେରରେ ଲୋକେ ରହିଛନ୍ତି। ତେବେ ଏହି ଘଟଣା ସହରର ଡ୍ରେନେଜ ସିଷ୍ଟମ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। କାହିଁକି ନା ନାଳରେ ପାଣି ନିଷ୍କାସନ ନହେବାରୁ ଜମାଟ ବାନ୍ଧି ଥିବା ଅଭିଯୋଗ ହୋଇଛି। ରେଲୱେ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥରେ ପ୍ରାୟ ୫ ଫୁଟ ପର୍ଯ୍ୟନ୍ତ ପାଣି ଜମାଟ ବାନ୍ଧି ରହିଥିଲା। ସେଠାରେ ଥିବା ପାର୍କିଂ ସ୍ଥାନରେ କାର୍, ବାଇକ୍ ପାଣିରେ ବୁଡ଼ି ଯାଇଥିଲା। ନିକଟରେ ଥିବା ବିଭିନ୍ନ ବସ୍ତିରେ ମଧ୍ୟ ପାଣି ଜମାଟ ବାନ୍ଧିଥିବା ଜଣାପଡ଼ିଛି। ଷ୍ଟେସନ ସମ୍ପ୍ରସାରିତ ହେବାପରେ ନାଳ କାର୍ଯ୍ୟ ସଠିକ୍ ଭାବେ କରାଯାଇ ନଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବିଶ୍ରାଛକ ସ୍ଥିତ ସହାୟତା ପେଟ୍ରୋଲ ପମ୍ପ ନିକଟ ସର୍ଦ୍ଦାର କଲୋନୀ, ପାନପୋଷ ବାଲୁଘାଟର

**ଘର ଓ ଦୋକାନ ଭାଙ୍ଗିଲା; ଡ୍ରେନେଜ୍ ସମସ୍ୟା ପଦାକୁ ଆସିଲା**

ତଳିଆ ଅଞ୍ଚଳରେ ଥିବା ଘର ଗୁଡ଼ିକରେ ପାଣି ପଶି ଯାଇଛି। ବେଦବ୍ୟାସ ଦାଣ୍ଡିଆପାଲି, ଟିସିଆଇ ଠାରେ ମଧ୍ୟ ବର୍ଷା ପାଣି ଘରେ ଓ ରାସ୍ତାରେ ଜମାଟ ବାନ୍ଧିଥିବା ଜଣାପଡ଼ିଛି। ବିଶେଷ କରି ବସ୍ତିଘରେ ବର୍ଷାପାଣି ଯୋଗୁଁ ଜିନିଷପତ୍ର ନଷ୍ଟ ହୋଇଥିବାବେଳେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଶୀତଳପଡ଼ା ବସ୍ତିରେ ମଧ୍ୟ ପ୍ରାୟ ୫ଟି ମାଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଘରେ ଘରେ ପାଣି ଜମାଟ ବନ୍ଧିଛି।

ସେହିପରି ସେକ୍ଟର ସେକ୍ଟର -୧୮ ଉତ୍କଳ ମାର୍କେଟ ଠାରେ ମଧ୍ୟ ୩ଟି ଦୋକାନ ଭାଙ୍ଗି ଯାଇଛି। ସେଠାରେ ଥିବା ଛୋଟ ବ୍ରିଜ ବା ବଡ଼ ନାଳ ବର୍ଷା ପାଣିରେ ଫୁଲ ହୋଇଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ବାସନ୍ତୀ କଲୋନୀ ଡିଏଭି ସରୋଭର ପୋଖରୀ ଫୁଲ ହେବାରୁ ରାସ୍ତାରେ ପାଣି ଭାସୁଛି। ଏଭଳି ଅନେକ ଅଞ୍ଚଳରେ ବର୍ଷା ପାଣି ଘଣ୍ଟା ଘଣ୍ଟା ଧରି ଜମାଟ ବାନ୍ଧି ଥିବା ଜଣାପଡ଼ିଛି। ତେବେ ଡ୍ରେନେଜ ସିଷ୍ଟମ ଉପରେ ସିଧାସଳଖ ବୁଦ୍ଧିଜୀବୀ ପ୍ରଶ୍ନ ଉଠିଛି। କୋଟି କୋଟି ଟଙ୍କା ବ୍ୟୟରେ କାମ ହେଉଥିବାବେଳେ ସେସବୁ ପାଣିରେ ପଡ଼ିଥିବା ଅଭିଯୋଗ ହୋଇଛି। ଗୋଟିଏ ଦିନର ଲଗାଣ ବର୍ଷାରେ ଯଦି ରାଉଲକେଲା ବୁଡି ଯାଉଛି। ତେବେ ଆଗାମୀ ଦିନର ବର୍ଷାରେ ସହର ଅବସ୍ଥା କଣ ହେବ ତାହା ଏବେଠୁ ସ୍ପଷ୍ଟ ହୋଇଯାଇଛି। ବର୍ଷା ଯୋଗୁଁ ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ବିଶ୍ରା ଛକ ସିଆଇ ଏସଏଫ ଡିସ୍ପେନ୍ସରି ଭିତରେ ବର୍ଷା ପାଣି ଲହଡ଼ି ମାରୁଛି। ଲକ୍ଷ ଲକ୍ଷ ଟଙ୍କାର ଔଷଧ ପାଣିରେ ଭିଜି ନଷ୍ଟ ହୋଇଯାଇଛି। ପ୍ଲାଟଫର୍ମ ନମ୍ବର ୫ ରୁ ରେଲୱେ କଲୋନି ବିଏସ ଏନ ଏଲ ଛକ ଦେଇ ସେକ୍ଟରକୁ ଯାଉଥିବା ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ପ୍ଲାଟଫର୍ମ ନମ୍ବର ୫ କୃତ୍ରିମ ପୋଖରୀରେ ପରିଣତ ହୋଇଛି। ବିର୍ସାଛକ ସହଯୋଗ ପେଟ୍ରୋଲ ପମ୍ପ ନିକଟ ସର୍ଦ୍ଦାର କଲୋନୀର ଘରେ ପାଣି ପଶିଛି। ଅନେକ ଘରେ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଖାଦ୍ୟ ସାମଗ୍ରୀ ସମେତ ବୈଦ୍ୟୁତିକ ସାମଗ୍ରୀ ମଧ୍ୟ ବର୍ଷା ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ବ୍ରାହ୍ମଣୀରେ ଜଳସ୍ତର ବଢ଼ିବା ପରେ ମନ୍ଦିରା ଡ୍ୟାମର ୯ରୁ ଅଧିକ ଗେଟ ଖୋଲି ଦିଆଯାଇଛି।

## ଜଳବନ୍ଦୀ ଅଞ୍ଚଳର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ



ରାଉରକେଲା, ୧୪।୭ (ସମିସ): ଲଗାଣ ବର୍ଷା ଯୋଗୁଁ ସୋମବାର ଭୋର ସମୟରେ ରାଉରକେଲା ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଥିବାର ଦେଖାଯାଇଥିଲା। ଲଗାଣବର୍ଷା ଯୋଗୁଁ ବିଭିନ୍ନ ବସ୍ତି ଅଞ୍ଚଳରେ ଓ ତଳିଆ ଅଞ୍ଚଳରେ ରହୁଥିବା ଘରଗୁଡ଼ିକ ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ରାଉରକେଲା ସହରର ମଛଲି ବସ୍ତି ସହିତ ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ଗସ୍ତ କରିଥିଲେ। ତାଙ୍କର ଏହି ଗସ୍ତସମୟରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ କମିଶନର ବର୍ଷା ଯୋଗୁଁ ପ୍ରଭାବିତ ରାଉରକେଲା ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଲୋକଙ୍କ ସ୍ଥିତି ପଚାରି ବୁଝିଥିଲେ। ଜିଲ୍ଲାପାଳ ପ୍ରଭାବିତ ଲୋକମାନଙ୍କ ସହାୟତା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ତରଫରୁ ନାଲାରୋଡ, ମାଲଗୋଦାମ, ଟୁଙ୍ଗରୀଟୋଲା ଅଞ୍ଚଳର ବିପନ୍ନଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଛି। ପାନପୋଷ ତହସିଲ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ପମ୍ପ ଯୋଗେ ଜଳ ନିଷ୍କାସନର ମଧ୍ୟ ବ୍ୟବସ୍ଥା କରାଯାଇଛି। ରାଉରକେଲା ମହାନଗର ନିଗମର ସମସ୍ତ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସ୍ଥିତି ଯାଞ୍ଚ କରିବା ସହିତ ଅଗ୍ନିଶମ ବିଭାଗ ଗଛ ହଟାଇ ବାରେ ପିଡବ୍ଲୁଡି ବିଭାଗ ରାସ୍ତା ମରାମତିରେ ସହଯୋଗ କରିଛନ୍ତି।

# ବଣାଇଁରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି



ବଣାଇଁ, ୧୪।୭ (ସମିସ): ବଣାଇ ସହରସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନ ଶୁଣାଣି କରିଛନ୍ତି। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୯ଟି ଆପତ୍ତି ଅଭିଯୋଗ ଗୃହୀତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୧ଟି ଆସିଥିବାବେଳେ ଦଳଗତ ବା ସାମୂହିକ ଭାବେ ୧୮ଟି ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ୭ଟି ଅଭିଯୋଗରେ ସମାଧାନ କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୨୪ହଜାର ଟଙ୍କା ଲେଖାଏଁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତିଶ ୱାଧୱାନି, ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଉପସ୍ଥିତ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ କ୍ଷପରେ ବଣାଇଁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଓ ସ୍କୁଲ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ।

# ‘ଗୁଣ୍ଡୁଚି’ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

ରାଉରକେଲା, ୧୪।୭ (ସମିସ): ସହରର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ବାସନ୍ତୀ କଲୋନୀ ସ୍ଥିତ ତ୍ରିନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଅମ୍ଳଜାନ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିନା ଟଙ୍କା ଓ ଔଷଧରେ କମ୍ ସମୟ ମଧ୍ୟରେ କିପରି ଡାଇବେଟିସ, ବ୍ଲଡପ୍ରେସର୍, ଥାଇରଏଡ, ଆଣ୍ଠୁ ଗଣ୍ଠି, ବେକ, କାନ୍ଧ, ମେରୁଦଣ୍ଡ ଓ ଅନ୍ୟାନ୍ୟ ସ୍ନାୟୁ ଜନିତ ଶାରୀରିକ ଯନ୍ତ୍ରଣାର ଉପଶମ ମିଳିବା ସହ ରୋଗୀ ସୁସ୍ଥ ହୋଇପାରି. ତାହା ଯୋଗିକ ସ୍ନାୟୁ ଚିକିତ୍ସକ ଅଜିତ ମିଶ୍ର ପରୀକ୍ଷା ମୂଳକ ଭାବେ ପ୍ରମାଣ କରିଥିଲେ। ଶ୍ରୀ ମିଶ୍ରଙ୍କ ହାତର ଯାଦୁରେ ମାତ୍ର କିଛି ସେକେଣ୍ଡ ମଧ୍ୟରେ ରୋଗୀମାନେ ସୁଫଳ ପାଇଥିଲେ। ବିଶେଷ କରି ବରିଷ୍ଠ ନାଗରିକମାନେ ଏହାର ସୁଫଳ ପାଇଥିଲେ। ଲୋକଙ୍କ ସ୍ନାୟୁଜନିତ ସମସ୍ୟାର ସମାଧାନ ପାଇଁ ଏହି ଚିକିତ୍ସା ପଦ୍ଧତିକୁ ଗୁଣ୍ଡୁଚି ପକ୍ଷରୁ ବହୁଳ ଭାବେ ଆୟୋଜନ କରିବାକୁ ସଭାପତି ଭଗବାନ ରାଉତ ଲୋକଙ୍କୁ ଜଣାଇଥିଲେ। ସାଧାରଣ ସମ୍ପାଦକ କୁମୁଦ ମହାନ୍ତି, ଉପସଭାପତି ଅନୀଲ ଦାସ, ଗଗନ ରାଉତ, କୋଷାଧ୍ୟକ୍ଷ ସତ୍ୟଜିତ ସୁତାର, ସହ ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ର, ଜି.ଏନ୍ ଶ୍ରୀବାସ୍ତବ, ଅମିୟ ଶତପଥୀ, କୁଞ୍ଜବିହାରୀ ପ୍ରଧାନ, ରାଧାକୃଷ୍ଣ ମିଶ୍ର, ଯୁଧିଷ୍ଠିର ପଣ୍ଡା, ହିମାଂଶୁ ମହାପାତ୍ର, ସଞ୍ଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ।




## ବିପଦସଂକୁଳ ଅବସ୍ଥାରେ ଭଙ୍ଗା ଖମ୍ବ; ମରାମତି କେବେ

ବଣାଇଁ, ୧୪।୭ (ସମିସ): ବଣାଇଁ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକର ଖମ୍ବ ଆଜକୁ ଦୁଇମାସରୁ ଉର୍ଦ୍ଧ୍ୱ ହେବ ଭଗ୍ନ ଅବସ୍ଥାରେ ଦଣ୍ଡାୟମାନ ରହିଛି। ଗାଡି ଧକ୍କାରେ ଫାଟକ ର ଗୋଟିଏ ଖମ୍ବ ମୂଳରୁ ଭାଙ୍ଗି ଯାଇ ଝୁଲନ୍ତା ଅବସ୍ଥାରେ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି



କରାଯାଇନାହିଁ। ପ୍ରତ୍ୟେକ ଦିନ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବାବେଳେ ଢଳି ରହିଥିବା ଖମ୍ବଟି କେତେବେଳେ ଯେ ଲୋକଙ୍କ ଉପରେ ନ ପଡ଼ିବ ତାହା କହିହେବ ନାହିଁ। ଖମ୍ବଟି ଗୋଟିଏ ପଟକୁ ଢଳି ରହିଥିବାରୁ ଫାଟକଟି ମଧ୍ୟ ଲାଗୁନାହିଁ। ଯାହାଫଳରେ ଏହା ଖୋଲା ରହିଥିବା ଦେଖିବାକୁ ମିଳିଛି। ତେଣୁ କାର୍ଯ୍ୟାଳୟ ପରିସରରେ ପଶି ଚୋର ମାନେ ବିଭିନ୍ନ ପ୍ରକାରର ଯନ୍ତ୍ରାଂଶ ଚୋରି କରିବାର ଆଶଙ୍କା ରହୁଛି। ତେଣୁ ବିପଦସଂକୁଳ ଅବସ୍ଥାରେ ରହିଥିବା ମୁଖ୍ୟ ଫାଟକ ସହ ଖମ୍ବକୁ ତୁରନ୍ତ ମରାମତି କରାଗଲେ ସମ୍ଭାବ୍ୟ ଦୁର୍ଘଟଣାରୁ ରକ୍ଷା ମିଳିବ ବୋଲି ଚର୍ଚ୍ଚା ହେଉଛି।

## ‘ସ୍ୱଚ୍ଛ ଭାରତ ସୁନ୍ଦର ଭାରତ’ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା, ୧୪।୭ (ସମିସ): ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଦ୍ୱାରା ପରିଚାଳିତ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ଛେଣ୍ଡ ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ସୁନ୍ଦର ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଭାରତ ପାଟ୍ରୋଲିୟମ କର୍ପୋରେସନ ଲିମିଟେଡ ସେଲସ୍ ଅଧିକାରୀ ଦୀପକ କୁମାର ରାୟ ଓ ସାମାଜିକ କର୍ମୀ ଅଜୟ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଥିଲେ। ଦୈନନ୍ଦିନ ଜୀବନରେ ନିୟମିତ ଗାଧୋଇବା, ଦାନ୍ତ ଘଷିବା, ମୁଣ୍ଡ କୁଣ୍ଡାଇବା, ନଖ କାଟିବା, ବାସି ଖାଦ୍ୟ ନ ଖାଇବା, ରହୁଥିବା ଘରଭିତର ଓ ବାହାର ସ୍ଥାନକୁ ସଫା ରଖିବା, ଅଳିଆ ଆବର୍ଜନାକୁ ରାସ୍ତା ଘାଟରେ ନ ଫିଙ୍ଗିବା ଆଦି କାର୍ଯ୍ୟବଳରେ ସମାଜରେ ସ୍ୱଚ୍ଛତା ଓ ସୁନ୍ଦରତା ଆଣିବା ବୋଲି ଅତିଥି ମାନେ କହିଥିଲେ। ବିପିସିଏଲ୍ ପ୍ରଦତ୍ତ ସ୍ୱଚ୍ଛତା ସାମଗ୍ରୀକୁ ଆଶାଦୀପର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ସବିତା ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ। ସତ୍ୟ ରଞ୍ଜନ ମଲ୍ଲିକ, ପ୍ରଭାସିନୀ ସିଠା, ଶାନ୍ତନୁ ପଲାଇ, ନାରାୟଣ ମହନ୍ତ, ହିମାଂଶୁ ମହାପାତ୍ର ପରିଚାଳନା କରିଥିଲେ। ସବିତା ସାମଲ ଧନ୍ୟବାଦ୍ ଦେଇଥିଲେ।

## ଗରିମା ପରିବାର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ରାଉରକେଲା, ୧୪।୭ (ସମିସ): ଗୋପବନ୍ଧୁପାଲୀ ଆନନ୍ଦଧାମଠାରେ ଗରିମା ପରିବାର ତରଫରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। ବରିଷ୍ଠ ଡାକ୍ତର ଗୋପାଳଚନ୍ଦ୍ର ରାୟ ଯୋଗଦେଇ ପ୍ରାୟ ୫୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଏହି ଶିବିର ମାଧ୍ୟମରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ସମ୍ପର୍କରେ ଚିକିତ୍ସା ପ୍ରଦାନ କରାଯାଇଥିଲା।



ଏହି ଶିବିର ପରିଚାଳନାରେ ଗରିମା ପରିବାରର ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନା, ସମ୍ପାଦକ ଡ. ସରିତା ମଲ୍ଲ, ସଂଯୋଜିକା ସୁମିତା ପଟ୍ଟନାୟକ, ପ୍ରଣତୀ ଜେନା, ରେବତୀ ବାରିକ, ଶଙ୍ଖରିନା ପ୍ରଧାନ, ଶାନ୍ତିଲତା ବାରିକ, ମୀନତି ମୋଦୀ, ଉପଦେଷ୍ଟା ଲୁସି ଦାଶ ଓ ରଶ୍ମିତ ସାହାଣୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ସେହିପରି ରାମକୃଷ୍ଣ ମିଶନ ଆନନ୍ଦଧାମର ପରିଚାରିକା ବବିତା ମଣ୍ଡଳ ଓ ରାହୁଲ ମଣ୍ଡଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ଗୁଣବତ୍ତା ମଣ୍ଡଳୀର ଉଜ୍ଜ୍ୱଳ ପ୍ରଦର୍ଶନ

ରାଉରକେଲା, ୧୪।୭ (ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଗୁଣବତ୍ତା ମଣ୍ଡଳୀଗୁଡ଼ିକ ସେଲ ଭିଲାଇ ଇସ୍ପାତ କାରଖାନାରେ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫଆଇ), ଭିଲାଇ ଚାପ୍ଟର ଦ୍ୱାରା ଆୟୋଜିତ ୧୬ତମ ଚାପ୍ଟରସ୍ତରୀୟ ଗୁଣବତ୍ତା ଧାରଣା ଉପରେ ସମ୍ମିଳନୀରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଆର୍‌ଏସ୍‌ପିର ଛଅଟି ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପୁରସ୍କାର ଜିଣିଥିବା ବେଳେ ଗୋଟିଏ ଦଳ ରୌପ୍ୟ ପୁରସ୍କାର



ଲାଭ କରିଥିଲା। ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ‘ଉତ୍କର୍ଷ’ ଗୁଣବତ୍ତା ମଣ୍ଡଳୀ ଦଳକୁ ଏହି ସମ୍ମିଳନୀରେ ଉପବିଜେତା ଭାବରେ ବିବେଚିତ କରାଯାଇଥିଲା। ପୁରସ୍କାର ଉତ୍ସବରେ ସେଲର ନିର୍ଦ୍ଦେଶକ (କାର୍ମିକ) କେକେ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କ୍ୟୁସିଏଫଆଇ ଭିଲାଇ ଚାପ୍ଟରର ଉପାଧ୍ୟକ୍ଷ ଜିପି ସିଂହ ଏବଂ ସେଲର ବିଭିନ୍ନ ୟୁନିଟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସ୍‌ପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା କାର୍ଯ୍ୟକ୍ରମରେ ଆରଏସପିର ଦଳଗୁଡ଼ିକର ନେତୃତ୍ୱ ନେଇଥିଲେ। କେକେ ସିଂହ ସମ୍ମିଳନୀରେ ଆରଏସପିର ପ୍ରୟାସର ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଅଧିକ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିଥିଲେ। ସ୍ୱର୍ଣ୍ଣପୁରସ୍କାର ଜିଣିଥିବା ଆରଏସପିର ଗୁଣବତ୍ତା ମଣ୍ଡଳୀ ଦଳଗୁଡ଼ିକ ମଧ୍ୟରେ ବ୍ଲାଷ୍ଟ ଫର୍ଣ୍ଣେସର ‘ଉତ୍କର୍ଷ’, ନୂତନ ପ୍ଲେଟ୍ ମିଲର ‘ସମ୍ଭବ’ ଏବଂ ‘ତେଜସ’, ନୂତନ ପ୍ଲେଟ୍ ମିଲର ‘ସୁରକ୍ଷା ପ୍ରହରୀ’, ‘ପ୍ରଗତି’ ଏବଂ ସିଣ୍ଟର ପ୍ଲାଣ୍ଟ-୧ର ‘ସୁରକ୍ଷା ସେତୁ’ ଅନ୍ତର୍ଭୁକ୍ତ ଥିଲା। ଆରଏମ୍‌ଏଚ୍‌ପିର ‘ପିନାକଲ୍’ ରୌପ୍ୟ ପୁରସ୍କାର ହାସଲ କରିଥିଲା। ଉଲ୍ଲେଖନୀୟ ଯେ ସେଲର ସମସ୍ତ ୟୁନିଟ୍ ସମେତ ବିଭିନ୍ନ ସଂଗଠନର ୯୯ଟି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

## ବୋଲ୍‌ବମ୍ ନାରାରେ କମ୍ପିଲା ଘୋଘଡ଼ ଧାମ

# ଭୋଳା ବାବାଙ୍କ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ରାଜଗାଙ୍ଗପୁର, ୧୪।୭ (ସମିସ)



ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଘୋଘଡ଼ ଧାମ ଶୈବପୀଠରେ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିବା ପାଇଁ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ରାଉରକେଲାସ୍ଥିତ ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ଜଳଭାର ନେଇ କାଉଡ଼ିଆମାନେ ଘୋଘଡ଼ ବାବାଙ୍କ ଶୈବ ପୀଠକୁ ପ୍ରାୟ ୨୫ କିଲୋମିଟର ପାଦରେ ଚାଲିଚାଲି ଆସିଥାନ୍ତି। ତେବେ ଭକ୍ତମାନଙ୍କ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଜାଗା ଜାଗା ପ୍ରସାଦ ସେବନ ଓ କୃତ୍ରିମଜଳ ସିଞ୍ଚନ କରିବା ସହିତ କାଉଡ଼ିଆ ଭକ୍ତ ମାନଙ୍କ ସୁବିଧା ପାଇଁ ବିଭିନ୍ନ ସଙ୍ଗଠନ ପାଇଁ ବନ୍ଦୋବସ୍ତ କରାଯାଇଥିଲା। ବାବା ଘୋଘର୍ ବାବାଙ୍କ ପୂଜା ନୀତିକାନ୍ତି ପରେ ରାତି ୧.୩୦ରେ ଦ୍ୱାର ଖୋଲା ଯାଇଥିଲା। ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ଆସିଥିବା ଭକ୍ତମାନଙ୍କ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ରାଜଗାଙ୍ଗପୁର ବ୍ଲକ ପାହାଡ ଉପରେ ସ୍ଥିତ ବାବା ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ମଧ୍ୟ ଶତାଧିକ ଭକ୍ତ ବାବା ଭୋଳା ନାଥଙ୍କୁ ଜଳାଭିଷେକ କରିଥିଲେ। କମିଟି ପକ୍ଷରୁ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ରାଜଗାଙ୍ଗପୁର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ହୋଟେଲ ଓ ଲଜ୍ ପାଇଁ ବଢୁଛି ୫ଟି ନଦୀର ଜଳ ପ୍ରଦୂଷଣ

# ଏଫ୍ଲ୍ୟୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବିନା ଚାଲିଛି ବେପାର



ବାରିପଦା, ୧୪।୭ (ସମିସ)

ମୟୂରଭଞ୍ଜ ଜିଲ୍ଲାର ୪ଟି ସହର ସଂଲଗ୍ନ ପ୍ରବାହିତ ନଦୀରେ ଦିନକୁ ଦିନ ଜଳ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ବାରିପଦା, ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ସହର ସଂଲଗ୍ନ ବୁଢାବଳଙ୍ଗ, ଖଡଖାଇ, ସୋନ ଏବଂ ଦେଓ ଓ ବୈତରଣୀ ନଦୀଜଳ ବର୍ତ୍ତମାନ ବିଷାକ୍ତ। ଗୋଟିଏ ପଟେ ବର୍ଷା ଅଭାବ ଜନିତ ନଦୀରେ ପାଣି କମ୍ ରହୁଥିବା ବେଳେ ଉପରୋକ୍ତ ସହରର ଡ୍ରେନେର ଦୂଷିତ ଜଳ ଏହିସବୁ ନଦୀରେ ପଡୁଥିବାରୁ ବିଷାକ୍ତ ପାଲଟୁଛି। ଫଳରେ ନଦୀରେ ମାଛ ଓ ଜଳଚର ଜୀବ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ପାଣି ବ୍ୟବହାର କରି ମଣିଷ ଓ ଜୀବଜନ୍ତୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ୪ଟି ସହରର ହୋଟେଲ ଓ ଲଜ୍‌ଗୁଡିକରୁ ମଧ୍ୟ ବାହାରୁଥିବା ଦୂଷିତ ପାଣିକୁ ବିଶୋଧନ କରାନଯାଇ ଡ୍ରେନରେ ଛଡାଯାଉଛି। ଫଳରେ ଝରଣା ଓ ନଦର ଜଳ ପ୍ରଦୂଷଣ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ହୋଟେଲ ଓ ଲଜ୍ ଚଳାଇବା ପାଇଁ ସରକାରୀ ନିୟମ ଅନୁସାରେ ଜଳବାୟୁ ପ୍ରଦୂଷଣ ବୋର୍ଡ ନିକଟରୁ ପରିଚାଳନା ସମ୍ମତିପତ୍ର ସିଟିଓ ବା 'କନସେଣ୍ଟ ଟୁ ଅପରେଟ' ଆଣିବାର ନିୟମ ରହିଛି ; କିନ୍ତୁ ଜିଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏ ନେଇ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୌଣସି ତଦାରଖ କରାଯାଉନାହିଁ। ଫଳରେ ଏହିସବୁ ସହରରେ ଥିବା ହୋଟେଲ ଏବଂ ଲଜଗୁଡିକ ବିନା ସିଟିଓରେ ଚାଲିଛି। ବାରିପଦା ଓ ରାଇରଙ୍ଗପୁର ପୌରପରିଷଦ ଏବଂ କରଞ୍ଜିଆ ଓ ଉଦଳା ଏନଏସି ଅଞ୍ଚଳରେ ଶତାଧିକ ହୋଟେଲ ଓ ଲଜ୍ ଖୋଲାଯାଇଛି। ମାତ୍ର ଅନୁମତିପତ୍ର କିମ୍ବା ସୁରକ୍ଷା ବ୍ୟବସ୍ଥା କରାନଯାଇ ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ବାରିପଦା ସହରରେ ଥିବା ହୋଟେଲ ଓ ଲଜ୍ ମଧ୍ୟରୁ ମାତ୍ର ଦୁଇଟି ସଂସ୍ଥା ଅନୁମତିପତ୍ର ପାଇଥିବା ନେଇ ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ହୋଟେଲ ୧୦ ବର୍ଷ ପାଇଁ ସିଟିଓ ନେଇଥିବା ବେଳେ ଅନ୍ୟ ଏକ ହୋଟେଲକୁ ୫ ବର୍ଷ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି। ଅବଶିଷ୍ଟ ବେଆଇନଭାବେ ଚାଲିଛି। ସେହିପରି ହୋଟେଲ ଏବଂ ଲଜ୍‌ର ବର୍ଜ୍ୟଜଳ ବିଶୋଧନ କରି ଡ୍ରେନରେ ଛାଡିବାର ନିୟମ ରହିଥିଲେ ମଧ୍ୟ ତାହା ସିଧାସଳଖ ଡ୍ରେନରେ ଯାଉଥିବାରୁ ପରିବେଶ ଦୂଷିତ ସାଙ୍ଗକୁ ଜଳ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଫଳରେ ଦୂଷିତ ଜଳ ଜରାଳୀ, ସରାଳୀ ନଦୀ ଦେଇ ବୁଢାବଳଙ୍ଗ ନଦୀରେ ମିଶୁଛି। ସେହିପରି କିଛି ହୋଟେଲ ଏବଂ ଲଜର ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନ କରି ଡ୍ରେନରେ ଛାଡୁଛନ୍ତି। 'ଏଫ୍ଲ୍ୟୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ' ମାଧ୍ୟମରେ ସଫା କରି ଡ୍ରେନରେ ଛଡାଯିବାର ନିୟମ ରହିଛି। ମାତ୍ର ତାହା କରାନଯାଇ ସିଧାସଳଖ ଡ୍ରେନରେ ଛଡାଯାଉଛି। ତେଣୁ ହୋଟେଲ ଓ ଲଜ ଗୁଡିକ ଚିହ୍ନଟ କରାଯାଇ ପ୍ରଦୂଷଣର ମାତ୍ରା ଅନୁସାରେ ତିନି ପ୍ରକାର ଯଥା-ରେଡ, ଅରେଞ୍ଜ ଓ ଗ୍ରୀନ ଆକାରରେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ମାତ୍ର ଏସବୁ ନିୟମକୁ ଫୁ କରି ମାଲିକମାନେ ମନଇଚ୍ଛା କାରବାର ଚଳାଇ ଆସୁଛନ୍ତି। ହୋଟେଲ ଓ ଲଜ୍‌ର ଭିତ୍ତିଭୂମି ତଦାରଖ କରା ନ ଯାଇ କେମିତି ଅନୁମତିପତ୍ର ଦିଆଯାଉଛି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ପାର୍କିଂ ବ୍ୟବସ୍ଥା ନ ଥିବା ବେଳେ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ଉଲ୍ଲଂଘନ କରି ହୋଟେଲ ଓ ଲଜ୍ ଚାଲିଛି। ଗ୍ରାହକଙ୍କ ପାଖରୁ ବିଲରେ ଜିଏସଟି ସହିତ ସମସ୍ତ ଟ୍ୟାକ୍ସ ମିଶାଇ ଟଙ୍କା ନେଉଥିବା ବେଳେ ହୋଟେଲ ଓ ଲଜର ଖାଦ୍ୟ, ପାନୀୟ ଜଳର ମାନ ଯାଞ୍ଚ ଓ ଗ୍ରାହକଙ୍କ ଆବଶ୍ୟକ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉନାହିଁ। ତେଣୁ ଏପରି ହୋଟେଲ ଓ ଲଜ୍‌ଗୁଡିକରେ ସଠିକ ଯାଞ୍ଚ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହିସବୁ ହୋଟେଲ ଓ ଲଜ୍‌ର ତଦନ୍ତ କରାଗଲେ ପ୍ରଦୂଷଣରେ ରୋକ ଓ ବେଆଇନ ବ୍ୟବସାୟରେ ଅଙ୍କୁଶ ଲାଗିପାରିବ ବୋଲି ଲୋକେ ଆଶା ପ୍ରକଟ କରିଛନ୍ତି।

## ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



**ପିଙ୍ଗୁ, ୧୪।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପୁଲିସ ପକ୍ଷରୁ କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଭୋଲାନାଥ ସଂସ୍କୃତ ବିଦ୍ୟାଳୟ ପରିସରରେ ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ମଧୁସୁଦନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ ଯୋଗଦେଇ ଶିଶୁ ଓ ମହିଳାଙ୍କୁ ନିଜର ଶକ୍ତି ସାମର୍ଥ୍ୟ ଅନୁଯାୟୀ ପ୍ରତିରକ୍ଷା ନିମନ୍ତେ ଆତ୍ମସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ଥାନା ଅଧିକାରୀ ବବିତାରାଣୀ ପୁହାଣ, ସବ୍‌ଇନ୍ସପେକ୍ଟର ରୀତାଞ୍ଜଳି ଦାସ, ଆଇସିଡ଼ିଏସର ସୁପରଭାଇଜର ଶକୁନ୍ତଳା ଦାସ, ଶିଶୁବିକାଶ କର୍ମୀ ଆଶିଷ କୁମାର ଲେଙ୍କା, ସାମ୍ବାଦିକ ଅନାଦି ସାହୁ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ନିମନ୍ତେ ବିଭିନ୍ନ ସରକାରୀ ଯୋଯନା ଏବଂ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ଶିଶୁ ଶ୍ରମିକ ନିଶେଷ ଆଇନ, ବାଲ୍ୟବିବାହ ନିଶେଧ ଆଇ, ପୋକସ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆମ ଝିଅ, ଆମ ସ୍ୱାଭିମାନ ତଥା ସୁରକ୍ଷା ଓ ସଚେତନତା ପାଇଁ ପ୍ରଶାସନ ଓ ପୋଲିସ ସର୍ବଦା ତତ୍ପର ସେଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନୁଦଡ଼ିହା କନେଷ୍ଟବଳ ସହଯୋଗ କରିଥିଲେ।

## ଏମ୍‌ସିଏମ୍‌ରେ ବନ ମହୋତ୍ସବ ସପ୍ତାହ




**ବାରିପଦା, ୧୪।୭ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ସୋମବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ବହୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଆଜିର ଜଳବାୟୁ ପରିବର୍ତ୍ତନ, କଂକ୍ରିଟ ଜଙ୍ଗଲ ସୃଷ୍ଟି ପରିବେଶ ତଥା ଯିବ ଜଗତ ପ୍ରତି ଏକ ମହା ବିପଦ ଭାବେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରୁ ରକ୍ଷା ପାଇବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ ଆବଶ୍ୟକ ବୋଲି ସେ କହିଥିଲେ। ଅଧ୍ୟାପିକା ଦେବାଶ୍ରିତା ବିଶ୍ୱାଳ, ତୃପ୍ତି ଦାସ, ଅଭିପ୍ସା ନାୟକ, ଲକ୍ଷ୍ମୀ ଚାପିଆର, ପ୍ରତିଭା ଦାସ ସବିତାରାଣୀ ଦାଶ, ପୂଜା ଶତପଥି, ସସ୍ମିତା ସି, ଅଧ୍ୟାପକ ସତ୍ୟନାରାୟଣ ଦାସ, ଅଭିଜିତ ପଟ୍ଟନାୟକ, ଡ଼ ଠାକୁରା ମାରାଣ୍ଡି ଓ ସିରାମ ଟୁଡୁ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ସୁଜାତା ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାୟବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚାରାରୋପଣ କରାଯାଇଥିଲା।

## ପିଆର୍‌ଏମ୍‌ରେ ରକ୍ତଦାନ ଶିବିର; ୧୫୦ ୟୁନିଟ୍ ସଂଗୃହୀତ



**ବାରିପଦା, ୧୪।୭ (ସମିସ):** ପିଆରଏମ ମେଡିକାଲ କଲେଜ ପ୍ରାଙ୍ଗଣରେ ସୋମବାର ଜାତୀୟଡାକ୍ତର ଦିବସ ପାଳନ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମେଡିକାଲ କଲେଜ ପରିସରରେ ଆଇଏମଏ ମୟୂରଭଞ୍ଜ ଏବଂ ପିଆରଏମ ଛାତ୍ରସଂଘ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର୍ ଡା ପ୍ରତିଭା ପଣ୍ଡା ଏବଂ ଆଇଏମଏ ମୟୂରଭଞ୍ଜର ସଭାପତି ଡା ଶ୍ୟାମସୁନ୍ଦର ଖଣ୍ଡେଲୱାଲ୍ ଉଦଘାଟନ କରିଥିଲେ। ବାରିପଦା ରକ୍ତକେନ୍ଦ୍ର ଅଧିକାରୀ ଡା ସୌମ୍ୟରଞ୍ଜନ ନାୟକ ଏବଂ କିମ୍ସ ମେଡିକାଲ କଲେଜର ଡା ଆଶୀର୍ବାଦ ଶର୍ମା ପ୍ରଥମେ ରକ୍ତଦାନ କରି ଶିବିର ଶୁଭାରମ୍ଭ କରିଥିଲେ। ଶିଶୁ ବିଭାଗର ସହକାରୀ ପ୍ରଫେସର ଡା ଶ୍ୱେତପଦ୍ମା ବିଶ୍ୱାଳ ମଧ୍ୟ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା କୈଳାଶ ଚନ୍ଦ୍ର ମହାନ୍ତି, ଡା ବିଶ୍ୱନାଥ ଦାସ, ଡା ଥିଟା ମହାନ୍ତି, ଡା ବୁଦ୍ଧିଆ ମାଝୀ, ଡା ରଞ୍ଜୁଲତା ମହାନ୍ତି ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପିଆରଏମ ଷ୍ଟୁଡେଣ୍ଟ୍ ୟୁନିୟନର ସାଧାରଣ ସମ୍ପାଦକ ସତ୍ୟସୁନ୍ଦର୍ ସେଠୀ ଏବଂ ଡାକ୍ତରୀ ଛାତ୍ରଛାତ୍ରୀମାନେ ଶିବିରରେ ସହଯୋଗ କରିଥିଲେ। ଶିବିରରୁ ୧୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

**ବେତନଟୀ, ୧୪।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ମୁଖ୍ୟ ବଜାର ନିକଟ ଧର୍ମଶାଳା ସମ୍ମୁଖରେ ଥିବା କମଳା ପରିଡ଼ାଙ୍କ ଘରୁ ତାଙ୍କ ପୁଅର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରି ବ୍ୟବଚ୍ଛେଦ ପାଇଁ ବେତନଟୀ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁଯାୟୀ, ବିଶ୍ୱଜିତ ପରିଡ଼ା ରବିବାର ରାତିରେ ଘରକୁ ଫେରି ଶୋଇଥିଲେ। ସୋମବାର ସକାଳେ ସେ ଦୀର୍ଘ ସମୟ ଧରି ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। କିନ୍ତୁ ବିଶ୍ୱଜିତ କବାଟ ଖୋଲିନଥିଲେ କି କୌଣସି ଉତ୍ତର ଦେଇନଥିଲେ। ପରେ କବାଟ ଭାଙ୍ଗି ଦେଖିଲା ବେଳକୁ ବିଶ୍ୱଜିତଙ୍କ ମୃତଦେହ ଝୁଲି ରହିଥିଲା। ପରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବେତନଟୀ ଡାକ୍ତରଖାନାକୁ ପଠାଇଛି। ତେବେ ପ୍ରେମ ବ୍ୟାପାର ଯୋଗୁଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଗୃହ ନିର୍ମାଣ ସମବାୟ ସମିତି ପରିଚାଳନା ପରିଷଦର ବୈଠକ



**ବାରିପଦା, ୧୪।୭ (ସମିସ):** ବାରିପଦା ଗୃହ ନିର୍ମାଣ ସମବାୟ ସମିତି ଲି.ର ସଭାପତି ବୀରେନ୍ଦ୍ର ନାଥ ବଶାଙ୍କ ଅଧ୍ୟକ୍ଷତାରେ ପରିଚାଳନା ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଆରସିଏସ ଅଶୋକ କୁମାର ପାଣି ଓ ଏଆରସିଏସ ତୁଷାରକାନ୍ତି ମହାନ୍ତି ଯୋଗଦେଇ କର୍ମକର୍ତ୍ତା ଓ ସଭ୍ୟଙ୍କ ସହିତ ସମିତିର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଭ୍ୟମାନେ ପରିଷଦର ଭବିଷ୍ୟତ କାର୍ଯ୍ୟ ଖସଡା ସମ୍ପର୍କରେ ସମସ୍ତେ ମତ ପ୍ରଦାନ କରିଥିଲେ। ଆଗକୁ ପରିଷଦ ଅଧିକରୁ ଅଧିକ ରାଜସ୍ୱ ବୃଦ୍ଧି ସମ୍ପର୍କରେ ସମସ୍ତେ ପ୍ରସ୍ତାବ ଦେଇଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଉଣୀହନ୍ତାକୁ ୫ ବର୍ଷ କାରାଦଣ୍ଡାଦେଶ

**ବାରିପଦା, ୧୪।୭ (ସମିସ):** ଏକ ଜମିଜମା ଘଟଣାକୁ ନେଇ ଭଉଣୀ ହତ୍ୟାକାଣ୍ଡ ଘଟଣାର ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) କୋର୍ଟରେ ସୋମବାର ମାମଲାର ରାୟ ପ୍ରକାଶ କରିଛନ୍ତି। ବିଚାରପତି ସତ୍ୟନାରାୟଣ ପାତ୍ର ଏହାର ବିଚାର କରି ଅଭିଯୁକ୍ତ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷର କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୨୦ହଜାର ଟଙ୍କାର ଜୋରିମାନା ଅନାଦେୟ ଅଧିକ ୧ମାସର କାରାଦଣ୍ଡ ଭୋଗିବାକୁ ଉଲ୍ଲେଖ କରିଛନ୍ତି। ଏହାସହିତ ତାଙ୍କ ପତ୍ନୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆସାମୀ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବ୍ରାହ୍ମଣ ଗାଁର ବୁଢ଼ାନ ହେମ୍ବ୍ରମ (୪୫)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ବୁଢ଼ାନଙ୍କ ଭଉଣୀ ଜବା ବାସ୍କେ ନିଜ ଗ୍ରାମର ଶ୍ୟାମ ବାସ୍କେକୁ ବିବାହ କରିଥିଲେ। ତେବେ ଗତ ୧୨ବର୍ଷ ପୂର୍ବେ ଶ୍ୟାମ ବାସ୍କେଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ପୁତ୍ରକୁ ନେଇ ଜବା ବାସ୍କେ ବସବାସ କରୁଥିଲେ। ମାତ୍ର ଜମିଜମା ମାମଲାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଘଟଣାର କିଛି ଦିନ ପୂର୍ବରୁ ଜବା ତାଙ୍କ ବାପ ଘରକୁ ଆସିଥିଲେ। ଜବାଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଗଛ କାଟି ନେବାକୁ ନେଇ ଗାଁରେ ବୈଠକ ବସିଥିଲା। ଏଥିରେ ଅଭିଯୁକ୍ତ ଦମ୍ପତି ଉପସ୍ଥିତ ଥିଲେ। ବୈଠକ ସରିବା ପରେ ବୁଢ଼ାନଙ୍କ ସାନଝିଅ ଜବା ସହିତ ବୁଲୁଥିବାର ଦେଖି ବୁଢ଼ାନ ଅସନ୍ତୋଷ ପ୍ରକାଶ କରିଥିଲା। ଘଟଣାକୁ ନେଇ ଜବା ଏକ ଗାମୁଛାରେ ଛେପ ପକାଇ ଦମ୍ପତିଙ୍କ ଉପରକୁ ଫୋପାଡ଼ି ଦେଇଥିଲା। ଏହାର କିଛି ସମୟ ପରେ ବୁଢ଼ାନ ଓ ତାଙ୍କ ପତ୍ନୀ ମିଶି ଜବାକୁ ଠେଙ୍ଗାରେ ପିଟିଥିଲେ। ଫଳରେ ସେ ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲକୁ ନେବା ବାଟରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ୨୨.୩.୨୦୨୩ରେ ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଏଥିସହିତ ପୀଡିତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ସରକାରୀ ଆଇନଜୀବୀ ଏପିପି କୃଷ୍ଣଚନ୍ଦ୍ର ଦାସ ମାମଲାକୁ ପରିଚାଳନା କରୁଥିଲେ।

## ମା' କୀଚକେଶ୍ୱରୀଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼

**ଖିଚିଂ, ୧୪।୭ (ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ଖିଚିଂ ବୌଦ୍ଧ, ଜୈନ, ବୈଷ୍ଣବ, ଶାକ୍ତ, ଶୈବାଦି ମତର ଏକ ପ୍ରମୁଖ ସମନ୍ୱୟ ପୀଠ ରୂପେ ସୁପରିଚିତ। ହିନ୍ଦୁଧର୍ମରେ ଶ୍ରାବଣ ମାସରେ ମହାଦେବଙ୍କୁ ଜଳାଭିଷେକ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଶ୍ରାବଣର ପ୍ରଥମ ସୋମବାର ଅବସରରେ ହଜାର ହଜାର କାଉଡିଆ ଓଁ ନମଃ ଶିବାୟ, ବୋଲବୋମ ହର ହର ବୋମ ମନ୍ତ୍ର ଉଚ୍ଚାରଣ କରି ମା' କୀଚକେଶ୍ୱରୀଙ୍କ ପୀଠରେ ଥିବା ନୀଳକଣ୍ଠେଶ୍ୱର ଓ କୁଟାଇତୁଣ୍ଡି ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଦୂରଦୂରାନ୍ତ ସ୍ଥାନରୁ ଆସିଥିବା ବିଭିନ୍ନ ବର୍ଗର ଶ୍ରଦ୍ଧାଳୁଙ୍କ ସମାଗମରେ ଖିଚିଂ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।



## ଫକୀର ମୋହନ ମହାବିଦ୍ୟାଳୟ ଘଟଣାକୁ ନେଇ ଦାବିପତ୍ର

# ଛାତ୍ରୀଙ୍କ ଆରୋଗ୍ୟ କାମନା କରି ସମୂହ ଦୀପଦାନ




**ବାରିପଦା, ୧୪।୭ (ସମିସ):** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମିଳିତ ଭାବେ ସମୂହ ଦୀପଦାନ କରିଥିଲେ। ଏହାସହିତ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପିଡିତାକୁ ନ୍ୟାୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀ ଏପରି ଘଟଣାକୁ ତୀବ୍ର ବିରୋଧ କରିଛନ୍ତି। ପୀଡିତା ଛାତ୍ରୀ ଜଣକ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଫଳରେ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ପରେ ଏନେଇ ଏମପିସି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗକୁ ଏହା ଛାତ୍ର ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି ଛାତ୍ରଛାତ୍ରୀ।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଜେଏମ୍‌ଏମ୍ ଛାତ୍ର ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, ୧୪।୭ (ସମିସ)



ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜ ଛାତ୍ର ଶାଖା ତରଫରୁ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାକୁ ଛାତ୍ର ଶାଖା ଦୃଢ଼ ନିନ୍ଦା କରିବା ସହିତ ସରକାର ଛାତ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ସେ ଆତ୍ମହତ୍ୟା କରିବା ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋରରୁ କଠୋର ଦଣ୍ଡବିଧାନ ହେଲେ, ଆଗକୁ ଏଭଳି ଘଟଣା ଘଟାଇବାକୁ କେହି ସାହସ କରିବେ ନାହିଁ ବୋଲି ଛାତ୍ର ନେତାମାନେ ଦାବି ରଖିଛନ୍ତି। ମୟୂରଭଞ୍ଜରେ ବିଭିନ୍ନ ମହାବିଦ୍ୟାଳୟରେ ଏଭଳି ଘଟଣାର ବହୁତ ନଜିର ଅଛି ଏବଂ ଭବିଷ୍ୟତର ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ଝାମୁମୋ ଛାତ୍ର ଶାଖ ଦାବି ରଖିଛି। ଉକ୍ତ କାର୍ଯ୍ୟକ୍ରମରେ ପାର୍ବତୀ କିସ୍କୁ, ସୁଭାଷିନୀ ସୋରେନ, ଗୀତା ମୁର୍ମୁ, ଅମିତା ନାଏକ, ଅଭିଷେକ ଦଣ୍ଡପାଟ, ରାଜୁ ସିଂ ଓ ଏସ କେ ଫାଇଜାନ ପ୍ରମୁଖ ଉପସ୍ଥିତ ଥିଲେ।

● ସ୍କୁଲରେ ତାଲା ଝୁଲିବା ଘଟଣା

## ବିଇଓଙ୍କ ସହ ଆଲୋଚନା ପରେ ଖୋଲିଲା ଗେଟ୍



**ଛତ୍ରପୁର,୧୪।୭(ସମିସ):** ଶିକ୍ଷକ କେ.କୁର୍ମା ରାଓଙ୍କ ବଦଳି ବାତିଲ କରିବା ଦାବି ନେଇ ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ସୋମବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଥିଲା। ଖବର ପାଇ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ସିଆର୍‌ସିଏସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। କିନ୍ତୁ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏପରିକି ଘଟଣାସ୍ଥଳରେ ଯେଉଁ ଶିକ୍ଷକ ପାଇଁ ଆନ୍ଦୋଳନ କରାଯାଉଥିଲା ଉକ୍ତ ଶିକ୍ଷକ ପହଞ୍ଚି ଲୋକଙ୍କୁ ହାତ ଯୋଡ଼ି ଅନୁରୋଧ କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ସେମାନେ ଗୋଟିଏ ସର୍ତ୍ତରେ ତାଲା ଖୋଲିବେ ବୋଲି କହିଥିଲେ। ଆସନ୍ତା ୧୪ ତାରିଖ ମଧ୍ୟରେ ଏହି ସ୍କୁଲ ପାଇଁ ଗୋଟିଏ ପୁରୁଷ ଶିକ୍ଷକ ଆବଶ୍ୟକ, ଯେହେତୁ ୫ରୁ ୫ ଜଣ ମହିଳା ରହିଥିବାରୁ ଜଣେ ପୁରୁଷ ଶିକ୍ଷକ ଆବଶ୍ୟକ ବୋଲି କହିଥିଲେ। ନଚେତ ପୁଣି ୧୫ରେ ତାଲା ଝୁଲିବ ନହେଲେ ସବୁ ଛାତ୍ରଛାତ୍ରୀ ଟିସି ନେଇଯିବେ ବୋଲି ଅଭିଭାବକ କହିଥିଲେ। କୁର୍ମା ସାରଙ୍କ ପାଇଁ ଅନ୍ୟ ବେସରକାରୀ ସ୍କୁଲରୁ ଛାତ୍ରଛାତ୍ରୀ ବାହାରି ଏହି ସ୍କୁଲରେ ନାମ ଲେଖାଇଥିଲେ। ଯଦି ଏହି ଶିକ୍ଷକ ନରହିବେ ତେବେ ଛାତ୍ରଛାତ୍ରୀଙ୍କ ପଢ଼ାରେ ବହୁ ଅସୁବିଧା ହେବ ବୋଲି କହିଥିଲେ। ପରେ ଦୀର୍ଘ ୧ ଘଣ୍ଟା ଆଲୋଚନା ପରେ ସ୍କୁଲ ତାଲା ଖୋଲାଯିବା ସହ ପାଠପଢ଼ା ଆରମ୍ଭ ହୋଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚମାଖଣ୍ଡି ପୁଲିସ ମୁତୟନ ରହିଥିଲେ।

ଶିକ୍ଷକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ

# ସ୍କୁଲରେ ତାଲା ପକାଇଲେ ଅଭିଭାବକ



**ବେଲଗୁଣ୍ଠା,୧୪।୭(ସମିସ):** ବେଲଗୁଣ୍ଠା ବ୍ଲକ ବିଞ୍ଝଣା ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏ ନେଇ ପ୍ରଶାସନଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ସ୍କୁଲ ଫାଟକରେ ତାଲା ପକାଇବା ସହ ସ୍କୁଲ ଆଗରେ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପିଲା ଅଧ୍ୟୟନ କରୁଛନ୍ତି। ୯୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ପାଞ୍ଚ ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ ସେଥିମଧ୍ୟରୁ ଦୁଇଜଣ ଶିକ୍ଷକଙ୍କ ବଦଳି ହୋଇଯାଇଥିବା ବେଳେ ଏବେ ମାତ୍ର ତିନି ଜଣ ଶିକ୍ଷକ ରହିଛନ୍ତି। କିଛି ଦିନ ହେଲା ପ୍ରଧାନ ଶିକ୍ଷୟତ୍ରୀ ଛୁଟିରେ ଯାଇଥିବାରୁ ଦୁଇ ଜଣ ଶିକ୍ଷକରେ ପାଠ ପଢା ସମ୍ଭବ ହେଉନାହିଁ। ଯାହାକୁ ବାରମ୍ବାର ଅଭିଭାବକ ଓ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ଦାବି କରି ଆସୁଥିଲେ ମଧ୍ୟ ବ୍ଲକ୍ ଶିକ୍ଷା ଅଧିକାରୀ ସମସ୍ୟାର ସମାଧାନ କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ବିଦ୍ୟାଳୟରେ ତାଲା ପକାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ସହ ଆଲୋଚନା କରି ଦଶ ଦିନ ଭିତରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ବନ୍ଦ ହୋଇଥିଲା।

ଠିକାଦାରଙ୍କ ଅଜବ ନୀତି

## ବିଲ୍ ନ ହେବାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା

**ସାନଖେମୁଣ୍ଡି,୧୪।୭(ସମିସ):** ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ସଦ୍ୟ ନିର୍ମାଣ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରର ବିଲ୍ ନ ହେବାରୁ ତାଲା ପକାଇ ଦେଇଛନ୍ତି ଠିକାଦାର। ଦିନେ କି ଦୁଇ ଦିନ ନୁହଁ ଦୀର୍ଘ ୧୨ ଦିନ ଧରି ତାଲା ପଡିଛି। ସୂଚନା ମୁତାବକ ସିଙ୍ଗିପୁର ପଞ୍ଚାୟତ ଖଜୁରିପଦା ଗ୍ରାମରେ ବହୁଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇଥିଲେ ମଧ୍ୟ ହସ୍ତାନ୍ତର ହୋଇନଥିଲା।

ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ୨୦୨୫ ମାର୍ଚ୍ଚ ମାସ ୬ ତାରିଖରେ ଏହା ଅଙ୍ଗନବାଡ଼ି କର୍ମୀଙ୍କୁ ହସ୍ତାନ୍ତର ହୋଇଥିଲା। ସେଠାରେ ଅଙ୍ଗନବାଡ଼ି କର୍ମୀ ୩୦ ଜଣ ଶିଶୁଙ୍କୁ ଶିକ୍ଷାଦାନ କରୁଥିଲେ। କିନ୍ତୁ ଉକ୍ତ କେନ୍ଦ୍ରଟିର କିଛି ଟଙ୍କା ବିଲ୍ ହୋଇନଥିବା ହେତୁ ଆଜକୁ ପ୍ରାୟ ୨ ମାସ ପୂର୍ବେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର



ରେ ତାଲା ପକାଇ ଦେଇଥିଲେ ସମ୍ପୃକ୍ତ ଠିକାଦାର। ହେଲେ ବୁଝାସୁଝା କରିବା ପରେ ତାଲା ଖୋଲିଥିଲେ। କିନ୍ତୁ ଠିକାଦାର ଜଣଙ୍କ ବିଲ ହୋଇନଥିବା ହେତୁ ଜୁଲାଇ ୨ ତାରିଖରେ ପୁର୍ନବାର ସେହି କେନ୍ଦ୍ରରେ ତାଲା ପକାଇଥିଲେ। ସେହି ଦିନ ଠାରୁ ସେଠାକାର କର୍ମୀ ଜଣଙ୍କ ନିକଟରେ ଥିବା ଅନ୍ୟ ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ମାନଙ୍କୁ ନେଇ ପାଠ ପଢ଼ାଉଛନ୍ତି। ଏନେଇ କର୍ମୀ ଜଣଙ୍କ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ମାନଙ୍କ ଚାଉଳ, ଡାଲି, ଅଣ୍ଡା ଥିଲେ ମଧ୍ୟ ତାଲା ଖୋଲାଯାଇ ପାରିନାହିଁ। ଏନେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭବାନୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ କି ବିଲ୍ ହୋଇନାହିଁ ବୋଲି ଠିକାଦାର ଜଣଙ୍କ ତାଲା ପକାଇ ଦେଇଛନ୍ତି ଏନେଇ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛୁ ଖୁବ୍‌ଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ରରୁ ତାଲା ଖୋଲାଯିବ।

● ଜଳୁନି ଷ୍ଟ୍ରିଟ୍‌ଲାଇଟ୍

## ଅନ୍ଧାରରେ ବୋଲବମ୍ ଯାତ୍ରୀ ହନ୍ତସନ୍ତ

**କୁକୁଡ଼ାଖଣ୍ଡି,୧୪।୭(ସମିସ):** ଆରମ୍ଭ ହୋଇଛି ଶ୍ରାବଣର ବୋଲବମ୍ ଯାତ୍ରା। ଏଥିପାଇଁ ବିଭିନ୍ନ ନଦୀ ମୁହାଣରେ କାଉଡ଼ିଆଙ୍କ ଭିଡ଼ ଦେଖାଦେଇଛି। ବ୍ରହ୍ମପୁର ସହର ଉପକଣ୍ଠ ଲାଠୀ ଗାଁରେ ମହୁରୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରହ୍ମେଶ୍ୱର ମନ୍ଦିର ରହିଛି। ସେହିପରି ଗାଁ ଦେଇ ପ୍ରବାହିତ ହୋଇଥିବା ସାପୁଆ ନଦୀର ଉତ୍ତରବାଙ୍କରୁ ଜଳଧାରଣ କରିବା ଲାଗି କାଉଡିଆ ମାନେ ପ୍ରତିବର୍ଷ ଏଠାକୁ ଆସିଥାନ୍ତି। ସବୁବର୍ଷ ବ୍ରହ୍ମପୁର-ଟାମଣା ରାସ୍ତାରେ ପଡୁଥିବା ସାପୁଆ ନଦୀର ଉତ୍ତରବାଙ୍କ ପର୍ଯ୍ୟନ୍ତ ଦୁଇପାଶ୍ୱର୍ ସଫା କରାଯିବା ସହ ଲାଇଟ୍ ଲଗାଯାଉଥିଲା। ହେଲେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଶ୍ରାବଣର ପ୍ରଥମ ସୋମବାର ହେତୁ ରବିବାର ସନ୍ଧ୍ୟାରୁ ସୋମବାର ସକାଳ ପର୍ଯ୍ୟନ୍ତ କାଉଡିଆ ମାନେ ଆସିଥିଲେ। ହେଲେ ଗାଁର କୁମ୍ଭାର ସାହି ଛକରୁ ସାପୁଆ ନଦୀ ପର୍ଯ୍ୟନ୍ତ ଥିବା ବିଦ୍ୟୁତ ଖୁଣ୍ଟ ମାନଙ୍କରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିଲା। ଫଳରେ ବୋଲବମ୍ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାତିର ଅନ୍ଧକାରରେ ଗାଁ ରାସ୍ତାରେ ଯିବା ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲା। ସେହିପରି ଗାଁ ସାରା ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାବେଳେ ସାପୁଆ ନଦୀ ରାସ୍ତାର ଲାଇଟ୍ ନ ଜଳିବା ପଞ୍ଚାୟତ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ ଏଠାରେ କାଉଡିଆ ମାନେ ଭିଡ଼ ଜମାଇ ଜଳ ଧାରଣ କରିବା କଥା ପଞ୍ଚାୟତ ପ୍ରଶାସନ ଜାଣିଥିଲେ ସୁଦ୍ଧା ଚଳିତ ବର୍ଷ କୌଣସି ପଦକ୍ଷେପ ନିଆଯାଇନି। ଏନେଇ ଖବର ନେବାରୁ ଜଣାପଡ଼ିଥିଲା ଯେ, ନଦୀ ପାଖରେ ଥିବା ଅସ୍ଥାୟୀ ଦୋକାନୀ ମାନଙ୍କ ଠାରୁ ଚାନ୍ଦା ଆଦାୟ କରି ସବୁବର୍ଷ ଲାଇଟ୍ ଲଗାଯିବା ସହ ବୋଲବମ୍ ଯାତ୍ରୀଙ୍କ ସୁବିଧା ଲାଗି ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଥିଲା। ଚଳିତବର୍ଷ ମଧ୍ୟ ହୋଇଛି। ହେଲେ ଯାତ୍ରୀଙ୍କ ଲାଗି କୌଣସି ବ୍ୟବସ୍ଥା କରାଯାଇନି। ତେଣୁ ପଞ୍ଚାୟତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ

**ବେଲଗୁଣ୍ଠା,୧୪।୭(ସମିସ):** ଗତ ୪ ତାରିଖରେ ବେଲଗୁଣ୍ଠା ବ୍ଲକ ବଡ଼ବୋର୍ସିଂ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ମହିଳା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସେହି ଗାଁର ଧୋବଣୀ ସ୍ୱାଇଁ। ଘଟଣା ଦିନ ସେ କୌଣସି କାମରେ ବଡ଼ବୋର୍ସିଂ ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍‌କୁ ଯାଇଥିଲେ। ସେଠାରୁ କାମ ସାରି ଫେରିବା ବେଳେ ସୋରଡା ପଟୁ ଏକ ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଏକ ଘରୋଇ ହସ୍ପିଟାଲ୍‌କୁ ଧୋବଣୀଙ୍କୁ ନିଆଯାଇଥିଲା ଓ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଥିଲା। ଏନେଇ ଗାଙ୍ଗପୁର ଥାନାରେ ୪୪୪/୨୫ରେ ଏକ ମାମଲା ରୁଜୁକରି ଏଏସ୍‌ଆଇ ପି କେ ଗାଣ୍ଟା ଘଟଣାର ତଦନ୍ତ କରୁଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ବଜ୍ରପାତରେ କୃଷକ ମୃତ

**ଶେରଗଡ଼,୧୪।୭(ସମିସ):** ଶେରଗଡ଼ ବ୍ଲକ୍ ମହୁପଦର ଗାଁରେ ରବିବାର ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହୁପଦର ଗ୍ରାମର ସ୍ୱରାଜ୍ୟ ବେହେରା (୪୫)। ସେ ରବିବାର ଗ୍ରାମ ନିକଟସ୍ଥ ଗହୀର ନାଳରେ ଥିବା ନିଜ କ୍ଷେତକୁ କାମ କରିବା ଲାଗି ପୁଅ ସହିତ ଯାଇଥିଲେ। ଅପରାହ୍ନରେ ମେଘ ସହ ବଜ୍ରପାତ ଘଟିଥିଲା। ଏଥିରେ ସ୍ୱରାଜ୍ୟ ଗୁରୁତର ହୋଇଥିଲେ। ପାଖ ବିଲରେ କାମ କରୁଥିବା ପୁଅ ଦୌଡ଼ି ଆସିବା ସହ ଆଖପାଖ ବିଲରେ କାମ କରୁଥିବା ଲୋକମାନେ ମଧ୍ୟ ଦୌଡ଼ି ଆସିଥିଲେ। ପରିବାର ଲୋକେ ତାଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହ ୧୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ଆସିକା ମେଡିକାଲକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରାଧାକୃଷ୍ଣ ପାଠାଗାରରେ ଆଲୋଚନାଚକ୍ର



**ଭଞ୍ଜନଗର,୧୪।୭(ସମିସ):** ରାଧାକୃଷ୍ଣ ପାଠାଗାର ତରଫରୁ 'ସମ୍ବିଧାନର ମୁଖବନ୍ଧରୁ ଧର୍ମ ନିରପେକ୍ଷତା ଓ ସମାଜବାଦ ଶବ୍ଦର ଉଚ୍ଛେଦ କେତେ ଯଥାର୍ଥ?' ପ୍ରସଙ୍ଗ ଭିତ୍ତିକ ଏକ ଆଲୋଚନାଚକ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପାଠାଗାର ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବାର୍ ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟରେ କହିଥିଲେ ଯେ, ଇନ୍ଦିରା ଗାନ୍ଧୀ ପ୍ରଧାନ ମନ୍ତ୍ରୀ ଥିବା ସମୟରେ ୧୯୭୬ରେ ସମାଜବାଦ ଓ ଧର୍ମନିରପେକ୍ଷ ଦୁଇଟି ଶବ୍ଦ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରାଯାଇଛି। ସମ୍ବିଧାନ ସୁରକ୍ଷିତ ରହିଲେ ଗଣତନ୍ତ୍ର ସୁରକ୍ଷିତ ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼, ବୈଦ୍ୟନାଥ ସାହୁ ଯୋଗଦେଇ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ ମହାନ୍ତି, ବରିଷ୍ଠ ନାଗରିକମଞ୍ଚର ସଭାପତି ସୋମନାଥ ନାୟକ, ଆମ୍ବେଦକର ବିଚାର ମଞ୍ଚର ରାଜ୍ୟସ୍ତରୀୟ ସଂଗଠକ ସୁଧୀର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ, ନିରଞ୍ଜନ ପ୍ରଧାନ ଓ ସମ୍ପାଦକ ଭଞ୍ଜକିଶୋର୍ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ଶିକ୍ଷକ ଜୟରାମ ଗୌଡ଼, ଅବସରପ୍ରାପ୍ତ ମୁଖ୍ୟ କିରାଣି ତାରିଣୀ ନାୟକ, ଶିକ୍ଷକ ଅରବିନ୍ଦ ସାହୁ, କୃଷ୍ଣ ବାଡ଼ତ୍ୟା, ପଞ୍ଚାନନ ନାୟକ, ସାହେବ୍ ନାୟକ ଓ ଛାତ୍ର ଉତ୍ତମ ପ୍ରଧାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ ହାଇସ୍କୁଲରେ ବନ ମହୋତ୍ସବ




**ସାନଖେମୁଣ୍ଡି,୧୪।୭(ସମିସ):** ସାନଖେମୁଣ୍ଡି ବ୍ଲକ ସ୍ଥିତ ରଘୁନାଥ ହାଇସ୍କୁଲ ରାମଚନ୍ଦ୍ରପୁରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜ କିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଇକୋକ୍ଲବ ପରିଚଳିକା ଭକ୍ତିମାଳା ଶବର, ଏନାର୍ଜି କ୍ଲବ୍ ପରିଚାଳିକା ଭାରତୀ ଶବର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାରଣା ପରିଚାଳନା କରିଥିଲେ। ରାମଚନ୍ଦ୍ରପୁର କ୍ଲଷ୍ଟର୍ ସିଆର୍‌ସିସି ଦିଲ୍ଲୀପ କୁମାର ପ୍ରଧାନ, ଆଲୁମିନି ସଭାପତି ବୈଦ୍ୟନାଥ ସିଂ, ସଭ୍ୟ ନିକୁଞ୍ଜ ବିଶୋୟୀ, କିରାଣି ଅରୁଣ କୁମାର ତ୍ରିପାଠୀ ଏବଂ କାମଦେବ ଡାକୁଆ ଓ ନୀଳାଞ୍ଚଳ ପ୍ରଧାନ ଯୋଗଦେଇ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ''ମା ପାଇଁ ଗଛଟିଏ' ଲଗାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଁଏ ଚାରା ବଣ୍ଟନ କରାଯାଇଥିଲା।

## ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ




**ଧରାକୋଟ,୧୪।୭(ସମିସ):** ଧରାକୋଟ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ ଓ ଟୁକୁନା ଗୌଡ଼ ଉପସ୍ଥିତ ରହିଥିଲେ। ଏହି ଅବସରରେ ଭାରପ୍ରାପ୍ତ ବିଡିଓ ସୁଶିଲ ପଟ୍ଟନାୟକ ୨୦୨୫/୨୦୨୬ ବର୍ଷ ପାଇଁ ଧରାକୋଟ ବ୍ଲକ୍‌ରେ କାର୍ଯ୍ୟକାରୀ ହେବାକୁ ଥିବା ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତରେ ଏହି ଯୋଜନାରେ ୫କୋଟି ୩ଲକ୍ଷ ୪୯ହଜାର ୯ଶହ ୩୪ ଟଙ୍କା ବ୍ୟୟ କରାଯିବ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ରାସ୍ତା, କଲଭର୍ଟ, କଲ୍ୟାଣ ମଣ୍ଡପ, ବ୍ରିଜ ଭଳି ପ୍ରକଳ୍ପ ନିର୍ମାଣ କରାଯାଇ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ କରାଯିବ। ଫଳରେ ଲୋକଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ। ସମୁଦାୟ ଅନୁଦାନ ମଧ୍ୟରୁ ବିଧାୟକ ୪୦ ପ୍ରତିଶତ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେବାକୁ ଥିବା ବେଳେ ସମିତି ପକ୍ଷରୁ ୬୦ ପ୍ରତିଶତ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ସ୍ଥିର କରାଯାଇଥିଲା।

ଏହି ଅବସରରେ ଧରାକୋଟରେ ଏକ ବୃହତ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ସହକାରି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଭାରପ୍ରାପ୍ତ ଜିପିଇଓ ଦେବରାଜ ନାୟକଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ଦମ୍ପତିଙ୍କ ଆତ୍ମହତ୍ୟା: ଗୋଟିଏ ଜୁଇରେ ଜଳିଲା ଚିତା

**ଦିଗପହଣ୍ଡି,୧୪।୭(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡି ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ଗ୍ରାମର ଏମ୍. ସୁଦୁରୁ (୫୫) ଓ ତାଙ୍କ ସ୍ତ୍ରୀ ଏମ୍. କୁମାରୀ (୫୦) ଆତ୍ମହତ୍ୟା କରିଥିଲେ। କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଦୁହିଁଙ୍କ ଶବକୁ ତିନି ଦିନ ତଳେ ବ୍ରହ୍ମପୁର ଜିଆରପି ପୁଲିସ ଦ୍ୱାରା ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମର ଫୁଟ୍ ଓଭରବ୍ରିଜ ନିକଟରୁ ଉଦ୍ଧାର କରାଯାଇଥିଲା। ତେବେ ପରିଚୟ ମିଳିନଥିବା ଯୋଗୁଁ ଶବ ଦୁଇଟିକୁ ଚିହ୍ନଟ ପାଇଁ ରଖାଯାଇଥିଲା। ସୋମବାର ମୃତ ସୁଦୁରୁଙ୍କ ପୁଅ ରଞ୍ଜନ ଶବ ଚିହ୍ନଟ କରିବା ପରେ ଦୁହିଁଙ୍କ ଶବ ବ୍ୟବଚ୍ଛେଦ କରାଯାଇ ରଞ୍ଜନଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନ ୪ଟା ବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ଗୋଟିଏ ଜୁଇରେ ଗାଁ ଶ୍ମଶାନରେ ଗ୍ରାମବାସୀ ଶବ ଦାହ କରିଥିବା ଜଣାପଡ଼ିଛି। ପାରିବାରିକ ଅଶାନ୍ତିରୁ ସ୍ୱାମୀ ଓ ସ୍ତ୍ରୀ ମୃତ୍ୟୁବରଣ କରିଥିବା ଆଲୋଚିତ ହେଉଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷେ ପୁଅ ସନ୍ନ୍ୟାସୀ ହେବା ପାଇଁ ସ୍ଥିର କରିବାରୁ ବାପା ମା' ଏଭଳି ଚରମ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

## ଯୌତୁକ ପାଇଁ ବଧୂହତ୍ୟା ଉଦ୍ୟମ ଅଭିଯୋଗ

**ଖଲ୍ଲିକୋଟ,୧୪।୭(ସମିସ):** ଖଲ୍ଲିକୋଟ ଥାନା କହ୍ନେଇପୁର ଗ୍ରାମରେ ଯୌତୁକ ପାଇଁ ସୋମବାର ସକାଳେ ବୋହୂ ଦେହରେ ପେଟ୍ରୋଲ ଢାଳି ଶଶୁର ଘର ଲୋକେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବୋହୂକୁ ପ୍ରଥମେ ଖଲ୍ଲିକୋଟ ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। କହ୍ନେଇପୁରର ଆକାଶ ପରିଡ଼ା ସେହି ଗ୍ରାମର ଆରତୀଙ୍କୁ ଦୁଇବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ ଆକାଶ ରୋଜଗାର ଉଦ୍ଦେଶ୍ୟରେ ଦୁବାଇ ଚାଲି ଯାଇଥିଲେ। ଏପଟେ ଯୌତୁକ ପାଇଁ ବୋହୂ ଆରତୀକୁ ଶାଶୁ ଘର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ ବୋଲି ଆରତୀଙ୍କ ବାପା ଅଭିଯୋଗ କରିଛନ୍ତି। ରବିବାର ରାତିରେ ଶାଶୁ ଓ ବୋହୂ ଭିତରେ ବଚସା ହୋଇଥିଲା। ସୋମବାର ସକାଳୁ ଆରତୀର ଦିଅର ପ୍ରକାଶ ଓ ଶାଶୂ ଉଭୟ ମିଶି ଆରତୀ ଉପରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇ ମାରିବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଆରତିକୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଥିବାରୁ ଗୁରୁତର ଅବସ୍ଥାରେ ଡାକ୍ତର ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମେଡିକାଲରେ ଖଲ୍ଲିକୋଟ ପୁଲିସ ପହଞ୍ଚି ଅଧିକ ପଚରଉଚରା କରିଥିବା ବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ସେପଟେ ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇ ପାରି ନଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

## ମୋରମ ବୋଝେଇ ଟିପ୍ପର ଜବତ

**ଖଲ୍ଲିକୋଟ,୧୪।୭(ସମିସ):** ବେଆଇନ ମୋରମ ଚାଲାଣବେଳେ ଖଣି ବିଭାଗ ଚଢ଼ଉ କରି ଗୋଟିଏ ମୋରମ ବୋଝଇ ଟିପର ଗାଡ଼ିକୁ ଜବତ କରିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରୁଣ୍ଡିରୁ ବେଆଇନ ମୋରମ ଚାଲାନ ହେଉଥିବା ବେଳେ କେଶପୁର ଛକ ଠାରେ ଖଣି ବିଭାଗ ଚଢ଼ାଉ କରି ଗୋଟିଏ ମୋରମ ବୋଝେଇ ଟିପର ଗାଡ଼ିକୁ ଜବତ କରିଛି। ସୋମବାର ସକାଳୁ ଚୋରା ମୋରମ ଚାଲାଣ ହେଉଥିବା ମାଇନ୍ସ ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇ କେଶପୁର ଛକରେ ଚଢ଼ାଉ କରି ଗୋଟିଏ ମୋରମ ବୋଝେଇ ଟିପ୍ପର ଗାଡ଼ିକୁ ଜବତ କରିବାରେ ସଫଳ ହୋଇଥିଲେ। ଗାଡ଼ିକୁ ଜବତ କରି ଭେଜିପୁଟ ଫାଣ୍ଡିରେ ରଖାଯାଇଥିବା ଦେଖିବାକୁ ମିଳିଛି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଖଲ୍ଲିକୋଟ ଗସ୍ତ



**ଖଲ୍ଲିକୋଟ,୧୪।୭(ସମିସ):** ଓଡ଼ିଶା ବିଧାନସଭାର ଷ୍ଟାଣ୍ଡିଙ୍ଗ କମିଟି ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଖଲ୍ଲିକୋଟରେ ପହଞ୍ଚିଛନ୍ତି। ଷ୍ଟାଣ୍ଡିଙ୍ଗ କମିଟି ଚେୟାରମ୍ୟାନ ଥିବା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ ଓ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଷ୍ଟାଣ୍ଡିଙ୍ଗ କମିଟିରେ ଆସିଥିଲେ। ତାଙ୍କ ସହିତ ଜଏଣ୍ଟ ସେକ୍ରେଟାରୀ ବିଦ୍ୟାଧର ମାଝୀ, ଡେପୁଟି ସେକ୍ରେଟାରୀ ଦିଲ୍ଲୀପ ମହାନ୍ତି, ସେକ୍ସନ ଅଫିସର ଆର ପି ବାର୍ଲା ପ୍ରମୁଖ ଆସିଥିଲେ। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ପ୍ରଥମେ ଖଲ୍ଲିକୋଟ କରଣ ସାହିରେ ଥିବା ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଭାସ ପ୍ରାଥମିକ ବିଦ୍ୟାଳୟକୁ ବୁଲି ଦେଖିବା ସହ ମଧ୍ୟାହ୍ନ ଭୋଜନ ରୋଷେଇ ଗୃହ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରୁ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟକୁ ଯାଇଥିଲେ। ସେଠାକାର ପରିବେଶ ଦେଖି ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ ପ୍ରତିନିଧି ମଣ୍ଡଳୀ। କଲେଜରେ ପ୍ରଚୁର ଅର୍ଥ ଥିବା ବେଳେ କାହିଁକି ଏହାର ଉନ୍ନତି ହୋଇ ପାରୁନି ବୋଲି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ସବୁଠାରୁ ବଡ଼ କଥା ହେଲା କଲେଜ ଏକ ଟ୍ରଷ୍ଟ ଅଧିନରେ ଥିବା କୁହାଯାଉଥିଲେ ମଧ୍ୟ ଟ୍ରଷ୍ଟର କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ କଲେଜ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର ସ୍ୱାଇଁ। କଲେଜ ଟ୍ରଷ୍ଟ ଅଧିନ ରେ ଥିଲେ ମଧ୍ୟ ସରକାରୀ ସହାୟତା ଆସୁଛି। ତେଣୁ କଲେଜକୁ ଟ୍ରଷ୍ଟ ଅଧିନରୁ ବାହାର କରି ସରକାରଙ୍କ ଅଧିନ କୁ ଅଣାଗଲେ ଏହାର ଉନ୍ନତି ସମ୍ଭବ ହୋଇ ପାରିବ ବୋଲି ଷ୍ଟାଣ୍ଡିଙ୍ଗ କମିଟି ଚେୟାରମ୍ୟାନ ପୂର୍ଣ୍ଣ ଚନ୍ଦ୍ର ସେଠି କହିଥିଲେ। କଲେଜର ଭିତ୍ତିଭୂମିର ବିକାଶ ପାଇଁ ୫ ଏକର ଜାଗା ଚିହ୍ନଟ ହୋଇଥିବା ଗଞ୍ଜାମ ଜିଲ୍ଲାପାଳ କହିଥିଲେ। ସେଠାରୁ ସଦସ୍ୟ ମାନେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ବାଉରୀ ଗଣ୍ଡାପଲ୍ଲୀ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ।

# କଟକ ସିଟି



## ରେଭେନ୍ସା ବିଶ୍ୱବିଦ୍ୟାଳୟ ହଷ୍ଟେଲ ସମସ୍ୟାର ସମାଧାନ ଦାବି




କଟକ, ୧୪।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ନିୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨୫ ଜଣ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏଆଇଡିଏସ୍ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି କ୍ୟାମ୍ପସ ତଥା ହଷ୍ଟେଲରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା, ଆବଶ୍ୟକ ମୁତାବକ ବିଭିନ୍ନ ବିଭାଗ ଓ ହଷ୍ଟେଲରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରିବା, ହଷ୍ଟେଲର ମେସ ଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ଡିସପେନ୍ସାରୀରେ ୨୪ ଘଣ୍ଟିଆ ସ୍ଥାୟୀ ଡାକ୍ତର, କର୍ମଚାରୀ, ଆବଶ୍ୟକ ମୁତାବକ ଔଷଧ, ମହଜୁଦ ରଖିବା, ହଷ୍ଟେଲ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟର ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସମସ୍ତ ହଷ୍ଟେଲରେ ସବ୍‌ସିଡାଇଜ୍ ବ୍ୟବସ୍ଥା ପ୍ରଦାନ କରିବା ଆଦି ୫ ଦଫା ଦାବି ସମ୍ମିଳିତ ଦାବି ପତ୍ର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଡିଏସ୍‌ଡବ୍ଲୁ ଜରିଆରେ ପ୍ରଦାନ କରାଯାଇଛି। ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ସମ୍ପାଦକ ଛାତ୍ର ନେତା ଗାୟତ୍ରୀ ସାହୁ, କସକ ଜେନାଙ୍କ ନେତୃତ୍ୱରେ ଦାବିପତ୍ର ପତ୍ର ପ୍ରଦାନ କରାଯାଇଛି। ଯଦି ଏହି ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ଦୁର୍ବାର ଛାତ୍ର ଆନ୍ଦୋଳନ ହେବ ବୋଲି ଛାତ୍ରନେତାମାନେ ଆହ୍ୱାନ ଦେଇଛନ୍ତି।

### ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟ୍

# ନୂଆ ଉପକରଣ ଆସିଛି; ରଖିବାକୁ କର୍ତ୍ତୃପକ୍ଷ ନାରାଜ

କଟକ, ୧୪।୭ (ସମିସ)

ଯକୃତ ପ୍ରତିରୋପଣ ୟୁନିଟ ଅଚଳ ହେବା ପଛରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଭୂମିକା ଦିନକୁ ଦିନ ସନ୍ଦେହ ଘେରକୁ ଆସିଲାଣି। ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରିବା ନିମନ୍ତେ ପୂର୍ବରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଚିଠି ଜାରି କରାଯାଇଥିବା ବେଳେ ଏବେ ନୂତନ ଉପକରଣ ଗ୍ରହଣ କରିବାକୁ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ରାଜି ନାହାନ୍ତି। ଗତ ୧୦ ତାରିଖରେ ଅନେକ ଉପକରଣ ପହଞ୍ଚିଥିଲେ ସୁଦ୍ଧା ଏହାକୁ ଫେରାଇ ଦେବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟର କାରଣ ଅସ୍ପଷ୍ଟ ଥିବା ବେଳେ ବଡ ମେଡିକାଲରେ ଯକୃତ ପ୍ରତିରୋପଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ଆଲୋଚନା ହେଉଛି।

ଗତ ଜାନୁୟାରୀ ୩୦ ତାରିଖରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ମେଡିଏଡ ସଂସ୍ଥାକୁ ଚିଠି ହୋଇଥିଲା। ତତ୍କାଳୀନ ଅଧୀକ୍ଷକ ତଥା ସମ୍ପ୍ରତି ଅଧ୍ୟକ୍ଷା ଦାୟିତ୍ୱରେ ଥିବା ପ୍ରଫେସର ଡଃ ଲୁସି ଦାସ ଉକ୍ତ ଚିଠି ଜାରି କରିଥିଲେ। ଟେଣ୍ଡର ପରେ ଯକୃତ ପ୍ରତିରୋପଣ ନିମନ୍ତେ ଅଣୁ ଏବଂ କ୍ଷୁଦ୍ର ଉପକରଣ ପଠାଇବାକୁ ନିର୍ଦ୍ଦେଶ ରହିଥିଲା। ୩୧ ପ୍ରକାରର ଉପକରଣ ଲୋଡିଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ଯେଉଁଥିରେ ଶହେରୁ ଅଧିକ ଉପକରଣ ରହିଥିଲା। ତେବେ ଏହା ଭିତରୁ କିଛି ଉପକରଣ ଗତ ୧୦ ତାରିଖରେ ବଡ ମେଡିକାଲରେ ପହଞ୍ଚିଥିଲା। ନିଡଲ ହୋଲ୍ଡର, ମିନି ବୁଲଡଗ କ୍ଲାମ୍ପ, ଆଇଆରଆଇଏସ୍

> **ଜାନୁଆରୀରେ ଟେଣ୍ଡର ହୋଇଥିଲା, ୧୦ ତାରିଖରେ ପହଞ୍ଚିଛି**
>
> **ଗ୍ରହଣ ନକରି ଫେରାଇ ଦେବାକୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ**

ସିଜର, ବେକି ଏଟିଆର, ମାୟୋ ସିଜର, ମେଟଜ ସିଜର ଭଳି ଅନେକ ଆବଶ୍ୟକୀୟ ଉପକରଣ ରହିଥିଲା। ମାତ୍ର ଏ ସବୁ ଉପକରଣ ଗ୍ରହଣ କରିବାକୁ ଏବେ ଏସ୍‌ସିବି କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଇଛନ୍ତି। ଏ ସବୁ ଫେରାଇ ଦେବାକୁ ଖୋଲାଖୋଲି ନିର୍ଦ୍ଦେଶ ଦେଇଛନ୍ତି ଜନୈକ ବରିଷ୍ଠ ପଦାଧିକାରୀ।

ଯକୃତ ପ୍ରତିରୋପଣ ବନ୍ଦ ହୋଇ ପଡ଼ିଥିବା ବେଳେ ମେଡିକାଲର କେତେକ ଅଧିକାରୀଙ୍କ ଆଚରଣ ଏବେ ଘଟଣାକୁ ନୂଆ ମୋଡ ଦେଉଛି। ଏହି ୟୁନିଟ ଚାଲୁ କରିବା ପାଇଁ ଗତ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାକୁ ଅକାମୀ କରିବା ପାଇଁ ଏବେ ବିଧିବଦ୍ଧ ଚକ୍ରାନ୍ତ କରାଯାଉଥିବା କୁହାଯାଉଛି। ପ୍ରକାଶଯୋଗ୍ୟ, ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରୁ ଗୋଟିଏ ପରେ ଗୋଟିଏ ମେସିନ ଗାଏବ ହୋଇ ଚାଲିଛି। ଗତ କିଛି ଦିନ ହେବ ପର୍ଯ୍ୟାୟକ୍ରମେ ମେସିନ ଗୁଡିକୁ ବିଭିନ୍ନ ବିଭାଗକୁ ବାଣ୍ଟି ଦିଆଯାଉଛି। ଏହା ଭିତରେ ୟୁନିଟ ଖୋଳ ହେବାରେ ଲାଗିଲାଣି। ମେସିନ ବାଣ୍ଟି ଦେବା ନିମନ୍ତେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ରମାନ୍ୱୟରେ ଚିଠି ଜାରି ହେଉଛି। ଗତ ଜୁନ ୨୩ରେ ହୋଇଥିବା ଚିଠି (ନଂ-୧୪୪୧୬) ଅନୁସାରେ ୨୫ଟି ଉପକରଣ ଭେଷଜ ବିଭାଗ ଆଇସିୟୁକୁ ପଠାଇବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଏଥି ସହିତ ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଉଠାଇ ନେବାକୁ ଅନ୍ୟ ୨ଟି ଚିଠି ମଧ୍ୟ ହୋଇଛି। ମୋଟ ୩ଟି ଚିଠି ଜରିଆରେ ୫୦ରୁ ଅଧିକ ମେସିନ ଉଠାଇ ନିଆଗଲାଣି। ଏବେ ନୂତନ ଉପକରଣ ଆସିଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


DELIVERY CHALLAN (ORIGINAL FOR ...)
Dated 10-Jul-25
MA/C/08 dt 10-Jul-25
2217
Dispatched through: By Hand — Destination: Cuttack
State Name: Odisha, Code: 21
THE SUPERINTENDENT
S.C.B. Medical College Hospital, Cuttack, PAN
State Name: Odisha, Code: 21

| | Description of Goods | Quantity |
|---|---|---|
| 1 | TC DE'Bakey Needle Holder 180MM (Aesculap) BM032R | 1 NO |
| 2 | TC DE'Bakey Needle Holder 180MM (Aesculap) BM032R | 1 NO |
| 3 | TC Mayo-Hegar NDL Holder 205MM (Aesculap) BM067R | 1 NO |
| 4 | Mini Bulldog Clamp STR (Aesculap) FB330R | 5 NO |
| 5 | IRIS Scissors CVD S/S110MM (Aesculap) BC061R | 3 NO |
| 6 | DE BAKEY ATR 2.0MM STR150MM (Aesculap) FB400R | 4 NO |
| 7 | Mayo Scissors RND BLD STR165MM (Aesculap) BC554R | 1 NO |
| 8 | Mayo-Harrington Scissors CVD230MM (Aesculap) BC561R | 1 NO |
| 9 | Nelson-Metzenbaum Scissors 230MM (Aesculap) BC618R | 1 NO |
| 10 | Baby-Metz Scissors Del CVD145MM (Aesculap) BC603R | 1 NO |
| 11 | Mayo Hegar Needle HLDR150MM (Aesculap) BM235R | 2 NO |
| 12 | Hegar-Mayo Needle HLDR235MM (Aesculap) BM238R | 2 NO |
| 13 | Surgical Scissors STR S/S150MM (Aesculap) BC325R | 1 NO |

### ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗ

# ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶିକ୍ଷାମନ୍ତ୍ରୀ ଓ ସାଂସଦଙ୍କ କୁଶପୁତ୍ତଳିକା ଦାହ



କଟକ, ୧୪।୭ (ସମିସ): ବାଲେଶ୍ୱର ଏଫ୍‌ଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ପରିସରରେ ନିଜ ଦେହରେ ନିଆଁ ଲଗେଇ ଆତ୍ମାହୂତି ଉଦ୍ୟମ କରିବା ଘଟଣାରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଲେଜ କର୍ତ୍ତୃପକ୍ଷ, ପ୍ରଶାସନ, ମନ୍ତ୍ରୀ ସାଂସଦଙ୍କୁ ଦାୟୀ କରି କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଡ଼. ବିପ୍ଳବ ଶିଳାଦିତ୍ୟ ଓ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଏକତ୍ରିତ ହୋଇ କଟକ କଲେଜ ଛକରୁ ବାହାରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସୌମ୍ୟାଶ୍ରୀଙ୍କୁ ଦୀର୍ଘଦିନ ଧରି ପ୍ରାଧ୍ୟାପକ ସମୀର ସାହୁ ମାନସିକ ଉତ୍ପୀଡନ ଦେଇ ଆସୁଥିବା ବେଳେ ଏ ସମ୍ପର୍କରେ ସୌମ୍ୟାଶ୍ରୀ ଲିଖିତ ଭାବେ କଲେଜ କର୍ତ୍ତୃପକ୍ଷ, ପୁଲିସ କର୍ତ୍ତୃପକ୍ଷ, ସ୍ଥାନୀୟ ସାଂସଦ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଜଣେ ନିରୀହ ଛାତ୍ରୀ ଆଜି ମରଣ ସହିତ ଲଢେଇ କରୁଛି। ତେଣୁ ଏହି ଘଟଣାରେ ଯେଉଁ ଯେଉଁ ବ୍ୟକ୍ତି ବିଶେଷ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସଂଶ୍ଳିଷ୍ଟ ତାଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯାଉ ଏବଂ ସାଂସଦ, ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ଛାତ୍ର ଓ ଯୁବ କଂଗ୍ରେସ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ବିଭୂତି ଦ୍ୱିବେଦୀ, ଛାତ୍ର ନେତା ସତ୍ୟଜିତ ସେଠୀ, କଟକ ନଗର(ଜିଲ୍ଲା) ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ପିସିସି ମିଡିଆ ପାନେଲିଷ୍ଟ ଅଶୋକ ସ୍ୱାଇଁ, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ରଜନୀ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରଥ ବିଶେଷାଙ୍କ 'ଆମ ପ୍ରଣାମ' ଉନ୍ମୋଚିତ



କଟକ, ୧୪।୭ (ସମିସ): ରବିବାର ସନ୍ଧ୍ୟାରେ ପିଠାପୁର ସ୍ଥିତ ଏସଏସ ଗାଇଡଲାଇନ ଠାରେ ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ମଣ୍ଡଳର ବିଭିନ୍ନ ଶାଖାର ଦଳପତି ଓ ସଂଗଠକଙ୍କ ସମେତ ଉପସ୍ଥିତ ଚାରଣ ସଭ୍ୟଙ୍କୁ ନେଇ ମାସିକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟ ନାମ ସ୍ମରଣ ପୂର୍ବକ ସମସ୍ତେ ସମୁହ ବିଷ୍ଣୁ ସହସ୍ରନାମ ପାଠ କରିଥିଲେ। ଶ୍ରୀମଦ୍ ଭଗବତ ଗୀତା ପଞ୍ଚଦଶ ଅଧ୍ୟାୟ, ହନୁମାନ ଚାଳିଶା ଓ ଭାଗବତ ପାଠ କରାଯିବା ପରେ ବିଭିନ୍ନ ବିନ୍ଦୁ ଉପରେ ଆଲୋଚନା କରାଯାଇଥିଲା। ଚଳିତ ରଥଯାତ୍ରାରେ ଯେଭଳି ଚାରଣମାନେ ନିଃସ୍ୱାର୍ଥପର ସେବା ପ୍ରଦାନ କରିଥିଲେ ତାକୁ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ଖୁବ୍ ପ୍ରଶଂସା କରିଥିଲେ। ଶାଖା, ମଣ୍ଡଳସ୍ତରୀୟ ବୈଠକ ଓ ସତସଙ୍ଗ ମାଧ୍ୟମରେ ଶାଖା ସୁଦୃଢ଼ୀକରଣ ତଥା ଘରେ ଘରେ ଭାଗବତ ପାଠ କରାଇ ଆଧ୍ୟାତ୍ମିକ ବିକାଶ ବୃଦ୍ଧି କରି ସଠିକ୍ ମୂଲ୍ୟବୋଧରେ ଜୀବନଯାପନ କରିବା ପାଇଁ କୋଷାଧ୍ୟକ୍ଷ ମୋହନ ସ୍ୱାଇଁ ମତପୋଷଣ କରିଥିଲେ। ଇତି ଅବସରରେ ଆଧ୍ୟାତ୍ମିକ ପତ୍ରିକା 'ଆମ ପ୍ରଣାମ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ପତି ପରିଚାଳନା କରୁଥିବା ବେଳେ ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ଓ ନେମାଳ ଅଚ୍ୟୁତ ଗାଦି ଟ୍ରଷ୍ଟି ପ୍ରସନ୍ନ କୁମାର ବେଉରା, ପିଠାପୁର ଶାଖା ଦଳପତି ମନୋଜ ନାୟକ, ଖାନନଗର ଶାଖା ଦଳପତି ବସନ୍ତ ସାହୁ, କାଜିଡିହ ଶାଖାର ଦଳପତି ସତ୍ୟନାରାୟଣ ସେନାପତି, ଶଙ୍କରପୁର ଶାଖା ଦଳପତି ଗୌତମ ପର୍ବତ, ମଧୁପାଟଣା ଶାଖା ଦଳପତି ନିଳୟ ପଣ୍ଡା, ପାଇକ ସାହି ଶାଖା ଦଳପତି ହୃଷିକେଶ ବେହେରା ସମେତ ବହୁ ବରିଷ୍ଠ ଚାରଣ ଶିବପ୍ରସାଦ ନାୟକ, ଆଲୋକ ମିଶ୍ର, ପ୍ରଶାନ୍ତ ପରିଡ଼ା, ବିନୋଦ ଲେଙ୍କା, ଆଲୋକ ରାଉତ, ବୁଲୁ ମହାନ୍ତି ପ୍ରମୁଖ ଯୋଗଦାନ କରି ସଫଳ କରାଇଥିଲେ। ଶେଷରେ ମଙ୍ଗଳ ଆଳତି ହୋଇ ପ୍ରସାଦ ସେବନ କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ସହ ପୂର୍ବାଞ୍ଚଳ ଶାନ୍ତି କମିଟିର ଆଲୋଚନା



କଟକ, ୧୪।୭ (ସମିସ): କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସଭାପତି ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ଉପସଭାପତି ଦିଲ୍ଲୀପ ସ୍ୱାଇଁ, ଗୌତମ ପରିଡ଼ା, ଯୁଗ୍ମ ସମ୍ପାଦକ ଅଜିତ ରାୟ, ସଂଗଠନ ସମ୍ପାଦକ ଶ୍ରୀମନ୍ତ ଦାସ, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ନେତୃତ୍ୱରେ ନୂଆପଡ଼ା ଗଣେଶ ମହୋତ୍ସବ କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ତଥା ବିଭିନ୍ନ ଅଞ୍ଚଳର ଗଣେଶ ପୂଜା କରୁଥିବା କର୍ମକର୍ତ୍ତାମାନେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଗଣେଶ ପୂଜା ପରବର୍ତ୍ତୀ ତିନିଟି ରବିବାର ଯଥା ଅଗଷ୍ଟ ୩୧ ତାରିଖ, ସେପ୍ଟେମ୍ବର ୭ ତାରିଖ ଏବଂ ସେପ୍ଟେମ୍ବର ୧୪ ତାରିଖରେ ଗଣେଶ ଭସାଣି ମହୋତ୍ସବ ସମାହିତ କରିବା ନିମନ୍ତେ ଦାବି ଉପସ୍ଥାପନ କରାଯିବା ସହ ଏ ସମ୍ବନ୍ଧରେ ଯଥାଶୀଘ୍ର ପୁଲିସ ଉପ ଆୟୁକ୍ତଙ୍କ ସହ ଏକ ବୈଠକ କରି ଭସାଣି ସମ୍ବନ୍ଧରେ ବିଷଦ ଆଲୋଚନା କରି ନିଷ୍ପତି ନେବାକୁ ଅନୁରୋଧ କରିଥିଲେ। ପ୍ରକାଶଥାଉ କି, ଆସନ୍ତା ସେପ୍ଟେମ୍ବର ୭ ତାରିଖ ଦିନ ଖାନନଗର, ଯୋବ୍ରା, ନୂଆପଡ଼ା ତଥା ସହରର ସମସ୍ତ ଅଞ୍ଚଳରୁ ଶତାଧିକରୁ ଊର୍ଦ୍ଧ୍ୱ ଗଣେଶ ଜଳାଶାୟୀ ହେବେ।

## ଛାତ୍ରୀ ଅପହରଣ: ଥାନାରେ ଅଭିଯୋଗ

କଟକ, ୧୪।୭ (ସମିସ): ମର୍କତନଗର ଅଞ୍ଚଳରେ ରହି ପାଠ ପଢୁଥିବା ଜଣେ ନାବାଳିକାଙ୍କୁ କେହି ଅପହରଣ କରିନେଇଛି। ଏନେଇ ନାବାଳିକାଙ୍କ ବାପା ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାହାଙ୍ଗା ନିକଟ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଶବଳକଳା ଗ୍ରାମରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଝିଅ ମର୍କତନଗର ଅଞ୍ଚଳରେ ଏକ କମ୍ପ୍ୟୁଟର କୋର୍ସ କରୁଥିଲେ। ଏଥିପାଇଁ ସେ ମର୍କତନଗର ଅଞ୍ଚଳରେ ରହୁଥିଲେ। ଝିଅର କୌଣସି ଖୋଜଖବର ନମିଳିବାରୁ ସେ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ଝିଅ ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ ଏବଂ ତାର ଫୋନ ସୁଇଚ୍ ଅଫ୍ ଅଛି। ପରିବାର ସହିତ କୌଣସି ପ୍ରକାର ଯୋଗାଯୋଗ ମଧ୍ୟ ସେ କରିନି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଝିଅର ବୟସ ୧୬ ବର୍ଷ ୨ମାସ ହୋଇଥିବାରୁ ଅଭିଯୋଗ ଆଧାରରେ ପୁଲିସ ବିଏନଏସର ଧାରା ୧୩୭(୨) ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଆୟୁଷ୍ମାନ କାର୍ଡରେ ଜୀବିତ ରୋଗୀ ମୃତ

# 'କୋକେଇ ଯାତ୍ରା'ରେ ସୁଭାଷ ସଂଗଠନର ପ୍ରତିବାଦ

କଟକ, ୧୪।୭ (ସମିସ)



> - **ଶାନ୍ତି ହସ୍ପିଟାଲ ବିରୋଧରେ ତେଜିଲା ସ୍ୱର**
> - **ଘଟଣାକୁ ଚପାଇ ଦେବାକୁ ଚାଲିଛି ଉଦ୍ୟମ**
> - **କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଦାବିପତ୍ର**

ଶାନ୍ତି ହସ୍ପିଟାଲ ବିରୋଧରେ ସ୍ୱର ତେଜିବାରେ ଲାଗିଛି। ଏଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣେ ମହିଳାଙ୍କୁ ଆୟୁଷ୍ମାନ କାର୍ଡରେ ମୃତ ବିବେଚିତ କରାଯାଇଥିଲା। କିଛି ଦିନ ପୂର୍ବେ ଘଟିଥିବା ଏହି ଘଟଣାକୁ ନେଇ ଆଜି କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ନିଆରା ଢ଼ଙ୍ଗରେ ପ୍ରତିବାଦ କରାଯାଇଛି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) କାର୍ଯ୍ୟାଳୟ ସମ୍ମୁଖରେ କୋକେଇ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶାନ୍ତି ହସ୍ପିଟାଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇ ଦେବା ପାଇଁ ଶାନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଜଣାପଡ଼ିଛି।

ରାଣୀହାଟ ଅଞ୍ଚଳର ଚଞ୍ଚଳା ନାଟିଆ ମଧୁମେହ ଜନିତ ରୋଗରେ ପୀଡ଼ିତ ହୋଇ ଜୁନ ୨୫ ତାରିଖରେ ସିଡିଏ ସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜୁଲାଇ ୧ ତାରିଖରେ ତାଙ୍କୁ ଡିସଚାର୍ଜର୍ କରାଯାଇଥିଲା। ଚିକିତ୍ସା ସମୟରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆୟୁଷ୍ମାନ କାର୍ଡ ଜରିଆରେ ଶାନ୍ତି ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ। ରୋଗୀ ପରିବାର ବର୍ଗ ଯେତେବେଳେ ଉକ୍ତ କାର୍ଡରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ପଚାରିବାରୁ ହସ୍ପିଟାଲ ଷ୍ଟାଫ୍ ସିଧାସଳଖ ମନା କରିଦେଇଥିଲେ। ସେଗୁଡିକ ତୁମର ଜାଣିବା ଦରକାର ନାହିଁ ବୋଲି କହିଥିଲେ। ଚଞ୍ଚଳା ପୁଣି ଥରେ ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟତ୍ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ହେଲେ ଆୟୁଷ୍ମାନ କାର୍ଡ ବ୍ୟବହାର କରିବା ସମୟରେ ପରିବାର ବର୍ଗ ଜାଣିବାକୁ ପାଇଲେ ଯେ, ଶାନ୍ତି ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ବେଳେ ଆୟୁଷ୍ମାନ କାର୍ଡରେ ରୋଗୀଙ୍କୁ ମୃତ ବୋଲି ଘୋଷିତ କରିଥିବାରୁ ଏହି କାର୍ଡ ପୁର୍ନବାର ବ୍ୟବହାର ହୋଇପାରିବ ନାହିଁ। ଏହି ବିଷୟରେ ପରିବାର ବର୍ଗ ଶାନ୍ତି ମେମୋରିଆଲ ହସ୍ପିଟାଲରେ ବୁଝାସୁଝା କରିବାକୁ ଯିବା ସମୟରେ ହସ୍ପିଟାଲ ଷ୍ଟାଫ୍ ଓ ତାଙ୍କ ଉଚ୍ଚ ପଦାଧିକାରୀ ମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଯିଏ ତୁମକୁ ସମର୍ଥନ କରି ପ୍ରତିବାଦ କରିବ ତାକୁ ରାତାରାତି ଗାଏବ କରିଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଚଞ୍ଚଳାଙ୍କ ପରିବାର ଲୋକେ ସୁଭାଷ ସଂଗଠନ ସହିତ ଯୋଗାଯୋଗ କରି ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ଜଣାଇବା ସହ ହସ୍ପିଟାଲ ପକ୍ଷରୁ ଏଭଳି ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଜି ସିଡିଏମଓ ଅଫିସ୍ ସମ୍ମୁଖରେ କୋକେଇ ଧରି ପ୍ରତିବାଦ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସୁରେଶ ମହାନ୍ତି ଓ ସହ ସମ୍ପାଦକ ଲୋପାମୁଦ୍ରା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଡିଏମଓଙ୍କୁ ଶାନ୍ତି ମେମୋରିଆଲ ହସ୍ପିଟାଲ ଉପରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରୋଗୀଙ୍କୁ ସଠିକ ଚିକିତ୍ସା କିପରି ମିଳିବ ସେଥିପ୍ରତି ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସୁଭାଷ ସଂଗଠନ ପକ୍ଷରୁ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଉପସ୍ଥାପନ କରିବା ସହିତ ହସ୍ପିଟାଲ ସମ୍ମୁଖରେ ତୀବ୍ର ପ୍ରତିବାଦ କରାଯିବ ବୋଲି ସଂଗଠନ ସଭାପତି ଜ୍ଞାନ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମହାନ୍ତି, ବାପୁଜୀ କର, ରାମଚନ୍ଦ୍ର ରାମ, ଅନ୍ନଦା ପ୍ରସାଦ ଦାସ, ଏନ୍ ଫଗୁଆ, ସଞ୍ଜୀବ ଶୁକ୍ଳ, ଶ୍ରୀନିବାସ ରେଡ୍ଡୀ, ଶ୍ରୀକାନ୍ତ ସାମଲ, ସାଜନ ସିଂହ, ସୁଦର୍ଶନ ବେହେରା, ପ୍ରଦୀପ୍ତ ନାୟକ, ପ୍ରହଲ୍ଲାଦ ମହାରଣା, ଉଷା ପାତ୍ର, ସଦାନନ୍ଦ ବିଶ୍ୱାଳ, ଶିବସୁନ୍ଦର ବେହେରା, ହୃଦାନନ୍ଦ ମହାନ୍ତି, ଆଶୁତୋଷ ସିଂହ ପ୍ରମୁଖ ସାମିଲ ଥିଲେ।

### ଆଜି ଆସୁଛନ୍ତି ରାଷ୍ଟ୍ରପତି

## କଟକ ଆକାଶରେ ଉଡ଼ିବନି ଡ୍ରୋନ୍

କଟକ, ୧୪।୭ (ସମିସ): ରାଷ୍ଟ୍ରପତିଙ୍କ କଟକ ଗସ୍ତକୁ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ମଙ୍ଗଳବାର କଟକ ଆକାଶରେ କୌଣସି ଡ୍ରୋନ୍ ଉଡ଼ାଯାଇ ପାରିବ ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଦିନ ୧୧ଟା ୫୦ମିନିଟ୍‌ରେ କଟକ ସହର ମଧ୍ୟକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବେଶ କରିବେ। ରେଭେନ୍ସା ବିଶ୍ୱବିଦ୍ୟାଳୟ, ସାରଳା ସାହିତ୍ୟ ସଂସଦ ଏବଂ ରେଭେନ୍ସା ବାଳିକା ବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଆଜି ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ କାର୍‌କେଡ ରୁଟରେ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଏକ ଟ୍ରାଏଲ ରନ୍ କରାଯାଇଥିଲା। ତତ୍‌ସହିତ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରାଯାଇଛି।

## ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା

କଟକ, ୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶୀ ଆତ୍ମାହୂତି ଉଦ୍ୟମ କରିବା ଘଟଣା ସମଗ୍ର ଦେଶକୁ ବ୍ୟଥିତ କରିଛି। ଏହି ଅବସରରେ କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଭିଜନ ଟ୍ରଷ୍ଟ ପକ୍ଷରୁ ସାଇ ସୌରଭ ଜେନାଙ୍କ ନେତୃତ୍ୱରେ ମହାନଦୀବିହାର ସ୍ଥିତ ମଙ୍ଗଳାମନ୍ଦିର ସମ୍ମୁଖରେ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ଦୀପଦାନ କରାଯିବା ସହ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭିଜନ ଟ୍ରଷ୍ଟର ସମ୍ପାଦକ ଦୁର୍ଗାମାଧବ ଶତପଥୀ, ଅକ୍ଲାନ୍ତ ପଣ୍ଡା, ଗୌତମ ରାଉତ, ଦିବ୍ୟଜ୍ୟୋତି ସାହୁ, ଅଭିର୍ମନ୍ୟ ରାଉତ, ଅଭିକ ପ୍ରଧାନ, ସ୍ୱରାଜ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ମହାନଦୀବିହାର ମହିଳା ସମିତିର ନମିତା ଦାଶ, ମମତା ଘଡେଇ, ମାଳତୀ ଜେନା, ଲିନା ସାମଲ, ସ୍ନେହ ନନ୍ଦ, ବାସନ୍ତୀ ଶତପଥୀ, ମଧୁସ୍ମିତା ଷଡ଼ଙ୍ଗୀ, ରୀନା ଦାସ, ସସ୍ମିତା ସାବତ, ପ୍ରଗତୀ ନାୟକ, ଗୀତାଞ୍ଜଳି ଶତପଥୀ ଏବଂ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ରବୀନ୍ଦ୍ର ତ୍ରିପାଠୀ, ପ୍ରହ୍ଲାଦ ମହାନ୍ତି, ଭାଗିରଥୀ ସାମଲ, ସଞ୍ଜୟ ଜେନା, ରାକେଶ ତ୍ରିପାଠୀ, ସରୋଜ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ରମଣୀ ରଞ୍ଜନ ଦାସ, ସୁଶାନ୍ତ ଘୋଷ, ସରୋଜ ଦାସ, କାବୁଲା ଆଚାର୍ଯ୍ୟ, ନିକୁଞ୍ଜ ରଥଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।



## କଟାସର୍ ଶିବ ମନ୍ଦିରରେ କାଉଡ଼ିଆଙ୍କ ଗହଳି



ଦେବଗଡ଼/କୁଣ୍ଢେଇଗୋଲା,୧୪।୭ (ସମିସ): ରିଆମାଳ ବ୍ଲକ୍ ଅଧୀନ ୫୩ ନମ୍ବର୍ ଜାତୀୟ ରାଜପଥ କଡ଼ରେ ଥିବା କଟାସର୍ ଶିବ ମନ୍ଦିରରେ ଆଜି ଶ୍ରାବଣ ମାସ ପ୍ରଥମ ସୋମବାରରେ ୨୦୦୦ରୁ ଊର୍ଦ୍ଧ୍ୱ କାଉଡ଼ିଆ ଓ ଶ୍ରଦ୍ଧାଳୁ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ନିକଟରେ ଜଳଲାଗି କରିଛନ୍ତି। କୁଣ୍ଢେଇଗୋଲା ବୋଲବମ୍ କମିଟି ପକ୍ଷରୁ କୁଣ୍ଢେଇଗୋଲା ଠାରେ ଭକ୍ତଙ୍କ ପାଇଁ ରାତ୍ରୀ ରହଣି ଓ ପ୍ରସାଦ ବ୍ୟବସ୍ଥା ହୋଇଥାଏ।

ଭକ୍ତ ପ୍ରସାଦ ପାଇବା ପରେ ଏକ ଲଟେରୀ ଉଠାଣ କରାଯାଇ ତିନି ଜଣ ବେଲ୍ଡମ୍ ଭକ୍ତଙ୍କୁ ପ୍ରଭୁ ଶିବ ଶଙ୍କରଙ୍କ ଚିତ୍ର ପ୍ରଦାନ କରାଯାଏ। ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ, ସମିତି ସଭ୍ୟ ଲିଙ୍ଗରାଜ ସାହୁ ଓ ବୋଲବମ୍ କମିଟି ସଦସ୍ୟଙ୍କ ସହଯୋଗରେ ଶ୍ରାବଣ ମାସ ୪ ରବିବାରରେ ଭକ୍ତଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଜାରିରହିବ। ଗତକାଲି କୁଣ୍ଢେଇଗୋଲା ଥାନା ଏସଆଇ ସନାତନ ମହାରଣା ଓ କୁଣ୍ଢେଇଗୋଲା ଫରେଷ୍ଟର ମନ୍ମଥ ବେହେରା ଅତିଥି ଭାବେ ଯୋଗ ଦେଇ ଲଟେରୀ ବିଜେତା ଭକ୍ତଙ୍କୁ ମହାଦେବଙ୍କର ଚିତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପିଣ୍ଟୁ ପ୍ରଧାନ, ବୁଲୁ ପ୍ରଧାନ, ବାପି ସାହୁ, ସଞ୍ଜୟ ପ୍ରଧାନ, ରମେଶ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଓଡ଼ିଶା ମେଟାଲିକ୍ସ କମ୍ପାନୀ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

## ବର୍ଜ୍ୟ ପାଉଁଶ ମାଡ଼ି ଚାଷ ଜମିନଷ୍ଟ | ଇବ୍ ନଦୀରେ ମିଶୁଛି ପାଉଁଶ ପାଣି

ଝାରସୁଗୁଡ଼ା,୧୪।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲାର ଜମେରା ଏବଂ ମରକୁଟାବାସୀ ପାଇଁ କାଳ ସାଜିଛି ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ। ଏହି କମ୍ପାନୀର ପାଉଁଶ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଜମେରା ମରାକୁଟା ଏବଂ ଆଖପାଖ ଅଞ୍ଚଳବାସୀ। ଏନେଇ ଜମେରା ଏବଂ ମରାକୁଟାବାସୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜମେରା ମରକୁଟା ସୀମାରେ ଥିବା ଏକ ଚିରସ୍ରୋତା ନାଳା ନିକଟରେ ଓଡ଼ିଶା ମେଟାଲିକ୍ସ କମ୍ପାନୀ ବର୍ଜ୍ୟ ପାଉଁଶ ବେଆଇନ ଭାବେ ଗଦା



କରିଛି। ଏହି ପାଉଁଶ ପାହାଡ ଯୋଗୁଁ ଜମେରା ଏବଂ ଆଖପାଖ ଅଞ୍ଚଳରେ ଚର୍ମରୋଗ, କୀଡ଼ନିରୋଗ ହେବା ସହ ଲୋକେ ଜଳ, ବାୟୁ ମୃତ୍ତିକା ସବୁ ପ୍ରଦୂଷିତ ହେଉଛି। କିଛି ଦିନ ପୂର୍ବେ ବର୍ଷାରେ ଏହି ପାଉଁଶ ପାଖରେ ଥିବା ଚାଷ ଜମି ଗୁଡ଼ିକରେ ମାଡି ଯାଇ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହାସହ ନିକଟରେ ପ୍ରବାହିତ ହୋଇଥିବା ନାଳାରେ ମିଶି ଇବ ନଦୀ ଏବଂ ସେଠୁ ହୀରାକୁଦ ଜଳ ଭଣ୍ଡାରରେ ମିଶି ଅଞ୍ଚଳର ପାଣି ବିଷାକ୍ତ ହେଉଛି। ତେଣୁ ପ୍ରଶାସନ ଏବଂ ପ୍ରଦୂଷଣ ବିଭାଗ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ଦେବାକୁ ଲୋକେ ଦାବି କରିଛନ୍ତି।

## ଲଜକୁରା ମାଇନ୍ସରୁ ସ୍କ୍ରାପ ଚୋରି

ଝାରସୁଗୁଡ଼ା,୧୪।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ମହାନଦୀ କୋଇଲା ଖଣିର ଇବ୍ ଭ୍ୟାଲି କ୍ଷେତ୍ର ଲଜକୁରା ମାଇନ୍ସରୁ ସ୍କ୍ରାପ ଚୋରୀ ହେଉଛି। ଏକ୍ସାଭେସନ ୱାର୍କସପର ଡୋଜର ସେକସନରେ ଥିବା ଏହି ସ୍କ୍ରାପର ନିଲାମି ଶେଷ ହୋଇଛି। ହେଲେ ପ୍ରାୟ ୪ ଦିନ ହେଲାଣି ଜଣେ ସ୍କ୍ରାପ ବେପାରୀ ଏଠାରୁ ପିକଅପ ଗାଡି ଯୋଗେ ପ୍ରତିଦିନ ସ୍କ୍ରାପ ନେଉଛନ୍ତି। ଦିନକୁ ପ୍ରାୟ ୨ ଟନରୁ ଊର୍ଦ୍ଧ୍ୱ ସ୍କ୍ରାପ ଏହି ବେପାରୀ ଜଣକ ବାଧାବିଘ୍ନ ବିନା ଅନାୟାସରେ ନେଉଛନ୍ତି। ତେବେ ଏମସିଏଲର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ କିପରି ଏହି ସ୍କ୍ରାପ ପ୍ରତିଦିନ ଜଣେ ବେପାରୀ ଅନାୟାସରେ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ ଥିବାବେଳେ ଏଥିରେ ଏମସିଏଲର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଅଛି, ଏନେଇ ପୁଲିସ ତଦନ୍ତ କଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ଏବଂ ସ୍କ୍ରାପ ଚୋର ଧରା ପଡିବେ ବୋଲି ଜଣେ ଏମସିଏଲ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

## ମାମଲା ଗୁଡ଼ିକର ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ

ଝାରସୁଗୁଡ଼ା,୧୪।୭ (ସମିସ): ନୂଆଦିଲ୍ଲୀର ଜାତୀୟ ଆଇନ ସେବା ପ୍ରାଧୀକରଣ ଏବଂ ଓଡ଼ିଶା ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୧ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସାରା ଦେଶରେ ବିଶେଷ ମଧ୍ୟସ୍ଥତା ଅଭିଯାନ ଚାଲୁରହିଛି।

ଜିଲ୍ଲା ଆଇନସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟ ଏହି ଅଭିଯାନ ଚାଲିବ। ବିବାଦୀୟ ପକ୍ଷଗୁଡିକ ଅଦାଲତରେ ମାମଲାର ବିଚାର ନକରି ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ପଦ୍ଧତି ମାଧ୍ୟମରେ ମିଳିଥାଏ। ଏହାବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ଅଭିଯାନରେ କୋର୍ଟରେ ବିଚାରାଧୀନ ଥିବା ସମସ୍ତ ବୈବାହିକ ସମ୍ବନ୍ଧୀୟ ମାମଲା, ଗାଡି ମୋଟର ଦୁର୍ଘଟଣା ଜନିତ ମାମଲା, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ନିଯୁକ୍ତି ସମ୍ବନ୍ଧୀୟ, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଖାଉଟି ସୁରକ୍ଷା, ଋଣ ଅନାଦେୟ, ଜମିବାଡି ଭାଗବଣ୍ଟା ଓ ଉଚ୍ଛେଦ/ବେଦଖଲ ମାମଲା, ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ। ଯାହା ଦ୍ୱାରା ଜନସାଧାରଣ ସମୟ ଏବଂ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇପାରିବେ। ଜନସାଧାରଣ ଏହି ସୁଯୋଗର ସଦୁପଯୋଗ କରନ୍ତୁ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ଅଧିକ ସୂଚନା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ସହିତ ଯୋଗାଯୋଗ କରିପାରିବେ କିମ୍ବା ରାଷ୍ଟ୍ରୀୟ ହେଲ୍ପଲାଇନ ୧୫୧୦୦ କୁ ମଧ୍ୟ ଫୋନ୍ କରି ସୂଚନା ପାଇ ପାରିବେ।

## ବିପିଏମ୍ ହାଇସ୍କୁଲର ପ୍ରତିଷ୍ଠା ଦିବସ



ଝାରସୁଗୁଡ଼ା,୧୪।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ ଭଗବାନ ପ୍ରଧାନ ମେମୋରିଆଲ ହାଇସ୍କୁଲ (ବିପିଏମ)ର ୫୦ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସୋମବାର ଏଥିପାଇଁ ବିଦ୍ୟାଳୟ ପରିସରରେ ସଭାର ଆୟୋଜନ ହୋଇଥିଲା। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗି ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ, ଜତୀନ ଚନ୍ଦ୍ର ପ୍ରଧାନ, ଶଙ୍କର ପ୍ରଧାନ, ଦୁର୍ଯୋଧନ ବିଶ୍ୱାଳ, ବିଦ୍ୟାଳୟର ପୂର୍ବତନ କର୍ମଚାରୀ ବନମାଳି ବାଗ, ଭଉଁରଖୋଲ ସରପଞ୍ଚ ମୀନା ସାହୁ, ସମିତି ସଭ୍ୟା ସେବତୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଜୁଲାଇ ୧୪ ତାରିଖକୁ ବିପିଏମ ହାଇସ୍କୁଲ ୫୦ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ବିଦ୍ୟାଳୟରେ ଦୀପ ପ୍ରଜ୍ୱଳନ ପରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୧୪।୭ (ସମିସ): ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୫ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ଟି ବ୍ୟକ୍ତିଗତ ଏବଂ ୨ଟି ସାମୂହିକ ଅଭିଯୋଗ ଥିବା ଜଣାପଡିଛି। ବିଶେଷ କରି ବିଦ୍ୟୁତ୍ ସମସ୍ୟା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ମରାମତି, ଜମିବାଡି ବିବାଦ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡ଼ିକ ଶୁଣିବା ପରେ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ ସ୍ୱାଧୀନତା ସାହାଣୀ, ରିଆମାଳ ବିଡିଓ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

ଦେବଗଡ଼,୧୪।୭ (ସମସ): ବାରକୋଟ ଥାନା ଅଧୀନ ଡଂରା ଝରାସାହିରେ ସୋମବାର ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଭାସୁଥିବା ନେଇ ଗ୍ରାମବାସୀ ପ୍ରଥମେ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ମୃତଦେହ ଜବତ କରିଛି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାହୋଇ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠା ହୋଇଥିବା ଜଣାପଡ଼ିଛି। ଆଗାମୀ ୭୨ ଘଣ୍ଟା ପର୍ଯ୍ୟନ୍ତ ମୃତଦେହ ପୁଲିସ ହେପାଜତରେ ସଂରକ୍ଷିତ ରହିବ। ଏହା ମଧ୍ୟରେ ମୃତଦେହର ଦାବିଦାର ନ ଆସିଲେ ପୁଲିସ ପକ୍ଷରୁ ଶେଷକୃତ୍ୟ କରାଯିବ। ଗତ କିଛିଦିନ ଠାରୁ ହେଉଥିବା ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ନଦୀର ଉପରମୁଣ୍ଡ ଅଞ୍ଚଳରୁ ଏହି ମୃତଦେହ ଭାସି ଆସିଥିବା ପୁଲିସ ପ୍ରକାଶ କରିଛି। ଚଳିତ ସପ୍ତାହରେ ବାରକୋଟ ଥାନାଞ୍ଚଳ ବ୍ରାହ୍ମଣୀ ନଦୀ ମଧ୍ୟରୁ ଆଜିର ଉଦ୍ଧାର ମୃତଦେହକୁ ମିଶାଇ ମୋଟ ୩ ଜଣ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି।

## କରୁଣାକର ପାର୍ଣ୍ଣା ଶିକ୍ଷକ ସଂଘର ସମ୍ପାଦକ



ଦେବଗଡ଼,୧୪।୭ (ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ବାରକୋଟ ବ୍ଲକ୍ ଅଧୀନ ଡଂରା ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ପାଦକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ହୋଇଥିଲା। ଏଥିରେ ବାରକୋଟ ବ୍ଲକ୍ ସମ୍ପାଦକ ଭାବେ ନଈକୂଳ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ କରୁଣାକର ପାର୍ଣ୍ଣାଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡଂରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳ, ନଈକୂଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇନ୍ଦ୍ରମଣୀ ସାମଲ, କାଳିଆପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ, ସଇଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କ୍ଷୀରୋଦ ବିହାରୀ ସାହୁ ଓ ତିଳେଇବଣି ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଡିଲେଶ୍ୱର ପ୍ରଧାନଙ୍କ ସମେତ ବାରକୋଟ ବ୍ଲକ୍ର ସମସ୍ତ ଖେଳ ଶିକ୍ଷକ ଉପସ୍ଥିତ ଥିଲେ।

## ଓଷ୍ଟା ପକ୍ଷରୁ ସମ୍ବିଧାନ ସମ୍ମିଳନୀ

ଝାରସୁଗୁଡ଼ା,୧୪।୭ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଝାରସୁଗୁଡ଼ା ଶାଖାର ସାମ୍ବିଧାନିକ ସମ୍ମିଳନୀ ସୋମବାର ମଙ୍ଗଳ ବଜାର ଟାଉନ ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଣବ ଜେନା, ସମ୍ପାଦକ ଆଶୁତୋଷ ପ୍ରସାଦ ରଥ, ଅନୁଗୁଳ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାଶ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ସ୍କୁଲମାନଙ୍କରେ ଶିକ୍ଷକ ଓ କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା, ବିଶେଷକରି ପୁରୁଣା ପେନସନ ବ୍ୟବସ୍ଥାର ପ୍ରଚଳନ, ୧୯୪ ଯୋଗ୍ୟ ବିବେଚିତ ସ୍କୁଲମାନଙ୍କୁ ଅନୁଦାନ ପ୍ରଦାନ, ଖାଲି ପଡିଥିବା ପଦବୀ ପୂରଣ, ମୃତ କର୍ମଚାରୀଙ୍କ ପରିବାରର ଜଣକୁ ଥଇଥାନ ଆଦି ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଶେଷରେ ନୂତନ କର୍ମକର୍ତ୍ତାଙ୍କ ଚୟନ ହୋଇଥିଲା। ନୂତନ ସଭାପତି ଭାବେ ସନ୍ନ୍ୟାସୀ ପଟେଲ, କାର୍ଯ୍ୟକାରୀ ସଭାପତି ଜଗଦୀଶ କିସାନ, ଉପସଭାପତି ରୂପେ ବିପଦ ଭଞ୍ଜନ ପଣ୍ଡା, ଶକ୍ତି ପ୍ରସାଦ ପାଢ଼ୀ ଓ ଭାରତୀ ଭୋଇ, ସମ୍ପାଦକ ରୂପେ କିଶୋର ମହାନ୍ତି, ତିନି ଜଣ ଯୁଗ୍ମ ସଂପାଦକ ବିପିନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରିଷ୍ଣା ପ୍ରଧାନ, କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ଜୟନ୍ତୀ ପଟେଲ, ଜୟନାରାୟଣ ପଟେଲ, କେଶବ ଚନ୍ଦ୍ର ସା, ପ୍ରତାପ ପଟେଲ, ଜିଲ୍ଲାରୁ ରାଜ୍ୟ କାର୍ଯ୍ୟକାରୀ କମିଟିକୁ ସଦସ୍ୟ ରୂପେ ହରେକୃଷ୍ଣ ପଟେଲ ମନୋନୀତ ହୋଇଥିଲେ। ସଦାନନ୍ଦ ଦାଶ, ଉମାକାନ୍ତ ପଣ୍ଡା ଓ ସଚ୍ଚୀନ୍ଦ୍ର ପଟେଲ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଶପଥ ପାଠ କରାଇଥିଲେ। ପୂର୍ବତନ ସଭାପତି ସଦାନନ୍ଦ ଦାଶ ଧନ୍ୟବାଦ ଜଣାଇଥିଲେ।

## ଦେବଗଡ଼ ଗଣେଶ ପୂଜା କର୍ମକର୍ତ୍ତା ଚୟନ

ଦେବଗଡ଼,୧୪।୭ (ସମିସ): ଦେବଗଡ଼ ସହରରେ ଗଣେଶ ପୂଜା ଓ ମେଳା ଆୟୋଜନ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ହୋଇଯାଇଛି। ପୂର୍ବତନ କାଉନ୍ସିଲର ସୁଶୀଳ ନାୟକଙ୍କ ଆବାହକତ୍ୱରେ ସେଣ୍ଟର ଫର କଲଚର ଠାରେ ଅନୁଷ୍ଠିତ



ସଭାରେ ପୂଜା ଓ ମେଳା ଆୟୋଜନ ପାଇଁ ଆଲୋଚନା କରାଯିବା ସହ ଏହି ଚୟନ ପ୍ରକ୍ରିୟା ହୋଇଥିଲା। ଏଥିରେ ସଭାପତି ଭାବେ ରାଜେନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ଭାବେ ଲିଙ୍ଗରାଜ ବିଶ୍ୱାଳ, ସମ୍ପାଦକ ଭାବେ ଶାଶ୍ୱତ ନନ୍ଦ, ସହ ସମ୍ପାଦକ ଭାବେ ଅଭିନାଶ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ସୁଶୀଳ ନାୟକ, ଓ ସହ କୋଷାଧ୍ୟକ୍ଷ ଭାବେ ପଙ୍କଜ ପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେନ ନାୟକ, କାର୍ତ୍ତିକ ମହାକୁଳ, ରମଣୀ ରଞ୍ଜନ ଆଚାର୍ଯ୍ୟ, ହୀରାଲାଲ ରଞ୍ଜିତ, ଜଗନ୍ନାଥ ରଞ୍ଜିତ, ରାଜୁ ପାତ୍ର, ଅରୁଣ ଭଞ୍ଜ, ସୁବାଷ ପୃଷ୍ଟି, ମାର୍କଣ୍ଡେୟ ନନ୍ଦ, ଅମିତ ରଞ୍ଜିତ, ବିକାଶ ଖଡ଼ିରତ୍ନ, ଦିବ୍ୟଲୋଚନ ଭୋଜ, ଅମରେଶ ଗଙ୍ଗଦେବ, ରାକେଶ ଦାଶ, ତନୁ ଦାଶ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

## ୨ ବାଇକ୍ ଚୋରଙ୍କୁ କାବୁ କଲେ ଲୋକ

ଝାରସୁଗୁଡ଼ା,୧୪।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ରାଜପୁରର ସାପ୍ତାହିକ ସୋମବାର ବଜାରରୁ ମୋଟରସାଇକେଲ ଚୋରି କରୁଥିବା ଅଭିଯୋଗରେ ଦୁଇଜଣ ବ୍ୟକ୍ତିଙ୍କୁ ଅଟକ ରଖି ସ୍ଥାନୀୟ ଲୋକେ ଉତ୍ତମମଧ୍ୟମ ଦେଇଛନ୍ତି। ବାରଖଣ୍ଡିଆ ଗ୍ରାମର ଜଣେ ବ୍ୟକ୍ତି ସୋମବାର ବଜାରକୁ ପରିବା କିଣିବା ପାଇଁ ଯାଇଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି ତାଙ୍କର ବାଇକକୁ ଚୋରି କରୁଥିବା ଜାଣିବାକୁ ପାଇଥିଲେ। ଗାଡ଼ିରଖିଥିବା ସ୍ଥାନକୁ ପହଞ୍ଚିବା ବେଳକୁ ଗାଡ଼ି ପାଖରେ ଥିବା ଦୁଇଜଣ ମଦ୍ୟପ ବ୍ୟକ୍ତି ବାଇକ ଚୋରି କରିବାକୁ ଉଦ୍ୟମ କରୁଥିବା ଭାବି ଉଭୟ ବ୍ୟକ୍ତିଙ୍କୁ କାବୁ କରିଥିଲେ। ସ୍ଥାନୀୟ ଲୋକେ ବଜାର ଠାରୁ ଗାଡ଼ି ଚୋରି କରୁଥିବା ଅଭିଯୋଗରେ ଉଭୟଙ୍କୁ ଉତ୍ତମମଧ୍ୟମ ଦେଇଥିଲେ। ଫଳରେ ବଜାରରେ ଅନେକ ସମୟ ଧରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଗାନ୍ଧୀଛକ ଫାଣ୍ଡି ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉଭୟ ଚୋରି ଅଭିଯୁକ୍ତଙ୍କୁ ଲୋକେ ପୁଲିସକୁ ଜିମା ଦେଇଥିଲେ। ସେପଟେ ବ୍ୟକ୍ତି ଦ୍ୱୟ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ କି ମଦ୍ୟପାନ କରି ଏଭଳି କାଣ୍ଡ ଭିଆଇଥିଲେ ତାହା ପୁଲିସ ତଦନ୍ତ କରୁଛି।

## ଏପସିଲନ ଫାଉଣ୍ଡେସନ ପକ୍ଷରୁ ସ୍କୁଲରେ ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍ ଉଦ୍‌ଘାଟିତ



ଝାରସୁଗୁଡ଼ା,୧୪।୭ (ସମିସ): ଏପସିଲନ ଫାଉଣ୍ଡେସନ୍ ଓଡ଼ିଶାର ବେରୁଣପଦି ଅଞ୍ଚଳରେ ଏପସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସ୍‌ଆର୍ ଶାଖା ସୋମବାର ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ନବନିର୍ମିତ ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍‌ର ଉଦ୍‌ଘାଟନ କରିଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ, ହକି ଓ ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଶୃଙ୍ଖଳା, ଦଳଗତ କାର୍ଯ୍ୟ ଓ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରି କ୍ରୀଡ଼ା ପ୍ରତିଭାମାନଙ୍କୁ ବିକଶିତ କରିବା ଏହାର ଉଦ୍ଦେଶ୍ୟ ରହିଛି। ଉଦ୍‌ଘାଟନ ସମାରୋହରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ଓ ଜାତୀୟସ୍ତରରେ ଅଞ୍ଚଳର କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ନବ ନିର୍ମିତ ସ୍ପୋର୍ଟସ କମ୍ପ୍ଲେକ୍ସଟି ଏକ ଲଞ୍ଚ୍‌ପ୍ୟାଡ ରୂପେ କାର୍ଯ୍ୟ କରିବ ବୋଲି ଏପ୍‌ସିଲନ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା ଆଶା ବ୍ୟକ୍ତ କରିଥିଲେ।

ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରି ଅବହେଳିତ ସମୁଦାୟର ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଶିଖାଇବା ସହ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବା ଏପ୍‌ସିଲନ ଫାଉଣ୍ଡେସନର ଉଦ୍ଦେଶ୍ୟ ବୋଲି ସେ ଏହି ଅବସରରେ କହିଥିଲେ।

## ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ଚାରାରୋପଣ

ଝାରସୁଗୁଡ଼ା,୧୪।୭ (ସମିସ): ଝାରସୁଗୁଡ଼ା ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବମ୍ବେ ଛକ ଠାରେ ବରିଷ୍ଠ ନାଗରିକ କଲ୍ୟାଣ ସମିତି ଦ୍ୱାରା ବନ ମହୋତ୍ସବ ପାଳନ କରାଯାଇଛି। ଅଧ୍ୟକ୍ଷ ଇଞ୍ଜିନିୟର ମୋତିଲାଲ୍ ଜୈନ୍‌ଙ୍କ ନେତୃତ୍ୱରେ ସୋମବାର ପଞ୍ଚପଡା ରୋଡରେ ଅବସ୍ଥିତ ବୃଦ୍ଧାଶ୍ରମ ପ୍ରାଙ୍ଗଣରେ ୫୦ରୁ ଅଧିକ ଦେବଦାରୁ ଗଛ ଲଗା ଯାଇଥିଲା। ଏହି ଅବସରରେ ସମିତି ଦ୍ୱାରା ବୃଦ୍ଧାଶ୍ରମର ଅନ୍ତେବାସୀ ଓ କର୍ମକର୍ତ୍ତାଙ୍କୁ ଜଳଖିଆ ପ୍ରଦାନ କରାଯାଇଥିଲା। ଗଛ ଲଗାଇବା କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ନିରଞ୍ଜନ ବେହେରା ସମେତ, ଯୁଗ୍ମ ସମ୍ପାଦକ ଶିବ ପତି, କୋଷାଧ୍ୟକ୍ଷା ସୀତା ଜୈନ୍ ଓ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



**ସୀମାନ୍ତରେ ଓଡ଼ିଆ ଭାଷାର ବିକଳ ଚିତ୍ର**

# ଲୋପ ପାଉଛି ଭାଷା, ହଜିଯାଉଛି ଅସ୍ମିତା

ପାରଳାଖେମୁଣ୍ଡି, ୧୪।୭ (ସମିସ)



ସୀମାନ୍ତ ଓଡ଼ିଶାରେ ଓଡିଆ ଭାଷା ବ୍ୟବହାର ତ ଦୂରର କଥା ଭବିଷ୍ୟତ ପିଢ଼ିକୁ ଓଡିଆ ଭାଷା ଠାରୁ ଦୂରେଇ ଦିଆଯାଉଛି। ଓଡ଼ିଶା ମାଟିରେ ଜନ୍ମ ଓଡ଼ିଶାରେ ବାସସ୍ଥାନ କିନ୍ତୁ ପିଲାଙ୍କ ପାଠପଢ଼ା ହେଉଛି ଆନ୍ଧ୍ରର ସରକାରୀ ବିଦ୍ୟାଳୟରେ। ଓଡ଼ିଶାରେ ପାଠ ପଢ଼ିବା ପାଇଁ ଆଗ୍ରହ ନାହିଁ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ତୁଳନାରେ ଆନ୍ଧ୍ରର ଶିକ୍ଷା ବ୍ୟବସ୍ଥା ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅଧିକ ଆକର୍ଷିତ କରୁଛି। ଗଜପତି ଜିଲ୍ଲାର ସୀମାବର୍ତ୍ତୀ ଗ୍ରାମାଞ୍ଚଳରେ ଓଡ଼ିଆ ଭାଷାର ଏଭଳି କରୁଣ ସ୍ଥିତି ଦେଖିବାକୁ ମିଳୁଛି। ଆନ୍ଧ୍ର-ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳରେ କେବେ ସୀମାକୁ ନେଇ ବିବାଦ ତ କେବେ ସୀମାନ୍ତ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନା ଦେଇ ଆନ୍ଧ୍ର ପ୍ରଲୋଭିତ କରିବା ଅଭିଯୋଗ ହୋଇଆସୁଛି। ଯାହାକୁ ନେଇ ଉଭୟ ସରକାର ମଧ୍ୟରେ ବାଦବିବାଦ ଲାଗି ରହୁଛି। ଏସବୁ ମଧ୍ୟରେ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳର ପ୍ରାଥମିକ ଶିକ୍ଷା ଓଡ଼ିଆ ଭାଷା ପ୍ରତି ଶକ୍ତ ଆଘାତ ସୃଷ୍ଟି କରୁଛି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାରଙ୍କ ଏଠି କୌଣସି ନିଘା ନଥିବା ଅଭିଯୋଗ ହେଉଛି। ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡି ସହରୁ ଆରମ୍ଭ କରି ଗୋଷାଣି ବ୍ଲକ ଡାମୁଣିଗାଁ, ଅମରା, ଡାଳିମ୍ବପୁର, କେରାଣ୍ଡି ଆଦି ଓଡ଼ିଶା ସୀମାନ୍ତ ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଓ ଏହାର ଆଖପାଖ ଅଞ୍ଚଳ ବ୍ୟତୀତ କାଶୀନଗର ବ୍ଲକର ସୀମାନ୍ତରେ ଥିବା ବିଭିନ୍ନ ଗ୍ରାମର ପିଲାମାନେ ପଡ଼ୋଶୀ ରାଜ୍ୟର ସ୍କୁଲ ନିକଟରେ ଥିବା ଯୋଗୁଁ ସେହି ବ୍ଲକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଓଡ଼ିଆ ଭାଷା ଏଠି ସମ୍ପୂର୍ଣ୍ଣ ଭାବେ ଲୋପ ପାଇବାକୁ ବସିଥିବା ବେଳେ ତେଲୁଗୁ ଭାଷାର ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହେଉଛି। ଆନ୍ଧ୍ର ସୀମାବର୍ତ୍ତୀ, ପୁରୁଣାପାଟଣା ଠାରୁ ଆରମ୍ଭ କରି କସମଳା, ବସୁନ୍ଧରା, ମେଳିଆପୁଟି, ଚାପରା, ରାଟିଣି ଆଦି ଗ୍ରାମର ସରକାରୀ ବିଦ୍ୟାଳୟରେ ଓଡ଼ିଶା ସୀମାନ୍ତ ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ପାଠ ପଢ଼ୁଥିବା ଦେଖାଯାଉଛି। ଗାଁ, ସହର ଠାରୁ ନିକଟ ଏବଂ ଓଡ଼ିଶା ଅପେକ୍ଷା ଆନ୍ଧ୍ର ସ୍କୁଲରେ ଅଧିକ ସୁବିଧା, ଏପରିକି ଆନ୍ଧ୍ରରେ ପାଠ ପଢ଼ିଲେ ଚାକିରି ମିଳିବା ସହଜ ବୋଲି ଅବିଭାବକ କହୁଥିବା ବେଳେ, ଓଡ଼ିଶା ସୀମାନ୍ତ ଅଧିକାଂଶ ବିଦ୍ୟାଳୟରେ ତେଲୁଗୁ ଭାଷା ଶିକ୍ଷକ ନଥିବା, ପୁଣି ଭଲ ପାଠପଢ଼ା ହେଉ ନ ଥିବା ଏହାର ପ୍ରମୁଖ କାରଣ ବୋଲି କହିଛନ୍ତି ଏଠାକାର ବୁଦ୍ଧିଜୀବୀ ଓ ଅଭିଭାବକ। ଓଡ଼ିଶାରେ ସୀମାନ୍ତ ବିଦ୍ୟାଳୟରେ କୋଠାବାଡ଼ି ଆଦିର ଭିତ୍ତିଭୂମିର ଅନେକ ବିକଶିତ ହୋଇଛି। ଶିକ୍ଷକ ମଧ୍ୟ ନିଯୁକ୍ତ ହୋଇଛନ୍ତି। ତଥାପି ବିଦ୍ୟାର୍ଥୀଙ୍କ ନାମ ଲେଖା ଅତ୍ୟନ୍ତ ନୈରାଶ୍ୟଜନକ। ପିଲା ନଥିବାରୁ ବନ୍ଦ ପଡ଼ିଛି ଅନେକ ବିଦ୍ୟାଳୟ। ଏପରିକି କିଛି ନୂଆ ବିଦ୍ୟାଳୟ କୋଠା ଭୂତକୋଠି ପାଲଟିଛି। ସୀମାନ୍ତ ବିଦ୍ୟାଳୟଗୁଡ଼ିକରେ ଭାଷା ଶିକ୍ଷା ପାଇଁ ଉଭୟ ସରକାରଙ୍କ ପକ୍ଷରୁ ତେଲୁଗୁ ଓ ଓଡ଼ିଆ ପାଠ୍ୟ ପୁସ୍ତକ ସହ ଭାଷା ଶିକ୍ଷକଙ୍କ ନିଯୁକ୍ତି ବ୍ୟବସ୍ଥା ରହିଛି। କିନ୍ତୁ ଓଡ଼ିଶା ସୀମାନ୍ତ ଅଧିକାଂଶ ବିଦ୍ୟାଳୟରେ ତେଲୁଗୁ ଭାଷା ଶିକ୍ଷକ ନିଯୁକ୍ତି ହୋଇ ନଥିବାବେଳେ, ତେଲୁଗୁ ଭାଷାବାଦୀ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା ନାହିଁ କି ବିଭାଗ ପକ୍ଷରୁ ସେଭଳି ଜନ ସଚେତନତା ସୃଷ୍ଟି କରାଯାଉନାହିଁ ବୋଲି କୁହାଯାଇଛି। ପିଲାଙ୍କ ପାଠପଢ଼ାରେ ଲୋକଙ୍କ ଅଧିକାର ରହିଛି। ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଯିବାରେ ନିଜ ରୁଚି ଅନୁସାରେ ଯାହାର ଯେଉଁଠି ସୁବିଧା ସିଏ ସେଇଠି ପାଠ ପଢ଼ିବେ ବୋଲି ମନ୍ତବ୍ୟ ରଖିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ। ଓଡ଼ିଆ ଭାଷାର ବିକାଶ ହେଲେ ବିକଶିତ ହେବ ଓଡ଼ିଶା। ଏଣୁ ଓଡ଼ିଆ ଭାଷା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ କାର୍ଯ୍ୟ କରୁଛି ସରକାରଙ୍କ ସ୍ୱତନ୍ତ୍ର ବିଭାଗ। କିନ୍ତୁ ପ୍ରକୃତରେ ଏଠି ତାହା କାର୍ଯ୍ୟକାରୀ ହେଉ ନ ଥିବା ପରିଲକ୍ଷିତ ହୋଇଛି। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଓଡ଼ିଶାର ଅନେକ ମହାପୁରୁଷଙ୍କ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପ୍ରେରଣା ଓ ଓଡ଼ିଆ ଅସ୍ମିତା କଥା କେବଳ ସରକାରଙ୍କ ଭାଷଣରେ ସୀମିତ ରହିଛି। ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଏଠି କାହାର ଦରଦ ନ ଥିବା ଅଭିଯୋଗ ହେଉଛି।

## ଦେଢ଼ବର୍ଷ ହେଲା ବିଏସ୍ଏନ୍ଏଲ୍ ଟାୱାର ଅଚଳ



ଫିରିଙ୍ଗିଆ, ୧୪।୭ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଳନ୍ଦାପଡ଼ାରେ ଦେଢ଼ବର୍ଷ ହେଲା ବିଏସ୍ଏନ୍ଏଲ୍ ସେବା ଅଚଳ ହୋଇପଡ଼ିଛି। ଟାୱାର ନିର୍ମାଣ ହେବା ପରେ ଅଞ୍ଚଳବାସୀ ବିଏସ୍ଏନ୍ଏଲ୍ ସେବା ପାଇ ରାସନ କାର୍ଡ ହେଉ କି ଅନ୍ୟାନ୍ୟ କାମରେ ନିଜର ବିଏସ୍ଏନ୍ଏଲ୍ ନମ୍ବର ଦେଇଥିଲେ। ହେଲେ ଦେଢ଼ ବର୍ଷ ହେଲା ଟାୱାର ଅଚଳ ହେବା ଫଳରେ ରାସନ କାର୍ଡ, ଆଧାର କାର୍ଡରେ ନିଜର ମୋବାଇଲ ନମ୍ବର ଓଟିପି ଆବଶ୍ୟକ ହେଉଥିବା ବେଳେ ଏହି କାର୍ଯ୍ୟ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପ୍ରାୟ ପାଖାପାଖି ୫ କିଲୋମିଟର ଦୂର ପର୍ଯ୍ୟନ୍ତ ଲୋକେ ବିଏସ୍ଏନ୍ଏଲ୍ ସେବା ପାଇପାରୁଥିଲେ। ବର୍ତ୍ତମାନ ତାହା ଅଚଳ ହେବା ପରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଳନ୍ଦାପଡ଼ା ମୁଖ୍ୟାଳୟରେ ଥାଇ ଟାୱାର ଅଚଳ ହେବା ଯୋଗୁଁ କୌଣସି କାମରେ ଲାଗୁନି। ଲକ୍ଷାଧିକ ଟଙ୍କାରେ ନିର୍ମିତ ଟାୱାର ଅଚଳ ହୋଇପଡ଼ିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଛି। ତୁରନ୍ତ ଟାୱାର କାର୍ଯ୍ୟକ୍ଷମ କରିବା ସହ ସେବା ଯୋଗାଇ ଦେବାକୁ ଅଞ୍ଚଳର ସଞ୍ଜୟ କୁମାର ସାହୁ, ଜିତେନ୍ଦ୍ର ସାହୁ, ରଞ୍ଜିତ ସାହୁ ହେମନ୍ତ ଦଣ୍ଡିଆ, ନେପାଳ ଡାକୁଆ ଓ ରଶ୍ମି ରଞ୍ଜନ ପ୍ରଧାନଙ୍କ ସହ ବହୁ ଗ୍ରାମବାସୀ ଦାବି କରିଛନ୍ତି।

## ନାଳରୁ ଗୁରୁତର ଗୋରୁ ଉଦ୍ଧାର



ପାରଳାଖେମୁଣ୍ଡି, ୧୪।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ଥିବା ନାଳରୁ ଏକ ଗାଈକୁ ଉଦ୍ଧାର କରିଛି ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗ। ଗାଈ ନାଳରେ ପଡ଼ି ଫସି ଯାଇଥିଲା। ନାଳ ଉପରେ ବଡ ବଡ ପ୍ଲେଟ୍ ରହିଥିବାରୁ ସ୍ଥାନୀୟ ଲୋକେ ଗାଈ ଉଦ୍ଧାର ପାଇଁ ପ୍ରୟାସ କରି ପାରିନଥିଲେ। ଏନେଇ ଅଗ୍ନିସମ ବିଭାଗକୁ ଜଣାଇଥିଲେ। ସୂଚନା ପାଇ ଅଗ୍ନି ସମ ବିଭାଗ କର୍ମଚାରୀ ପହଞ୍ଚି ନାଳରୁ ପ୍ଲେଟ୍ ବାହାର କରି ଗାଈକୁ ଉଦ୍ଧାର କରିଥିଲେ।

## ବ୍ଲକ୍ସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା



ଚକାପାଦ, ୧୪।୭ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବିରୁପାକ୍ଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ଜଣ ସହକାରୀ ଶିକ୍ଷକ ଚାହାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୃଷୀକେଶ ପ୍ରଧାନ, ତୋଟାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବଘନ ସାହୁ, ସଦାପଦର ପ୍ରାଥମିକ ବିଦ୍ୟାଳୟର ଅନାଦି ଚରଣ ଦଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ସଭାପତି ଶାନ୍ତନୁ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଜଗଦୀଶ ପ୍ରସାଦ ନାୟକ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ଦିଗାଲ, ସମ୍ପାଦକ ବିକ୍ରମ ଦିଗାଲ ଯୋଗ ଦେଇଥିଲେ। ଚକାପାଦ ବ୍ଲକର ୭ ଜଣ ସିଆରସିସି ଓ ୬୦ରୁ ଅଧିକ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ସୁନନ୍ଦ ଦିଗାଲ ଧନ୍ୟବାଦ ଦେଇଥିଲେ।

## ୨୯ ଶିକ୍ଷାର୍ଥୀଙ୍କୁ ଆର୍ଥିକ ସହାୟତା



ରାୟଗଡ଼ା, ୧୪।୭ (ସମିସ): ଶିକ୍ଷା ମାଧ୍ୟମରେ ଗ୍ରାମ ଓ ଜୀବନର ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର୍ କମ୍ୟୁନିଟି ଡିଭେଲପମେଣ୍ଟ (ଉଉଉ) ପକ୍ଷରୁ ସୋମବାର ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ୭ ଗ୍ରାମର ୨୯ ଜଣ ଏକକ ମାତୃପିତୃ ହୀନ, ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କା ଲେଖାଏ ଅର୍ଥରାଶିର ଚେକ୍ ବଣ୍ଟନ କରାଯାଇଛି। ବ୍ଲକର ସଦ୍ଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ସିସିଡି ନିର୍ଦ୍ଦେଶକ ଏ. ଜଗନ୍ନାଥ ରାଜୁ ଯୋଗ ଦେଇଥିଲେ। ଏଭଳି ସହାୟତା ଦ୍ୱାରା ଛାତ୍ରଛାତ୍ରୀ ପଢ଼ା ସାମଗ୍ରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ଭରଣା କରିପାରିବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମ ସିସିଡି ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିବା ବେଳେ ଦେବାଶିଷ ପାଇକ, ବି. ମାନସା, ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ସମ୍ପୃକ୍ତ ବ୍ଲକର ୭ଟି ଗ୍ରାମର କମ୍ୟୁନିଟି ଏଜୁକେଟର ପରିଚାଳନାରେ ସହଯୋଗ କରିଥିଲେ।

**୩ ବର୍ଷ ହେଲା ସରୁନି ପୋଲ ନିର୍ମାଣ**

## ଯାତାୟାତ ପାଇଁ କାଠ ଗଣ୍ଡି ଭରସା



ଫିରିଙ୍ଗିଆ, ୧୪।୭ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତର ୧୧ ନମ୍ବର ୱାର୍ଡ ନାନ୍ଦେଣି ଓ ଡଙ୍ଗିମେଣ୍ଡି ଗ୍ରାମବାସୀ ଯାତାୟତ ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। କାଠଗଣ୍ଡି ଉପରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଥିବାରୁ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ ଗ୍ରାମବାସୀ। ପ୍ରଶାସନ ତରଫରୁ

**● ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ**

ସମସ୍ୟାକୁ ହୃଦୟଙ୍ଗମ କରି ଏକ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରାଯାଇଥିଲା। ସେହି ପ୍ରକାରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ତିନି ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ ଶେଷ ହେଉନି। ଏଥିଯୋଗୁଁ ୧୧ ନମ୍ବର ୱାର୍ଡବାସୀଙ୍କ ସମେତ ଅଞ୍ଚଳର ଡଙ୍ଗିମେଣ୍ଡି ଓ ନାନ୍ଦେଣି ଗ୍ରାମବାସୀ ବର୍ତ୍ତମାନ ମଧ୍ୟ କାଠ ଗଣ୍ଡି ପକାଇ ବିପଦପୂର୍ଣ୍ଣ ଅବସ୍ଥାରେ ଦୈନନ୍ଦିନ ଯାତାୟାତ କରୁଛନ୍ତି। କ୍ରାଣ୍ଡିବାଲି ପଞ୍ଚାୟତ ଠାରୁ ଡଙ୍ଗିମେଣ୍ଡି ପ୍ରାୟ ୫ କିଲୋମିଟର ଦୂର। ଏହି ମଝିରେ ବାଘ ନଦୀରେ ଅଞ୍ଚଳବାସୀ କାଠଗଣ୍ଡି ପକାଇ ଯାତାୟତ କରୁଛନ୍ତି। ୧୧ ନମ୍ବର ୱାର୍ଡରେ ପ୍ରାଥମିକ ବିଦ୍ୟାଳୟ ସହ ଅଙ୍ଗନବାଡି କେନ୍ଦ୍ର ରହିଛି। ତେଣୁ ଛୋଟ ଛୋଟ ଶିଶୁ ଓ ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ ହେବାରୁ ପାଠପଢ଼ା ବ୍ୟାହତ ହେଉଛି। ଅଞ୍ଚଳରେ ଚାଳିଶରୁ ଅଧିକ ପରିବାର ରହୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ନିର୍ମାଣ ହେଉଥିବା ପୋଲର ନିର୍ମାଣ ତୁରନ୍ତ ଶେଷ କରିବାକୁ କ୍ରାଣ୍ଡିବାଲି ନାଏବ ସରପଞ୍ଚ ଦାମୋଦର କହଁରଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁନିସିଂରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି/ଗୁମ୍ମା, ୧୪।୭ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ମୁନିସିଂ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଯୋଗ ଦେଇ ଗୁମ୍ମା ବ୍ଲକର ଜୀବା, ଝାମୀ ଓ ତରଙ୍ଗଡ଼ା ପଞ୍ଚାୟତର ମୋଟ ୬୩ ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୭ ଏବଂ ଗ୍ରାମ ଭିତ୍ତିକ ସମସ୍ୟା ୪୨ରହିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ଦାଶ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମୀ ମଣ୍ଡଳଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଅଭିନବ ଢଙ୍ଗରେ ଗୋମାଂସ ଚାଲାଣ



ପାରଳାଖେମୁଣ୍ଡି, ୧୪।୭ (ସମିସ): ଗଜପତି ଜିଲ୍ଲା ସୀମାନ୍ତ ତଥା ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାର କାଞ୍ଚିଲି ମଣ୍ଡଳର ବୁରାଗାମରେ ବେଆଇନ ଭାବରେ ଓଡ଼ିଶାରୁ ରାଜମେନ୍ଦ୍ରିକୁ ଗୋମାଂସ ପରିବହନ କରୁଥିବା ଏକ ଭ୍ୟାନ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଏହି ଘଟଣା ଜାଣିବା ପରେ, ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ବାହାରକୁ ଆଳୁ ଯାଉଥିବା ବେଳେ ଭିତରେ ଗୋମାଂସ ରଖି ପରିବହନ କରାଯାଉଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ମଚାରୀ କାଞ୍ଚିଲି ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଗାଡ଼ିଟିକୁ ଜବତ କରି ଥାନାକୁ ନିଆଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ପୁଲିସ ନିଶ୍ଚିତ କରିଛି ଯେ ଗୋମାଂସ ଓଡ଼ିଶାର ପିପିଲିରୁ ରାଜମେନ୍ଦ୍ରିକୁ ଚାଲାଣ କରାଯାଉଥିଲା। ଏପରି ଅଭିନବ ଢଙ୍ଗରେ ଏହି ଦୁର୍ଘଟଣାଗ୍ରସ୍ତ ଭ୍ୟାନରେ ୧୦ଟନ୍ ଗୋମାଂସ ନିଆଯାଉଥିଲା ବୋଲି କାଞ୍ଚିଲି ପୁଲିସ୍ ସ୍ପଷ୍ଟ କରିଛି। ଗୋମାଂସ ଚାଲାଣ ଶୈଳୀ ବଦଳୁଥିବା ଯୋଗୁଁ ଉଦ୍‌ବେଗ ପ୍ରକାଶ ପାଇଛି।

## ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼



ଟିକାବାଲି, ୧୪।୭ (ସମିସ): ଆଜି ଶ୍ରାବଣ ମାସର ପ୍ରଥମ ସୋମବାରରେ ବିଭିନ୍ନ ଶୈବ ପୀଠରେ କାଉଡ଼ିଆ ଜଳାଭିଷେକ କରିଛନ୍ତି। ଟିକାବାଲ ଡୁଙ୍ଗିସ୍ଥିତ ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ଶ୍ରାବଣ ମାସର ଶେଷ ସୋମବାର ପର୍ଯ୍ୟନ୍ତ ମନ୍ଦିରରେ ଗହଳି ଜରି ରହିବ ବୋଲି କୁହାଯାଇଛି। ଶ୍ରାବଣ ମାସ ଯୋଗୁଁ ଟିକାବାଲି ବଜାର ତଥା ଆଖପାଖ ଅଞ୍ଚଳରେ ଆମିଷ ବିକ୍ରି ବନ୍ଦ ରହିବା ସହ ହୋଟେଲ ଗୁଡିକରେ ବିନା ପିଆଜ ରସୁଣ ଖାଦ୍ୟ ମିଳୁଛି। ବିଭିନ୍ନ ଧାର୍ମିକ ଏବଂ ଯୁବ ସଂଗଠନ କାଉଡିଆଙ୍କ ପାଇଁ ବିଶ୍ରାମ ଏବଂ ଜଳପାନ ବ୍ୟବସ୍ଥା କରିବା ରେ ଲାଗିପଡ଼ିଛନ୍ତି।

## ଶ୍ରାବଣ ପ୍ରଥମ ସୋମବାର କାଉଡ଼ିଆଙ୍କ ଜଳାଭିଷେକ

ମୋହନା, ୧୪।୭ (ସମିସ): ଶ୍ରାବଣ ମାସ ପ୍ରଥମ ସୋମବାରରେ ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। କାଉଡ଼ିଆ



ବାହୁଙ୍ଗୀରେ ପାଣି ଢାଳ ଧରି ଜଳାଭିଷେକ କରିବାକୁ ଶୈବ ପୀଠକୁ ଯାଇଥିଲେ। ଗଜପତି ଜିଲ୍ଲା ମୋହନା ବ୍ଲକ ଖସଡ଼ା ଜଳ ପ୍ରପାତରୁ ମୋହନାର ଶତାଧିକ କାଉଡିଆ ପାଣି ଉଠାଇ ପ୍ରାୟ ୩୦ କିଲୋମିଟର ଚାଲିଚାଲି ଆସି ମୋହନା ନୀଳକଣ୍ଠେଶ୍ୱର ମନ୍ଦିରରେ ପହଞ୍ଚି ଜଣକ ପରେ ଜଣେ କାଉଡ଼ିଆ ଜଳାଭିଷେକ କରିଥିଲେ। ସେହିପରି ଚାନ୍ଦିପୁଟ, ଚନ୍ଦ୍ରଗିରି, କେଶରା, ଅଡ଼ବା ଆଦି ଶୈବପୀଠରେ କାଉଡ଼ିଆ ଜଳାଭିଷେକ କରିଛନ୍ତି।

## ଜଳାଭିଷେକ କଲେ କାଉଡ଼ିଆ



ପାରଳାଖେମୁଣ୍ଡି, ୧୪।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରାଞ୍ଚଳରେ ଥିବା ଜଳାଶୟ ଓ ଶୈବପୀଠ କାଉଡିଆଙ୍କ ଗହଳିରେ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ଶିବାଳୟରେ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ କାଉଡିଆଙ୍କ ଭିଡ ଜେମିଥିବା ଦେଖାଯାଇଛି। କାଉଡିଆ ସ୍ୱତନ୍ତ୍ର ପୋଷାକ ପିନ୍ଧିବା ସହିତ ହାତରେ ବାହୁଙ୍ଗୀରେ ଜଳ ପୂର୍ଣ୍ଣ କଳସ ଧରି ବିଭିନ୍ନ ଜଳାଶୟରୁ ଜଳ ଉଠାଇ ଶିବାଳୟରେ ଜଳାଭିଷେକ କରୁଛନ୍ତି।

**● ଅସହାୟ ବୃଦ୍ଧ ଦମ୍ପତିଙ୍କ ସମସ୍ୟା ଦୂର କଲା ପ୍ରଶାସନ**

## ଦୁଆର ମୁହଁରୁ ହଟିଲା ଜବରଦଖଲ



ପାରଳାଖେମୁଣ୍ଡି, ୧୪।୭ (ସମିସ): ଅସହାୟ ବୃଦ୍ଧବୃଦ୍ଧାଙ୍କ ସମସ୍ୟା ଦୂର କଲା ପ୍ରଶାସନ। ହଟାଇଲା ଦୁଆର ମୁହଁର ଜବରଦଖଲ। ଜବରଦଖଲ ଯୋଗୁଁ ଘରୁ ବାହାରକୁ ଯାଇପାରୁ ନ ଥିଲେ ବୟସ୍କ ଦମ୍ପତି। ନିଜ ଘରବାରି ସରହଦ ମଧ୍ୟରେ ଏଭଳି ଜବରଦଖଲ ହୋଇଥିବାବେଳେ ଏ ନେଇ ବାରମ୍ବାର ବିଭିନ୍ନ ସ୍ତରରେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର ପାଇ ନଥିଲେ। ଆଜି ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସଦଳବଳେ ପହଞ୍ଚି ପହଞ୍ଚି ଉକ୍ତ ଅବରୋଧକୁ ହଟାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ଗ୍ରାମରେ। ଏହି ଗ୍ରାମର ଦଳିତ ସାହିର ବୃଦ୍ଧ ମେରେକା ଆପା ରାଓଙ୍କ ଘର ସମ୍ମୁଖରେ ହୋଇଥିଲା ଜବରଦଖଲ। ନିଜ ଘରୁ ବାହାରକୁ ବାହାରିବା ପାଇଁ ରାସ୍ତା ଖୋଳିଥିବାରୁ ଭାବବିହ୍ୱଳ ହୋଇପଡ଼ିଛନ୍ତି ବୟସ୍କ ଦମ୍ପତି। ବୃଦ୍ଧ ଦମ୍ପତିଙ୍କ ଅସହାୟତାକୁ ନେଇ ଘର ମୁହଁରେ ବଳପୂର୍ବକ ମୂଳଦୁଆ ପକାଇଥିଲେ ଜବରଦଖଲକାରୀ। ପରିଣତ ବୟସରେ ହସ୍ପିଟାଲ ହେଉ ଅବା ଦୋକାନ ବଜାର ପାଇଁ ଘରୁ ବାହାରକୁ ଯିବା ଆସିବା ପାଇଁ ସେମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନେ ଏକ ପ୍ରକାର ଗୃହ ବନ୍ଦୀ ଅବସ୍ଥାରେ ଜୀବନ ବିତାଉଥିଲେ। ଆଜି ପ୍ରଶାସନର ସହଯୋଗରେ ଜବରଦଖଲ ଉଚ୍ଛେଦ ହୋଇଥିବାରୁ ଜିଲ୍ଲାପାଳ ବିଜୟ କୁମାର ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡାଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି ବୃଦ୍ଧ ମେରକା ଆପ୍ପା ରାଓ ଓ ସ୍ଥାନୀୟ ବୁଦ୍ଧିଜୀବୀ।

## କାଦୁଅ ପଚପଚ ରାସ୍ତା, ଯାତାୟାତ ବାଧାପ୍ରାପ୍ତ

ବାଲିଗୁଡ଼ା, ୧୪।୭ (ସମିସ)



ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ପ୍ରଶାସନର ଅବହେଳା ଯୋଗୁଁ ଆଜି ବି ଗାଁର ରାସ୍ତା କାଦୁଅ ପଚପଚ ହୋଇ ରହିଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଲଣ୍ଡାଗାଁ ପଞ୍ଚାୟତର କର୍ଣ୍ଣବେଡା, ସର୍ଗିପଡ଼ା ଦେଇ ଯାଇଥିବା ରାସ୍ତା ବର୍ଷା ଦିନରେ କାଦୁଅ ପଚପଚ ହୋଇଯାଉଛି। ଏଥିଯୋଗୁଁ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଖାପାଖି ତିନି ହଜାରରୁ ଅଧିକ ଜନସାଧାରଣ ଏହି କାଦୁଅ ପଚପଚ ରାସ୍ତାରେ ଯିବା ଆସିବା ପ୍ରତିଦିନ କରୁଛନ୍ତି। ବର୍ଷା ଅଧିକ ହୋଇଗଲେ ଆମ୍ବୁଲାନ୍ସ ସହ ଜରୁରିକାଳୀନ ସେବା ପାଇଁ ଲଣ୍ଡାଗାଁ ପଞ୍ଚାୟତ ଯିବା ବନ୍ଦ ହୋଇଯାଉଛି। କାଦୁଅ ରାସ୍ତାରେ ଛୋଟ ପିଲାମାନେ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପାରୁନାହାନ୍ତି। ଅନେକ ଥର ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନକୁ ନିବେଦନ କରାଯାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇପାରିନଥିବା ଅଞ୍ଚଳବାସୀ କହିଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ବାଲିଗୁଡ଼ା ବ୍ଲକ କାର୍ଯ୍ୟାଳୟ, ଆରଡି, ବିଭାଗକୁ ଅନେକ ଥର ଯାଇ ଅନୁରୋଧ କରିଥିଲେ ମଧ୍ୟ କୌଣସି ଫଳ ହୋଇନାହିଁ ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅର୍ଜୁନ କୁଦେଇ, ସ୍ଥାନୀୟ ସରପଞ୍ଚ ତୁଳସୀ ଝଙ୍କାର କହିଛନ୍ତି। ଲଣ୍ଡାଗାଁ ପିଓ ବିପିନ କହଁରଙ୍କୁ ପଚାରିବାରୁ ଆମେ ପାଖାପାଖି ବର୍ଷେ ହେଲା ଏ ସମ୍ପର୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଆଜି ଯାଏଁ କାହିଁକି ଅନୁମୋଦନ ହେଇ ପାରୁନାହିଁ କହିପାରିବି

**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

ନାହିଁ ବୋଲି କହିଛନ୍ତି। ସ୍ଥାନୀୟ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ରାସ୍ତା ଶୀଘ୍ର ନିର୍ମାଣ କରିବା ନିମନ୍ତେ ଅଞ୍ଚଳବାସୀ ଓ ଜନ ପ୍ରତିନିଧି ଅନୁରୋଧ କରିଛନ୍ତି। ଯଦି ଏହି ରାସ୍ତା ଶୀଘ୍ର ନିର୍ମାଣ ନ ହୁଏ ଆଗାମୀ ଦିନରେ ବ୍ଲକ ଘେରାଉ କରିବା ନିମନ୍ତେ ପ୍ରଶାସନକୁ ଅଞ୍ଚଳବାସୀ ଓ ଜନ ପ୍ରତିନିଧି ଚେତାବନୀ ଦେଇଛନ୍ତି।

# ଚାଟିକଣାରେ ବୋଲବମ୍ ଭକ୍ତଙ୍କ ସମାଗମ



ବିଷମ କଟକ,୧୪।୭ (ସମିସ):

ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଉପଲକ୍ଷେ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକଣା ପର୍ଯ୍ୟଟନ ସ୍ଥଳୀରେ ହଜାର ହଜାର କାଉଡିଆଙ୍କ ସମାଗମ ହୋଇଛି। ରବିବାରଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ବୋଲବମ୍ ଭକ୍ତ ଚାଟିକଣାରେ ପହଞ୍ଚିବା ପରେ ପାତାଳେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଜଳାଭିଷେକ କରିଛନ୍ତି। ରାୟଗଡା ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର କାଉଡିଆ ମାନେ ମାଇଲ ମାଇଲ ଦୂରରୁ ଚାଲି ଚାଲି ଚାଟିକଣାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ କୁ ଦୃଷ୍ଟି ରେ ରଖି ମନ୍ଦିର ପରିଚାଳନା କମିଟି ଓ କଳାହାଣ୍ଡି ରୂପରା ରୋଡ଼ର ମାରବାଡ଼ି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ମନ୍ଦିର ନିକଟରେ କାଉଡିଆଙ୍କ ନିମନ୍ତେ ରହିବା ବନ୍ଦବୋସ୍ତ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଷମ କଟକ ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ବିଷମ କଟକ ସହରର ନାଗେଶ୍ୱର, ତ୍ରମ୍ବେଶ୍ୱର, ନୀଳକଣ୍ଠେଶ୍ୱର, ପାତାଳେଶ୍ୱର ମନ୍ଦିରରେ ମଧ କାଉଡିଆ ମାନେ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି।

# ୱେବ୍ ସାମ୍ବାଦିକଙ୍କୁ ହତ୍ୟା ଘଟଣା, ଲୁଟ୍ ଗାଡି ଉଦ୍ଧାର



କାଲିମେଳା,୧୪।୭ (ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ୱେବ୍ ସାମ୍ବାଦିକଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିବା ଘଟଣାର ତଦନ୍ତ ଜାରି ରହିଥିବା ବେଳେ ତାଙ୍କୁ ଛଡାଇ ନେଇଥିବା କାରଟି ଖୋଜି ବାହାର କରିଛି ପୋଲିସ୍। ହତ୍ୟାର ଦୁଇ ଦିନ ପରେ କାର୍‌ଟିକୁ ୩୨୬ ନମ୍ବର ଜାତୀୟ ରାଜପଥର ମହାରାଜପଲ୍ଲୀ ରାସ୍ତା କଡରୁ ଠାବ କରିଛି ମୋଟୁ ଓ ଏମ୍ ଭି-୭୯ ପୋଲିସ। ସୂଚନା ଥାଉ କି ଗତ ଶନିବାର ଦିନ ସନ୍ଧ୍ୟା ସମୟରେ ମୁରଲୀଗୁଡା ଗ୍ରାମ ନିକଟରେ ୩ ଜଣ ସାମ୍ବାଦିକ ଓ ୨ ଜଣ ଯୁବକ ବାର୍ତ୍ତାଳାପ କଲା ବେଳେ ଦୁଇଟି ମୋଟର ସାଇକେଲରେ ୫ ଜଣ ଦୁର୍ବୃତ୍ତ ଆସି ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ୱେବ୍ ଚ୍ୟାନେଲ୍ ସାମ୍ବାଦିକ ସି.ଏଚ ନରେଶଙ୍କ ମୃତ ଘଟିଥିଲା। ଘଟଣାସ୍ଥଳରୁ ସାମ୍ବାଦିକମାନଙ୍କ କାରକୁ ମଧ ଦୁର୍ବୃତ୍ତ ମାନେ ଛଡାଇ ନେଇଥିଲେ। ତେବେ ଦୁଇ ଦିନ ପରେ ଉକ୍ତ କାରଟିକୁ ମହାରାଜପଲ୍ଲୀ ରାସ୍ତା କଡରୁ ପୋଲିସ୍ ଠାବ କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ମୋଟୁ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏହି ଘଟଣାକୁ ମାଲକାନଗିରି ପୋଲିସ ବେଶ୍ ଗୁରୁତର ସହ ନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଅତିରିକ୍ତ ଏସପି ଓ ଅନ୍ୟ ପୋଲିସ ଅଧିକାରୀ ମାନେ ତଦନ୍ତ କରୁଥିବା ବେଳେ ସାଇଣ୍ଟିଫିକ ଟିମ ମଧ ଘଟଣାର ତଦନ୍ତ କରିଛି। ଏହି ଘଟଣା ପଛରେ ଅନେକ ରହସ୍ୟ ରହିଥିବା ଅନୁମାନ କରାଯାଉଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି।

# ମଲ୍ଲିକେଶ୍ୱର ମହାଦେବ ମନ୍ଦିରରେ ନାଗ ସାପ

ପଦ୍ମପୁର,୧୪।୭ (ସମିସ):

ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିରରେ ଏକ ନାଗ ସାପ ମନ୍ଦିର ବୁଲିବା ଦୃଶ୍ୟ ଲୋକଙ୍କ ମନରେ ଅଧ୍ୟାତ୍ମିକତା ଭରି ଦେଇଛି। ଏହି ନାଗ ସାପକୁ ଲୋକେ ଦୁଇଘଣ୍ଟା ଧରି ଦେଖିବାକୁ ପାଇଥିଲେ। ଶ୍ରାବଣ ମାସର ସୋମବାରରେ ରାୟଗଡ଼ା ଜିଲ୍ଲା ପଦ୍ମପୁରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଓ ବୋଲବମ ଭକ୍ତଙ୍କ ଭିଡ଼ ଜମିଥିଲା। ବୋଲବମ ଭକ୍ତ ମାନେ ରୀତିନୀତି ଅନୁସାରେ ଗୁମୁଡ଼ା ବଂଶଧାରା ନଦୀ ଏବଂ ଗୁଣପୁର ସଙ୍ଗମ ସ୍ଥଳରୁ ବାଲୁକା ପୂଜାର୍ଚ୍ଚନା କରି ଜଳଆଣି ପଦ୍ମପୁରର ପ୍ରସିଦ୍ଧ ଐତିହାସିକ ଶୈବପୀଠ ଧବଳେଶ୍ୱର , ନିଳକଣ୍ଠେଶ୍ୱର ଓ ମଲ୍ଲିକେଶ୍ୱର, ଧବଳେଶ୍ୱର, ପୁତ୍ତୁକେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ଦକ୍ଷିଣ ଓଡ଼ିଶାର ମନ୍ଦିର ମାଳିନୀର ସ୍ୱତନ୍ତ୍ର ପୀଠ ହେତୁ ଏହି କ୍ଷେତ୍ରକୁ ଲୋକେ ଧର୍ମ କିର୍ତ୍ତୀ କ୍ଷେତ୍ର ବୋଲି କହିଥାନ୍ତି। କ୍ଷେତ୍ର ସ୍ଥାଳୀ ବା ମଲ୍ଲିକେଶ୍ୱର ମନ୍ଦିର ଠାରେ କିଛି ଅଲୌକିକ ଘଟଣା ମଧ୍ୟ ଦେଖିବାକୁ ମିଳିଛି। ଗୋଟିଏ ନାଗ ସାପ ବେଳେ ବେଳେ ଏହି ମନ୍ଦିରକୁ ଆସି ମହାଦେବଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଦର୍ଶନ କରି ମନ୍ଦିର ଓ ଶିବ ଲିଙ୍ଗ ପାଖରେ ରହୁଥିବା ଦେଖିବାକୁ ମିଳିଛି। ସେବକ ସନ୍ତୋଷ ରଣା ଆଜି ପ୍ରାତଃରୁ ମହାଦେବଙ୍କ ପୂଜା କରିବାକୁ ଆସିବା ବେଳେ ମହାପ୍ରଭୁଙ୍କ ପାଖରେ ଜୀବନ୍ତ ନାଗଦେବତା ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଜ୍ୟୋତିର୍ବିଦ୍ ପ୍ରଦୀପ କୁମାର ବାହିନୀପତି କହିଛନ୍ତି ଯେ, ମଲ୍ଲିକେଶ୍ୱର ମହାଦେବଙ୍କ ମହିମା ଅନେକ। ଏହି ଶୈବପୀଠ ଅଷ୍ଟମ ଶତାବ୍ଦୀର ଶୈବପୀଠ। ଏକମାସ ହେବ ସନ୍ଧ୍ୟା ସମୟରେ ଦୀପ ପ୍ରଜ୍ୱଳନ ପାଇଁ ଆସୁଥିବା ଭକ୍ତମାନେ ଠାକୁରଙ୍କ ପାଖରେ ଜୀବନ୍ତ ନାଗଦେବତା ଦେଖିଥିବା ଆଗରୁ ଶୁଣି ବାକୁ ପାଇଥିବା ବେଳେ ଆଜି ସମସ୍ତେ ଦେଖିଥିବା ସେ କହିଛନ୍ତି।



# କାଠ ବୋଝେଇ ଟ୍ରକ୍ ଅଟକ

ମାଲକାନଗିରି,୧୪।୭ (ସମିସ): ମାଲକାନଗିରି ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଏକ କାଠ ବୋଝେଇ ଟ୍ରକ୍‌କୁ ଅଟକ ରଖିଛି। ଗାଡି ନମ୍ବର ସିଜି ୦୪ ଏନ ଏକ୍ସ ୧୭୦୬ରେ



ନିଳଗିରି କାଠ ସହ କିଛି ଚାକୁଣ୍ଡା କାଠ ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ମିଳିଛି। ଉକ୍ତ ଚାକୁଣ୍ଡା ଗଛ ଗୁଡିକ ବନବିଭାଗ ଅଧିକୃତ ଅଞ୍ଚଳରୁ ଆସିଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ଟ୍ରକ ଚାକୁଣ୍ଡା କାଠର କିଛି ନଥିପତ୍ର ବନ ବିଭାଗକୁ ନ ଦେଖାଇବାରୁ ଗାଡିକୁ ଅଟକ ରଖାଯାଇଥିବା ଜଣାପଡିଛି। ଉକ୍ତ ଚାକୁଣ୍ଡା ଗଛ ଗୁଡିକ ନିଜସ୍ୱ ଜମିରୁ କଟା ଯାଇଛି ନା ଜଙ୍ଗଲ ଜମିରୁ କଟାଯାଇଛି। ଯଦି ନିଜସ୍ୱ ଜମିରୁ କଟାଯାଇଛି ତେବେ, ରାଜସ୍ୱ ନିରୀକ୍ଷକ ଓ ବନବିଭାଗ ଅଧିକାରୀଙ୍କ ମିଳିତ ଯାଞ୍ଚରେ ହୋଇଛି କି ନାହିଁ ସେ ବାବଦରେ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଆବଶ୍ୟକ ନଥିପତ୍ର ପାଇବା ପରେ ହିଁ ଉକ୍ତ ଟ୍ରକକୁ ଯିବାକୁ ଅନୁମତି ଦିଆଯିବ ବୋଲି ମାଲକନଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି।

■ ନିୟମଗିରି ଡଙ୍ଗରିଆଙ୍କ ମେଳି

# ଏକତ୍ରିତ ହେଲେ ୧୧୨ ପଦର ଗ୍ରାମବାସୀ

କଲ୍ୟାଣସିଂହପୁର,୧୪।୭ (ସମିସ):



ବେଦାନ୍ତ କମ୍ପାନୀ ବିରୋଧରେ ଏକତ୍ରିତ ହେଲେ ୧୧୨ ପଦର ଗ୍ରାମବାସୀ। ବିଗତ ଦିନରେ ବେଦାନ୍ତର ଦଲାଲ ମାନେ ଟଙ୍କା ଲାଭରେ ବେଦାନ୍ତ କମ୍ପାନୀକୁ ନିୟମଗିରିର ଖଣି ଦେଲେ ଗାଁ ବିକାଶ ହେବ ବୋଲି ରାଲି କରିଥିଲେ। ଏହାକୁ ବିରୋଧ କରି ନିୟମଗିରି ସଂଗଠନ ମଜଭୁତ କରିବା ପାଇଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ପଞ୍ଚାୟତର ସଦର ହାଟପଦା ନିକଟରେ ସମସ୍ତେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଏହି ଏକତ୍ରିତ ସଭାରେ ୧୧୨ ପଦରର ଗ୍ରାମରେ ପ୍ରତ୍ୟେକ ଗ୍ରାମର ଜଣକୁ ମେମ୍ବର କରାଯାଇଛି। ଯେ କୌଣସି ସମସ୍ୟା ହେଲେ, କମିଟିରେ ଥିବା ସଦସ୍ୟ ଗାଁରେ ବସି ଲୋକଙ୍କ ସହ ଆଲୋଚନା କରି ନିୟମଗିରି ସଂଗଠନର ସଭାପତିଙ୍କ ନିକଟରେ ପ୍ରସ୍ତାବ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ସମସ୍ୟାକୁ କମିଟି ସମାଧାନ କରିବ ବୋଲି ନିଷ୍ପତ୍ତି ନେଇଛନ୍ତି। ପୁଣି ଗ୍ରାମସଭା କିମ୍ବା ପଲ୍ଲୀସଭା ହେଲେ, ଲାଞ୍ଜିଗଡ଼ରେ ଥିବା କମ୍ପାନୀ ସହିତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଲଢେଇ କରିବାକୁ ନିଷ୍ପତ୍ତି ହୋଇଛି। ଜୀବନ ପଛେ ଯାଉ ଭିଟାମାଟିକୁ ଛାଡ଼ିବୁ ନାହିଁ ବୋଲି ଡଙ୍ଗରିଆ ମାନେ କହିଛନ୍ତି।

# ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଚନ୍ଦ୍ରପୁର,୧୪।୭ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନିତା ଶବରଙ୍କ ଅଧକ୍ଷତାରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଗାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଗୋପିନାଥ ମହାଙ୍କୁଡ, ମେଡ଼ିକାଲ ଏସଟିଏସ, ପି ଗୁସ୍ତାପା, ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ଗୌଡ଼, ବିଏସଏସର ବିକାଶ ନାୟକ, ୱାର୍ଡ ମେମ୍ବର ପ୍ରହଲ୍ଲାଦ ଚନ୍ଦିରୀଆଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଆଜିର ଅଭିଯୋଗ ଶୁଣାଣିରେ ମାତ୍ର ଦୁଇଟି ଅଭିଯୋଗ ହୋଇ ଥିଲା। କାରଣ ପୂର୍ବ ଦିନରେ ଦେଇଥିବା ଅଭିଯୋଗ ଗୁଡ଼ିକର ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନଥିବାରୁ ଲୋକେ ସମାଲୋଚନା କରିଥିଲେ। ଜନଶୁଣାଣି ଶିବିରରେ କୌଣସି ଲାଇନ୍ ବିଭାଗର ଅଧିକାରୀ , ଉପସ୍ଥିତ ନଥିବାରୁ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର ଦୁଃଖ ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିରରେ ସିଡିପିଓ ଶ୍ରୀମତୀ ସାହୁ ବଜ୍ରପାତ ଦାଉରୁ କିପରି ଲୋକମାନେ ରକ୍ଷା ପାଇପାରିବେ, ସେ ନେଇ ବିସ୍ତୃତ ଭାବେ ବୁଝାଇବା ସହ ଡେଲାପଡ଼ା ଅଙ୍ଗନବାଡି ଘର ଅଧପନ୍ତରିଆ ଭାବେ ରହିଥିବାରୁ ତାକୁ ଶୀଘ୍ର ଘର ତିଆରି କରିବା ପାଇଁ ସରପଞ୍ଚଙ୍କୁ କହିଥିଲେ। ସେହିପରି ମେଡ଼ିକାଲ କର୍ମଚାରୀ ଗୁସ୍ତାପା କରୁଣା , ଶିକ୍ଷା ବିଭାଗରୁ ସିଆରସି ଜୟରାମ କରକରିୟା , ଇନ୍ଦିରା ଆବାସ ଯୋଜନାର କବିର ନାଗ ଉପସ୍ଥିତ ଥିଲେ। ଆଜି ଦୁଇ ଗୋଟି ଅଭିଯୋଗ ଶୁଣାଣି ମଧ୍ୟରୁ ଗୋଟିଏ ଗ୍ରାମକୁ ଯିବାପାଇଁ ନୂଆ ରାସ୍ତା ଓ ଅନ୍ୟଟି ପାଣ୍ଡରାଖାଲ ନଦୀ ପାହାଚ ତିଆରି କରିବା ପାଇଁ ଅଭିଯୋଗ ଆସିଥିଲା। ଅଭିଯୋଗ ଶିଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରକୁ ଏଡିଓ ପ୍ରମୋଦ କୁମାର ନାଲା ପରିଚାଳନା କରିଥିଲେ।

# ଗୁଡାରିରେ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର



ଗୁଡାରି, ୧୪।୭ (ସମିସ): ଗୁଡାରି ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତି ସ୍ୱାଥି ଏସ୍ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ା ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡି ସରୋଜିନୀ ଦେବୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୩୮ଟି ବ୍ୟକ୍ତିଗତ, ୦୯ଟି ସାମୂହିକ, ୧୦ଗୋଟି ସ୍ୱାସ୍ଥ୍ୟଗତ ଜନିତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଆଜି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ଜଣଙ୍କୁ ମୋଟ ୮୮୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗୁଡାରି ତହସିଲଦାର ଶ୍ରୀମତି ସ୍ନେହା କୁମାରୀ ଗୁଡାରି ଥାନା ଅଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ରାୟଗଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଗୁଡାରୀ ବିଡିଓ, ତହସିଲଦାର ସମସ୍ତଙ୍କ ଉପସ୍ଥିତିରେ ଗୁଡାରୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଚାରାରୋପଣ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିଲେ।

# ସାଲିମି ବିଦ୍ୟାଳୟରେ ଚାରାରୋପଣ



ମାଥିଲି,୧୪।୭ (ସମିସ):

ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଥିଲି ଜିଲ୍ଲା ପରିଷଦ ଜୋନ-୧ର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇ ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ଜନଚେତନା ବଢ଼ାଇବା ଲକ୍ଷ୍ୟରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ. ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଭାଗ ନେଇଥିଲେ। ଚାରାରୋପଣ ପରେ ପରିବେଶ ସଚେତନତା ବିଷୟରେ ଆଲୋଚନା ଏବଂ ଏକ ସଂକଳ୍ପ ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା।

# ଚନ୍ଦ୍ରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ବାଚନ



ଚନ୍ଦ୍ରପୁର,୧୪।୭ (ସମିସ): ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଓଡ଼ିଶା, ଜିଲ୍ଲା ଶାଖା ରାୟଗଡ଼ାଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ପଞ୍ଚାୟତ ସଦଭାବନା ଗୃହରେ ପିଓ ରାଜେନ୍ଦ୍ର ପାଲଙ୍କ ଅଧକ୍ଷତାରେ ନିର୍ବାଚନ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ଆଠଟି ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜେନ୍ଦ୍ର ପାଲଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସଂପାଦକ ଭାବେ ସଚିନ୍ ହୀଆଲ୍, କୋଷାଧ୍ୟକ୍ଷ ଭାବେ କରୁଣା କର ସେନାପତିଙ୍କୁ ନିର୍ବାଚିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ପିଓ ଆଶୁତୋଷ ପାଣିଗ୍ରାହୀ, ଜ୍ୟୋସ୍ନା ଶବର ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ କରୁଣା କର ସେନାପତି ଓ ରାଜେନ୍ଦ୍ର ପାଳ।

# ନାଗାବଳି ଲାୟନ୍ସ କ୍ଲବ୍ କର୍ମକର୍ତ୍ତାଙ୍କ ପ୍ରବେଶ ସମାରୋହ

ରାୟଗଡ଼ା,୧୪।୭ (ସମିସ):



ରାୟଗଡ଼ା ନାଗାବଳୀ ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଲାଇନ୍ ଶୁଭ୍ରା ପଣ୍ଡା, ଡଃ ବିପିନ ବିହାରୀ ବିଶ୍ୱାଳ, ଏବଂ ସୁଦର୍ଶନ ପାଢ଼ୀ ଯଥାକ୍ରମେ ସଭାପତି, ସମ୍ପାଦକ ତଥା କୋଷାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଲାଇନ୍ ଅଜିତ କୁମାର ପାଣିଗ୍ରାହୀ ଏବଂ ଲାବଣ୍ୟ ମୋହନ ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଉପସଭାପତି ଭାବେ ନିଜ ନିଜ ଦାୟିତ୍ୱ ତୁଲାଇବା ପାଇଁ କୁହାଯାଇ ଥିବା ବେଳେ ଲାଇନ୍. ଇ. ଅଶ୍ୱନୀ କୁମାର ଦାସ, ପ୍ରଥମ ଜିଲ୍ଲା ଗଭର୍ଣ୍ଣର ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂସ୍ଥାପନ ତଥା ଶପଥ ପାଠ ଏବଂ ଲାୟନ୍ସ ଡଃ ଦୁଃଖିଶ୍ୟାମ ଦାସ ନୂତନ ଭାବେ ଯୋଗ ଦେଇଥିବା ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ କ୍ଲବର ନୀତି, ଆଦର୍ଶ ବିଷୟରେ ଅବଗତ କରାଇବା ସହ ଶପଥ ପାଠ କରାଇଥିଲେ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଆଞ୍ଚଳିକ ସଂଯୋଜକ ଲାୟନ୍ସ ଭି.ଭାସ୍କର ରାଓ ଏବଂ ଯୋନ ସଂଯୋଜକ ଡ.ପ୍ରସନ୍ନ କୁମାର ଗନ୍ତାୟତ ଏବଂ ରାୟଗଡା କ୍ଲବର ସମସ୍ତ ମେମ୍ବର ଓ ଅପରାଜିତା କ୍ଲବର ସଭାପତି, ସମ୍ପାଦକ, କୋଷାଧକ୍ଷ, ଉପସଭାପତି ,ୱାକର୍ସ କ୍ଲବର ସଭାପତି, ସମ୍ପାଦକ, କୋଷାଧକ୍ଷ, ସଭ୍ୟ ଏବଂ ନାଗାବଳୀ ଲାଏନ୍ସ କ୍ଲବର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ଶୁଭ୍ରା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପଠନ, ଚାର୍ଟର ଅଧକ୍ଷ ଡଃ ଦୁଷ୍ମନ୍ତ କୁମାର ମହାନ୍ତି କ୍ଲବର ନୀତି, ଆଦର୍ଶ, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଲାୟନ୍ସ ରୁବିରାଣୀ କୁଣ୍ଡୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ କୋଷାଧକ୍ଷ ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଲାୟନ୍ସ ରବିନାରାୟଣ ଶତପଥୀ ଓ ଅଞ୍ଜଳି ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଏବଂ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ, ଆଦିବାସୀ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଗତ ୨୪-୨୫ ଲାୟନ୍ସ ବର୍ଷରେ ନାଗାବଳୀ କ୍ଲବର ଉଲ୍ଲେଖନୀୟ ସଫଳତା ପାଇଁ ସଭାପତି ଶୁଭ୍ରା ପଣ୍ଡା ଦୁର୍ଗାପୁରରେ ଗ୍ରହଣ କରିଥିବା ସ୍ୱର୍ଣ୍ଣ ଉପହାରକୁ ଲାୟନ୍ସ ଅଶ୍ୱିନ କୁମାର ଦାସ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଲାଏନ୍ସ ବ୍ରଜ ସୁନ୍ଦର ନାଏକ, କବି ସୁଶାନ୍ତ ନାଏକ, ଡଃ ଦୁଷ୍ମନ୍ତ ମହାନ୍ତି, ଡଃ ପ୍ରସନ୍ନ କୁମାର ଗନ୍ତାୟତ, ଦିପ୍ତିରାଣୀ ପରିଛା, ଶଶୀ ଭୂଷଣ ପଟ୍ଟନାୟକ, ବିପିନ ବିହାରୀ ବିଶ୍ୱାଳ, ଗୀତାରାଣୀ ମିଶ୍ର, ଅର୍ଚ୍ଚନା ପଟ୍ଟନାୟକ, ସୁଦର୍ଶନ ପାଢ଼ୀ, ଲାବଣ୍ୟ ପଟନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ତୁଳ, ବିଶ୍ୱନାଥ ବିଶ୍ୱାଳ, ଅଞ୍ଜଳି ପଣ୍ଡା, ରବି ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମେଗା ଜଳ ପ୍ରକଳ୍ପର ଟାଙ୍କି କାର୍ଯ୍ୟକୁ ନେଇ ଚିନ୍ତାରେ ଗ୍ରାମବାସୀ



କଲ୍ୟାଣସିଂହପୁର,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପର ସ୍ଥାୟୀତ୍ୱକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ବିଶୁଦ୍ଧ ପାଣ ପାଇଁ ଡହଳ ବିକଳ ହୋଇ ଚାତକ ଭଳି ଲୋକେ ଚାହିଁ ବସିଥିବା ବେଳେ କାର୍ଯ୍ୟକୁ ଦେଖି ଚିନ୍ତାରେ ପଡିଛନ୍ତି ଗ୍ରାମବାସୀ। ଏହି ମେଗା ପ୍ରକଳ୍ପ ଗତ ୨୦୨୩ ମସିହାରୁ ଆରମ୍ଭ ହୋଇଥିଲେ ମଧ ଆଜିଯାଏ ୩୦ ପ୍ରତିଶତ ଶେଷ ହୋଇନଥିବା ଦେଖିବାକୁ ମିଳିଛି। ଶେଷ ହେବାର ନାମଗନ୍ଧ ନେଉ ନଥିବା ବେଳେ ବିଭନ୍ନ ଗ୍ରାମରେ ନିର୍ମାଣ ହେଉଥିବା ଓଭରହେଡ୍ ପାଣି ଟାଙ୍କିରେ ଯେଉଁ ଲୁହା ଛଡ଼ ଲଗାଯାଉଛି, ତାହା ସମ୍ପୂର୍ଣ ଭାବେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ବାଲି, ସିମେଣ୍ଟ ଅତି ନିମ୍ନମାନ ବୋଲି ଗ୍ରାମବାସୀ ଅଭିଯୋଗ ଲାରିଛନ୍ତି। ପାର୍ସଲୀ ପଞ୍ଚାତର କାଣଶୁର ଗ୍ରାମ ନିକଟରେ ନିର୍ମାଣାଧୀନ ପାଣି ଟାଙ୍କିକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଛି। ଏହି ବ୍ଲକର ପ୍ରତି ପଞ୍ଚାୟତରେ ଦୁଇଟି ଓ ତିନିଟି ଲେଖାଏଁ ପାଣି ଟାଙ୍କି ନିର୍ମାଣ କରିଛି ଠିକା ସଂସ୍ଥା। ଏହି ଟାଙ୍କି ନିର୍ମାଣ ସମୟରେ ପାଣି ପକାଇବାର ନିୟମର ଥିଲେ ବି ଠିକାଦାର ପାଣି ମୋଟେ ପକାଉ ନଥିବାରୁ ଟାଙ୍କିର ଷ୍ଟାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପ୍ରତି କଂକ୍ରିଟ୍ ମିଶାଇବା ସମୟରେ ମିଶ୍ରଣର ନମୁନା ରଖିବାର ନିୟମ ରହିଛି। ଏହି ନମୁନାକୁ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ପରୀକ୍ଷା କରିବେ। କିନ୍ତୁ ଏହି ମେଗା ପ୍ରକଳ୍ପର କୌଣସି କାର୍ଯ୍ୟରେ ଯନ୍ତ୍ରୀ ତଦାରଖ କରୁନଥିବାରୁ ଉଭୟଙ୍କ ସହମତିରେ ଏପରି କାର୍ଯ୍ୟ ଚାଲିଥିବା ଡଙ୍ଗାରିଆମାନେ ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୀଳକଣ୍ଠେଶ୍ୱର ଶୈବପୀଠ

ରାମନାଗୁଡ଼ା,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ମହକୁମାରେ କମ୍ପମାନ ହେଉଛି କାଉଡିଆଙ୍କ ସ୍ୱର। ବୋଲ୍‌ବମ୍ ଡାକରା ଦେଇ ପାଣି ଧରି ଶୈବପୀଠ ଅଭିମୁଖେ ଯାଉଛନ୍ତି। ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ରାମନାଗୁଡାର କାଉଡ଼ିଆମାନେ ଗୁମୁଡ଼ା ଗ୍ରାମ ନିକଟରେ ବୋହି ଯାଉଥିବା ବଂଶଧାରା ନଈ କୂଳରେ ପୂଜାର୍ଚ୍ଚନା କରି ସେଠାରୁ ଜଳ ଆଣି ନିକଟସ୍ଥ ନୀଳକଣ୍ଠେଶ୍ୱର ଶୈବପୀଠରେ ଜଳାଭିଷେକ କରିଛନ୍ତି।



**ସାଇବର ଠକେଇର ଶିକାର ବ୍ୟବସାୟୀ**

# ୫୦ରୁ ଊର୍ଦ୍ଧ୍ୱ ଜମାଖାତା ଅଚଳ

**ଓଡ଼ଗାଁ,୧୪।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏବଂ ଶରଣକୁଳ ଥାନା ଅଞ୍ଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜମାଖାତାଧାରୀଙ୍କ ଜମାଖାତାରେ ଗତ ୪ ମାସ ହେଲା ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଚଳ ଅବସ୍ଥାରେ ଫସି ରହିଛି। ଅଭିଯୋଗ ଅନୁସାରେ ଗତ ମାର୍ଚ୍ଚ ୨୨ ତାରିଖରେ ଜଣେ ଜମାକର୍ତ୍ତାଙ୍କ ଜମାଖାତା ଅଚଳ ହୋଇ ପଡିବାରୁ ଓଡ଼ଗାଁ ୟୁନିୟନ ବ୍ୟାଙ୍କ ଶାଖାକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। ଫୋନ୍ ପେ' ମାଧ୍ୟମରେ ଅଭିଯୋଗ କାରିଗରଙ୍କ ଜମା ଖାତାକୁ ଆସିଥିବା ୬ହଜାର୨ଶହ ଟଙ୍କା ପାଇଁ ମୁମ୍ବାଇ ସାଇବର ସଂସ୍ଥା ଜମା ଖାତାକୁ ଅଚଳ କରିଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ତେବେ ଗୋଟିଏ ଜମାଖାତା ନୁହେଁ, ଏହିପରି ୬ହଜାର ୨ଶହ ଟଙ୍କା କିମ୍ବା ତାହାର ଗୁଣିତକ ୧୨ ହଜାର ୪ଶହ ଟଙ୍କା ଲେଖାଏଁ ଆସିଥିବା ଜମା ଖାତା ଗୁଡ଼ିକୁ ଏଭଳି ଅଚଳ କରିଦିଆଯାଇଥିବା ଜଣାପଡ଼ିଥିଲା। ହେଲେ କେବଳ ୟୁନିୟନ ବ୍ୟାଙ୍କ ନୁହେଁ, ଷ୍ଟେଟ ବ୍ୟାଙ୍କ, ଏଚ୍‌ଡିଏଫସି ଇତ୍ୟାଦି ବ୍ୟାଙ୍କ ମାନଙ୍କରେ ମଧ୍ୟ ଏହିଭଳି ୫୦ରୁ ଊର୍ଦ୍ଧ୍ୱ ଖାତା ଖାତା

**■ ପଡ଼ିରହିଛି ୪ ଲକ୍ଷ ଟଙ୍କା**

ଅଚଳ ହୋଇଥିଲା। ବ୍ୟାଙ୍କ ମାନଙ୍କରେ ଏନେଇ ଖାତାଧାରିମାନେ ଅଭିଯୋଗ କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ଠାରୁ ଏକ ଅଣ୍ଡରଟେକିଂ ନେଇ ସାଇବର ଫ୍ରଡ୍ ମାଧ୍ୟମରେ ମିଳିଥିବା ୬ ହଜାର ୨ ଶହ ଟଙ୍କା କିମ୍ବା ତାହାର ଗୁଣିତକ ମୂଲ୍ୟ ଅର୍ଥକୁ ଅଚଳ କରି ଜମା ଖାତା ଗୁଡ଼ିକୁ ଚାଲୁ କରିଛନ୍ତି। ମାତ୍ର ତଦନ୍ତ ସରିନଥିବାରୁ ୪ ମାସହେଲା ଉକ୍ତ ଅର୍ଥରାଶି ବ୍ୟାଙ୍କରେ ଅଚଳ ଅବସ୍ଥାରେ ପଡ଼ିରହିଛି। ଅଭିଯୋଗକାରିଙ୍କ କହିବା ଅନୁସାରେ କ୍ରେତା ସାମଗ୍ରୀ କ୍ରୟ କରିବା ପରେ ଫୋନ୍ ପେ' ମାଧ୍ୟମରେ ସାମଗ୍ରୀର ମୂଲ୍ୟ ଦେଇଥିବାରୁ ଏଥିରେ ଆମର କୌଣସି ଦୋଷ ନାହିଁ। ଏଣୁ ଉକ୍ତ ଟଙ୍କା ତୁରନ୍ତ ଆମକୁ ଫେରାଇ ଦିଆଯାଉ। ଅନ୍ୟପକ୍ଷରେ କ୍ରେତା କ୍ରୟ ସାମଗ୍ରୀ ବଦଳରେ ଗୋଟିଏ ଥରରେ ୬ ହଜାର ୨ଶହ ଲେଖାଏଁ ଏହିପରି ଏକାଧିକ ଥର ଗୋଟିଏ ଜମା ଖାତାକୁ ପଠାଇଥିବା ଦେଖିବାକୁ ମିଳିଥିଲା। ତେବେ ବିକ୍ରେତା ଏକଥାକୁ ଗୁରୁତ୍ୱ ଦେଇନଥିଲେ। ଏଭଳି ଘଟଣାରେ ଓଡ଼ଗାଁ ସିନେମା ହଲ ଛକର ଜଣେ ସିମେଣ୍ଟ ବ୍ୟବସାୟୀଙ୍କ ଠାରୁ କ୍ରୟକରିବା ପରେ ଜମା ଖାତାକୁ ୬ହଜାର ୨ ଶହ ଲେଖାଏଁ ୧୦ ଥରରେ ୬୨ ହଜାର ଟଙ୍କା ତାଙ୍କୁ ପଠାଇଥିଲେ। ତେବେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ କ୍ରେତା ଏବଂ ବିକ୍ରେତାଙ୍କ ମଧ୍ୟରେ ଦେଣନେଣ ହୋଇଥିବା ବେଳେ ତଦନ୍ତକାରୀ ସାଇବର ସଂସ୍ଥା ଏପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପହଞ୍ଚିପାରି ନାହାଁନ୍ତି। ସୂଚନା ଥାଉକି କିଛିମାସ ପୂର୍ବେ ଏପରି ଘଟଣାରେ ଓଡ଼ଗାଁ ଏନ୍‌ଏସିର ୩ ଜଣ ଯୁବକଙ୍କୁ ଗିରଫ କରି ଛତିଶଗଡ଼ ନେଇ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଠକେଇ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଏବେବି ଠକେଇ କାର୍ଯ୍ୟ ଚାଲୁ ରଖିଥିବା ବେଳେ ତଦନ୍ତକାରୀ ସଂସ୍ଥା କେବେ ସେମାନଙ୍କ ପାଖରେ ପହଞ୍ଚିବ ତାହା ସମୟ କହିବ। ତଦନ୍ତ ଆଳରେ ବିଳମ୍ବ ନକରି ଅଚଳ ଟଙ୍କାକୁ ସଚଳ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**ଖଣ୍ଡପଡ଼ା,୧୪।୭(ସମିସ):** ଖଣ୍ଡପଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି



ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଏଡିଏମ୍ ଲଗ୍ନଜିତ ସାମଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଏଥିରେ ମୋଟ ୯୨ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୪ ଗ୍ରାମ୍ୟ ସମସ୍ୟା, ୪ ଜଣ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ଆବେଦନ କରିଥିବା ନେଇ ସୂଚନା ରହିଛି। ସମୁଦାୟ ୧୦୦ଟି ଅଭିଯୋଗରୁ ୨୮ଟି ତୁରନ୍ତ ସମାଧାନ ହୋଇଥିବା ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍. ସୁଶ୍ରୀ, ଖଣ୍ଡପଡ଼ା ଅଧ୍ୟକ୍ଷା ଉପମା ବେହେରା, ଏସଡିପିଓ ମଦନ ମୋହନ ପ୍ରଧାନ, ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ, ସିଡିଏମଓ ସୁଶାନ୍ତ କୁମାର ଦାଶ, ଡ. ଅଭିସାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**■ ଲଡୁବାବାଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼**

# ଜଳଲାଗି କଲେ ୫ ହଜାର ଭକ୍ତ

**ନୟାଗଡ଼/ଶରଣକୁଳ, ୧୪।୭(ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାରରେ ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠରେ ହାଜର ହଜାର ବୋଲବମ୍ ଭକ୍ତ ମନୋସ୍କାମନା ପୂରଣ ନିମନ୍ତେ ଜଳାଭିଷେକ କରିଛନ୍ତି। ଜିଲ୍ଲା ଓ ବାହାର ଜିଲ୍ଲାର ମାନସିକଧାରୀ କାଉଡ଼ିଆମାନେ କଣ୍ଟିଲୋ ସ୍ଥିତ ନୀଳମାଧବ ପୀଠ ମହାନଦୀରୁ ପାଣି ଉଠାଇ ୫୦ କିଲୋମିଟର ରାସ୍ତା ଚାଲି ଚାଲି ଆସି ଲଡୁବାବାଙ୍କ ପୀଠରେ ପହଞ୍ଚିଥିଲେ। ମହିଳା ମାନେ ଶୃଙ୍ଖଳାର ସହ ଜଳ ଢାଳିବା ପାଇଁ ଶୈବ ସେବାୟତ କର୍ମକର୍ତ୍ତା, ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାତ୍ର ପ୍ରାୟ ଗୋଟାଏ ସମୟରେ ଠାକୁରଙ୍କର



ପହୁଡ଼ ଭଙ୍ଗାଯାଇ ଅବକାଶ ନୀତି କରାଯାଇଥିଲା। ନରେନ୍ଦ୍ରପୁର ମାଳି ସେବାୟତଙ୍କ ସହଯୋଗରେ କାଉଡ଼ିଆ ମାନେ ଠାକୁରଙ୍କୁ ଜଳାଭିଷେକ କରିଥିଲେ। ବହୁ ଭକ୍ତଙ୍କ ସମାଗମରେ ଶରଣକୁଳ ରବିବାର ସକାଳଠାରୁ ଚଳଚଞ୍ଚଳ ହୋଇପଡ଼ିଥିଲା। ସମଗ୍ର ଶରଣକୁଳ ଅଞ୍ଚଳ କାଉଡ଼ିଆମୟ ହୋଇ ପଡିଥିବା ବେଳେ ମନ୍ଦିରର ଉଭୟ ପାଶ୍ୱର୍ରେ ଦୀର୍ଘ ଲମ୍ବା ଧାଡିରେ କାଉଡ଼ିଆ ମାନେ ଠିଆହୋଇ ରହିଥିଲେ। ପ୍ରବଳ ବର୍ଷା ସେମାନଙ୍କୁ ବ୍ୟତିବସ୍ତ କରିପାରିନଥିଲା। ହରହର ମହାଦେବ, ଲଡୁବାବା ପାରକରେଗା ଓ ଶିବ ପଞ୍ଚାକ୍ଷର ଧ୍ୱନୀରେ ମନ୍ଦିର ଚତୁପାଶ୍ୱର୍ ପ୍ରକମ୍ପିତ ହୋଇପଡ଼ିଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତ ମାନେ ଜଳଲାଗିକରି ସାରିବା ପରେ ଠାକୁରଙ୍କ ସକାଳର ସମସ୍ତ ନୀତି ସମାପନ କରାଯାଇ ଠାକୁରଙ୍କ ପହଡ଼ ପଡିଥିଲା। ଶାନ୍ତିଶୃଙ୍ଖଳକ୍ଷରେ କାଉଡିଆ ଭକ୍ତଙ୍କ ଜଳକ୍ଷଭିଷେକ ସହିତ ବାହାର ଭକ୍ତଙ୍କ ଠାକୁରଙ୍କ ଦର୍ଶନ ଲାଗି ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡ଼ ଓ ଥାନା ଅଧିକାରୀ ପରମାନନ୍ଦ ଦଳାଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରାଯାଇଥିଲା। ପ୍ରଥମ ସୋମବାର ଲଡୁବାବାଙ୍କ ପୀଠରେ ୫ ହଜାର ୨୫୦ ଜଣ କାଉଡ଼ିଆ ଜଳଲାଗି କରିଥିବା ସୁପରଭାଇଜର ଶ୍ରୀଯୁକ୍ତ ବରାଡ଼ ସୂଚନା ଦେଇଛନ୍ତି।

# ବିପଦସଂକୁଳ ଗଛ କାଟିବାକୁ ଦାବି

**କଣ୍ଟିଲୋ,୧୪।୭(ସମିସ):** ସ୍ଥାନୀୟ ହାଟମୁଣ୍ଡ ପାଟଣା ସାହିରେ ଥିବା ବହୁ ପୁରାତନ ଏକ ଅଶ୍ୱତ୍ଥ ଗଛ ବିପଦଜନକ ଅବସ୍ଥାରେ ଥିବାରୁ ସେଠାରେ ରହିଆସୁଥିବା ପ୍ରାୟ ୫୦ ପରିବାର ଆତଙ୍କିତ ଅବସ୍ଥାରେ ଚଳୁଥିବା ଅଭିଯୋଗ ହେଉଛି। ବାରମ୍ବାର ନୟାଗଡ଼ ବନ ବିଭାଗ ସମେତ ଜିଲ୍ଲାପାଳଙ୍କୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଫଳରେ ଜନ କଲ୍ୟାଣ କ୍ଲବର ସଭ୍ୟମାନେ ଆଜି ଖଣ୍ଡପଡାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିବା ଜଣାଯାଇଛି। ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ବନ ବିଭାଗ ମୁଖ୍ୟଙ୍କ ଅନୁପସ୍ଥିତିରେ ଜିଲ୍ଲା ପଞ୍ଚାୟତସମିତି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଛି।

କଣ୍ଟିଲୋ ନୀଳମାଧବ ମନ୍ଦିର ପଶ୍ଚିମ ଓ ଦକ୍ଷିଣ ଦ୍ୱାରକୁ ଲାଗି ରହିଛି ହାଟ ମୁଣ୍ଡ ପାଟଣା ସାହି। ଏହି ସାହି ମଝିରେ ଥିବା ତିନି ଶହ ବର୍ଷ ପୁରାତନ ଅଶ୍ୱତ୍ଥ



ବୃକ୍ଷ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହାର ପ୍ରତିକାର କରାଯିବାକୁ ବାରମ୍ବାର ନୟାଗଡ ଜିଲ୍ଲା ପ୍ରଶାସନକୁ ଜଣାଉଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନଥିବାରୁ ଧନଜୀବନ ପ୍ରତି ବିପଦ ରହିଛି। ବିଶେଷତଃ ଏହି ପୁରାତନ ବୃହଦ୍‌କାୟ ଗଛର ଉଭୟ ପାଶ୍ୱର୍ରେ କୋଠା ଘର ଓ ଟିଣ ଘର ଆଦି ରହିଥିବାରୁ ଓ ଗଛର ଡାଳ ଗୁଡିକ ଘର ଛାତ ଉପରକୁ ଲାଗି କରି ରହିଛି। ଅତୀତରେ ବାତ୍ୟା ସମୟରେ ଗଛ ଡାଳ ଭାଙ୍ଗି ଛାତ ଉପରେ ପଡି ରହିଥିଲା ବେଳେ ବନ ବିଭାଗ କର୍ମଚାରୀମାନଙ୍କ ସହାୟତାରେ ଡାଳ ଗୁଡିକ କାଟି ଦିଆ ଯାଇଥିଲା। ଏହି ପରିପ୍ରେକ୍ଷୀରେ ଭବିଷ୍ୟତରେ କେତେବେଳେ ଗଛଟି ଉପୁଡି ପଡି ଘର ଦ୍ୱାର ଭାଙ୍ଗି ଯିବା ସହିତ ଧନ ଜୀବନହାନୀ ଘଟିବ ତାହା କହି ହେବ ନାହିଁ। ତେଣୁ ନୟାଗଡ ଜିଲ୍ଲା ପ୍ରଶାସନ ଓ ବନବିଭାଗ ମିଳିତ ଉଦ୍ୟମରେ ଏହାର ପ୍ରତିକାର କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏହି ଅବସରରେ ଜନ କଲ୍ୟାଣ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା, ଉପଦେଷ୍ଟା ପ୍ରଭାକର ଶିରୋମଣି, ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ଆନନ୍ଦ ଚନ୍ଦ୍ର ପରିଡା ପ୍ରମୁଖ ଜନ ଶୁଣାଣି ଶିବିରରେ ଉପସ୍ଥିତ ରହି ଉପସ୍ଥିତ ଅଧିକାରୀମାନଙ୍କୁ ବିପଦରେ କାଳ କାଟୁଥିବା ପରିବାର ମାନଙ୍କ ଧନଜୀବନ ସୁରକ୍ଷା ପାଇଁ ପ୍ରତିକାର କରିବାକୁ ଅନୁରୋଧ କରିଥିଲେ।

**ନାରାୟଣପ୍ରସାଦ ଉଚ୍ଚ ବିଦ୍ୟାଳୟ ସମସ୍ୟା**

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ

**ଗଣିଆ,୧୪।୭(ସମିସ):** ଗଣିଆ ବ୍ଲକ କରଡାପଡା ପଞ୍ଚାୟତ ନାରାୟଣପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ। ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ ସାଂସଦ, ଦଶପଲ୍ଲା ବିଧାୟକ, ଗଣିଆ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ବହୁ ବାଧାବିଘ୍ନ ପରେ ନାରାୟଣପ୍ରସାଦ



ବିଦ୍ୟାଳୟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଛି। ଏଠାରେ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି। ୩ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ଦିଆଯାଇଥିବା ବେଳେ ସେମାନେ ଠିକରେ ଆସୁନାହାନ୍ତି। ଏପରିକି ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଅରବିନ୍ଦ ମହାଳିକ ମଧ୍ୟ ଆସୁନାହାନ୍ତି। ସରକାରଙ୍କ ନିର୍ଦ୍ଦେଶାନୁସାରେ ଉକ୍ତ ବିଦ୍ୟାଳୟରେ ରୋଷେୟା, ରାତ୍ର ଜଗୁଆଳ ଏବଂ ଝାଡୁଦାର ନିଯୁକ୍ତି ହେବ। ଉକ୍ତ ଗ୍ରାମରେ ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥିବାରୁ ଉକ୍ତ ୪ଟି ଗୋଷ୍ଠୀ ମଧ୍ୟରୁ ନିଯୁକ୍ତି ପ୍ରଦାନ କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗତ ୧୧ ତାରିଖରେ ଦୈନିକ ଖବରକାଗଜ "ସକାଳ"ରେ 'ନାହିଁ ନାହିଁରେ ୬୩ ବର୍ଷର ବିଦ୍ୟାଳୟ, ହାଇସ୍କୁଲରେ ପଢ଼ାଉଛନ୍ତି ପ୍ରାଥମିକ ଶିକ୍ଷକ' ସମ୍ପର୍କିତ ଖବର ପ୍ରକାଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ରାଉତଙ୍କ ନେତୃତ୍ୱରେ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ସୋମବାର ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

## ବାଇକ୍ ଚୋରି ଘଟଣାରେ ୩ ଗିରଫ

**କଣ୍ଟିଲୋ,୧୪।୭(ସମିସ):** ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ପୁଲିସ ମଟରସାଇକଲ ଚୋରି ଘଟଣାର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ କଣ୍ଟିଲୋ ଗ୍ରାମର ଆଶୁତୋଷ ମିଶ୍ର ଓ ନିକଟସ୍ଥ ବଡବାଣପୁର ଗ୍ରାମର ହାଡ଼ିବନ୍ଧୁ ପ୍ରଧାନ ଓ ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଗତ ଫେବୃଆରୀ ୯ ତାରିଖରେ ଅନନ୍ତ ମହାପାତ୍ରଙ୍କର ଏକ ବାଇକ୍ ଚୋରି ହୋଇଥିବା ନେଇ ସେ କଣ୍ଟିଲୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ହେଁ ଲୁଟେରାଙ୍କ ସଂପର୍କରେ ସେହି ସମୟରେ କୌଣସି ଟେର୍ ପାଇ ପାରିନଥିଲା। ତେବେ ଚୋରି ହୋଇଥିବା ମଟରସାଇକଲର ଇଞ୍ଜିନ ଏକ ଗ୍ୟାରେଜରେ ସନ୍ତୋଷ ପ୍ରଧାନଙ୍କ ମଟରସାଇକଲରେ ଲଗା ଯାଉଥିବା ନେଇ ଅନନ୍ତ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ କଣ୍ଟିଲୋ ଫାଣ୍ଡି ପୁଲିସକୁ ଗତକାଲି ୧୩/୭ରେ ଲିଖିତ ଭାବରେ ଜଣାଇଥିଲେ। କଣ୍ଟିଲୋ ଫାଣ୍ଡି ଅଧିକାରୀ ଉକ୍ତ ମଟରସାଇକଲ ଗ୍ୟାରେଜରେ ପହଞ୍ଚି ଯାଞ୍ଚ କରିବାରେ ଚୋରି ହୋଇଥିବା ଅନନ୍ତଙ୍କ ମଟରସାଇକଲ ଇଞ୍ଜିନର ନଂ. ସହ ଗ୍ୟାରେଜରେ ଆଉ ଏକ ମଟରସାଇକଲରେ ଲଗାଯାଇଥିବା ଇଞ୍ଜିନର ନମ୍ବର ମେଳ ଖାଇଥିଲା। କଣ୍ଟିଲୋ ଫାଣ୍ଡି ପୁଲିସ ମଟରସାଇକଲ ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହ ଏହି କାରବାରର ସଂପୃକ୍ତ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି।

# ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଭାପୁର,୧୪।୭(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁରବଜାରରେଥିବା ଜଗନ୍ନାଥମନ୍ଦିରନିର୍ମାଣପାଇଁମନ୍ଦିର କମିଟି ଅହରହ ଉଦ୍ୟମ ଜାରି ରଖିଛି। ବର୍ତ୍ତମାନ ଚତୁର୍ଦ୍ଧାମୂର୍ତ୍ତି ଏକ ଆଜବେଷ୍ଟସ ଘରେ ରହୁଛନ୍ତି। ଗତ ରଥଯାତ୍ରା ସମୟରେ ବିଧାୟକ, ବ୍ଲକ ଉପାଧ୍ୟକ୍ଷ ଓ ଅନ୍ୟ ରାଜନୈତିକ ବ୍ୟକ୍ତି ମାନେ ମନ୍ଦିର ନିର୍ମାଣ କାର୍ଯ୍ୟରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ କହିଥିଲେ। ସୋମବାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୫ ଲକ୍ଷ ଟଙ୍କାରେ ଏହି ମନ୍ଦିରର ପ୍ରାଚୀର ନିର୍ମାଣ ପାଇଁ ସାଂସଦ ଭର୍ତ୍ତୃହରି ମହତାବ ଶିଳାନ୍ୟାସ କରିଛନ୍ତି। ଏହି ସମୟରେ ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡା, ଫତେଗଡ ପୂର୍ବତନ ସରପଞ୍ଚ ତୋଫାନ ପ୍ରଧାନ ଓ ମନ୍ଦିର ପରିଚାଳନା କମିଟିର ସଭ୍ୟ ମାନେ ଉପସ୍ଥିତ ରହିଥିଲେ। ଏହାପରେ ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟର ଉନ୍ନତି



କରଣ ପାଇଁ ଉପରୋକ୍ତ ଯୋଜନାରେ ୬ ଲକ୍ଷ ଟଙ୍କାର ଏକ ପ୍ରକଳ୍ପକୁ ମଧ୍ୟ ସାଂସଦ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସମସ୍ତ ଅତିଥିଙ୍କୁ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କାଉଟ ଛାତ୍ରଛାତ୍ରୀ ପାଛୋଟି ନେଇଥିଲେ।

# ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ



**ନୟାଗଡ଼,୧୪।୭(ସମିସ):** ନୟାଗଡ ସ୍ଥିତ ପ୍ରୀୟଦର୍ଶିନି ଫାଉଣ୍ଡେସନ ୨ୟ ବାର୍ଷିକ ଉତ୍ସବ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ଶିଶୁଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୃତୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୟାଗଡ ପୌର ପାଳିକା ଅଧ୍ୟକ୍ଷା ନିରୁପମା ଖଟେଇ ଏବଂ ସମ୍ମାନିତ ଅତିଥି ରୂପେ ୯ ନଂ ୱାର୍ଡ କାଉନସିଲର ସୁନିତାରାଣି ମହାପାତ୍ର, ରୋଟାରିଆନ ଶ୍ରୀକାନ୍ତ ଖଟେଇ ଏବଂ ରୋଟାରିଆନ ଅବିନାଶ ସାହୁ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍ଥାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ସଂସ୍ଥାର ନବ ନିର୍ବାଚିତ ସମ୍ପାଦକ ସୌମ୍ୟାଶ୍ରୀ ରଥ କରିଥିଲେ।

**■ ୩୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

# ମନ୍ଥର ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

**ଗଣିଆ,୧୪।୭(ସମିସ):** ଆଦିବାସୀ ଅଧ୍ୟୁଷିତ ଗଣିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ବେଡ୍ ନଥିବାରୁ ଅନେକ ସମୟରେ ଲୋକମାନେ ବାରଣ୍ଡାରେ ଚିକିତ୍ସିତ



ହେଉଥିବା ଜଣାପଡିଛି। ଏଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣିଆରେ ୩୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ୯ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ତେବେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଏବେ ମନ୍ଥର ଗତିରେ ଚାଲିଥିବା ଜଣାପଡିଛି। ପ୍ରାୟ ୨ ବର୍ଷରୁ ଅଧିକ ସମୟ ଧରି ଏହି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୩ ମହଲା ବିଶିଷ୍ଟ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଥିବା ବେଳେ ଛାତ ପଡି ପଲସ୍ତରା ସରିଛି। ଚଟାଣ ନିର୍ମାଣ, ବିଦ୍ୟୁତ୍ କରଣ, କବାଟ ଝରକା ନିର୍ମାଣ, ରଙ୍ଗ କାମ ଏଭଳି ଅନେକ କାର୍ଯ୍ୟ ବାକି ରହିଛି। କାର୍ଯ୍ୟକାରୀ ସଂସ୍ଥା ବହୁତ ମନ୍ଥର ଗତିରେ ନିର୍ମାଣକାର୍ଯ୍ୟ କରୁଥିବାରୁ ଆହୁରି ୧ ବର୍ଷରୁ ଅଧିକ ସମୟ ଲାଗିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ ତଦାରଖ କରିବାପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏଠି ଦେଖିବାକୁ ମିଳୁନି। ଗଣିଆ ପୂର୍ତ୍ତ ବିଭାଗରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନଥିବାରୁ ଖଣ୍ଡପଡ଼ା କନିଷ୍ଠ ଯନ୍ତ୍ରୀଙ୍କୁ ଗଣିଆ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଖରା ଓ ବର୍ଷାରୁ ରକ୍ଷା କରୁଛି ପିଚୁ ଚଦର**

# ୧୧୨ ବର୍ଷର କୋଠାରେ ୧୦ କାର୍ଯ୍ୟାଳୟ

**ନୟାଗଡ଼,୧୪।୭(ସମିସ):** ନୟାଗଡ଼ ୧୯୯୩ ମସିହାରେ ଅପ୍ରେଲ ୨ ତାରିଖରେ ଜିଲ୍ଲା ମାନ୍ୟତା ପାଇଥିଲା। ଏହା ପୂର୍ବରୁ ନୟାଗଡ଼ ସବ୍‌ଡିଭିଜନ ଭାବେ କାର୍ଯ୍ୟ କରୁଥିଲା। ପୁରୀ ଜିଲ୍ଲା ଅଧୀନରେ ନୟାଗଡ଼ ରହିଥିଲା। ନୟାଗଡ଼ ଜିଲ୍ଲା ମାନ୍ୟତା ପାଇବା ପରେ ଜିଲ୍ଲାରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟ, ଡାକ୍ତରଖାନା, ଶିକ୍ଷା, କ୍ରୀଡ଼ା ଭିତ୍ତିଭୂମିର ଅନେକ ଅଭିବୃଦ୍ଧି ଘଟିଛି। ଅନେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ଗୃହ ନିର୍ମାଣ ସରିଥିବା ବେଳେ ଅନେକ ନିର୍ମାଣାଧୀନ ଅବସ୍ଥାରେ ରହିଛି। ନୟାଗଡ଼ ସହରକୁ ସୌନ୍ଦର୍ଯ୍ୟମୟ କରାଯିବାକୁ ଅନେକ ପଦକ୍ଷେପ ନିଆଯାଇଛି। ତଥାପି ନୟାଗଡ଼ ଜିଲ୍ଲାରେ ଅନେକ ସରକାରୀ କାର୍ଯ୍ୟାଳୟ ଗୃହ ଭଡ଼ାରେ ଚାଲୁଥିବା ବେଳେ କିଛି ପରିତ୍ୟକ୍ତ କୋଠାରେ ଚାଲୁଛି। ସେହିଭଳି ଏକ ପରିସ୍ଥିତି ତଥା ପରିବେଶ ମଧ୍ୟରେ କାର୍ଯ୍ୟ କରୁଛନ୍ତି ୧୦ କାର୍ଯ୍ୟାଳୟ କର୍ମଚାରୀ। ଏହା ଖୋଦ୍ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ



ପରିସରରେ ରହିଛି। ଅନେକ ଇତିହାସକୁ ଜାବୁଡ଼ି ଧରିଥିବା ରାଜାଙ୍କ ଅମଳର ଅଫିସ୍ ବିଲ୍ଡିଂରେ ୧୦ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିଥିବା ବେଳେ ଏହାର ଅବସ୍ଥା ସଙ୍କଟାପନ୍ନ ହୋଇରହିଛି। ଛାତରୁ ପାଣି ଗଳୁଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପିଚୁ ଚଦର ପକାଯାଉଛି। ପିଚୁ ଚଦର ବର୍ଷା ଓ ଖରାରୁ ରକ୍ଷା କରୁଥିବା ବିଷୟ ଜିଲ୍ଲା ପ୍ରଶାସନ ଓ ରାଜନେତାଙ୍କୁ ଜ୍ଞାତ ଥିଲେ ବି ପ୍ରତିକାର ପାଇଁ ଆଜି ପର୍ଯ୍ୟନ୍ତ ଭିନ୍ନ ପରିକଳ୍ପନା କରାଯାଇନାହିଁ। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଏହି ଅଫିସ୍ ବିଲ୍ଡିଂ ୧୯୧୩-୧୪ ମସିହାରେ ସ୍ଥାପନ କରାଯାଇଥିଲା। ନୟାଗଡ଼ ରାଜାଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଥିବା ବେଳେ ଇଂରେଜ ସରକାରଙ୍କ ଏଜେଣ୍ଟ ସତାର ଖାଁ ତାଙ୍କର କାର୍ଯ୍ୟାଳୟ ଭାବେ ଏହାକୁ ବ୍ୟବହାର କରୁଥିଲେ। ନୟାଗଡ଼ ସର୍କିଟ ହାଉସରେ ସେ ରହିବା ସହ ଏଠାରେ କାର୍ଯ୍ୟ କରୁଥିବା ଶୁଣାଯାଏ। ବେଜେଲଗେଟ୍ ମଧ୍ୟ ଏହି କାର୍ଯ୍ୟାଳୟକୁ ଅନେକ ଥର ଆସିଥିବାର ସୂଚନା ମିଳେ। ଏହି ଅଫିସ୍ ବିଲ୍ଡିଂରେ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଶିଶୁ ସୁରକ୍ଷା ବିଭାଗ, ଉପଜିଲ୍ଲାପାଳଙ୍କ ଅଦାଲତ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯୋଗାଣ ବିଭାଗ, ସିଡବ୍ଲ୍ୟୁସି କାର୍ଯ୍ୟାଳୟ, ଜମି ଅଧିଗ୍ରହଣ କାର୍ଯ୍ୟାଳୟ, କ୍ଷୁଦ୍ର ସଞ୍ଚୟ ବିଭାଗ, କୋଷାଗାର ଷ୍ଟ୍ରଙ୍ଗରୁମ, ରେକର୍ଡ ରୁମ୍ ଭଳି ୧୦ଟି କାର୍ଯ୍ୟାଳୟ ରହିଛି। ଏହି ୧୦ କାର୍ଯ୍ୟାଳୟ ପାଇଁ ନୂତନ କୋଠା ନିର୍ମାଣର ନିହାତି ଆବଶ୍ୟକତା ରହିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଏହି ପୁରାତନ କୋଠା ବଦଳରେ ନୂତନ କୋଠା ନିର୍ମାଣ ପାଇଁ ଦାବି ହେଉଛି।

# ଉପୁଡ଼ିପଡ଼ିଲା ଦୁଇଟି ଗଛ, ଅଳ୍ପକେ ବର୍ତ୍ତିଲେ ଲୋକେ



ରାୟଗଡ଼ା,୧୪।୭ (ସମିସ): ରାୟଗଡ଼ା ସହରର ରିଙ୍ଗ ରୋଡ ସ୍ଥିତ ବଚପନ ସ୍କୁଲ ନିକଟରେ ଥିବା ଦୁଇଟି ବଡ଼ ଚାକୁଣ୍ଡା ଗଛ ଗତକାଲି ରାତ୍ର ପ୍ରାୟ ୧୦ଟା ସମୟରେ ଉପୁଡି ଯାଇ ରାସ୍ତା ଉପରେ ପଡ଼ିଥିଲା। ଏଥିରେ ଜଣେ ବୁଲେଟ ଚାଳକ ସାମାନ୍ୟ ଆହାତ ହୋଇଥିବା ଜଣାପଡିଛି। ଦୀର୍ଘ ଦିନରୁ ଗଛ ତଳେ ଥିବା ଏକ ଅଚଳ କାର ମଧ୍ୟ ଗଛର ଗଣ୍ଡି ତଳେ ପଡି ଚୁରମାର ହୋଇଯାଇଛି। ଦୁଇଟି ଗଛ ପଡିଯିବାରୁ ଏଲଟି ଏବଂ ଏଚଟି ବିଦ୍ୟୁତ୍ ଲାଇନ ପ୍ରଭାବିତ ହୋଇଥିଲା। ଟିପିଏସଓଡିଏଲ ଅଧିକାରୀ ଓ କର୍ମଚାରୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସରାବରାହ ବନ୍ଦ କରି ପରବର୍ତୀ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ରାୟଗଡା ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ୭ରୁ ୮ଜଣ ଆଗ୍ନିକ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ମେସିନ ଓ ଅନ୍ଧାର ହେତୁ ଲାଇଟ ବ୍ୟବସ୍ଥା କରି ଗଛଗୁଡିକ କାଟିଥିଲେ। ଦୀର୍ଘ ୬ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଗଛଗୁଡିକୁ ରାସ୍ତା ଉପରୁ ହଟାଯାଇଥିଲା। ଗଛ ପଡି ବିଦ୍ୟୁତ ସେବା ବ୍ୟାହାତ ହୋଇଥିବା ବେଳେ ଭୋର ସକାଳ ପ୍ରାୟ ୪ଟା ସମୟରେ ପୁଣି ଥରେ ବିଦ୍ୟୁତ୍ ସେବା ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଇଥିଲା। ଆଜି ସକାଳେ ଗଛର ଗଣ୍ଡି ଓ ଡାଳପତ୍ରଗୁଡିକ ରାସ୍ତା ଉପରେ ପଡିଥିବା ବେଳେ ପୌର ସଂସ୍ଥା ପକ୍ଷରୁ ସମସ୍ତ ଅଳିଆ ହଟାଯାଇଥିଲା। ସହରର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ଜଣ ଗହଳି ପୂର୍ଣ୍ଣ ରାସ୍ତା କଡରେ ଅନେକ ଶୁଖିଲା ଗଛ ଗୁଡିକ ମଧ୍ୟ ରହିଥିବା ବେଳେ ସେଗୁଡିକ ଲଗାଣ ବର୍ଷା ଓ ପବନ ଯୋଗୁଁ ଉପୁଡି ପଡିବାର ବହୁ ସମ୍ଭାବନା ରହିଛି। ଏ ନେଇ ପୌର ପରିଷଦ, ଟିପିଏଓଡ଼ିଏଲ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୭ ଦଫା ଦାବି ନେଇ ଗର୍ଜିଲା ପାଚକ, ପାଚିକା ମହାସଂଘ




ମୁନିଗୁଡା,୧୪।୭ (ସମିସ):

ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ, ପାଚିକା ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଶାଖା ପକ୍ଷରୁ ଆଜି ବିକ୍ଷୋଭ ଶୋଭାଯାତ୍ରା କରାଯିବା ସହ ୭ ଦଫା ଦାବି ସମ୍ପର୍କିତ ଏକ ସ୍ମାରକ ପତ୍ର ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ, ପାଚିକା ମାନେ ଆଜି ସକାଳ ୯ଟା ସମୟରେ ବ୍ଲକର ଶତାଧିକ ପାଚକ ଓ ପାଚିକା ମୁନିଗୁଡା ରେଳଷ୍ଟେସନ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ମାନ ଦେଇ ବ୍ଲକ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦିକା ଦିପାଞ୍ଜଳି ଯାଦବ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ପାଚକ ପାଚିକା ମାରଣ ନୀତିକୁ ତୀବ୍ର ସମାଲୋଚନା କରି ସଂଘର ଦାବି ଗୁଡିକୁ ସରକାର ଶୀଘ୍ର ପୂରଣ କରିବାକୁ କହିଥିଲେ।

# ଆମ ପୁଲିସ ସମିତି ବୈଠକ




ରାମନାଗୁଡ଼ା,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଥାନ ଅଧିକାରୀ ସୁନିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚୋରି,ଠକେଇ, ଗୁଣିଗାରେଡି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି କୁସଂସ୍କାର ଆଦି କିପରି ରୋକି ହେବ ସେ ବିଷୟରେ କହିବା ସହ ପ୍ରଥମେ ନିଜେ ସଚେତନତା ରହିବା ଜରୁରୀ ବୋଲି ମତ ଦେଇଥିଲେ। ଟ୍ରାଫିକ ନିୟମକୁ ପାଳନ କରିବା ନିମନ୍ତେ ନିଜେ ହେଲମେଟ ପିନ୍ଧିବା ସହ ଅନ୍ୟକୁ ହେଲମେଟ ପିନ୍ଧିବା ପାଇଁ ପ୍ରବର୍ତ୍ତାଇବାକୁ ଏଏସଆଇ ଜଗନ୍ନାଥ ବେହେରା ଏବଂ ଏଏସଆଇ ସମ୍ବିତ ପ୍ରଧାନ ମତ ରଖିଥିଲେ। ପୁଲିସ ଓ ଲୋକଙ୍କ"ମଧରେ ସୁସମ୍ପର୍କ ସ୍ଥାପନ କରିବା ସ୍ହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ରହିବା ଭୟ ଦୂର କରିବାକୁ ଥାନା ଅଧିକାରୀ ସୁନିତା ବେହେରା କହିଥିଲେ। ଏଏସ ଆଇ ଜଗନ୍ନାଥ ବେହେରା, ଏଏସଆଇ ସମ୍ବିତ ପ୍ରଧାନ, କନେଷ୍ଟବଳ ଦୁର୍ଗା ପ୍ରସାଦ ଜୋଗନି, ସୁନିଲ କୁମାର ଡାକୁଆ, ବାସନ୍ତୀ ଲତା ବାଉରି, ଅନିଲ ସତପଥି, ସମ୍ଭୁ ପାଲକା, ଭଞ୍ଜ କିଶୋର ଗୌଡ଼, ଭାସ୍କର ଶବର, ପବିତ୍ର ଶବର, ଗୃହରକ୍ଷୀ ଜୟ ଦେବ କରକରିଆ, ତ୍ରିନାଥ ରାଓ, ସୋଭାବତି ନାଗ, ଗ୍ରାମରକ୍ଷୀ ଦୟାନିଧି ନାଲା ପ୍ରମୁଖ ବୈଠକରେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍‌ର ୧୨ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ଏବଂ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା

# ସରୁନି ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ

କୋରୁକୋଣ୍ଡା,୧୪।୭ (ସମିସ):



ମାଲକାନଗିରି ଜିଲ୍ଲା ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ଏଯାଏଁ ସରିଲାନି ପ୍ରଶସ୍ତିକରଣ ନିର୍ମାଣ କାର୍ଯ୍ୟ। ତେବେ ଏହି ରାସ୍ତାଟି ମୁଖ୍ୟତଃ ପାହାଡିଆ ଘାଟି ଅଞ୍ଚଳ ଦେଇ ଯାଇଥିବା ବେଳେ ବହୁ ଅଙ୍କାବଙ୍କା ରାସ୍ତା ଦେଇ ଚିତ୍ରକୋଣ୍ଡା ଯିବାକୁ ପଡିଥାଏ। ତେବେ ଦୈନିକ ଏହି ରାସ୍ତା ଦେଇ ଶହ ଶହ ଗାଡି ଆନ୍ଧ୍ରପ୍ରଦେଶକୁ ଏବଂ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପ୍ରାୟ ୧୫୮ଟି ଗ୍ରାମକୁ ଯାତାୟାତ କରୁଥିବା ବେଳେ ଅଞ୍ଚଳବାସୀ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି। କିନ୍ତୁ ଘାଟି ରାସ୍ତାର ଉଭୟ ପାଶ୍ୱର୍ରେ ଓସାରିଆ ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ଏହି ସିମେଣ୍ଟ କଂକ୍ରିଟ ପ୍ରଶସ୍ତିକରଣ କାର୍ଯ୍ୟ ନାମକୁ ମାତ୍ର ଆରମ୍ଭ ହୋଇ ବାଲି, ମେଟାଲ ରାସ୍ତାରେ ପଡି ରାସ୍ତା ଅବରୋଧ କରାଯାଇଛି। ଏଯାଏଁ ସରିଲାନି ଏହି ପ୍ରଶସ୍ତିକରଣ କାର୍ଯ୍ୟ। ଫଳରେ ବର୍ତ୍ତମାନ ବର୍ଷା ଦିନ ହେତୁ ଦୈନିକ ଯାଆସ କରୁଥିବା କିଛି ବାଇକ ଚାଳକ ଏହି ଖାଲରେ ପଡି ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ଅଭିଯୋଗ କରିଛନ୍ତି। ଏଥିସହ ଆନ୍ଧ୍ରପ୍ରଦେଶରୁ ଦୈନିକ ଲୋଡ ନେଇ ଆସୁଥିବା ଟ୍ରକ୍ ଗୁଡିକ ସାମ୍ନା ପଟୁ ଆସୁଥିବା ଅନ୍ୟ ଗାଡି ଗୁଡିକୁ ରାସ୍ତା ଦେବାକୁ ଯାଇ ଯଦି ଏହି ଖାଲରେ ପଡନ୍ତି, ତେବେ ବଡ଼ ଦୁର୍ଘଟଣାର ଶିକାର ହେବା ନେଇ ଅନୁମାନ କରାଯାଉଛି। ବହୁ ଗଛ ଗୁଡିକର ଶାଖା ଏବଂ ଡାଳ ଗୁଡିକ ଲମ୍ବିବା ଦ୍ୱାରା ଘାଟି ରାସ୍ତାର ଏ କଡକୁ ସେ କଡ଼ ସମ୍ପୂର୍ଣ୍ଣ ଭାବେ ଦେଖା ଯାଉନାହିଁ। ଫଳରେ ଦୈନିକ କିଛି ବାଇକ୍ ଅରୋହୀ ଏବଂ କାର ଅଳ୍ପକେ ଦୁର୍ଘଟଣା ରୁ ବର୍ତ୍ତୁଥିବା କହିଛନ୍ତି। ଏଥିସହ ଘାଟିରେ ନିର୍ମାଣ ହୋଇଥିବା ସୁରକ୍ଷିତ ସିମେଣ୍ଟ ଗାର୍ଡ ୱାଲ ଗୁଡିକ ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି ଗତ ୫ ମାସ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ୪୭ ନଂ ରାଜ୍ୟ ରାଜପଥର ଗୋବିନ୍ଦପାଲ୍ଲୀ ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ସ୍ଥିତ ଏସଆର କମ୍ପାନୀ ଦେଇ ଓଡ଼ିଶାର ଶେଷ ସୀମା ଯାଏଁ କିଛି ମରାମତି ଏବଂ ନିର୍ମାଣ ବାବଦକୁ ୨୦ କୋଟିରୁ ଅଧିକ ଟଙ୍କାର ଟେଣ୍ଡର ହୋଇଛି। ଗଜପତି ଜିଲ୍ଲାର ଆରଆର କମ୍ପାନୀ ନାମକ ଏକ ଠିକାଦାରୀ ସଂସ୍ଥା ଏହି କାର୍ଯ୍ୟଟି ପାଇଥିଲା। କିନ୍ତୁ କିଛି ସ୍ଥାନରେ ଏହି ରାସ୍ତା ମରାମତି କାର୍ଯ୍ୟ ଚାଲିଥିବା ବେଳେ ବର୍ତ୍ତମାନ ଯାଏଁ ଏହି ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ସିମେଣ୍ଟ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରି ନଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ଏହି ରାସ୍ତା ଓସାରିଆ କାର୍ଯ୍ୟ ଆରମ୍ଭ କରିବା ସହ ସୁରକ୍ଷିତ ସିମେଣ୍ଟ ଗାର୍ଡ-ୱାଲ ଗୁଡିକୁ ପୁନଃ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଷ୍ଟ୍ରିଟ ଲାଇଟ୍ କଡ଼ରୁ କଟାଗଲା ଗଛ ଡାଳ

ମାଲକାନଗିରି,୧୪।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ବନ ବିଭାଗ ଅଧିନସ୍ତ ବାଲିମେଳା -ଜୟପୁର ମୁଖ୍ୟ ରାସ୍ତାର ବାଲିମେଳା ଏନଏସିର ୧ ନମ୍ବର ୱାର୍ଡ ନୂଆସାହି ନିକଟରୁ ଚିତ୍ରକୋଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଗଛ ଗୁଡିକ ବଢିଯାଇ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିଲା। ଯାହା ଫଳରେ ଏନଏସି ପକ୍ଷରୁ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଗଛ ଡାଳରେ ଢାଙ୍କି ହୋଇ ରହିଥିବା ଯୋଗୁ ରାତିରେ ଷ୍ଟ୍ରିଟ ଲାଇଟ ଜଳୁଥିଲେ ମଧ୍ୟ ରାସ୍ତାର ଅଧିକାଂଶ ସ୍ଥାନ ଅନ୍ଧାର ରହୁଥିଲା। ଫଳରେ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟୁଥିଲା। ବାଲିମେଳା ବନ ବିଭାଗର ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ବନରକ୍ଷୀ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ ଚିତ୍ରକୋଣ୍ଡା ଛକ ନିକଟରେ ପହଞ୍ଚିଥିଲା। ବନ ବିଭାଗର କିଛି କର୍ମଚାରୀ ଚିତ୍ରକୋଣ୍ଡା ଛକ ଠାରୁ ବାଲିମେଳା ସହରର ନୂଆସାହି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ବଢ଼ି ଯାଇଥିବା ଗଛର ଡାଳ ଗୁଡିକ କାଟି ସଫା କରିଥିଲେ। ରାସ୍ତା ପାଶ୍ୱର୍ରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକର ଆଲୋକ ରାସ୍ତା ଉପରେ ପଡୁଛି।

# ଦୁଇଟି ଚୋରି ମାମଲାରେ ୫ଗିରଫ



ଜେକେପୁର/କୋଲନରା/୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ପୁଲିସ ଦୁଇଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ୫ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜେକେପୁର ଅରବିନ୍ଦ ନଗର ଓ ନୂଆପଡା ସାହିର ମୂଶା ଓରଫ ଅର୍ଜୁନ ମିନିୟାକା (୨୧), ରାହୁଲ ଧନବାଦେ (୨୦), ଜଗା ଓରଫ ରବୀନ୍ଦ୍ର ଗୌଡ (୨୨), ସୁରଥ କଣ୍ଡା (୨୦) ଓ ମନୋଜ ଦୁର୍ଗା (୨୫) ଛ ସେମାନଙ୍କ ଠାରୁ ଏଲଇଡି ଟିଭି, ଦୁଇଟି ଭରିଥିବା ଓ ଗୋଟିଏ ଖାଲି ଥିବା ମୋଟ ୩ଟି ଗ୍ୟାସ ସିଲିଣ୍ଡର, ପିତ୍ତଳ ଦେବଦେବୀ ମୂର୍ତ୍ତି, ଷ୍ଟାଣ୍ଡିଙ୍ଗ ଫେନ ଓ ନଗଦ ୪୦୭୦ଟଙ୍କା ଜବତ କରାଯାଇଛି । ଏ ନେଇ ସୂଚନାନୁଯାୟୀ, ଗତ ଶନିବାର ୧୨ ଓ ରବିବାର ୧୩ ତାରିଖ ବିଳମ୍ବିତ ରାତ୍ରରେ ଜେକେପୁର ସହରରେ ଦୁଇଟି ସ୍ଥାନରେ ଉକ୍ତ ୫ଜଣ ଅଭିଯୁକ୍ତ ଚୋରି କରିଥିଲେ। ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ କେସ ନଂ ଚୋରି ମାମଲା ରୁଜୁ କରାଯା ପୁଲିସ ତଦନ୍ତ କରି ୨୪ଘଣ୍ଟା ମଧ୍ୟରେ ମାମଲାରେ ସମ୍ପୃକ୍ତ ଥିବା ଉକ୍ତ ୫ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ସାମଗ୍ରୀ ଜବତ କରିଥିଲେ।

# କପିଳେଶ୍ୱର ଶିବ ମନ୍ଦିର କମିଟିର ବୈଠକ

ରାୟଗଡ଼,୧୪।୭ (ସମିସ): ରାୟଗଡ଼ା ସହରର ସାଇପ୍ରିୟା ନଗର ସ୍ଥିତ କପିଳେଶ୍ୱର ଶିବ ମନ୍ଦିର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ନିରଞ୍ଜନ ରାଜୁ ବୈଠକରେ ସଭାପତିତ୍ୱ କରିଥିଲେ। ନିକଟରେ କମିଟି ସଭ୍ୟ କେ. ଜଗଦୀଶ ରାଓ ଏବଂ କାମରାଜ ଦରା ମୃତ୍ୟୁବରଣ କରିଥିଲେ । ଯାହାକି ମନ୍ଦିର କମିଟି ପାଇଁ ଏକ ଅପୂରଣୀୟ କ୍ଷତି ଅଟେ ବୋଲି କୁହାଯାଇଥିଲା। କମିଟିର ବରିଷ୍ଠ ସଭ୍ୟ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କୁ ମନ୍ଦିର ତଥା କମିଟିର କୋଷାଧକ୍ଷ ରୂପେ ଚୟନ କରାଯାଇଥିଲା। ନୂତନ କମିଟି ଗଠନ କରିବା ପାଇଁ ବହୁ ସଦସ୍ୟମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଥିଲା। କମିଟିର ଆଇନ ପରାମର୍ଶଦାତା ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ମନ୍ଦିରର ସମସ୍ତ ଖର୍ଚ୍ଚକୁ କ୍ୟାସ୍ ବୁକ ମାଧ୍ୟମରେ ପରିଚାଳନା କରିବା ଓ ରସିଦ ବ୍ୟବହାର କରିବା ଇତ୍ୟାଦି ବିଷୟରେ ଆଲୋକପାତ କରାଇଥିଲେ। ସଭା ଶେଷରେ କମିଟିର ସମ୍ପାଦକ କେ. ତ୍ରିମୁଲା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।



# ପାଣ୍ଟଲୁଙ୍ଗ ପଞ୍ଚାୟତରେ ଅଭିଯୋଗ ଶୁଣାଣି

ନନ୍ଦପୁର,୧୪।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଣ୍ଟଲୁଙ୍ଗ ଗ୍ରାମପଞ୍ଚାୟତରେ ବିଡିଓଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଗ୍ରାମପଞ୍ଚାୟତରେ ସୋମବାର ଅନୁଷ୍ଠିତ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣିରେ ବ୍ଲକ ଏଇଇ ଯଶକେତନ ବେହେରା, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଗ୍ରାମପଞ୍ଚାୟତ ସରପଞ୍ଚ ପୂଜା ଖିଲ ଓ ୱାର୍ଡ ମେମ୍ବର ମାନଙ୍କ ସହ ସମିତି ସଭ୍ୟ ଓ ଜନସାଧାରଣ ଯୋଗ ଦେଇଥିଲେ। ପଞ୍ଚାୟତ ବିଭିନ୍ନ ସମସ୍ୟା ସହ ୧୭ଟି ଅଭିଯୋଗ ଶୁଣାଣି କରିଥିବା ବେଳେ ସୁତୁବ, ସାରିଆପୁଟ, ଜୟନ୍ତି ଗିରି ଗ୍ରାମବାସୀଙ୍କ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଉପରେ ଅଧିକ ଆଲୋଚନା ହୋଇଥିବା ଜଣାଇଛି। ସୂଚିତ ଯେ ଗତ ସପ୍ତାହରେ ଉକ୍ତ ଗ୍ରାମର ଲୋକେ ଜଙ୍ଗଲ ଜମି ପଟ୍ଟା ପାଇବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ପରେ ପର୍ଯ୍ୟଟନ ସ୍ଥଳୀ ମୁକ୍ତି ଆମ୍ବ ଗସ୍ତ କରିଥିଲେ ସ୍ଥିତି ସମୀକ୍ଷା କରି ଥିଲେ ବିଡ଼ିଓ । ସେଠାରେ ଆନୁସଙ୍ଗିକ ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସାମାଜିକ କର୍ମୀ ଆକାଶ ଖିଲ।

# ଗୁରୁତର ଗାଈର ଚିକିତ୍ସା କଲେ ଦୁଇ ଯୁବକ

ମାଥିଲି,୧୪।୭ (ସମିସ):



ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦରର ମୁଖ୍ୟ ରାସ୍ତାରେ ଗୋଟିଏ ଗାଈ ଅଜଣା ଗାଡି ଦୁର୍ଘଟଣାରେ ଆହତ ହୋଇ ରାସ୍ତା ଉପରେ ପଡ଼ି ଛଟପଟ ହେଉଥିଲା। ଲୋକମାନେ ଆହତ ଗାଈଟିକୁ ଦେଖୁଥିଲେ କିନ୍ତୁ ଚୁପଚାପ ଚାଲି ଯାଉଥିଲେ। କିନ୍ତୁ ମାନବିକତା ଦେଖାଇ ଗୁରୁତର ଗାଈଟିକୁ ଅଞ୍ଚଳର ଯୁବ ସମାଜସେବୀ କିଶୋର ମଜୁମଦାର ଓ ଶିକ୍ଷକ ଚନ୍ଦ୍ର ଭାଇ ଚିକିତ୍ସା କରାଇଛନ୍ତି। ସେମାନେ ପ୍ରାଣୀ ଚିକିତ୍ସକ ବିପଦ ତରଣ ବିଶ୍ୱାଳଙ୍କୁ ଗାଈଟିକୁ ଚିକିତ୍ସା କରିଥିଲେ। ଦୁଇ ଯୁବ ସମାଜସେବୀଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

# ଚୋରି ବୁଲେଟ୍ ଉଦ୍ଧାର

ବିଷମ କଟକ,୧୪।୭ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ସଦର ରେ ଗତ କିଛି ଦିନ ବ୍ୟବଧାନରେ ଦୁଇଟି ବୁଲେଟ ଚୋରି ହୋଇଥିବା ବେଳେ ଦୁଇଟି ଯାକ ବୁଲେଟ ଉଦ୍ଧାର କରାଯାଇଛି। ବିଷମ କଟକ ସହରର ମାର୍କମା ସାହିରେ ନିକଟରେ ରହୁଥିବା କେ.ମାର୍କଣ୍ଡ ଗତକାଲି ରାତିରେ ତାଙ୍କ ଘର ବାରଣ୍ଡାରେ ବୁଲେଟକୁ ହେଣ୍ଡେଲ ଲକ କରି ରଖିଥିଲେ ହେଲେ। ହେଲେ ରାତିରେ ଗାଡ଼ିଟି ଚୋରି ହୋଇଯାଇଥିଲା। ସେ ବିଷମ କଟକ ଥାନାକୁ ଅବଗତ କରିଥିଲେ। ଖବର ପାଇବା ସଙ୍ଗେ ସଙ୍ଗେ ବିଷମ କଟକ ପୋଲିସ ତତ୍ପରତା ଦେଖାଇ ତଦନ୍ତ କରିବା ବେଳେ ଦିନ ୧୧ଟା ସମୟରେ ବୁଲେଟଟି ରାୟଗଡା ପିଟଲା ସାହି ରାସ୍ତାକଡରେ ରହିଥିବା ଦେଖିବାକୁ ପାଇଥିଲେ। ଚୋରି କୁ ବାରଘଣ୍ଟା ନ ପୁରୁଣୁ ରାୟଗଡ଼ା ପୋଲିସ୍ ବୁଲେଟ୍ ଠାବ କରି ସର୍ବସାଧାରଣରେ ପ୍ରଶଂସିତ ହୋଇଛି। ଏହା ପୂର୍ବରୁ ବିଷମ କଟକର ଆଇନଜୀବୀ ରାଜ କିଶୋର ସାହୁଙ୍କ ଚୋରି ହୋଇଥିବା ବୁଲେଟ୍‌ଟିକୁ ଲକ୍ଷ୍ମୀପୁର ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ୍ ଉଦ୍ଧାର କରି ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି।

# ମାଁ ପେଣ୍ଡ୍ରାଣୀଙ୍କ ଯାତ୍ରା, ଶ୍ରଦ୍ଧାଳୁଙ୍କ ଭିଡ଼





ଉମରକୋଟ ୧୪।୭ (ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ମାଁ ପେଣ୍ଡ୍ରାଣୀଙ୍କ ଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଁଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଭକ୍ତଙ୍କ ସମାଗମ ହେଇଥିଲା। ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାରରେ ମାଁ ଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ଶନିବାର ଦିନ ମାଁ ମଙ୍ଗଳାଙ୍କ ମନ୍ଦିରରେ ପୂଜା ସରିବା ପରେ ସୋମବାର ଦିନ ମାଁଙ୍କୁ ପୂଜାର୍ଚ୍ଚନା କରି ଭୋଗ ଲାଗି କରାଯାଇଥାଏ। ପରେ ସୋମବାର ଦିନ ସକାଳୁ ମାଁ ପେଣ୍ଡ୍ରାଣୀଙ୍କ ମହାଆଳତି, ଷୋଳସ ଉପଚାର, ପଣା ଆଦି ରୀତିକାନ୍ତି ଅନୁଯାୟୀ ମା'ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ମାଁ ମନ୍ଦିର ଭିତରୁ ନିଜ ଆସ୍ଥାନରୁ ବାହାରି ବିମାନରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଅପରାହ୍ନରେ ମା' ଅଞ୍ଚଳବାସୀଙ୍କୁ ସମସ୍ତ ବିପଦ, ରୋଗରୁ ସୁରକ୍ଷା ଦେବା ସହ ସମସ୍ତ ଭକ୍ତ ଯେମିତି ସୁଖ ସମୃଦ୍ଧିରେ ରହିବେ, ସେଥିପାଇଁ ଆର୍ଶୀବାଦ ପ୍ରଦାନ କରନ୍ତି। ମାଁଙ୍କ ଏହି ଯାତ୍ରା ଶହଶହ ବର୍ଷ ଧରି ଚାଲି ଆସୁଥିବା ଅନୁମାନ କରାଯାଉଛି। ମା'ଙ୍କୁ ଯେକୌଣସି ଭକ୍ତ ମନସ୍କାମନା କଲେ ତାହା ମା'ପୂରଣ କରନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ମାଁଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ତଥା ପଡୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ଭିଡ ଲାଗିଥାଏ। ମାଁଙ୍କ ଦର୍ଶନ କରିବା ପରେ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କ ଅଗାଢ଼ ବିଶ୍ୱାସ ରହିଛି।

## ଗୁପ୍ତେଶ୍ୱରରେ କଉଡ଼ିଆଙ୍କ ଭିଡ

# ପାର୍କିଂ, ଶୌଚାଳୟ ଓ ଆଶ୍ରୟସ୍ଥଳୀ ନଥିବାରୁ ଅସନ୍ତୋଷ

ବୈପାରୀଗୁଡ଼ା,୧୪।୭ (ସମିସ):



ଶ୍ରାବଣ ମାସର ପ୍ରଥମ ସୋମବାରରେ ବୋଲବୋମ୍ ଧ୍ୱନୀରେ ପ୍ରକମ୍ପିତ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ। ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ଶୈବପୀଠରେ ସକାଳୁ ସକାଳୁ ଭିଡ଼ ଲାଗିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ବାରଟା ପରେ ମନ୍ଦିର ଖୋଲାଯାଇଥିଲା। ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯିବା ପରେ ସାହାଣମେଲା ଦର୍ଶନ ପରେ ଧାଡିକରି କାଉଡିଆମାନେ ମନ୍ଦିରକୁ ପ୍ରବେଶ କରି ଜଳଲାଗି କରିଥିଲେ। ଶ୍ରାବଣରେ ମନସ୍କାମନା ପୂରଣ ପାଇଁ ମହାଦେବଙ୍କୁ ଜଳଲାଗି କରିବାକୁ ଦୂର ଦୂରାନ୍ତରୁ ଶୈବପୀଠକୁ ପାଣି ଆଣି ଆସିଥାନ୍ତି। ଗୁପ୍ତେଶ୍ୱର ଲଙ୍ଗ ନିକଟରେ ଜଳ ଲାଗି ପାଇଁ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି। ମନ୍ଦିର ପାଦଦେଶରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଧାଡିରେ ଆସି ଜଳଲାଗି କରିଛନ୍ତି ଶ୍ରଦ୍ଧାଳୁ। ଚଳିତ ବର୍ଷ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୀଠରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କିନ୍ତୁ ପୀଠରେ ଗାଡି ପାର୍କିଙ୍ଗ ନିମନ୍ତେ କୌଣସି ସୁବିଧା ନଥିବାରୁ ସମସ୍ତ ପ୍ରକାର ଗାଡି ମଟର ରାସ୍ତା ଉପରେ ରଖିବାକୁ ବାଧ ହୋଇଥିଲେ। ଆଗାମୀ ସୋମବାର ଦିନ ଏଠାରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ପୀଠରେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ତଥା ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ମହିଳାଙ୍କ ବିଶ୍ରାମ ପାଇଁ କୌଣସି ସୁବିଧା କରାଯାଇନଥିଲା। ଯା' ଦ୍ୱାରା ମହିଳା ବୋଲବମ ଭକ୍ତଙ୍କୁ ହଇରାଣ ହେବାକୁ ପଡିଥିଲା। ନଦୀ ତୁଠରେ ଆବଶ୍ୟକ ଶୌଚାଳୟ ନଥିବାରୁ ହନ୍ତସନ୍ତ ହୋଇଛନ୍ତି ବୋଲବମ । ଚଳିତ ବର୍ଷ ପୀଠରେ ଦର୍ଶନ ଟିକଟ ବନ୍ଦ କରାଯାଇଛି । ଟିକଟ ବ୍ୟବସ୍ଥା ବନ୍ଦ ପରେ ଦେବୋତ୍ତର ବିଭଗର ପରିଚାଳନା ବ୍ୟବସ୍ଥାକୁ ଅଣ ଦେଖା କରାଯାଉଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକଶ ପାଇଛି। ଏସବୁ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ସମିତି ସଭ୍ୟ ଭବିଷଣ ହନ୍ତାଳ ଏବଂ ପୂର୍ବତନ ବ୍ଲକ ଅଧକ୍ଷ ନରେନ୍ଦ୍ର କାନ୍ଦିଲିଆ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗକୁ ଏ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବା ନିହାତି ଜରୁରୀ ବୋଲି ମତପ୍ରକାଶ ପାଉଛି।

# ଶ୍ରାବଣ ପ୍ରଥମ ସୋମବାରରେ କାଉଡ଼ିଆଙ୍କ ଭିଡ଼

କୋରାପୁଟ,୧୪।୭ (ସମିସ):



ଶ୍ରାବଣ ମାସର ପ୍ରଥମ ସୋମବାରରେ କୋରାପୁଟ ଜିଲ୍ଲାର ସମସ୍ତ ଶୈବ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଦେବଦେବ ମହାଦେବଙ୍କ ଉପରେ ପାଣି ଢାଳି ଶୁଭ ମନାସିଛନ୍ତି କାଉଡ଼ିଆ। ଗତ ଶନିବାର ଓ ରବିବାର ବିଭିନ୍ନ ନଦୀରୁ ପାଣି ଉଠାଇ କାଉଡ଼ିଆମାନେ ଶିବ ମନ୍ଦିର ଯାତ୍ରା କରିଥିଲେ। କୋରାପୁଟର ଗୁପ୍ତେଶ୍ୱର, ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଶବରେଶ୍ୱର, ଆଖଣ୍ଡଳମଣି ମନ୍ଦିର ଓ କୁସୁମଗୁଡାର ସହସ୍ର ଶିବଲିଙ୍ଗ ଆଦି ଶୈବାଳୟରେ କାଉଡ଼ିଆ ମାନେ ପାଣି ଢାଳିଛନ୍ତି। ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କୁ ଜଳ ଲାଗି କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଶ୍ରାବଣ ମାସସାରା ପ୍ରତିଟି ସୋମବାର ବିଭିନ୍ନ ନଦୀରୁ ଜଳ ସଂଗ୍ରହ କରି ଖାଲିପାଦରେ ବାହୁଙ୍ଗା ବୋହି ପାଦରେ ଚାଲି ଚାଲି ଶୈବପୀଠକୁ ଆଣି ମହାଦେବଙ୍କୁ ଜଳ ଲାଗି କରିଥାନ୍ତି ବୋଲି ରାଜ୍ୟର ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରୁ କୋରାପୁଟ ଆସିଥିବା କାଉଡ଼ିଆ ମାନେ କହିଛନ୍ତି।

# ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ବଡ଼ଚଣା,୧୪।୭ (ସମିସ): ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଏହି ବାଇକ୍ ଚାଳକ ଯୁବକ ଜଣକ ହେଉଛନ୍ତି ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର କୁଶାସନ ସାହୁଙ୍କ ପୁଅ ଅନିଲ ସାହୁ (୨୩)। ସୂଚନା ମୁତାବକ ଅନିଲ ଗତକାଲି ବିଳମ୍ବିତ ରାତିରେ ନିଜ ବାଇକ ଯୋଗେ କଟକରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ଏହି ରାଜପଥର କଡ଼େଇ ଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା।



ଏହି ଦୁର୍ଘଟଣାରେ ଅନିଲ ଗୁରୁତର ଆହତ ହୋଇ ରାସ୍ତା କଡ଼କୁ ଛିଟିକି ପଡି ମୃତ୍ୟୁବରଣ କରିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନିଲଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏନେଇ ଥାନା କେଶ ନମ୍ବର ୨୨୮/୨୫ରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ଅନିଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତେବେ ଗତ ଦୁଇ ଦିନ ତଳେ ଧାନମଣ୍ଡଳ ଗ୍ରାମର ଧନେଶ୍ୱର ନାୟକ ନାମକ ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ବେଳେ ଗତକାଲି ଏହି ଗ୍ରାମର ଅନିଲଙ୍କ ଅକାଳ ନିଧନ ଖବରରେ ଧାନମଣ୍ଡଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗାଁ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି

ଧର୍ମଶାଳା,୧୪।୭ (ସମିସ):



ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ସେରପୁର ଗାଁ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି। ଅସରାୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଗାଁରେ ବହୁ ପୁରାତନ ଦୁର୍ଗାମନ୍ଦିର ରହିଛି। ପ୍ରତ୍ୟେକ ବର୍ଷ ଧୁମ୍‌ଧାମରେ ପାଞ୍ଚ ଦିନ ଧରି ଏହି ପୂଜା କରା ଯାଇଥାଏ। କିନ୍ତୁ ବିଡମ୍ବନାର ବିଷୟ ସେହି ଦୁର୍ଗା ମନ୍ଦିର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଆଉ ଅଳ୍ପ ଦିନ ଦୁର୍ଗା ପୂଜା ରହି ଥିବା ବେଳେ ଏଭଳି ସ୍ଥିତି ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି। ସେହିପରି ଏହି ମନ୍ଦିରକୁ ଲାଗି ରହିଛି ଅଙ୍ଗନବାଡ଼ି କେନ୍ଦ୍ର। ଏହି କେନ୍ଦ୍ରକୁ ସୋମବାରରୁ ଶନିବାର କୁନିକୁନି ପିଲା ପାଠ ପଢ଼ିବା ପାଇଁ ଆସିଥାନ୍ତି। କିନ୍ତୁ ରାସ୍ତା ଉପରେ ଥିବା ପାଣିରେ ପଶି ଓଦା ହୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲା ପହଞ୍ଚୁ ଥିବା ଅଭିଯୋଗ ହୋଇଛି। ସେହିପରି ଏହି ଗାଁ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର, ଇଣ୍ଡିଆନ ପୋଷ୍ଟ ସେବା ଭଳି ଅତି ଆବଶ୍ୟକୀୟ ସେବା ରହିଥିବା ବେଳେ ଲୋକେ ବ୍ୟାଙ୍କ ସମ୍ବନ୍ଧିୟ କାର୍ଯ୍ୟ ଓ ପୋଷ୍ଟ ଅଫିସ କାର୍ଯ୍ୟରେ ଆସିଥାନ୍ତି। ଏଠାରେ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ଦିନରେ ଗାଁ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକେମାନେ ଯାତାୟତ କରିବାରେ ଅନେକ ସମସ୍ୟା ଭୋଗୁଛନ୍ତି। ଏହା ସରପଞ୍ଚଙ୍କ ନିଜ ଗାଁ।

ସୂଚନା ମୁତାବକ ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ସମୟରେ ଗାଁ ମଧ୍ୟରେ ରାସ୍ତା ପାଶ୍ୱର୍ ଫାଙ୍କା ଥିବାରୁ ବର୍ଷା ହେଲେ ପାଣି ବୋହି ପାଖ ବିଲକୁ ଚାଲି ଯାଉଥିଲା। କିନ୍ତୁ ସମୟ କ୍ରମେ ଗ୍ରାମରେ ଏବେ ଅନେକ ନୂତନ ଘର ହେବା ସହ ପାଚେରି ମଧ୍ୟ ନିର୍ମାଣ କରାଯାଇଛି। ଯାହା ଫଳରେ ପାଣି ନିଷ୍କାସନ ନହୋଇ ରାସ୍ତା ଉପରେ ଜମି ରହୁଛି। ରାସ୍ତାରେ ପାଣି ଜମିରହିବା ଫଳରେ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ଯାତାୟତ କରିବାକୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଜମା ହୋଇ ରହିବା ଫଳରେ ଅପରିଷ୍କାର ପରିବେଶ ସହ ମଶା ମାଛିଙ୍କ ଉପଦ୍ରବ ବଢିବାରେ ଲାଗିଛି। ଛୋଟ ଛୋଟ ପିଲାମାନେ ଜମିରହୁଥିବା ଅସନା ପାଣିରେ ଖେଳ କୁଦ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଉ କିଛି ପିଲା ସ୍କୁଲ୍‌କୁ ପାଣିରେ ପଶି ଯାତାୟତ କରିବା ଫଳରେ ଥଣ୍ଡା, ଜ୍ୱର ଓ କୁଣ୍ଡିଆ ଆଦି ରୋଗରେ ପୀଡ଼ିତ ହେଉଛନ୍ତି। ତେବେ ରାସ୍ତା ଉପରେ ଜମି ରହୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାବି କରାଯାଇଛି।

■ ଓଏମ୍‌ସି ମାଟି ଡମ୍ପ୍ ଧସିଲା

# ଧାନ କିଆରିରେ ମାଡ଼ିଗଲା ପଙ୍କ ମାଟି

କାଳିଆପାଣି,୧୪।୭ (ସମିସ): ସୁକିନ୍ଦା ବ୍ଲକ୍ କାଳିଆପାଣି ଅଞ୍ଚଳରେ ଓଏମ୍‌ସି ମାଟି ଡମ୍ପ ଧସି ଶହ ଶହ ଏକର ଧାନ କ୍ଷେତରେ ନିକେଲ ମାଟି ଓ ଗୋଳିଆ ପାଣି ଚଢି ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେଯ ସୁକୁରିଙ୍ଗି ଓ ସାରୁଆବିଲ୍ ଗାଁର ଇନ୍ଦ୍ରମଣି ପ୍ରଧାନ, ରମାକାନ୍ତ ପ୍ରଧାନ, କଳାକର ପ୍ରଧାନ, ବେଣୁଧର ପ୍ରଧାନ, ରୋହିତ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, କାଇଚା ପ୍ରଧାନ, ନବ ପ୍ରଧାନଙ୍କ ରୁଆ ଧାନ କ୍ଷେତରେ ଫସଲ ନଷ୍ଟ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଏକ ପ୍ରୋକଲିନ ମେସିନ୍ ପଠେଇ ମାଟି ଉଠାଇବା କାମ କରିବାକୁ ଆସିଥିଲେ। କିନ୍ତୁ ଗାଁ ଲୋକ ଓ କ୍ଷତିଗ୍ରସ୍ତ ଚାଷୀ ମନାକରିଥିଲେ। ପ୍ରଥମେ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀମାନେ ଦାବି କରିଥିଲେ। ଏ ସଂପର୍କରେ ଓଡ଼ିଶା ଖଣି ନିଗମର ଅଧଫକାରୀ ଆଶିଷ କୁମାର ସାମନ୍ତ ରାୟଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



■ ନବବଧୂକୁ ହତ୍ୟା ଅଭିଯୋଗ

# ସ୍ୱାମୀ ଥାନାରେ ଅଟକ

ଧର୍ମଶାଳା,୧୪।୭ (ସମିସ): ଧର୍ମଶାଳା ଥାନା ପଟୁଣିଆ ପଞ୍ଚାୟତ ଗଲଗଲି ଶଙ୍ଖ ଗ୍ରାମରେ ଜଣେ ନବବଧୂକୁ ତାର ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା ଅଚ୍ୟୁତପୁର ଗ୍ରାମର ହରିହର ବାରିକଙ୍କ ସାନ ଝିଅ କିରଣପ୍ରଭା ବାରିକଙ୍କ ଶଙ୍ଖ ଗ୍ରାମର ସ୍ୱର୍ଗତ ନରହରି ଜେନାଙ୍କ ପୁଅ ଶ୍ରୀକାନ୍ତ ଜେନାଙ୍କ ସହିତ ଚଳିତ ବର୍ଷ ଜୁନ ମାସ ୪ ତାରିଖରେ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିବାହ ପୂର୍ବରୁ ଉଭୟ ପୁଅ ଝିଅ ପରସ୍ପରକୁ ଭଲ ପାଉଥିଲେ ଏବଂ ବିବାହ କରିବାକୁ ଜିଦ୍ କରି ବସିଥିଲେ। ହେଲେ ପୁଅ



ଖଣ୍ଡାୟତ ଓ ଝିଅ ବାରିକ ଘରର ହୋଇଥିବାରୁ ଉଭୟ ପରିବାର ବିବାହ ପାଇଁ ରାଜି ହୋଇନଥିଲେ। ହେଲେ ପୁଅ ଝିଅ ଉଭୟେ ବିବାହ ପାଇଁ ଜିଦ୍ ଧରିବାରୁ ମନ୍ଦିରରେ ବିବାହ ହୋଇଥିଲା। ବିବାହ ପରେ ଝିଅକୁ ତାର ବାପଘର ସହିତ କଥା ହେବା ଲାଗି ଝିଅର ଶାଶୂଘର ଲୋକେ ବାରଣ କରିଥିଲେ। ଏପରିକି ଝିଅକୁ ତାର ବାପ ଘରକୁ ନ ଯିବା ଲାଗି ତାଗିଦ କରିଥିଲେ। ବିବାହ ସମୟରେ କନ୍ୟା ପିତା ସମସ୍ତ ଯାନିଯୌତୁକ ଦେଇଥିବା ବେଳେ ଶାଶୂଘର ଲୋକେ ଅଧିକ ଯୌତୁକ ଆଣିବାକୁ ବୋହୂ ଉପରେ ଚାପ ପକାଉଥିଲେ। ଯାହାକୁ ନେଇ ଶାଶୂଘର ଲୋକେ ତାକୁ ହତ୍ୟା କରି ଘରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ୪୨୨/୨୫ରେ ଏକ ହତ୍ୟାମାମଲା ରୁଜୁ କରି ମୃତ କିରଣପ୍ରଭାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ସାଇଣ୍ଟିଫିକ ଟିମ୍ ସହ ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

● ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ



ଯାଜପୁର,୧୪।୭ (ସମିସ): ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଓ ନିର୍ଯାତନା ଯୋଗୁ ଛାତ୍ରୀ ଜଣକ ଆତ୍ମାହୁତି ଦେଇ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହାକୁ ନେଇ ସମଗ୍ର ରାଜ୍ୟରେ ବିରୋଧୀ ଶାସକ ଦଳ ଉପରେ ଦୋଷ ଲଦୁଥିବା ବେଳେ ଯାଜପୁର କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆଜି ଏନ୍‌ସି କଲେଜ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ର କଂଗ୍ରେସର ସଭାପତି ଅନୁପମ ମଲ୍ଲିକ ଓ ଯୁବ କଂଗ୍ରେସର କୁମାର ଆଶୁତୋଷଙ୍କ ପ୍ରତିନିଧିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ରବି ପ୍ରକାଶ ନାୟକ, ସମୀର ବାରିକ, ଆଶିଷ କୁମାର ମଲ୍ଲିକ, ସୁଜିତ ମଲ୍ଲିକ, ସୂର୍ଯ୍ୟମଣି ଖିଲାର, ଯଯାତୀ କେଶରୀ ନାୟକ, ଅନନ୍ତ ପଣ୍ଡା, ହିମାଂଶୁ ନାୟକ, ଚିତ୍ତରଞ୍ଜନ ନାୟକ, ଚନ୍ଦନ ନାୟକ, ହୃଦାନନ୍ଦ ଦାସ, ଆନନ୍ଦ ବାରିକ, ପ୍ରକାଶ ଜେନା, ଗୟାଧର ନାୟକ, ବିରଞ୍ଚି ସ୍ୱାଇଁ, ସୁପ୍ରଶନ୍ନ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦ, ଗଦାଧର ଜେନା, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ସଂଗ୍ରାମ ସାହାଣୀ, ବିଭୂତି ମହାପାତ୍ର, ବିଳାସ ରାଉତ, ନକୁଳଦେବ ସାହୁ, ବିଜୟ ମହାପାତ୍ର, ଦେବାଶିଷ ସାମଲ, ସନ୍ଦିପ କର, ଅନନ୍ତ ଜେନା ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇଥିଲେ।

# ବନ୍ୟାଞ୍ଚଳ ବୁଲିଲେ ବ୍ଲକ କୃଷି ଅଧିକାରୀ

ମଙ୍ଗଳପୁର,୧୪।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ ନଦୀରେ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକସ୍ତ ମଲ୍ଲୀକାପୁର, ଦୁଦୁରାଅନ୍ତା, ଦଉପୁର, କୟାଁ, କମାରଡିହି, ଖାନନଗର ଆଦି ପଞ୍ଚାୟତ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଜା ଧୋଇ ସହିତ ଅଛରା ଯାଇଥିବା କ୍ଷେତ ଧୋଇଯାଇଛି। ଏ ସମସ୍ତ ଅଞ୍ଚଳ କଣ୍ଟପଡା ଠାରେ କାଣୀ ନଦୀର ବନ୍ଧ ନଥିବାରୁ କୂଳ ବୁଡି ଚାଷ କ୍ଷେତ ନଷ୍ଟ କରିଛି। ୧୫ଦିନରୁ ଉର୍ଦ୍ଧ ହେବ ବନ୍ୟା ଜଳରେ ବୁଡି ରହିଥିବାରୁ ସମ୍ପୂର୍ଣ ନଷ୍ଟ ହୋଇଛି କ୍ଷେତ। ଉକ୍ତ ପଞ୍ଚାୟତ ଗୁଡିକର ପ୍ରାଥମିକ କ୍ଷୟ କ୍ଷତି ଆକଳନ କରିବା ପାଇଁ ଦଶରଥପୁର ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ର, ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶୁଭ୍ରଜ୍ୟୋତି ବେହେରା, ଭିଏଲଡବ୍ଲୁ ସମୀର ସୋରେନ, ଏଟିମ ସୁଧାଂଶୁ ନାୟକ, ଏଟିମ ମହାପ୍ରସାଦ ମହାପାତ୍ର ପ୍ରମୁଖ କୃଷି କ୍ଷେତ ପରିଦର୍ଶନ କରିଥିଲେ। କଣ୍ଟପଡା, କୁଅଁରସାହି, ଅର୍ଦ୍ଧାଉଳିଆ, ଦଉପୁର, ନାରାୟଣପୁର ସମେତ କୟାଁ, କମାରଡିହ ପଞ୍ଚାୟତ ବୁଲି ଦେଖିଥିଲେ। ଚାଷୀମାନଙ୍କ ସମସ୍ୟା ଉପସ୍ଥାପନ କରିବା ସହ ତଳି ଓ ଗଜା ଧୋଇ ପରେ ଚାଷୀଙ୍କ ନିକଟରେ ବିହନ ସମସ୍ୟା ଥିବାରୁ ଚାଷୀଙ୍କୁ ସରକାରଙ୍କ ତରଫରୁ ବିହନ ଯୋଗାଇଦେବା ପାଇଁ ଦୁଦୁରାଅନ୍ତା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀ, ପ୍ରାକ୍ତନ ସରପଞ୍ଚ ହିମାଦ୍ରି ଭୂଷଣ କୁଅଁର, ଦଉପୁର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ପରିଡା, କମାରଡ଼ିହି ସମିତିସଭ୍ୟା ସଜନୀ ଯେନା, ଦୀନବନ୍ଧୁ



ରାଉତ, ଅଶୋକ ମଲ୍ଲିକ, ଦଉପୁର ପଞ୍ଚାୟତ ପ୍ରାକ୍ତନ ସମିତି ସଭ୍ୟ ତଥା ଯୁବ ଚାଷୀ ବାବୁରାମ ମଲ୍ଲିକ, ପ୍ରକାଶ ନାୟକ, ଅଧୀର ଭୂୟାଁ, ଅଜୟ କୁମାର ରାଉତ, ଚିତ୍ତରଞ୍ଜନ କୁଅଁର, ଦୁଦୁରାଅନ୍ତା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା ଦୁବକଣ ଗ୍ରାମର ଯୁବ ଚାଷୀ ଜୟପ୍ରକାଶ ନାୟକ, କମାରଡିହ ପଞ୍ଚାୟତ ପ୍ରାକ୍ତନ ସମିତି ସଭ୍ୟ ମଳୟ କୁମାର ପଣ୍ଡା ପ୍ରମୁଖ ବ୍ଲକ କୃଷି ଅଧିକାରିଣୀଙ୍କ ନିକଟରେ ଦାବି କରିଛନ୍ତି।

# ମହାଲକ୍ଷ୍ମୀ ପୀଠରେ ସନ୍ଥ ପୂଜନ ଉତ୍ସବ

ପାଣିକୋଇଲି, ୧୪।୭ (ସମିସ): ପାଣିକୋଇଲି ଅଳତିରିସ୍ଥିତ ମା' ମହାଲକ୍ଷ୍ମୀପୀଠରେ ଶ୍ରାବଣମାସର ପ୍ରଥମ ସୋମବାର ଅବସରରେ ଏକ ସନ୍ଥ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ଉଦୟନାଥ ପର୍ବତ, ଆନନ୍ଦ ରାଜ, ହରିଓଁ ବାବା, ବଂଶୀ ବାବା, କାହ୍ନା ବାବା, ବ୍ରଜବାବା, ନାଗାଛଡା ବାବା, ଜିତୁ ଦାସଙ୍କ ନେତୃତ୍ୱରେ ୨୫ ମୂର୍ତ୍ତି ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ସାଧୁସନ୍ଥଙ୍କୁ ଖଣ୍ଡୁଆପାଟଦେଇ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲ। ଏଥି ସହିତ ପାଣିକୋଇଲି ଅଞ୍ଚଳର ସମସ୍ତ କାର୍ଯ୍ୟରତ ସମ୍ବାଦିକ ମାନଙ୍କୁ ଖଣ୍ଡୁଆପାଟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ ମଧ୍ୟ କରାଯାଇଥିଲା। ଆଗାମୀ ଦିନରେ କିପରି ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ସେ ନେଇ ସମସ୍ତଙ୍କ ମତାମତ ସହ ଆଲୋଚନା କରାଯାଇଥିଲା। ସାଧୁସନ୍ଥ ଭିକ୍ଷା ଗ୍ରହଣ କରିବା ପରିବର୍ତ୍ତେ ମନ୍ଦିର ନିର୍ମାଣ ପାଇଁ ନିଜର ସମର୍ଥ ଅନୁଯାୟୀ ଭିକ୍ଷା ପ୍ରଦାନ କରିଥିଲେ। କର୍ତ୍ତା ଓ କର୍ତ୍ତ୍ରି ମଙ୍ଗଳବାର ଠାରୁ ମନ୍ଦିର ନିର୍ମାଣ ନିମନ୍ତେ ଭିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅଳତିରି ରାଧାରମଣଜିଉ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



# ଯାଜପୁର କିକ୍ ବକ୍ସିଂ ଦଳର ସଫଳତା



ଯାଜପୁର ଟାଉନ,୧୪।୭ (ସମିସ): ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ଆସୋସିଏସନ୍ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଏକ ଚମତ୍କାର ପ୍ରଦର୍ଶନ କରିଛି। ଅନୁଗୁଳର ଟିଟି ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ଦୁଇଦିନିଆ କିକ ବକ୍ସିଂ ଚାମ୍ପିଅନସିପରେ ଯାଜପୁର ଜିଲ୍ଲାରୁ ମୋଟ ୨୦ ଜଣ ଖେଳାଳିଙ୍କ ସହ ୨ ଜଣ ଅଧିକାରୀ ଏବଂ ୪ ଜଣ ରେଫରି ଭାଗ ନେଇଥିଲେ। ଯାଜପୁରର ଦଳ ଉଲ୍ଲେଖନୀୟ ଦକ୍ଷତା ଏବଂ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରି ମୋଟ ୪୬ ପଦକ ହାସଲ କରିଥିଲା। ଏହି ପ୍ରଭାବଶାଳୀ ବିଜୟରେ ୧୪ ସ୍ୱର୍ଣ୍ଣ, ୧୮ ରୌପ୍ୟ ଏବଂ ୧୪ କାଂସ୍ୟ ପଦକ ଅନ୍ତର୍ଭୁକ୍ତ ଥିଲା। ସୋନାଲି ଅସୀମା ସୂତାର ୪ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ଜିତିଥିଲେ। ସମାନ ଭାବରେ ବନ୍ଦନା ପ୍ରିୟଦର୍ଶିନୀ ବାରିକ ୩ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଯାଜପୁରର ରଞ୍ଜନ ସୂତାରଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଛତିଶଗଡ଼ର ରାୟପୁରରେ ହେବାକୁ ଥିବା ଆଗାମୀ ସିନିୟର ଜାତୀୟ କିକବକ୍ସିଂ ଚାମ୍ପିଅନ୍‌ସିପରେ ରାଜ୍ୟ ପ୍ରତିନିଧିତ୍ୱ କରିବା ପାଇଁ ଯାଜପୁରର ୯ ଜଣ ପ୍ରତିଭାବାନ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନଙ୍କ ମଧ୍ୟରେ ତୃପ୍ତିଲିପ୍ସା ଜେନା, ପ୍ରଭଞ୍ଜନ ଜେନା, ବନ୍ଦନା ପ୍ରିୟଦର୍ଶିନୀ ବାରିକ, ବର୍ଷାରାଣୀ ସାମଲ, ପ୍ରିୟଦର୍ଶିନୀ ମଲ୍ଲିକ, ମୋନାଲିସା କୁଣ୍ଡୁ, ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡା, ଶର୍ମିଷ୍ଠା ଦାସ ଏବଂ ଜ୍ୟୋତି ପ୍ରକାଶ ମହାପାତ୍ର ଅଛନ୍ତି। ସେମାନଙ୍କ ସହିତ ସସ୍ମିତା ରଣା ଓଡ଼ିଶା ଦଳ ପାଇଁ ମହିଳା ପରିଚାଳିକା ଭାବରେ କାର୍ଯ୍ୟ କରିବେ। ସେମାନଙ୍କର ଚୟନ ସେମାନଙ୍କର କଠିନ ପରିଶ୍ରମ ଏବଂ ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ଆସୋସିଏସନ ଦ୍ୱାରା ପ୍ରଦାନ କରାଯାଇଥିବା ଉଚ୍ଚ ମାନର ତାଲିମର ପ୍ରମାଣ। ଏହି ସଫଳତା ପାଇଁ ବଟକୃଷ୍ଣ ମହାପାତ୍ର, ସମ୍ପାଦକ ଜ୍ୟୋତିର୍ମୟ ନାଥ ଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ଅମୃତାଙ୍କ ଦାସ, ଅର୍ପିତା ନାୟକ ଓ ଶିବାନୀ ସିଂହ ଅଭିନନ୍ଦନ ଜଣାଇଛନ୍ତି।

■ ଦୁବକଣ ଅଙ୍ଗନବାଡି ନିର୍ମାଣ ପାଇଁ ଉଚ୍ଛେଦ ଘଟଣା

# ରାଜସ୍ୱମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଲେ ଗ୍ରାମବାସୀ

କୟାଁଗୋଲା/ମଙ୍ଗଳପୁର,୧୪।୭ (ସମିସ): ସରକାରଙ୍କ ପକ୍ଷରୁ ଅଙ୍ଗନବାଡି ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଲା । ଘର ନିର୍ମାଣ ପାଇଁ ତହସିଲଦାର ଜାଗା ଚିହ୍ନଟ କରି ବ୍ଲକ ପ୍ରଶାସନକୁ ଲିଖିତ ରିପୋର୍ଟ ପ୍ରଦାନ କଲେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ବ୍ଲକର କନିଷ୍ଠଯନ୍ତ୍ରୀ ଉକ୍ତ ସ୍ଥାନରେ ପହଞ୍ଚି ଥିବା ବେଳେ ଉକ୍ତ ସ୍ଥାନଟିକୁ ଗ୍ରାମର ୨ ଭାଇ ସରୋଜ ଯେନା ଏବଂ ଅଜୟ ଯେନା ଶିକ୍ଷା ବିଭାଗରେ ସରକାରୀ କର୍ମଚାରୀ ହୋଇ ମଧ ସରକାରୀ ଜାଗାକୁ ନିଜ ଦଖଲରେ ରଖିଥିଲେ। ଏହାପରେ ତହସିଲଦାର ଦୁଇ ଦୁଇ ଥର ଉକ୍ତ ସ୍ଥାନରୁ ଜବର ଦଖଲ ଉଚ୍ଛେଦ କଲେ। ଏହା ସତ୍ତ୍ୱେ ମଧ ଉକ୍ତ ଜବରଦଖଲକାରି ମାନେ ଉକ୍ତସ୍ଥାନରେ ଘର ନିର୍ମାଣ କରିବା ପାଇଁ ଦେଉନାହାନ୍ତି। ଏହାପରେ ବିଡିଓ ଜବରଦଖଲକାରିମାନଙ୍କ ନାମରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଙ୍ଗଳପୁର ପୁଲିସ ଉକ୍ତ ଅଭିଯୋଗ କ୍ରମେ ମାମଲା ରୁଜୁ କରିଛି। ଏହାପରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ଜିଲ୍ଲାପାଳ ତୁରନ୍ତ ଜବରଦଖଲ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମଧ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବକୁ ନେଇ ଗ୍ରାମବାସୀନଙ୍କ ମଧ୍ୟରେ ଅସନ୍ତୋଷ ପାଇଥିଲା। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶ କେବେ ଓ କେଉଁ ଦିନ କାର୍ଯ୍ୟକାରୀ ହେଉଛି। ଏହାକୁ ନେଇ ଗ୍ରାମବାସୀ ବିଞ୍ଝାରପୁର ବିଧାୟିକା, ରାଜସ୍ୱମନ୍ତ୍ରୀ ଓ ଯାଜପୁର ସାଂସଦଙ୍କୁ ଏହି ଘଟଣାରେ ହସ୍ତକ୍ଷପ କରିବା ସହ କିପରି ଜବରଦଖଲକାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ଓ ଏଥିସହ ଅଙ୍ଗନବାଡି ଘର ନିର୍ମାଣ ସେଦିଗରେ ପଦକ୍ଷପ ନେବାକୁ ଭୁବନାନନ୍ଦ ନାୟକ, ପ୍ରଭାତ କୁମାର ନାୟକ, ସୁବାସ ମଲ୍ଲିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

ବଢୁଛି ବାଲିମାଫିଆଙ୍କ ଦୌରାତ୍ମ୍ୟ

# ଭାଙ୍ଗିଦେଲେ ରାସ୍ତା ଡାଇଭରସନ

ପାଣିକୋଇଲି,୧୪।୭ (ସମିସ):

ଷଠିପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ରାସ୍ତା ଦୋହରୀ କରଣ କାମ ଚାଲିଛି। ପୂର୍ତ୍ତ ବିଭାଗ ଅଧୀନରେ ଏହି କାମ କରାଯାଉଛି। ହେଲେ ଏହି ରାସ୍ତା ସମ୍ପୂର୍ଣ୍ଣ ହେଉନଥିବା ବେଳେ ବିଭିନ୍ନ ଦାବି ଉଠିଥିଲା। କିନ୍ତୁ ବିଧାୟକଙ୍କ ତାଗିଦ ପରେ କାମ ଚାଲୁ କରାଯାଇଥିଲା। ହେଲେ କାମ ଆରମ୍ଭ କରାଗଲା ବେଳେ ବାଧକ ସାଜିଛନ୍ତି ବାଲି ମାଫିଆ। ରାସ୍ତା ମଝିରେ ହୋଇଥିବା ୩ଶହ ମିଟର ସିମେଣ୍ଟ ଡାଇଭରସନକୁ ବାଲି ଗାଡ଼ି ଯାତାୟାତ ପାଇଁ ଭାଙ୍ଗି ଦେଇଛନ୍ତି। ଗତ ଜୁନ ୨୪ ତାରିଖ ରାସ୍ତା ଓ ଗୃହନିର୍ମାଣ ବିଭଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଏକ ଚିଠି- ୫୧୯୩ରେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଚିଠି ପ୍ରଦାନ କରାଯାଇଥିଲା। ଯେଉଁଥିରେ ଦର୍ଶାଯାଇଥିଲା ବୈତରଣୀ ନଦୀର ସାଳବା, ମକୁନ୍ଦପୁର ଓ କଣ୍ଟାବଣିଆ ଘାଟରୁ ବାଲି ଭାରୀଯାନ ଆସୁଥିବା ବେଳେ ସେମାନେ ବହୁଳ ମାତ୍ରାରେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଲୋଡ୍ ପାଇ ମଧ ଯିବାକୁ ଶହ ଶହ ଗାଡି ପାର୍କିଂ କରୁଛନ୍ତି। ଯାହା ଫଳରେ ନିର୍ମାଣଧୀନ ରାସ୍ତା ନଷ୍ଟ ହେବା ସହ କାମ କରିବାରେ ବାଧା ଉପୁଜୁଛି। ତୁରନ୍ତ ପାଣିକୋଇଲି ଥାନାଧିକାରୀଙ୍କ ଜରିଆରେ ବାଲି ଗାଡ଼ି ବନ୍ଦ କରିବାକୁ ଲେଖାଯାଇଥିଲା। କିନ୍ତୁ ବାଲି ଗାଡ଼ି ବନ୍ଦ କରାଯାଉନାହିଁ। ଯାହା ଫଳରେ ରାସ୍ତା କାମ ଅଗ୍ରଗତିରେ ବାଧକ ସାଜିବା ସହ ରାସ୍ତା କାମ ନଷ୍ଟ ହୋଇଯାଉଛି। ବିଭାଗ ପୁଲିସକୁ ଜଣାଇଥିଲେ ବି ଅବଧି କୌଣସି ସୁଫଳ ମିଳିନାହିଁ। ଯାହା ଫଳରେ ୩ ଶହ ମିଟର ମଝି ଡାଇଭରସନକୁ ଭଙ୍ଗାଯାଇ ବାଲି ଚାଲାଣ କରାଯାଉଛି। ଫଳରେ ଏହି ରାସ୍ତା କିପରି ହୋଇପାରିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ପ୍ରକାଶ ଥାଉକି ଏହି ରାସ୍ତାଟି ପୂର୍ବରୁ ୧୮ ଫୁଟ ରାସ୍ତା ଥିଲା। ଏବେ ଏହାର ଦୋହରୀକରଣ କରାଯାଇ ୫୦ ଫୁଟିଆ ରାସ୍ତା କରାଯାଉଛି। ରାସ୍ତାଟିକୁ ମଝିରୁ ଦୁଇଭାଗ କରାଯିବାକୁ ଠିକ କରାଯାଇଛି। ହେଲେ ଏବେ ମଝିରେ ସିମେଣ୍ଟ ତିଆରି ଡାଭରସନକୁ ଜାଣିଶୁଣି ଭାଙ୍ଗି ଦିଆଯାଇଛି। ଏପରିସ୍ଥଳେ କେବେ କାମ ସରିବ ତାହା ଆକଳନ କରିବା ସମ୍ଭବ ନୁହେଁ। ଅପରପକ୍ଷେ ଏହି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ବାଲି ଭାରୀଯାନ ଚଳାଚଳ ଓ ରାସ୍ତା ଉପରେ ଭାରୀଯାନ ରଖିବା ରାସ୍ତା ଶୋଚନୀୟର ଏକ ପ୍ରମୁଖ କାରଣ ପାଲଟିଛି।





# ବିପଦସଂକୁଳ ରେଳ ଓଭର୍‌ବ୍ରିଜ୍

ଭୁବନେଶ୍ୱର, ୧୪।୭ (ସମିସ)



- ଶିଶୁଭବନ ବ୍ରିଜ୍ ତଳପଟେ ଫାଟ, ଖସିଗଲାଣି ସିମେଣ୍ଟ
- ଉଭୟ ଯାନବାହାନ ଓ ଟ୍ରେନ୍‌ଯାତ୍ରୀଙ୍କ ପାଇଁ ବିପଦ ଆଶଙ୍କା

ରାଜଧାନୀର ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା ହେଉଛି ଶିଶୁଭବନ ଛକରୁ ମାଉସୀ ମା’ ଛକ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଯାତାୟାତ କରୁଛି। ଏହି ରାସ୍ତା ମଝିରେ ଅଛି ରେଳ ଓଭର୍ ବ୍ରିଜ୍(ଆର୍‌ଓବି)। ବହୁ ବର୍ଷ ପୁରୁଣା ଏହି ଆର୍‌ଓବିର ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳସ୍ୱରୂପ ବ୍ରିଜ୍‌ର ତଳ ପାର୍ଶ୍ୱରୁ ସିମେଣ୍ଟ ଛାଡ଼ି ଛଡ ଦେଖାଯିବା ସହ ବିରାଟ ଫାଟ ସୃଷ୍ଟି ହୋଇଛି। ଏହାରି ଉପରେ ଗାଡ଼ି ଯାତାୟାତ କଲାବେଳେ କମ୍ପନ୍ ସୃଷ୍ଟି ହେଉଛି। ବିଶେଷକରି ଭାରୀଯାନ ଗଲାବେଳେ ବ୍ରିଜ୍‌ରେ ଭୀଷଣ କମ୍ପନ ହେଉଥିବା ଯାତ୍ରୀ ଅଭିଯୋଗ କରିଛନ୍ତି। ମାତ୍ର ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉନି। କେବଳ ଉପର ରାସ୍ତା ଉପରେ ପିଚୁ ପକାଇ ମରାମତି କାମ ସାରି ଦେଉଛି। ତେଣୁ ଆଗାମୀ ଦିନରେ ବ୍ରିଜ୍ ଭାଙ୍ଗିବା ସହ ଧନଜୀବନ କ୍ଷତି ହେବାର ଆଶଙ୍କା ସୃଷ୍ଟି ହେଉଛି। ଲୋକମାନେ ଏହି ବ୍ରିଜ୍ ଦେଇ ଯିବା ସୁରକ୍ଷିତ ମଣୁନାହାନ୍ତି।

ପୁରୁଣା ଭୁବନେଶ୍ୱର, ସାମନ୍ତରାପୁର ଆଦି ପାଖାପାଖି ଅଞ୍ଚଳରୁ ଲୋକମାନେ ଏହି ବ୍ରିଜ୍ ଦେଇ ଏଜି ଛକ, କ୍ୟାପିଟାଲ୍ ହସ୍ପିଟାଲ୍, ବିମାନ ବନ୍ଦର ଆଦି ପ୍ରମୁଖ ସ୍ଥାନକୁ ଯାତାୟାତ କରୁଛନ୍ତି। ପ୍ରତ୍ୟହ ଏହି ରାସ୍ତାରେ ମାତ୍ରାଧିକ ଭିଡ଼ ପରିଲକ୍ଷିତ ହେଉଛି। ଯୋଗାଯୋଗ ଦୃଷ୍ଟିରୁ ରାଜଧାନୀରେ ଏହି ରାସ୍ତା ବେଶ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଶିଶୁଭବନ ଛକରେ ଟ୍ରାଫିକ୍ ପୋଷ୍ଟ ଥିବାରୁ ଏହି ବ୍ରିଜ୍ ଅଧା ପର୍ଯ୍ୟନ୍ତ ଅଧିକାଂଶ ସମୟରେ ଗାଡ଼ିମଟର ଛିଡ଼ା ହୋଇରହୁଛି। ତେଣୁ ନିୟମିତ ବ୍ୟବଧାନରେ ବ୍ରିଜ୍‌ର ମରାମତି ଓ ରକ୍ଷଣବେକ୍ଷଣା କରିବାର ଆବଶ୍ୟକତା ରହିଛି। ମାତ୍ର ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଏହା ବିପଦସଂକୁଳ ଅବସ୍ଥାକୁ ଆସିଗଲାଣି। ଯଦି କୌଣସି କାରଣ ବଶତଃ ବ୍ରିଜ୍ ଭାଙ୍ଗି ପଡ଼େ ବା ଭୁଶୁଡ଼ି ପରେ କେବଳ ଉପରେ ଯାତାୟତ କରୁଥିବା ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ତଳେ ଯାଉଥିବା ଟ୍ରେନ୍ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଉପରେ ଯାଉଥିବା ଯାନବାହାନ ଏବଂ ତଳେ ଯାଉଥିବା ଟ୍ରେନ୍ ଯାତ୍ରୀଙ୍କ ପାଇଁ ବିପଦର କାରଣ ସାଜିପାରେ ଏହି ବ୍ରିଜ୍।

ତୁରନ୍ତ ଏହାର ମରାମତି କରିବାର ଆବଶ୍ୟକତା ରହିଛି ବୋଲି ଯାତ୍ରୀ ଦାବି କରୁଛନ୍ତି। ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ରଥରୋଡ୍‌ର ବୈକୁଣ୍ଠନାଥ ବେହେରା କହିଛନ୍ତି, ଦିନ ରାତି ଏହି ରାସ୍ତାରେ ଗାଡ଼ି ଯାତାୟାତ କରୁଛି। ତେଣୁ ଏଠାରେ ଏକ ବଡ଼ ବ୍ରିଜ୍ କରିବାକୁ ବହୁ ଦିନ ଧରି ଦାବି କରାଯାଉଛି। ଏଠି ରିଙ୍ଗ୍‌ରୋଡ୍ ହେବ ବୋଲି ସରକାର କହୁଛନ୍ତି। ମାତ୍ର ଏବେ ବ୍ରିଜ୍‌ର ଆବଶ୍ୟକ ମରାମତି ତୁରନ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ବ୍ୟାଙ୍କ ଋଣ ଠକେଇ; ୨ ରେଳ କର୍ମଚାରୀ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୧୪।୭ (ସମିସ): ବ୍ୟାଙ୍କ ଠକେଇ ଅଭିଯୋଗରେ ଦୁଇ ରେଳ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ ଡେପୁଟି ଷ୍ଟେସନ ସୁପରିନ୍‌ଟେଣ୍ଡେଣ୍ଟ୍ ଶରତ ଚନ୍ଦ୍ର ଦାସ ଏବଂ ଲୋକ ପାଇଲଟ୍ କୋନାରୀ ରାମା ରାଓ। ଉଭୟଙ୍କୁ ୩ ଲକ୍ଷ ଟଙ୍କା ଜରିମାନା ଏବଂ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ ବିନୋଦ ବିହାରୀ ସାହୁଙ୍କ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନା ଯୋଗ୍ୟ ଉଭୟ କଟକ ମଣିସାହୁ ଛକସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ବ୍ରାଞ୍ଚରୁ ହାଉସିଂ ସ୍କିମ୍‌ରେ ୩ଲକ୍ଷ ଟଙ୍କା ଗୃହ ଋଣ ନେଇଥିଲେ। ହେଲେ ପରବର୍ତ୍ତି ସମୟରେ ଉଭୟ ଏହି ଋଣ ପରିଶଦ କରି ନ ଥିଲେ। ଯାହାଫଳରେ ବ୍ୟାଙ୍କ ମ୍ୟାନେଜର ଏନେଇ ଏତଲା ଦେଇଥିଲେ। ୨୦୦୭ରୁ ଚାଲିଥିବା ଏହି ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି।

## ଠିକାଦାରୀ ଆଳରେ ୧୩ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୪।୭ (ସମିସ): ନିର୍ମାଣ କାମରେ ଟଙ୍କା ବିନିଯୋଗ କରିବା ଆଳରେ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଜଗନ୍ନାଥ ନଗରରେ ରହୁଥିବା ସଞ୍ଜୀବ କୁମାର ମଲ୍ଲିକ (୪୦)।

ପୁଲିସ ସୂଚନା ଅନୁସାରେ, ଶୁଭମ କମଲ ଡାଙ୍ଗୁଆ ଓ ସଞ୍ଜୀବ ମଧ୍ୟରେ ପରିଚୟ ରହିଥିଲା। ସଞ୍ଜୀବ କଟକ ଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଲାଗି ଶୁଭମଙ୍କୁ ପ୍ରବର୍ତ୍ତାଇ ଥିଲା। ପ୍ରତି ୧ ଲକ୍ଷ ଟଙ୍କାରେ ୩୦ ହଜାର ଟଙ୍କା ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହି କଥାରେ ବିଶ୍ୱାସ କରି ଶୁଭମ ତା’ର ଆକାଉଣ୍ଟକୁ ୧୩ ଲକ୍ଷ ଟଙ୍କା ପଠାଇ ଥିଲେ। ଟଙ୍କା ପାଇବାର ବେଶ୍ କିଛିଦିନ ବିତିଯାଇଥିଲେ ମଧ୍ୟ ସଞ୍ଜୀବ କୌଣସି ଟଙ୍କା ଫେରସ୍ତ ଦେଇ ନ ଥିଲା। ବାରମ୍ବାର ଅନୁରୋଧ ପରେ ସଞ୍ଜୀବ ତାଙ୍କୁ ଟଙ୍କା ଫେରାଇବା ଲାଗି ୫ ମାସ ସମୟ ନେବା ସହିତ ୩ ଟି ଚେକ୍ ଦେଇଥିଲା। ଶୁଭମ ଗୋଟିଏ ଚେକ୍ ଦ୍ୱାରା ୧ ଲକ୍ଷ ୫୦ ହଜାର ଟଙ୍କା ଫେରି ପାଇଥିବାବେଳେ ଅନ୍ୟ ଦୁଇଟି ଚେକ୍ ଟଙ୍କା ଅଭାବରୁ ବାଉନ୍ସ ହୋଇ ଯାଇଥିଲା। ବାକି ଟଙ୍କା ଫେରାଇବା ଲାଗି ଅଭିଯୁକ୍ତଙ୍କୁ କହିବାରୁ ଅଭିଯୁକ୍ତ ତାଙ୍କୁ ଭୟଙ୍କର ପରିଣାମ ଭୋଗ କରିବା ଲାଗି ଧମକ ଦେଇଥିଲେ। ଏନେଇ ଶୁଭମ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସଞ୍ଜୀବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୩ ଗଞ୍ଜେଇ ବେପାରୀ ଗିରଫ



ଭୁବନେଶ୍ୱର, ୧୪।୭ (ସମିସ): ବେଆଇନ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଇଶାଣେଶ୍ୱର ବସ୍ତିର ଜୋହାନ୍ ଦିଗାଲ (୨୨), ସାଗର ଦିଗାଲ (୨୩) ଓ ସାଲିଆ ସାହିର ଗୋଲିଆ ସାମଲ (୫୫)। ପୁଲିସ ସୂଚନା ଅନୁସାରେ, ଉତ୍କଳ ହସ୍ପିଟାଲ ଅଞ୍ଚଳରେ ଗଞ୍ଜେଇ କାରବାର ଚାଲିଥିବା ନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ହସ୍ପିଟାଲ ପଛପାଖ ରାସ୍ତାରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ହେପାଜତରୁ ୧୧ କିଲୋ ଗଞ୍ଜେଇ ଜବତ କରିଥିଲା। ଏଥିସହିତ ଗୋଟିଏ କାର, ମୋବାଇଲ ଫୋନ ଓ ଏକ ହଜାର ଟଙ୍କା ମଧ୍ୟ ଜବତ ହୋଇଥିଲା। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିବା ସହିତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ

# ବନ୍ଧା ହେଲା ଧୋକାବାଜ ପ୍ରେମିକ



ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ପରେ ଗାଁରୁ ବାସନ୍ଦ ପୀଡ଼ିତା

ଭୁବନେଶ୍ୱର, ୧୪।୭ (ସମିସ): ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ କରିଥିବା ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଆଁଳା ଟାଙ୍ଗି ସାହିର ଆଶିଷ ପ୍ରଧାନ ଓରଫ୍ ଗୁଡ୍ଡୁ (୨୩)। ତେବେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ ହେବା ପରେ ଦୁଷ୍କର୍ମ ପୀଡ଼ିତାଙ୍କୁ ବାସନ୍ଦ କରିଛନ୍ତି ଗାଁ ଲୋକେ।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ମହିଳା ୨୦୧୪ ମସିହାରେ ନୟାଗଡ଼ର ଜଣେ ରାଜମିସ୍ତ୍ରିଙ୍କୁ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ୨୦୨୨ ମସିହାରେ ପରିବାର ସହିତ ଯାଆଁଳାରେ ଭଡ଼ା ରହୁଥିବାବେଳେ ଗୁଡ୍ଡୁ ସଂସ୍ପର୍ଶରେ ଆସିଥିଲେ। ପରବର୍ତ୍ତୀ ସମୟରେ ଗୁଡ୍ଡୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଖରାପ ସମ୍ପର୍କ ରଖିଥିଲା। ଏଥିସହିତ ସେହି ମୁହୂର୍ତ୍ତର ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ଉତ୍ତୋଳନ କରି ନେଇଥିଲା। ଏହାପରେ ଗୁଡ୍ଡୁ ତାଙ୍କୁ ସାଙ୍ଗରେ ନେଇ ପିପିଲିରେ ଏକ ଭଡ଼ା ଘରେ ରଖିଥିଲା। ସେଠାରେ ରହିବା ସମୟରେ ଗୁଡ୍ଡୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲା। ଫଳରେ ସେ ପୁଣି ତାଙ୍କ ବାପାମାଆଙ୍କ ଘରକୁ ଫେରି ଯାଇଥିଲେ।

ଏହାର ଏକମାସ ପରେ ଗୁଡ୍ଡୁ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଡକାଇବାରୁ ମହିଳା ଜଣକ ଚାଲି ଆସିଥିଲେ ଓ ଉଭୟ ମିଶି କଳାରାହାଙ୍ଗ ଅଞ୍ଚଳରେ ଭଡ଼ାରେ ରହିଥିଲେ। ସେଠାରେ ରହିବା ମଧ୍ୟରେ ସେ ଗର୍ଭବତୀ ହୋଇ ଯାଇଥିଲେ। ଏ ବିଷୟରେ ଜାଣିବା ପରେ ଗୁଡ୍ଡୁ ତାଙ୍କୁ ଗର୍ଭ ନଷ୍ଟ କରିବାକୁ ବାଧ୍ୟ କରିଥିଲା। ଅନ୍ୟଥା ବିବାହ କରିବ ନାହିଁ ବୋଲି କହିଥିଲା। ଗୁଡ୍ଡୁ ଔଷଧ ଦେଇ ପୀଡ଼ିତାଙ୍କ ଗର୍ଭନଷ୍ଟ କରିଥିଲା। କିନ୍ତୁ ଏହା ପରେ ବିବାହ କରିବାକୁ ମନା କରିଦେଲେ। ହେଲେ ପୀଡ଼ିତାଙ୍କ ବାପଘର ଗାଁର ଜଣେ ଯୁବକଙ୍କୁ ଗୁଡ୍ଡୁ ହ୍ୱାଟ୍ସଆପ୍ ଯୋଗେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ପଠାଇ ଦେଇଥିଲା। ଗତ ୩ ତାରିଖ ଦିନ ପୀଡ଼ିତା ତାଙ୍କ ବାପାଙ୍କ ଠାରୁ ଏହା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଗାଁ ଲୋକେ ସେମାନଙ୍କୁ ବାସନ୍ଦ କରିବା ସହିତ ଗାଁରେ ରହିବାକୁ ଦେଇ ନ ଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ଗୁଡ୍ଡୁକୁ ଗିରଫ କରିବା ସହିତ ମୋବାଇଲ ଫୋନ ଜବତ କରିଛି ପୁଲିସ।

## ଘର ତାଲା ଭାଙ୍ଗି ସୁନାଗହଣା ଲୁଟ୍; ୩ ଗିରଫ




ଭୁବନେଶ୍ୱର, ୧୪।୭ (ସମିସ): ଘର ତାଲା ଭାଙ୍ଗି ସୁନାଗହଣା ଲୁଟିଥିବା ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆ ସାହିର ବି ସାମା ରାଓ (୨୧), ଅନନ୍ତ ରେଡ୍ଡୀ (୧୯) ଓ ଆଲୋକ ନାଏକ (୨୧)।

ପୁଲିସ ସୂଚନା ଅନୁସାରେ, ସାଲିଆ ସାହି ବସ୍ତି ବିକାଶ ପରିଷଦ ନିକଟରେ ରହୁଥିବା ବଳରାମ ରେଡ୍ଡୀ ନିଜ ପତ୍ନୀ ଓ ଶାଶୁଙ୍କ ସହ ମିଶି ସୀମାଞ୍ଚଳ ମନ୍ଦିର ଦର୍ଶନ ଲାଗି ଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ୩ ଅଭିଯୁକ୍ତ ଏକ ଲୁହା ଛଡ଼ରେ ଘରର ମୁଖ୍ୟ ଦରଜାର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘର ଭିତରୁ ଗୋଟିଏ ସୁନା ହାର, ଗୋଟିଏ କାନ ଫୁଲ, ଗୋଟିଏ କାନ ଟପ୍, ରୁପା ପାଉଁଜି ଓ ୫୦, ୦୦୦ ଟଙ୍କା ଚୋରି କରି ନେଇଯାଇଥିଲ। ବଳରାମଙ୍କ ବଡ଼ ଭାଇ ଜଗନ୍ନାଥଙ୍କ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ହାର, ଗୋଟିଏ କାନ ଫୁଲ, ଗୋଟିଏ ପାଉଁଜି ଓ ୫ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ସୁନା ହାର ଓ କାନ ଟପ୍ ବିକ୍ରି କରି ଟଙ୍କା ଖର୍ଚ୍ଚ କରି ଦେଇଥିବା ସ୍ୱୀକାର କରିଥିଲେ।

## ନାବାଳିକା ଅପହରଣକାରୀ କେରଳରୁ ଗିରଫ



ଭୁବନେଶ୍ୱର, ୧୪।୭ (ସମିସ): ରାଜଧାନୀରୁ ଅପହରଣ ହୋଇଥିବା ନାବାଳିକାଙ୍କୁ କେରଳରୁ ଉଦ୍ଧାର କରିବା ସହିତ ଅପହରଣକାରୀକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ଶକ୍ତି ବିହାରର ରବୀନ୍ଦ୍ର ନାୟକ ଓରଫ୍ ରାକେଶ (୨୨)।

ପୁଲିସ ସୂଚନା ଅନୁସାରେ, ସାଲିଆ ସାହି ଅଞ୍ଚଳର ଜଣେ ନାବାଳିକା ଓ ରାକେଶ ମଧ୍ୟରେ ଗତ ଦୁଇବର୍ଷ ହେବ ଚିହ୍ନା ପରିଚୟ ଥିଲା। ଉଭୟ ନିୟମିତ ଭାବେ ମୋବାଇଲ ଫୋନ ଜରିଆରେ ଯୋଗାଯୋଗରେ ରହୁଥିଲେ। ପରିବାର ଲୋକେ ଜାଣିବା ପରେ ନାବାଳିକାଙ୍କୁ ବିରୋଧ କରିବା ସହ ଅନ୍ୟ ସ୍ଥାନରେ ତାଙ୍କର ବିବାହ ଲାଗି ଯୋଜନା କରିଥିଲେ। ଏଥିଲାଗି ଯୁବକ ମଧ୍ୟ ସ୍ଥିର ହୋଇଥିଲା। ଗତମାସ ୨୦ ତାରିଖ ଦିନ ବିବାହ ହେବାକୁ ଥିବା ଯୁବକଙ୍କ ସହ କପିଳାସ ଯିବା ଲାଗି ପରିବାର ଲୋକେ ନାବାଳିକାଙ୍କୁ କହିଥିଲେ। କିନ୍ତୁ ନାବାଳିକା ଯୋଗାଯୋଗ କରିବାରୁ ରାକେଶ ତାଙ୍କୁ ଭିଲ୍ଲା ଛକକୁ ଆସିଥିଲେ। ନାବାଳିକା ଭିଲ୍ଲା ଛକରେ ପହଞ୍ଚିବା ପରେ ରାକେଶ ତାଙ୍କୁ ଏକ କାରରେ ବସାଇ ପ୍ରଥମେ ଖୋର୍ଦ୍ଧା ଓ ପରେ କେରଳ ଚାଲି ଯାଇଥିଲେ। ସେଠାରେ ପହଞ୍ଚି ଉଭୟ ସ୍ୱାମୀ ଓ ସ୍ତ୍ରୀ ଭାବେ ଏକ ଭଡ଼ା ଘରେ ରହିବାକୁ ଲାଗିଲେ। ସେଠାରେ ରହିବା ସମୟରେ ରାକେଶ ତାଙ୍କ ସହ ଖରାପ ସମ୍ପର୍କ ଲାଗି ପ୍ରୟାସ କରିଥିଲେ ମଧ୍ୟ ସେ ଏହାର ପ୍ରତିବାଦ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। କେରଳ ସ୍ଥିତ ଭଡ଼ା ଘରେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ରାକେଶକୁ ଗିରଫ କରିଥିଲା।

## ହୋଣ୍ଡା ସର୍ଭିସ୍ ସେଣ୍ଟରରୁ ଚୋରି; ମେକାନିକ ଗିରଫ

ଭୁବନେଶ୍ୱର, ୧୪।୭ (ସମିସ): ହୋଣ୍ଡା ସର୍ଭିସ୍ ସେଣ୍ଟରରୁ ଚୋରି କରିଥିବା ଅଭିଯୋଗରେ ମେକାନିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦାରୁଠେଙ୍ଗ ପାଟଣା ସାହିର ହେମନ୍ତ ସେଠ ଓରଫ୍ ଟୁଲୁ (୩୧)। ପୁଲିସ ସୂଚନା ଅନୁସାରେ, ଟୁଲୁ ପଟିଆସ୍ଥିତ ଗ୍ରିନ ଫିଲ୍ଡ ରେସିଡେନ୍ସି ନିକଟରେ ଥିବା ହୋଣ୍ଡା ସର୍ଭିସ୍ ସେଣ୍ଟରରେ ମେକାନିକ ଭାବେ କାମ କରୁଥିଲା। ଗତ ୧୧ ତାରିଖ ଦିନ ଟୁଲୁ ସର୍ଭିସ୍ ସେଣ୍ଟରରୁ ୩ଟି ବ୍ୟାଟେରୀ ଚୋରି କରି ନେଇଯାଇଥିଲା। ରବିବାର ମଧ୍ୟ ଟୁଲୁ ଓ ତା’ର ଦୁଇ ସହଯୋଗୀଙ୍କ ସହ ମିଶି ସର୍ଭିସ୍ ସେଣ୍ଟର ଭିତରେ ପଶି ସଟର ବନ୍ଦ କରିଦେଇଥିଲେ। ସମସ୍ତେ ସୁପର ଭାଇଜର ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଟୁଲୁକୁ କାବୁ କରି ଥାନାକୁ ଆଣିଥିଲେ। ଶୁଭ୍ରାଂଶୁଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରି ଟୁଲୁକୁ କୋର୍ଟ ଚାଲାଣ କରିଛି। ତା’ ଠାରୁ ୩ଟି ବ୍ୟାଟେରୀ ଜବତ କରିଥିଲା।

## ବିଦେଶୀ ମହିଳାଙ୍କ ମୋବାଇଲ ଲୁଟ୍ କରି ଗିରଫ

ଭୁବନେଶ୍ୱର, ୧୪।୭ (ସମିସ): ବିଦେଶୀ ମହିଳାଙ୍କ ମୋବାଇଲ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଇସ୍କନ ବସ୍ତିର ମହମ୍ମଦ ରିହାନ ଓରଫ୍ ଜୁମ୍ମା ଓରଫ୍ ଅବଦୁଲ (୧୯)।

ପୁଲିସ ସୂଚନା ଅନୁସାରେ, ୟୁରୋପର ହଙ୍ଗେରୀର ବାସିନ୍ଦା ବିରାଗ ରେଖା ତୁରୀ ଆଇଆରସି ଭିଲେଜରେ ରହି ନିକଟରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ରେଖା ଗତ ୧୧ ତାରିଖ ସନ୍ଧ୍ୟାରେ ନୃତ୍ୟ ଶିକ୍ଷା ଲାଗି ଯାଉଥିଲେ। ସେ ନୂଆପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନ୍ ନିକଟରେ ପାଇଥିବା ବେଳେ ଅବଦୁଲ ଓ ତାଙ୍କର ଜଣେ ସହଯୋଗୀ ବାଇକରେ ପଛ ପାଖରୁ ଆସି ତାଙ୍କଠାରୁ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ରେଖାଙ୍କ ଭିସା ଅବଧି ସରିଯିବାରୁ ସେ ନିଜ ଦେଶକୁ ଫେରିବାର ଥିଲା। କିନ୍ତୁ ମୋବାଇଲ ଲୁଟ୍ ହୋଇଯିବା ହେତୁ ସେ ନିଜ ଦେଶକୁ ଫେରି ପାରି ନ ଥିଲେ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ସୋମବାର ହାତିଆଣ୍ଡୁଣି ନଗର ଅଞ୍ଚଳରୁ ଅବଦୁଲକୁ ଗିରଫ କରିବା ସହିତ ଲୁଟ୍ ମୋବାଇଲ ଫୋନ ଓ ସ୍କୁଟି ଜବତ କରିଛି।

## ଯନ୍ତ୍ରୀଙ୍କ କାମ କରୁଛନ୍ତି ଦିନମଜୁରିଆ

# ରାସ୍ତା ଚିକ୍କଣ; ଅସରାଏ ବର୍ଷାରେ ଜମୁଛି ପାଣି କାଦୁଅ

ଭୁବନେଶ୍ୱର, ୧୪।୭ (ସମିସ)

- ନିର୍ମାଣଜନିତ ତ୍ରୁଟି ପାଇଁ ରାସ୍ତାକଡ଼ରେ ଜମି ରହୁଛି ପାଣି
- ପାଣି କାଦୁଅ ରହି ନଷ୍ଟ ହେଉଛି ରାଜଧାନୀ ରାସ୍ତାଘାଟ



ରାଜଧାନୀର ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ରହୁ ନାହାନ୍ତି। ଏପରିକି କାମ ଶେଷ ହେବା ପର୍ଯ୍ୟନ୍ତ ବି କୌଣସି ଗୋଟିଏ ବି ଦିନ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳୁନାହିଁ। ଆବଶ୍ୟକସ୍ଥଳେ ଯନ୍ତ୍ରୀଙ୍କ କାମ କରୁଛନ୍ତି ଦିନମଜୁରିଆ। ଲେବରଙ୍କ ନିର୍ଦ୍ଦେଶରେ କାମ ଚାଲୁଛି। ଯାହାର ଫଳ ସ୍ୱରୂପ ରାଜଧାନୀର ଅଧାରୁ ଅଧିକ ରାସ୍ତାରେ ନିର୍ମାଣଜନିତ ତ୍ରୁଟି ଦେଖାଦେଉଛି। ରାସ୍ତା ଦେଖିବାକୁ ଚିକ୍‌ଚିକ୍ ହୋଇଥିଲେ ମଧ୍ୟ ଅସରାଏ ବର୍ଷା ହେଲେ ରାସ୍ତ ଉପରେ ଏବଂ କଡ଼ରେ ପାଣି ଜମି ରହୁଛି। ଅନେକ ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ନିର୍ମାଣର ମାତ୍ର କିଛି ଦିନ ମଧ୍ୟରେ ଗୋଡି ଉଠିଯାଉଛି।

କିଛିଦିନ ତଳେ ସତ୍ୟବିହାର କେନାଲ ରୋଡ୍‌ରେ ବିଏମ୍‌ସି ଦ୍ୱାରା ଏକ ରାସ୍ତା କାମ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ରାସ୍ତାକାମ କିଭଳି ହେଉଛି ଦେଖିବାକୁ ଗଲେ ନାହିଁ ବିଏମ୍‌ସି ଯନ୍ତ୍ରୀ। ଠିକାଦାରଙ୍କ ଉପରେ ସବୁକିଛି ଛାଡ଼ିଦେଲେ। ଠିକାଦାର ବି ଦିନମଜୁରିଆଙ୍କୁ ଦାୟିତ୍ୱ ଦେଇ ରାସ୍ତା ନିର୍ମାଣ କରିଦେଲେ ବୋଲି ଅଭିଯୋଗ ହୋଇଥିଲା। ଦୁଇ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତାକୁ ନିର୍ମାଣ କରାଯାଇଥିଲେ ମଧ୍ୟ ମାତ୍ର ୨ମାସ ମଧ୍ୟରେ ରାସ୍ତାରୁ ଗୋଡି ଉଠିଗଲା। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରିଥିଲେ। ବିରୋଧ ପରେ ତତ୍କାଳୀନ କମିସନର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ଉକ୍ତ ରାସ୍ତାକୁ ପୁନଃ ନିର୍ମାଣ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଯନ୍ତ୍ରୀଙ୍କ ପୁଣି ଦେଖା ନ ମିଳିବାରୁ ଠିକାଦାର ଯେନତେନ ପ୍ରକାରେ କାମ ସାରିଦେଲେ। ଯାହାଫଳରେ ପପୁନଃ ନିର୍ମିତ ରାସ୍ତା ମାତ୍ର ୨ମାସ ମଧ୍ୟରେ ଫାଟିକି ଆଁ କଲାଣି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମୁଛି। ଲୋକେ ଦହଗଞ୍ଜ ହେଉଛନ୍ତି।

ସେହିପରି ବିଷ୍ଣୁପ୍ରିୟା ନଗର ଅଞ୍ଚଳରେ ମଧ୍ୟ ରାସ୍ତାରେ ନିର୍ମାଣଗତ ସମସ୍ୟା ଯୋଗୁଁ ରାସ୍ତା ମଝିରେ ଖାଲ ହୋଇଯାଇଛି। ଯାହାଫଳରେ ଏଠାରେ ପାଣି ଜମୁଛି। ଫଳରେ ଲୋକେ ପାଣି ଘେରରେ ରହୁଛନ୍ତି। ନୂଆପଲ୍ଲୀ ପାସପୋର୍ଟ କାର୍ଯ୍ୟଳୟଠାରୁ ଦେବରାୟ କଲେଜ ରାସ୍ତା ସବୁ ଦେଖିବାକୁ ଠିକ୍‌ଠାକ ଥିଲେ ମଧ୍ୟ ବର୍ଷା ଅସରାଏ ହେଲେ ରାସ୍ତାକଡ଼ରେ ପାଣି ଜମି ରହୁଛି। କେବଳ ରାସ୍ତା କଡ଼ କଂକ୍ରିଟ୍ ଅଞ୍ଚଳ ନୁହେଁ ରାସ୍ତାକଡ଼ରେ ପଡ଼ିଥିବା ପେଭର୍ ବ୍ଲକଗୁଡ଼ିକ ମଧ୍ୟ ଜଲ୍‌ଦି ଉଠିଯାଉଛି। ଫଳରେ ଅନେକ ସ୍ଥାନରେ ଖାଲ ଖମା ସୃଷ୍ଟି ହେବା ଯୋଗୁଁ ବିଭିନ୍ନ ସମୟରେ ଦୁଃର୍ଘଟଣା ଘଟୁଛି। ପାଣି ଜମିବା ଦ୍ୱାରା ମଶା ବଂଶ ବୃଦ୍ଧି ପାଉଛି। ସଂକ୍ରମକ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ଏସମ୍ପର୍କରେ ଅର୍ବାନ ପ୍ଲାନର ଡଃ. ପୀୟୂସ ରାଉତ୍ କହିଛନ୍ତି, ପ୍ଲାନ୍ ଅନୁଯାୟୀ କାମ ହେଉଛି କି ନାହିଁ ଯନ୍ତ୍ରୀମାନେ ଏହାକୁ ତଦାରଖ କରିବା କଥା। ଭୌଗୋଳିକ ସ୍ଥିତିକୁ ଲକ୍ଷ କରି ଯୋଜନା ପ୍ରସ୍ତୁତ କରିବା କଥା ହେଲେ ଯେନତେନ ପ୍ରକାରେ କାମ ସାରିଦେବାରୁ ଅବସ୍ଥା ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଉଛି।





## ଏସ୍‌ଏପି ଏଡିଜିଙ୍କ କଡ଼ା ନିର୍ଦ୍ଦେଶ

# ଡ୍ୟୁଟି ସମୟରେ ଅନ୍‌ଲାଇନ୍ ଗେମ୍ ଖେଳିପାରିବେନି ପୁଲିସ

ଭୁବନେଶ୍ୱର, ୧୪।୭ (ସମିସ)

କମିସନରେଟ୍ ପୁଲିସ ହେଉ ଅବା ରାଜ୍ୟ ପୁଲିସ ଏକାଧିକ ପୁଲିସ କର୍ମଚାରୀ ଡ୍ୟୁଟି ସମୟରେ ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ଅନେକ ମଧ୍ୟ ଏହି ଅନ୍‌ଲାଇନ୍ ଗେମ୍ ଖେଳି ଅର୍ଥ ହରାଇବା ପରେ ପାରିବାରିକ ସମସ୍ୟାରେ ପଡୁଛନ୍ତି। ସ୍ୱାମୀ, ସ୍ତ୍ରୀ ମଧ୍ୟରେ କଳହ ଲାଗି ଅଲଗା ହୋଇଯାଉଛନ୍ତି। ତେଣୁ ଡ୍ୟୁଟି ସମୟରେ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ବାରଣ କରାଯାଇଛି। ସ୍ପେଶାଲ ଆର୍ମ ପୁଲିସ ଫୋର୍ସ (ଏସ୍‌ଏପି)ର ଏଡିଜି ଏହି ନିର୍ଦ୍ଦେଶ ଦେଇଛନ୍ତି। ଓଏସ୍‌ଏପି କମାଡାଣ୍ଟ, ଆରଆର, ଏସ୍‌ଏସ୍, ଏସ୍‌ଆଇଆର, ବିଟିଆଇ, ଏପିଟିସି, ଓଆଇଏସ୍‌ଏଫ। ଏହି ସବୁ ପୁଲିସ ବିଭାଗକୁ ବାରଣ କରାଯାଇଛି ଗେମ୍ ଖେଳିବାକୁ। ଚିଠି କରାଯାଇ ସମସ୍ତଙ୍କୁ ଅବଗତ କରାଯାଇଛି। ଯଦି କେହି ନିର୍ଦ୍ଦେଶ ପରେ ଗେମ୍ ଖେଳୁଥିବ ଧରାପଡନ୍ତି, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଚିଠି କୁହାଯାଇଛି ଯେ, ବିଭିନ୍ନ ବାଟାଲିୟନ ନିଜର ବହୁ ମୂଲ୍ୟବାନ ସମୟ ଅନ୍‌ଲାଇନ୍ ଗେମ୍ ଖେଳି ଟଙ୍କା ଲସ୍ କରୁଛନ୍ତି। ଯାହାଫଳରେ ଏହି ଗେମ୍ ମାନସିକ ଚିନ୍ତା ଏବଂ ପାରିବାରିକ ସମସ୍ୟାରେ ପକାଉଛି। ଯେଉଁଥିପାଇଁ ସେମାନେ ସଠିକ୍ ଭାବେ କାର୍ଯ୍ୟ କରିପାରୁନାହାନ୍ତି। ତେଣୁ ତୁମ୍ ବିଭାଗ ଅଧୀନରେ ଥିବା ଯେଉଁମାନେ ଏଭଳି ଗେମ୍ ଖେଳୁଛନ୍ତି ସେମାନଙ୍କ ନଖେଳିବା ପାଇଁ ନିର୍ଦ୍ଦେଶ କରନ୍ତୁ। ଯଦି କେହି ଡ୍ୟୁଟି ସମୟରେ ଗେମ୍ ଖେଳୁଛି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ପେଶାଲ ଆର୍ମ ପୁଲିସ ଏଡିଜି ନିର୍ଦ୍ଦେଶ ଦେଇଛନ୍ତି।

- ବଢୁଛି ମାନସିକ ଚିନ୍ତା ଦେଖାଦେଉଛି ପାରିବାରିକ ସମସ୍ୟା
- ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ନିର୍ଦ୍ଦେଶ



### ଥାନା କର୍ମଚାରୀଙ୍କ ପାଇଁ କେବଳ ଲାଗୁ

ବାଟାଲିୟନ ଅପେକ୍ଷା ଥାନା କର୍ମଚାରୀମାନେ ଅଧିକମାତ୍ରାରେ ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ସେମାନେ ଫାଙ୍କା ସମୟ ପାଇଲେ ନିଜ ମୋବାଇଲ୍‌ରେ ଲାଗିପଡ଼ିଲେ। ଗେମ୍ ଖେଳିବା ସମୟରେ ସେମାନେ କାହାରି କଥା ଶୁଣୁ ନାହାନ୍ତି। କାରଣ ଗେମ୍‌ରେ ଟଙ୍କା ଲଗାଇ ଦେଇଥିବାରୁ କ୍ଷତି ହେବା ଭୟରେ ମନ ଦେଇ ଖେଳୁଛନ୍ତି। ଯଦି କେହି ଅଭିଯୋଗକାରୀ ଥାନାକୁ ଯାଉଛନ୍ତି ସେମାନେ ଗେମ୍ ଖେଳିରେ ମଜି ଯାଉଥିବାରୁ ସେମାନଙ୍କୁ ଶୁଣୁ ନାହାନ୍ତି। ଯଦି କେହି ବାରମ୍ବାର କହିଲେ ତାଙ୍କୁ ଗାଳିଗୁଲଜ କରିବା ସହ ଥାନାରେ ବସିବାକୁ କହୁଛନ୍ତ। ଯଦି କେହି ମନ୍ଦ ଉର୍ଦ୍ଦେଶ୍ୟ ନେଇ ଥାନାକୁ ଯାଏ, ଥାନାର ଗୁରୁତ୍ୱପୂର୍ଣ୍ଣ ଫାଇଲ ଏବଂ ବନ୍ଧୁକ ନେଇ ଚମ୍ପଟ ମାରିବା ସହଜ ହେବ। ଖେଳରେ ମଜି ଯାଇଥିବାରୁ ପୁଲିସ କର୍ମଚାରୀ ମଧ୍ୟ ଜାଣିପାରିବ ନାହିଁ। ତେଣୁ ବାଟାଲିୟନ ପରି କମିସନରେଟ୍ ପୁଲିସରେ ମଧ୍ୟ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମଧ୍ୟ ନିଷିଦ୍ଧ କରାଯାଉ ବୋଲି ଅନେକ ବ୍ୟକ୍ତି ମତ ଦେଇଛନ୍ତି।

### ରାତ୍ରି ଡ୍ୟୁଟିରେ ଅଧିକ ଖେଳ

ଅନେକ ପୁଲିସ କର୍ମଚାରୀ ରାତ୍ର ଡ୍ୟୁଟି ପଡ଼ିଲେ ସେମାନେ ଗେମ୍ ଖେଳିବାରେ ମଜିଗଲେ। କାରଣ ବସି ରହିଲେ ନିଦ ଲାଗିବା ଏକ ପ୍ରକାର ଥର। ତେଣୁ ସେମାନେ ଏହାକୁ ଏଡେଇବା ପାଇଁ ରାତ୍ର ଡ୍ୟୁଟି ସମୟରେ ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ଟଙ୍କା ଲଗାଇ ଅନେକ ହାରିଯିବା ପରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଆହୁରି ମଧ୍ୟ ରାତ୍ରରେ ଯେଉଁମାନେ ବନ୍ଧୁକ ଧରି ଡ୍ୟୁଟି କରୁଛନ୍ତି ସେମାନଙ୍କ ପାଇଁ ଖେଳ ମହା ବିପଦ। କାରଣ ସେମାନେ ମୋବାଇଲରେ ଗେମ୍ ଖେଳିବାରେ ବ୍ୟସ୍ତ ଥିବା ବେଳେ କେହି ବନ୍ଧୁକ ଲୁଚାଇ ନେବାର ଅଧିକ ସମ୍ଭାବନା ରହିଛି। ତେଣୁ ବିଶେଷକରି ରାତି ସମୟରେ ଯେଉଁମାନେ ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି ସେମାନଙ୍କୁ ବାରଣ କରାଯାଉ।

### ଉପରିସ୍ଥ ଅଧିକାରୀଙ୍କୁ ଜଗିବ କିଏ

ତଳ ତଳିଆଙ୍କୁ ଉପରିସ୍ଥ ଅଧିକାରୀ ନୋଟିସ୍ କରି ଗେମ୍ ଖେଳିବାକୁ ବାରଣ କରିବେ। ହେଲେ ଉପରିସ୍ଥ ଅଧିକାରୀମାନେ ଅନେକ ସମୟରେ ଅନ୍‌ଲାଇନ୍‌ଗେମ୍ ଖେଳଛନ୍ତି। ହେଲେ ସେମାନଙ୍କୁ କିଏ ବାରଣ କରିବ। ସେମାନେ ମନ ଇଚ୍ଛା ଯେଉଁଠି ପାଇଲେ ଗେମ୍ ଖେଳିଲେ। ତେଣୁ ପୁଲିସ ଡିଜି ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେବା ଆବଶ୍ୟକ। ଯେଉଁମାନେ ଏଭଳି ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦଅନ୍ତୁ ବୋଲି କୁହାଯାଉଛି।

## ନକଲି ଦସ୍ତାବିଜ ପ୍ରସ୍ତୁତ କରି ଜାଲିଆତି ଅଭିଯୋଗ

# ରେସ୍ତୋରାଁ ମାଲିକ ଗିରଫ

ଭୁବନେଶ୍ୱର, ୧୪।୭ (ସମିସ): ଜାଲ ଦସ୍ତାବିଜ ପ୍ରସ୍ତୁତ କରି ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ହାସଲ କରିଥିବା ଅଭିଯୋଗରେ ଜଣେ ରେସ୍ତୋରାଁ ମାଲିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ରଞ୍ଜନ କୁମାର ରାଉତ ଓ ସେ ଜୟଦୁର୍ଗାନଗର ଅଞ୍ଚଳର ବାସିନ୍ଦା ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ତାଙ୍କ ବିରୋଧରେ ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮ (୪), ୩୨୪ (୨), ୩(୫)ରେ ମାମଲା ରୁଜୁ କରିଛି।

ପାର୍ଥ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଅନୁସାରେ କ୍ଲବ୍ ହାଉସ ଚଳାଇବା ପାଇଁ ତାଙ୍କଠାରୁ ଏକ ସମ୍ପତ୍ତି ନେଇଥିବା ରଞ୍ଜନ କୁମାର ରାଉତ ଚୁକ୍ତିନାମାର ବିରୁଦ୍ଧାଚରଣ କରି ନିଜ ପୁଅ ଅଭିଷେକ ରାଉତକୁ ଏକ ରେଷ୍ଟୁରାଣ୍ଟ ଚଳାଇବାକୁ ପ୍ରଦାନ କରିଥିଲେ। ସେହିପରି ଅଭିଷେକ ରାଉତ ଜାଲିଆତି କରି ପାର୍ଥ ବିଶ୍ୱାଳଙ୍କ ବାପାଙ୍କ ନାମରେ ଥିବା କମ୍ପାନୀ ଠିକଣା ବ୍ୟବହାର ସହ ତାଙ୍କର ନକଲି ଦସ୍ତଖତରେ ବ୍ଲାକ୍ ହୋଲ ନାମକ ଏକ ସଂସ୍ଥା ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନେଇ ରେସ୍ତୋରାଁ ଚଳାଉଥିଲେ। ଏହା ସହିତ ଏହି ଲାଇସେନ୍ସରେ ବିଭିନ୍ନ ବାସଗୃହ ଓ ଆପାର୍ଟମେଣ୍ଟକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ କରୁଥିଲେ। ଏ ସଂକ୍ରାନ୍ତରେ ପୁଲିସ ଘଟଣାର ଅନୁସନ୍ଧାନ କରି ଭଡ଼ା ଚୁକ୍ତିନାମାର ଜାଲିଆତି ଅଭିଯୋଗରେ ରଞ୍ଜନକୁମାର ରାଉତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପଡ଼ି କର୍ମଚାରୀ ଗୁରୁତର

ବାଲିଅନ୍ତା, ୧୪।୭ (ସମିସ): ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ପ୍ରଶାନ୍ତ ସାହୁ ନାମକ ଜଣେ କର୍ମଚାରୀ ଛାତ ଉପରେ ଶିଉଳି ସଫା କରିବାକୁ ଯାଇ ଖସିଯିବାରୁ ଗୁରୁତର ଆହତ ହୋଇଛନ୍ତି। ପ୍ରଶାନ୍ତଙ୍କ ହାତ ପାପୁଲି ଭାଙ୍ଗିଯିବା ସହ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି। ଏବେ ପ୍ରଶାନ୍ତ ଚିକିତ୍ସାଧୀନ ଅଛନ୍ତି।

## ଆୟୁଷ୍ମାନ କାର୍ଡରେ ଜୀବିତ ରୋଗୀ ମୃତ

# 'କୋକେଇ ଯାତ୍ରା'ରେ ସୁଭାଷ ସଙ୍ଗଠନର ପ୍ରତିବାଦ

କଟକ, ୧୪।୭ (ସମିସ): ଶାନ୍ତି ହସ୍ପିଟାଲ ବିରୋଧରେ ସ୍ୱର ତେଜିବାରେ ଲାଗିଛି। ଏଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣେ ମହିଳାଙ୍କୁ ଆୟୁଷ୍ମାନ କାର୍ଡରେ ମୃତ ବିବେଚିତ କରାଯାଇଥିଲା। କିଛି ଦିନ ପୂର୍ବେ ଘଟିଥିବା ଏହି ଘଟଣାକୁ ନେଇ ଆଜି କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ନିଆରା ଢ଼ଙ୍ଗରେ ପ୍ରତିବାଦ କରାଯାଇଛି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) କାର୍ଯ୍ୟାଳୟ ସମ୍ମୁଖରେ କୋକେଇ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶାନ୍ତି ହସ୍ପିଟାଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇ ଦେବା ପାଇଁ ଶାନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଜଣାପଡ଼ିଛି।

ରାଣୀହାଟ ଅଞ୍ଚଳର ଚଞ୍ଚଳା ନାଟିଆ ମଧୁମେହ ଜନିତ ରୋଗରେ ପୀଡ଼ିତ ହୋଇ ଜୁନ ୨୫ ତାରିଖରେ ସିଡିଏ ସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜୁଲାଇ ୧ ତାରିଖରେ ତାଙ୍କୁ ଡିସଚାର୍ଜର୍ କରାଯାଇଥିଲା। ଚିକିତ୍ସା ସମୟରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆୟୁଷ୍ମାନ କାର୍ଡ ଜରିଆରେ ଶାନ୍ତି ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ। ରୋଗୀ ପରିବାର ବର୍ଗ ଯେତେବେଳେ ଉକ୍ତ କାର୍ଡରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ପଚାରିବାରୁ ହସ୍ପିଟାଲ ଷ୍ଟାଫ୍ ସିଧାସଳଖ ମନା କରିଦେଇଥିଲେ। ସେଗୁଡିକ ତୁମର ଜାଣିବା ଦରକାର ନାହିଁ ବୋଲି କହିଥିଲେ। ଚଞ୍ଚଳା ପୁଣି ଥରେ ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟତ୍ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ହେଲେ ଆୟୁଷ୍ମାନ କାର୍ଡ ବ୍ୟବହାର କରିବା ସମୟରେ ପରିବାର ବର୍ଗ ଜାଣିବାକୁ ପାଇଲେ ଯେ, ଶାନ୍ତି ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ବେଳେ ଆୟୁଷ୍ମାନ କାର୍ଡରେ ରୋଗୀଙ୍କୁ ମୃତ ବୋଲି ଘୋଷିତ କରିଥିବାରୁ ଏହି କାର୍ଡ ପୁର୍ନବାର ବ୍ୟବହାର ହୋଇପାରିବ ନାହିଁ। ଏହି ବିଷୟରେ ପରିବାର ବର୍ଗ ଶାନ୍ତି ମେମୋରିଆଲ ହସ୍ପିଟାଲରେ ବୁଝାସୁଝା କରିବାକୁ ଯିବା ସମୟରେ ହସ୍ପିଟାଲ ଷ୍ଟାଫ୍ ଓ ତାଙ୍କ ଉଚ୍ଚ ପଦାଧିକାରୀ ମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଯିଏ ତୁମକୁ ସମର୍ଥନ କରି ପ୍ରତିବାଦ କରିବ ତାକୁ ରାତାରାତି ଗାଏବ କରିଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଚଞ୍ଚଳାଙ୍କ ପରିବାର ଲୋକେ ସୁଭାଷ ସଂଗଠନ ସହିତ ଯୋଗାଯୋଗ କରି ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ଜଣାଇବା ସହ ହସ୍ପିଟାଲ ପକ୍ଷରୁ ଏଭଳି ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଜି ସିଡିଏମଓ ଅଫିସ୍ ସମ୍ମୁଖରେ କୋକେଇ ଧରି ପ୍ରତିବାଦ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସୁରେଶ ମହାନ୍ତି ଓ ସହ ସମ୍ପାଦକ ଲୋପାମୁଦ୍ରା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଡିଏମଓଙ୍କୁ ଶାନ୍ତି ମେମୋରିଆଲ ହସ୍ପିଟାଲ ଉପରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରୋଗୀଙ୍କୁ ସଠିକ ଚିକିତ୍ସା କିପରି ମିଳିବ ସେଥିପ୍ରତି ସହଯୋଗ କରିବା ପାଇଁ ନିବେଦନ କରାଯାଇଛି।

- କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମଓଙ୍କୁ ଦାବିପତ୍ର

## ଏଫ୍‌ଏଫ୍‌ସି ପକ୍ଷରୁ ବନ ମହୋତ୍ସବ



ଭୁବନେଶ୍ୱର, ୧୪।୭ (ସମିସ): ୱାକର୍ସ ଇଣ୍ଟରନାସନାଲ ସହ ଅନୁବନ୍ଧିତ ଫନ୍ ଆଣ୍ଡ ଫିଟ୍‌ନେସ ୱାକର୍ସ କ୍ଲବ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। 'ଗଛ ଲଗାଅ ଜୀବନ ବଞ୍ଚାଅ ଓ ଆଗାମୀ ପିଢ଼ିକୁ ବଞ୍ଚାଅ'ର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ଉଦ୍ଦେଶ୍ୟରେ ଏଫ୍‌ଏଫ୍‌ସି ତରଫରୁ ଶହେରୁ ଅଧିକ ଗଛ ଲଗାଯାଇଛି। ଏହାସହିତ ୪ଶହରୁ ଅଧିକ ଚାରା ବିଭିନ୍ନ ଅନୁଷ୍ଠାନକୁ ଯୋଗାଇ ଦିଆଯାଇଅଛି। ଆମ୍ବ ଗଛ ଚାରା ବିଭିନ୍ନ ୱାକର୍ସ କ୍ଲବକୁ ଯୋଗାଇ ଦିଆଯିବ ବୋଲି କ୍ଲବର ବରିଷ୍ଠ ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ସଭାପତି ଆଶିଷ ପଟ୍ଟନାୟକ, ଜୋନ୍ ଚେୟାର ପର୍ସନ୍ କେଦାର ପଟ୍ଟନାୟକ, ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ଅନୀଲ ତ୍ରିପାଠୀ ପ୍ରମୁଖ କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିବା ସମ୍ପାଦକ ସୁଧାକର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କ ପାଇଁ ଆଧ୍ୟାତ୍ମିକ ପ୍ରବଚନ



ଭୁବନେଶ୍ୱର, ୧୪।୭ (ସମିସ): ଲକ୍ଷ୍ମୀସାଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ କଲ୍ୟାଣ ସଂଘ ଝାରପଡ଼ା ପକ୍ଷରୁ ଏକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ପ୍ରବଚକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ସଭାରେ ଲକ୍ଷ୍ମୀସାଗର ଓ ଝାରପଡ଼ା ଅଞ୍ଚଳର ପ୍ରାୟ ୧୦୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ଉପକୃତ ହୋଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମକୁ ସଙ୍ଘର ସଭାପତି ରଣଜିତ କୁମାର ରାୟ, ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାସ, ଉପସଭାପତି ଡା. ହେମନ୍ତ କୁମାର କାନୁନଗୋ, ଟ୍ରେଜରର ନଳିନୀ ରଞ୍ଜନ ବହିଦାର ପମୁଖ ପରିଚାଳନା କରିଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରଥମ ପାଳି ଶ୍ରାବଣ ଜଳଲାଗି



ଭୁବନେଶ୍ୱର, ୧୪।୭ (ସମିସ): ଶ୍ରାବଣର ପ୍ରଥମ ସୋମବାର ପାଇଁ ରାଜଧାନୀର ବିଭିନ୍ନ ଶୈବପୀଠରେ ଜଳଲାଗି କରାଯାଇଛି। ବିଶେଷକରି ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ରାଜଧାନୀର ଛୋଟମୋଟ ଶିବମନ୍ଦିରରେ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କୁ ଦେଖିବାକୁ ମିଳିଥିଲା। ଯଦିବା ସେତେଟା ଭିଡ଼ ପରିଲକ୍ଷିତ ହୋଇ ନ ଥିଲା କିନ୍ତୁ ବିଳମ୍ବିତ ରାତିରେ ରାଜଧାନୀ ରାସ୍ତାକଡ଼ର ବିଭିନ୍ନ ସ୍ଥାନରେ କାଉଡ଼ିଆଙ୍କୁ ଦେଖିବାକୁ ମିଳିଥିଲା। ଭୋରରୁ ଭୋରରୁ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ପହଞ୍ଚି ଜଳଲାଗି କରିଥିଲେ। ସକାଳ ୭ଟା ସୁଦ୍ଧା ଜଳଲାଗି ଶେଷ ହୋଇଥିବା ବେଳେ ସାରାଦିନ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜଳଲାଗି ସମେତ ଅନ୍ୟାନ୍ୟ ପୂଜାର୍ଚ୍ଚନା କରିଥିଲେ ଶ୍ରଦ୍ଧାଳୁ। ଶ୍ରଦ୍ଧାଳୁଙ୍କ ଜଳଲାଗିକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା ସମେତ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ପ୍ରଥମ ପାଳି ଜଳଲାଗି ହୋଇଥିବାରୁ କମ୍ ଶ୍ରଦ୍ଧାଳୁ ଆସିଥିବା ବେଳେ ପରବର୍ତ୍ତୀ ପାଳିଗୁଡ଼ିକରେ ଅଧିକରୁ ଅଧିକ ଶ୍ରଦ୍ଧାଳୁ ଆସିବାର ସମ୍ଭାବନା ରହିଛି।

## ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟ

# ନୂଆ ଉପକରଣ ଆସିଛି; ରଖିବାକୁ କର୍ତ୍ତୃପକ୍ଷ ନାରାଜ

କଟକ, ୧୪।୭ (ସମିସ): ଯକୃତ ପ୍ରତିରୋପଣ ୟୁନିଟ ଅଚଳ ହେବା ପଛରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଭୂମିକା ଦିନକୁ ଦିନ ସନ୍ଦେହ ଘେରକୁ ଆସିଲାଣି। ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରିବା ନିମନ୍ତେ ପୂର୍ବରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଚିଠି ଜାରି କରାଯାଇଥିବା ବେଳେ ଏବେ ନୂତନ ଉପକରଣ ଗ୍ରହଣ କରିବାକୁ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ରାଜି ନାହାନ୍ତି। ଗତ ୧୦ ତାରିଖରେ ଅନେକ ଉପକରଣ ପହଞ୍ଚିଥିଲେ ସୁଦ୍ଧା ଏହାକୁ ଫେରାଇ ଦେବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟର କାରଣ ଅସ୍ୱଷ୍ଟ ଥିବା ବେଳେ ବଡ ମେଡିକାଲରେ ଯକୃତ ପ୍ରତିରୋପଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ଆଲୋଚନା ହେଉଛି।

ଗତ ଜାନୁୟାରୀ ୩୦ ତାରିଖରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ମେଡିଏଡ ସଂସ୍ଥାକୁ ଚିଠି ହୋଇଥିଲା। ତତ୍କାଳୀନ ଅଧୀକ୍ଷକ ତଥା ସମ୍ପ୍ରତି ଅଧ୍ୟକ୍ଷା ଦାୟିତ୍ୱରେ ଥିବା ପ୍ରଫେସର ଡଃ ଲୁସି ଦାସ ଉକ୍ତ ଚିଠି ଜାରି କରିଥିଲେ। ଟେଣ୍ଡର ପରେ ଯକୃତ ପ୍ରତିରୋପଣ ନିମନ୍ତେ ଅଣୁ ଏବଂ କ୍ଷୁଦ୍ର ଉପକରଣ ପଠାଇବାକୁ ନିର୍ଦ୍ଦେଶ ରହିଥିଲା। ୩୧ ପ୍ରକାରର ଉପକରଣ ଲୋଡିଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ଯେଉଁଥିରେ ଶହେରୁ ଅଧିକ ଉପକରଣ ରହିଥିଲା। ତେବେ ଏହା ଭିତରୁ କିଛି ଉପକରଣ ଗତ ୧୦ ତାରିଖରେ ବଡ ମେଡିକାଲରେ ପହଞ୍ଚିଥିଲା। ନିଡଲ ହୋଲ୍ଡର, ମିନି ବୁଲଡଗ କ୍ଲାମ୍ପ, ଆଇଆରଆଇଏସ୍ ସିଜର, ବେକି ଏଟିଆର, ମାୟୋ ସିଜର, ମେଟଜ ସିଜର ଭଳି ଅନେକ ଆବଶ୍ୟକୀୟ ଉପକରଣ ରହିଥିଲା। ମାତ୍ର ଏ ସବୁ ଉପକରଣ ଗ୍ରହଣ କରିବାକୁ ଏବେ ଏସ୍‌ସିବି କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଇଛନ୍ତି। ଏ ସବୁ ଫେରାଇ ଦେବାକୁ ଖୋଲାଖୋଲି ନିର୍ଦ୍ଦେଶ ଦେଇଛନ୍ତି ଜନୈକ ବରିଷ୍ଠ ପଦାଧିକାରୀ।

ଯକୃତ ପ୍ରତିରୋପଣ ବନ୍ଦ ହୋଇ ପଡ଼ିଥିବା ବେଳେ ମେଡିକାଲର କେତେକ ଅଧିକାରୀଙ୍କ ଆଚରଣ ଏବେ ଘଟଣାକୁ ନୂଆ ମୋଡ ଦେଉଛି। ଏହି ୟୁନିଟ ଚାଲୁ କରିବା ପାଇଁ ଗତ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାକୁ ଅକାମୀ କରିବା ପାଇଁ ଏବେ ବିଧିବଦ୍ଧ ଚକ୍ରାନ୍ତ କରାଯାଉଥିବା କୁହାଯାଉଛି। ପ୍ରକାଶଯୋଗ୍ୟ, ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରୁ ଗୋଟିଏ ପରେ ଗୋଟିଏ ମେସିନ ଗାଏବ ହୋଇ ଚାଲିଛି। ଗତ କିଛି ଦିନ ହେବ ପର୍ଯ୍ୟାୟକ୍ରମେ ମେସିନ ଗୁଡିକୁ ବିଭିନ୍ନ ବିଭାଗକୁ ବାଣ୍ଟି ଦିଆଯାଉଛି। ଏହା ଭିତରେ ୟୁନିଟ ଖୋଳ ହେବାରେ ଲାଗିଲାଣି। ମେସିନ ବାଣ୍ଟି ଦେବା ନିମନ୍ତେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ରମାନ୍ୱୟରେ ଚିଠି ଜାରି ହେଉଛି। ମୋଟ ୩ଟି ଚିଠି ଜରିଆରେ ୫୦ରୁ ଅଧିକ ମେସିନ ଉଠାଇ ନିଆଗଲାଣି। ଏବେ ନୂତନ ଉପକରଣ ଆସିଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ।



ଜୟଦେବ ଭବନ ଆଗରେ ପାଣି ପାଇପ୍ ଚ୍ୟାମ୍ବର ଫାଟି ବର୍ଷାର ଭ୍ରମ (ଫଟୋ: ଦୀପକ)

# ପୀଡ଼ିତା ପାଇଁ ବିଜେଡି ପକ୍ଷରୁ ସମୂହ ଦୀପଦାନ

ଭୁବନେଶ୍ୱର, ୧୪।୭ (ସମିସ): ଭୁବନେଶ୍ୱର ଏମ୍ସରେ ଜୀବନମରଣ ସହିତ ସଂଘର୍ଷ କରୁଥିବା ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀଙ୍କ ପାଇଁ ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ସୋମବାର ସନ୍ଧ୍ୟାରେ ରାମ ମନ୍ଦିର ସମ୍ମୁଖରେ ଦୀପଦାନ ସହ ସହ ହନୁମାନ ଚାଳିଶା ପାଠ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମାନଙ୍କ ସହିତ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



# ଭଦ୍ରକକୁ ବ୍ୟାପିଲା ଏଫ୍ ଏମ୍ ନିଆଁ

## ଗର୍ଜିଲା ଜିଲ୍ଲା କଂଗ୍ରେସ



**ଭଦ୍ରକ, ୧୪।୭ (ସମିସ):** ବାଲେଶ୍ୱର ଏଫ୍.ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଜିଲ୍ଲା ସଂଯୋଜକ ଅସିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ହଜାରରୁ ଅଧିକ ଦଳୀୟ କର୍ମୀ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖୀରେ ପହଞ୍ଚି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବିଜେପି ସରକାର ହାଏ ହାଏ ନାରା ଦେଇ ଦୃଢ଼ ପ୍ରତିବାଦ ଜଣାଇଥିଲେ। ପରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଚାନ୍ଦବାଲି ନେତା ଅମୀୟ ମହାପାତ୍ର, ବରିଷ୍ଠ ନେତା ଦେବରୂପ ମହାନ୍ତି, ଆଇନଜୀବୀ ନିଶିକାନ୍ତ ନାୟକ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, କଂଗ୍ରେସ ନେତା ନଳିନ ମହାନ୍ତି ପ୍ରମୁଖ ନେତାମାନେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ଘଟଣାର ଜଡ଼ିତ ଆସାମୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପରେ ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ଜିଲ୍ଲା ସଂଯୋଜକ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜିଲ୍ଲାପାଳଙ୍କୁ ଭେଟି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

**ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଓ ଇସ୍ତଫା ଦାବି**

କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ବିଭାଗ ଜିଲ୍ଲା ସଭାପତି ବିଦ୍ୟାଧର ଜେନା, ପ୍ରଫୁଲ୍ଲ ସାମଲ, ଶଶିକାନ୍ତ ଜେନା, ସରୋଜ ନାୟକ, ଭରତ ତ୍ରିପାଠୀ, କଳ୍ପତରୁ ପରିଡ଼ା, ବରିଷ୍ଠ ନେତା ମୁକିତ ଖାଁ, କାଉନସିଲର ଫରୀୟାଦ ଖାଁ, କାଉନସିଲର ହେମନ୍ତ ସାହୁ, ସାହିଲ କାଦ୍ରି, ରୁକସାନା ବେଗମ, ଇଲିଆସ ଖାଁ, ଯୁବନେତା ସନିଆ ନନ୍ଦ, ରମେଶ ସ୍ୱାଇଁ, ଯୁବ ନେତା ବବଲୁ, ତପନ ନାୟକ ଓ ବଳରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଛାତ୍ର କଂଗ୍ରେସ

**ବାସୁଦେବପୁର, ୧୪।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ବାସୁଦେବପୁର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବାସୁଦେବପୁର ଅଟଳ ବିହାରୀ କଲେଜର ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀ ଏକତ୍ରିତ ହୋଇ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସରକାରୀ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇ କଲେଜ ଛକରେ କୁଶପୁତ୍ତଳିକା ଦାହ କରିଥିଲେ। ନିର୍ଯାତିତ ଛାତ୍ରୀଜଣଙ୍କ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ ସମସ୍ତଙ୍କୁ ଆକୁଳ ନିବେଦନ କରିଥିଲେ। କିନ୍ତୁ କେହି ତାଙ୍କ କଥା ନ ଶୁଣିବାରୁ ଶେଷରେ ନିରାଶ ହେବା ପରେ ଚରମ ପଦକ୍ଷେପ ନେଲେ ବୋଲି ଛାତ୍ର ନେତାମାନେ କହିଥିଲେ। ତେଣୁ, ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ତେବେ, ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ, ଆଗାମୀ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବର୍ଷାରେ ଧାମନଗର ଉବୁଟୁବୁ



**ଧାମନଗର, ୧୪।୭ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ଧାମନଗର ଅଞ୍ଚଳ ବେହାଲ ହୋଇଥିବା ବେଳେ ଖାଲୁଆ ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଧାମନଗର ଏନ୍ଏସି ଅଞ୍ଚଳରେ ବେଆଇନ ଜବରଦଖଲ, ଜଳ ନିଷ୍କାସନ ସ୍ଥାନରେ ବେଆଇନ ନିର୍ମାଣ, ଏନ୍ଏସିର ଭୁଲ ଜଳ ନିଷ୍କାସନ ନୀତି ପାଇଁ ଗତ ଦୁଇଦିନ ମୁଷଳଧାରା ବର୍ଷାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାମନଗର ଏନ୍ଏସିର ପଠାଣମହଲା, କୋରେସି ମହଲା, ହବିବନଗର ଆଦି ଗ୍ରାମରେ ଉଦବୃତ ବର୍ଷାଜଳ କେତେକ ଘରେ ପାଣି ପଶି ଲୋକଙ୍କୁ ହଇରାଣରେ ପକାଇଛି। ଅନେକ ପରିବାରଙ୍କ ଘରେ ପାଣି ପଶିଥିବାର ଜଣାଯାଇଛି। "ଘ'ନଦୀରେ ପ୍ରବାହିତ ବର୍ଷାଜଳ ଧାମନଗର, ଜୟନଗର, ରାଧାବଲ୍ଲଭପୁର ଓ ଷୋଳଗାଁ ଆଦି ପାଟ ଜମିରେ ଧାନତଳିକୁ ବୁଡ଼ାଇ ରଖିଥିବାରୁ ବ୍ୟାପକ ଧାନ ବିହନ ନଷ୍ଟହେବାର ସମ୍ଭାବନା ଦେଖାଦେଇଛି। ଏବର୍ଷର ଖରିଫ ଧାନ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉ ଥିବାବେଳେ ଅତ୍ୟଧିକ ବର୍ଷା ଚାଷୀଙ୍କୁ କ୍ଷତିରେ ପକାଇଛି। ଅଧିକ ଅମଳକ୍ଷମ ଧାନଚାଷ କରିବା ପାଇଁ ବହୁ ଚାଷୀ ଖୋଲା ବଜାରରୁ ମୂଲ୍ୟବାନ ଧାନ ବିହନ କିଣି କାଦୁଅ ତଳି ପକାଇଥିଲେ। ତାହା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ନଷ୍ଟ ହେବାସହ ପୁଣି ଥରେ ପାଗଯୋଗ ଦେଖି ଧାନତଳି ଉତାରିବା ସମ୍ଭବ ହେବକି ନାହିଁ ସେନେଇ ଚାଷୀକୂଳ ସନ୍ଦେହ ଭିତରେ ଅଛନ୍ତି। ଲଗାଣ ବର୍ଷାରେ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି। ଏପରିସ୍ଥଳେ କୃଷି ଓ ଉଦ୍ୟାନ କୃଷି ବିଭାଗ ଚାଷୀମାନଙ୍କୁ ଆବଶ୍ୟକ ସହଯୋଗ କରିବା ପାଇଁ ଦାବି ହେଉଛି।

## ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ପାଇଁ ଦାବି

**ଭଣ୍ଡାରିପୋଖରୀ, ୧୪।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ପୁରୁଖାତଙ୍କ ବଦଳି ବାତିଲ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏଥିପାଇର୍ ସେମାନେ ବିଭିନ୍ନ କାରଣ ଦର୍ଶାଇଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ବିଦ୍ୟାଳୟର ପରିବେଶକୁ ଶିକ୍ଷା ଉପଯୋଗୀ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ପ୍ରଶିକ୍ଷଣପ୍ରାପ୍ତ ସ୍ନାତକୋତ୍ତର ଡିଗ୍ରୀଧାରୀ ହୋଇଥିବାରୁ ଏହି ବିଦ୍ୟାଳୟରେ ସେ ଶିକ୍ଷାଦାନ ଜାରିରଖିଲେ ବିଦ୍ୟାଳୟର ଉନ୍ନତି ତ୍ୱରାନ୍ୱିତ ହୋଇପାରିବ। ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ବିଦ୍ୟାଳୟର ଜନୈକ ବରିଷ୍ଠ ଶିକ୍ଷକ ଉପସ୍ଥାନ ଖାତାରେ ଦସ୍ତଖତ କରି ପ୍ରତିଦିନ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପଳାଉଛନ୍ତି। ଏବେ ସେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅଭିଭାବକ ଜୟନ୍ତୀ କୁଣ୍ଡୁ, ପ୍ରମିଳା କୁଣ୍ଡୁ, ଏଲୋରା ପ୍ରିୟଦର୍ଶିନୀ ସାମଲ, ସାରଥି ନାୟକ, ପାର୍ବତୀ ଦେ, ସୁଶାନ୍ତ ରାଉତ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିଥିବା ଜଣାଯାଇଛି। ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହାରାମଣୀ ବାଳିକା ବିଦ୍ୟାଳୟରେ ଯୋଗଦାନ କରିସାରିଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

■ ଖାଦ୍ୟ ସୁରକ୍ଷା ଟିମ୍‌ର ଯାଞ୍ଚ ଅଭିଯାନ

## ବାସି ଖାଦ୍ୟ ସାମଗ୍ରୀ ଜବତ; ଜରିମାନା ଆଦାୟ

**ଅସୁରାଳି, ୧୪।୭ (ସମିସ):** ନିକଟରେ କିଛିଦିନ ତଳେ ଡାଇରିଆ ଯୋଗୁଁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ମୁଣ୍ଡ ଯାଇଥିଲା। ଭଦ୍ରକ ଜିଲ୍ଲାରେ ଏହା ଯେପରି ସଂକ୍ରମିତ ନହୁଏ ସେଥିପ୍ରତି ସଚେତନ ରହିବାକୁ ଭଦ୍ରକ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସଚେତନ ବାର୍ତ୍ତା ଦେଇଥିଲେ। ଏଥିସହିତ ଟିମ ଗଠନ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସାମଗ୍ରୀ ଦୋକାନ ଯାଞ୍ଚ କରିବାକୁ ଖାଦ୍ୟ ସୁରକ୍ଷା ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବହୁ ହୋଟେଲ, ଠେଲା ଦୋକାନୀଙ୍କ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। କିଛିଦିନର ବିରତି ପରେ ପୁଣି ସକ୍ରିୟ ହୋଇଛି ଖାଦ୍ୟ ନିରାପତ୍ତା ଟିମ୍। ସୋମବାର ମଧ୍ୟାହ୍ନରେ ଖାଦ୍ୟ ସୁରକ୍ଷା ଟିମ୍ ଧୂଷୁରୀରେ ପହଞ୍ଚି ବିଭିନ୍ନ ଜଳଖିଆ ଦୋକାନ, ମିଠା ଦାକାନ, ଗୁପ୍‌ଚୁପ ଦେକାନରେ ବିଭାଗର ଅଧିକାରୀମାନେ ଖାଦ୍ୟର ମାନ ପରଖିଥିଲେ। ଏହି ଟିମ ଧୂଷୁରୀ ବଜାର, ଅସୁରାଳି ବଜାର, ବେତାଳି ଗାଁ ବଜାର ଆଦି ସ୍ଥାନରେ ଖାଦ୍ୟ ଯାଞ୍ଚ କରିଥିଲେ। ଏହି ପରିପ୍ରେକ୍ଷୀରେ ଧୂଷୁରୀସ୍ଥିତ ଗଣେଶ ମିଷ୍ଟାନ୍ନ ଭଣ୍ଡାରରୁ ୧୫୦୦ ଟଙ୍କା ଜରିମାନା ହୋଇଥିଲା। ଚଢ଼଼ଉ ଦେଖି ଅନ୍ୟ ପାଖଆଖ ଦୋକାନୀ ଚମ୍ପଟ ମାରିଥିଲେ। ଉକ୍ତ ଖାଦ୍ୟ ସୁରକ୍ଷା ଟିମ୍‌ରେ ମୁଖ୍ୟ ଅଧିକାରୀ ବିଭୁଦତ ଦାସ, ହେଲଥ୍ ସୁପର୍ଭାଇଜର ରମେଶ ବେହେରା, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟିମ୍ ବାସି ଖାଦ୍ୟ ବିକ୍ରି ଉପରେ



ରୋକ୍ ଲଗେଇଥିଲେ ତଥା ଖାଦ୍ୟ ନମୁନା ସଂଗ୍ରହ କରି ଲାବରୋଟରୀକୁ ପଠାଇବା ସହ ଅନୁପଯୋଗୀ ବସ୍ତୁ ଜବତ କରି ପାଖାପାଖି ୨୪ କେଜି ନଷ୍ଟ କରାଯାଇଥିଲା। କେଉଁ ଉତ୍ସରୁ ଜଳ ଆଣି ଖାଦ୍ୟ ସାମଗ୍ରୀ ତିଆରି କରିବାରେ ଉପଯୋଗ କରାଯାଉଛି ତାହା ମଧ୍ୟ ଯାଞ୍ଚ କରାଯାଇଥିଲା। ଅନୁମତି ବିନା ଚାଲୁଥିବା ଦୋକାନକୁ ତାଗିଦ ମଧ୍ୟ କରିଥିଲେ। ଏହାଛଡ଼ା ସର୍ବୋପରି ସାଧାରଣ ଜନତାଙ୍କୁ ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ନିରାପତ୍ତାକୁ ଯାଞ୍ଚ କରି ଆହରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ଭଦ୍ରକ, ୧୪।୭ (ସମିସ):** ଭଦ୍ରକ ବ୍ଲକ୍ ଅଧୀନ କୋଡ଼ବରୁଆଁ ପଞ୍ଚାୟତ ସେହି ଗାଁର ଜଣେ ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀ ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ମିଲିରାଣୀ ଦାସ(୧୮)। ସୂଚନାଯୋଗ୍ୟ କୋଡବରୁଆଁ ଗାଁର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ ରବିବାର ମଧ୍ୟାହ୍ନରେ ନିଜ ଘର ବାଡିକୁ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଆଶୀଷ କୁମାର ମହାନ୍ତି ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ମୃତା ମିଲିରାଣୀ ଭଦ୍ରକ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ।



## ସୋରାଈଶ୍ୱର ବିଦ୍ୟାପୀଠ ଭିତରେ ଲହଡ଼ି ମାରୁଛି ପାଣି



**କବାଟବନ୍ଧ, ୧୪।୭ (ସମିସ):** ସୋମବାର ସକାଳୁ ପ୍ରବଳ ବର୍ଷା ପାଇଁ ଅନେକ ସ୍ଥାନରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତରେ ଥିବା ସୋରାଈଶ୍ୱର ବିଦ୍ୟାପୀଠ ପରିସର ମଧ୍ୟ ଜଳାର୍ଣ୍ଣବ ହୋଇଥିଲା। ଏମିତି କି ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସ୍କୁଲ ଚାରି ପଟେ ପାଚେରି ନିର୍ମାଣ ହୋଇଥିବାରୁ ଏବଂ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଯାହା ଫଳରେ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ବର୍ଷା ଜଳ ଜମି ରହୁଛି। ସୋମବାର ସ୍କୁଲ ପରିସରରେ ପାଣି ଜମି ରହିବା ଫଳରେ ସାଇକେଲ ଗୁଡ଼ିକ ପାଣି ଭିତରେ ରହିଥିବା ଦେଖିବାକୁ ମିଳିଥିଲା। ସ୍କୁଲ ବାରଣ୍ଡାରେ ପାଣି ଯୋଗୁଁ ଛାତ୍ରଛାତ୍ରୀଙ୍କ ଜୋତା ଚପଲ ମଧ୍ୟ ପାଣିରେ ଭାସୁଥିବା ଦେଖା ଯାଇଥିଲା। ଏହା ପରେ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ସ୍ଥାୟୀ ସମାଧାନ ନୁହେଁ। ତ୍ରୁଟି ଯୁକ୍ତ ନିର୍ମାଣ ଏବଂ ପାଣି ନିଷ୍କାସନ ପାଇଁ ଉତ୍ତମ ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ବିଶେଷ କରି ବର୍ଷା ଋତୁରେ ଏହା ବିଶେଷ ଭାବେ ଦେଖିବାକୁ ମିଳିଥାଏ। ପାଣି ଜମି ରହିଥିବାରୁ ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅପରିଷ୍କାର ପାଣିରେ ବିଭିନ୍ନ କୀଟ ତଥା ସରୀସୃପ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଜମି ରହିଥିବା ପାଣିରେ ଯିବା ଆସିବା ଦ୍ୱାରା ଚର୍ମ ରୋଗ ମଧ୍ୟ ହୋଇ ପାରେ। ସ୍କୁଲ ପରିସରରେ ପାଣି ଜମି ରହିଥିବା ଅଞ୍ଚଳରେ ଶୌଚାଳୟ ରହିଛି। ତାହା ମଧ୍ୟ ପାଣି ଘେରରେ। ଏଭଳି ପରିସ୍ଥିତିରେ ପିଲାମାନେ ଶୌଚାଳୟ ଯିବା ମଧ୍ୟ ସହଜ ହେଉ ନାହିଁ। ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ପାଣି ନିଷ୍କାସନ କରାଗଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ।

## ଜିଲ୍ଲାସ୍ତରୀୟ ଗୁରୁବନ୍ଦନା କାର୍ଯ୍ୟକ୍ରମ

**ଭଦ୍ରକ, ୧୪।୭ (ସମିସ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ନିକଟସ୍ଥ ପଲ୍ଲୀ ଗାଁସ୍ଥିତ ନରେନ୍ଦ୍ର ସେନାପତିଙ୍କ 'ଆଶା ଶିକ୍ଷା ନିକେତନ' ପରିସରରେ ମହାସଂଘର ସଭାପତି ବିମ୍ବାଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାସଂଘର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସଦ୍‌ଭାବନାର ସଂଯୋଜକ ଅଜୟ ଦ୍ୱିବେଦୀ ମୁଖ୍ୟଅତିଥି, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ନିରଞ୍ଜନ ସେନାପତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଭାଗର ସହ ସଂଘଚାଳକ ପାର୍ଥ ସାରଥି ଦାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଭାଗ ସମ୍ପର୍କ ପ୍ରମୁଖ ସୁବ୍ରତ ନାୟକ ଏବଂ ମହାସଂଘର ଜିଲ୍ଲା ଉପସଭାପତି ପ୍ରଦୀପ ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୋଷାଧ୍ୟକ୍ଷ ଶ୍ରୀଧର ପଣ୍ଡା, ଚାନ୍ଦବାଲି ବ୍ଲକର ସଭାପତି ଅମୂଲ୍ୟ ରାଉତ, ବାସୁଦେବପୁର ବ୍ଲକ ସଭାପତି ରାଜକିଶୋର ମଲ୍ଲିକ, ବନ୍ତ ବ୍ଲକ କାର୍ଯ୍ୟକାରୀ ସଭାପତି ସୁଭେନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷକ ପ୍ରଦୀପ ବାରିକ, ପ୍ରଧାନଶିକ୍ଷକ ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ମନୋଜ ଦୀକ୍ଷିତ ସାମୂହିକ ଗୁରୁବନ୍ଦନ କରାଇବା ସହିତ ଜିଲ୍ଲାର ଅତିରିକ୍ତ ସଂଗଠନ ସଂପାଦକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା।

## ସମସ୍ତ ପ୍ରଧାନଶିକ୍ଷକ ଫେରାଇବେ ୪ଲକ୍ଷ ଟଙ୍କା!

**ପ୍ରୀତିପୁର, ୧୪।୭ (ସମିସ):** ବିଞ୍ଝାରପୁର ବ୍ଲକର ୨୨ଟି ପ୍ରାଥମିକ, ଉଚ୍ଚ, ପ୍ରାଥମିକ, ଉଚ୍ଚ ଓ ଉଚ୍ଚତର ବିଦ୍ୟାଳୟମାନଙ୍କୁ ଯୋଗାଇ ଦିଆ ଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ରରେ ବ୍ୟାପକ ଜାଲିଆତି ହୋଇଥିବାରୁ ଯାଜପୁର ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ଅଧିକାରୀ ଏହି ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ପ୍ରକାଶ ଯେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଯାଜପୁରଙ୍କ ବିଞ୍ଝାରପୁର ଗୋଷ୍ଠୀଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଦର୍ଶାଯାଇଛି କି ବିଞ୍ଝାରପୁର ବ୍ଲକର ଅରେଇ ଠାରେ ଅନୁଷ୍ଠିତ ବିନିଯୋଗପତ୍ର ଆଦାୟ ଶିବିରରେ ବ୍ଲକର ୨୨ଟି ସ୍କୁଲ ଦାଖଲ କରିଥିବା ବିନିଯୋଗ ପତ୍ର ଓ ତତ୍‌ସଂଲଗ୍ନ ଭାଉଚର ଯାଞ୍ଚବେଳେ ଅର୍ଥ ବିଭାଗର କର୍ମକର୍ତ୍ତାଙ୍କ ନଜରରେ ୨୦୨୪-୨୫ ବର୍ଷର ଅନୁଦାନର ବ୍ୟୟ ବିବରଣୀରେ ବିଭିନ୍ନ ଅନିୟମିତତା ପରିଦୃଷ୍ଟ ହୋଇଥିଲା। ତଦନୁଯାୟୀ କେତେକ ପ୍ରଧାନ ଶିକ୍ଷକଙ୍କ ନିମନ୍ତେ କ୍ୟାସମେମୋ, ନନ୍ ଜିଏସଟି ବିଲ୍, ମିଥ୍ୟା ଭାଉଚର ଆଦି ସମସ୍ୟା ସୃଷ୍ଟି କରିଥିଲା। ସମସ୍ତ କାଗଜପତ୍ର ଯାଞ୍ଚ ପରେ ଡିପିସିଙ୍କ ଦ୍ୱାରା ପ୍ରେରିତ ଅର୍ଥ ବିଭାଗ ତରଫରୁ ଏହି ୨୨ଟି ସ୍କୁଲର ପ୍ରଧାନ ଶିକ୍ଷକମାନେ ଉଠାଇଥିବା ଅନୁଦାନ ମଧ୍ୟରୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ ଆଣିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ତେବେ ବିଞ୍ଝାରପୁର ବ୍ଲକର ଏହି ସ୍କୁଲ ମଧ୍ୟରେ ରାଁଶ ପ୍ରାଥମିକ ବିଦ୍ୟାଳୟ, ଝିଙ୍କିରୀ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣୀ ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗିରିଧାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, କେସି ହାଇସ୍କୁଲ, ଟିଣା, ମଇଁନ୍ଦା ୟୁଜିଏମଇ, ସ୍କୁଲ, ଉତଙ୍ଗରା ସରକାରୀ ହାଇସ୍କୁଲ, ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିକେ ୟୁଜିଏମଇସ୍କୁଲ, ଏସି ହାଇସ୍କୁଲ ଫଳପୁର, ପ୍ରହଲାଦ ସରକାରୀ ହାଇସ୍କୁଲ, ମଲ୍ଲୀପୁର ଚନ୍ଦ୍ରମୁଁ ପ୍ରାଥମିକ ବିଦ୍ୟାଳୟ, କାଣ୍ଡିସାହି ପ୍ରାଥମିକ ବିଦ୍ୟାଳୟ, ବରକୋଟି ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମନେଇଶୁଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡକୂଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଖରସ୍ରୋତା ହାଇସ୍କୁଲ (ଭୋକେସନାଲ), ଏସ୍‌ଜି ହାଇସ୍କୁଲ ଆଦି ରହିଥିବା ଦେଖିବାକୁ ମିଳିଛି। ଡିପିସିଙ୍କ ଚିଠି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମେମୋ ସଂଖ୍ୟା - ୮୯୫ ଅନୁଯାୟୀ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଏହି ମର୍ମରେ ଏହା ଜଣାଇ ଦିଆଯାଇଛି।

**ବିଞ୍ଝାରପୁର ବ୍ଲକର ୨୨ଟି ବିଦ୍ୟାଳୟରେ ଆର୍ଥିକ ଅନିୟମିତତା**

## ସାପ କାମୁଡ଼ାରେ ମହିଳା ଗୁରୁତର

**ସୁକିନ୍ଦା, ୧୪।୭ (ସମିସ):** ମଙ୍ଗଳପୁରର ଗ୍ରାମର ଜଣେ ମହିଳା ସାପ କାମୁଡ଼ାର ଶିକାର ହୋଇ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ରଙ୍ଗବତୀ ବେହେରା(୬୧) ଗତ ରବିବାର ରାତିରେ ଘର ନିକଟରେ କାରବାର କରୁଥିବା ସମୟରେ ବିଷଧର ସର୍ପାଘାତର ଶୀକାର ହୋଇଥିଲେ। ମହିଳାଙ୍କ ପରିବାର ଲୋକେ ତୁରନ୍ତ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବିଳମ୍ବିତ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପୁରୁଣା ଗଛ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟ ପାଇଁ ବିପଦ

## କାର୍ଯ୍ୟାନୁଷ୍ଠାନ ଦାବିରେ ବିଭାଗୀୟ ଅଧିକାରୀଙ୍କୁ ପତ୍ର

**ବନ୍ତ/ଆଗରପଡ଼ା, ୧୪।୭ (ସମିସ):**

ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ଗତ ୧୫ ଦିନ ତଳେ ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଥିଲା। ସୌଭାଗ୍ୟବଶତଃ ଶ୍ରେଣୀ ଗୃହରେ କେହିବି ପିଲା ଉପସ୍ଥିତ ନ ଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଖଟଣା ସ୍ଥଳରେ ପହଂଚି ଘଟଣାର ଅନୁଧ୍ୟାନ କରିବା ପରେ ଏହାର ମରାମତି କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ବିଦ୍ୟାଳୟର ସମ୍ମୁଖ ଭାଗରେ ଜଳ ନିଷ୍କାସନର କୋଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ପାଣି ବିଦ୍ୟାଳୟ ପରିସରକୁ ପଶୁଥିବା ବେଳେ ବିଦ୍ୟାଳୟ ପରିସରର ପାଣି ମଧ୍ୟ ନିଷ୍କାସନ ହୋଇ ନପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ



କୁ ପ୍ରଭାବ ପକାଇବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ବହୁ ପୁରୁଣା ଗଛ ଥିବା ବେଳେ ଏହା ବର୍ଷ ବର୍ଷ ଧରି କଟା ଯାଉନଥିବାରୁ ବର୍ତ୍ତମାନ ଉକ୍ତ ଗଛ ବିଦ୍ୟାଳୟ ଶ୍ରେଣୀ ଗୃହ ସମେତ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବିଦ୍ୟାଳୟ ଗୃହ ସମେତ ପିଲାଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭାପତି, ସଭ୍ୟ/ସଭ୍ୟା ଓ ଅଭିଭାବକଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ, ତହସିଲଦାର, ବନ୍ତ, ରାଜସ୍ୱ ନିରୀକ୍ଷକ ଓ ଫରେଷ୍ଟର, ଆଗରପଡ଼ା, ଗୋଷ୍ଠୀ ଶିକ୍ଷାଧିକାରିଣୀ, ବନ୍ତ ପ୍ରମୁଖଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଯାଇଛି। ତେଣୁ ବିଦ୍ୟାଳୟ ସମେତ ପିଲାଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଉକ୍ତ ଅଭିଯୋଗ ଉପରେ ବିଭଗୀୟ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ସମୁଦାୟ ୧୩୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିଶୁ ବାଟିକା ସମେତ ୧ମରୁ ୮ମ ଶ୍ରେଣୀ ନିମନ୍ତେ ୫ଟି ଶ୍ରେଣୀ ଗୃହ ରହିଛି। ତେଣୁ ଶିଶୁ ବାଟିକା ଓ ୫ମ ଶ୍ରେଣୀ ପିଲା ଗୋଟିଏ ଗୃହ, ୧ମ, ୨ୟ ଓ ୪ର୍ଥ ଶ୍ରେଣୀର ପିଲା ମିଳାମିଶା ହୋଇ ଆଉ ଗୋଟିଏ ଗୃହରେ ଶିକ୍ଷାଲାଭ କରୁଛନ୍ତି। ଶ୍ରେଣୀ ଗୃହ ସମସ୍ୟାରୁ ଏହିପରି ଶିକ୍ଷାଦାନ ଚାଲୁଛି। ଯାହାକି ପିଲାଙ୍କ ଗୁଣାତ୍ମକ ଶିକ୍ଷାଲାଭ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଏହିପରି ସ୍ଥଳେ ବର୍ଷବର୍ଷ ଧରି ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ କରାଯାଉନଥିବାରୁ ଏହା ପିଲାଙ୍କ ଜିବନ ପ୍ରତି ବିପଦ ସୃଷ୍ଟି କରୁଛି।

### କେବେ ସୁଧୁରିବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଭାଗ୍ୟ

# ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

ଜଗତସିଂହପୁର,୧୪।୭ (ସମିସ):



ଓଡ଼ିଶାର ସମୁଦ୍ର ଉପକୂଳରେ ଅବସ୍ଥିତ ଜଗତସିଂହପୁର ଗତ ୧୯୯୩ ଏପ୍ରିଲ ୩ ତାରିଖରେ କଟକ ଜିଲ୍ଲାରୁ ଅଲଗା ହୋଇ ନୂତନ ଜିଲ୍ଲା ମାନ୍ୟତା ପାଇଥିଲା। ଇତିମଧ୍ୟରେ ୩୨ବର୍ଷ ବିତିଗଲାଣି, ହେଲେ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଓ କାର୍ଯ୍ୟାଳୟକୁ ସଲଗ୍ନ କରୁଥିବା ରାସ୍ତାର ଦୁରବସ୍ଥା ଆଜି ପର୍ଯ୍ୟନ୍ତ ସୁଧୁରି ପାରିଲାନାହିଁ। ଏହି ପଡ଼ିଆର ପୂର୍ବ ପାଶ୍ୱର୍ରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇଥିବାବେଳେ ମଞ୍ଚ ପଛରେ ଶୌଚାଳୟ ରହିଛି। ବର୍ଷ ତମାମ ବିଭିନ୍ନ ସରକାରୀ ଉତ୍ସବ ସହିତ ବେସରକାରୀ ଅନୁଷ୍ଠାନ ମଧ୍ୟ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଞ୍ଚରେ କରିଆସୁଛନ୍ତି।

ତେବେ ଜଗତସିଂହପୁର ମୁଖ୍ୟ ଡାକଘରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତା ଏବେ ଗାଁ ଗୋହରିଠାରୁ ଅଧିକ ଜରାଜୀର୍ଣ୍ଣ ହୋଇପଡିଛି। ଯଦ୍ଵାରା ପ୍ରତ୍ୟେକ କାର୍ଯ୍ୟ ଦିବସରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବାବେଳେ ରାସ୍ତା ଦୁରବସ୍ଥା ଯୋଗୁଁ ସମସ୍ୟା ଭୋଗ କରୁଛନ୍ତି। ଗତ ୨ ମାସ ମଧ୍ୟରେ ଜଗତସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ଦୁଇ ଦୁଇଥର ଏହି ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ପ୍ରାୟ ଏକମାସ ଧରି ପ୍ରତିଦିନ ବର୍ଷା ହେଉଥିବାରୁ ରାସ୍ତାରେ ପାଣି ଜମିରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆର ମୁଖ୍ୟ ଫାଟକ ପାଶ୍ୱର୍ରେ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି।

ଅନ୍ୟପକ୍ଷରେ ପଡ଼ିଆରୁ ଜଳ ନିଷ୍କାସନ ପାଇଁ ଉତ୍ତର ପାଶ୍ୱର୍ରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ନିୟମିତ ବ୍ୟବଧାନରେ ଏହି ଡ୍ରେନ୍ ସଫା ହେଉ ନ ଥିବାରୁ ସମ୍ପୂର୍ଣ୍ଣ ପୋତି ହୋଇପଡିଲାଣି। ଫଳରେ ପଡ଼ିଆର ଉଦ୍‌ବୃତ୍ତ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଜମା ହୋଇରହୁଛି। ଏପରିକି ଲଗାଣ ବର୍ଷା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଏକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳଶୂନ। ସାମଗ୍ରିକ ଭାବେ ଦେଖିବାକୁ ଗଲେ ପଡ଼ିଆ ସାରା ବାଲିମୟ ହୋଇଥିବାବେଳେ ଅନେକ ସ୍ଥାନରେ ଅନାବନା ଗଛ ଓ ଘାସମୟ ହୋଇ ରହିଛି। ଉକ୍ତ ପଡ଼ିଆ ଓ ରାସ୍ତାର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। କିନ୍ତୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଓ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ଭାଗ୍ୟ ସୁଧୁରିବା ପରିବର୍ତ୍ତେ ଅଧିକ ଖରାପ ହେଉଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

### ନାଉଗାଁ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ




ଜଗତସିଂହପୁର/ନାଉଗାଁ,୧୪।୭ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ଗୋଟିଏର ତ୍ୱରିତ ସମାଧାନ କରିଥିଲେ।

ଆଜି ଆୟୋଜିତ ଶିବିରରେ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୪ଟି, ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୫ଟି ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୪ଟି, ଆବାସ ଯୋଜନା ସମ୍ପର୍କିତ ୨୦ଟି, ଜମିଜମା ସମସ୍ୟା ସମ୍ପର୍କିତ ୨୪ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ୍ ସହାୟତା ପାଇଁ ୨ଟି ଓ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ଗୋଟିଏ ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଉଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ା, ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ଓଡ଼ିଶା ମେରିଟାଇମ୍ ଏକାଡେମୀ ରାସ୍ତା ଶୋଚନୀୟ



ପାରାଦୀପ,୧୪।୭ (ସମିସ): ପାରାଜୀପ ପୌରାଞ୍ଚଳ ଅଧୀନ ୧୩ ନମ୍ବର ୱାର୍ଡର ଭୀମଭୋଇ କଲୋନୀ ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ରାସ୍ତାରେ କୌଣସି ଷ୍ଟ୍ରିଟଲାଇଟ୍ ନ ଥିବାରୁ ସନ୍ଧ୍ୟା ପରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡିଛି। ଏହି ଭୀମଭୋଇ କଲୋନୀରେ ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ଶତାଧିକ ଶ୍ରମିକ ଓ କର୍ମଚାରୀ ପରିବାର ସହିତ ବନ୍ଦର ପ୍ରଦତ୍ତ କ୍ୱାଟରରେ ବସବାସ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ରହିଛି କେନ୍ଦ୍ର ସରକାରଙ୍କ ଅନୁମୋଦିତ ସାମୁଦ୍ରିକ ନୌବାଣିଜ୍ୟର ବ୍ୟବହୃତ ଜାହାଜରେ କାର୍ଯ୍ୟ କରୁଥିବା ନାବିକ ଓ ନୌ-କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ନିଯୁକ୍ତିଭିତ୍ତିକ ଶିକ୍ଷାନୁଷ୍ଠାନ ଓଡ଼ିଶା ମେରିଟାଇମ୍ ଏକାଡେମୀ। ଏହି ଏକାଡେମୀରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଛାତ୍ର ଅଧ୍ୟୟନ କରୁଛନ୍ତି। ବନ୍ଦର କର୍ତ୍ତୃପକ୍ଷ କିମ୍ବା ପୌରପାଳିକା ପକ୍ଷରୁ ଏହି ରାସ୍ତାର ମରାମତି ପାଇଁ କୌଣସି ଉଦ୍ୟମ ହୋଇନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ଛୋଟ ଛୋଟ ସ୍କୁଲ ପିଲା ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ପୌରପାଳିକା ପକ୍ଷରୁ ଷ୍ଟ୍ରିଟଲାଇଟ ବ୍ୟବସ୍ଥା ଥିଲେ ମଧ୍ୟ ଭୀମଭୋଇ କଲୋନୀରେ କୌଣସି ଲାଇଟ ବ୍ୟବସ୍ଥା ହୋଇନାହିଁ। ରାସ୍ତାର ଉଭୟ ପାଶ୍ୱର୍ ବଣ ଜଙ୍ଗଲ ଓ ନଦୀକୂଳ ଥିବାରୁ ରାତିରେ ସରୀସୃପ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କହିଛନ୍ତି। ଫଳରେ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବାକୁ ପଡୁଛି। ଏହି ରାସ୍ତାର ମରାମତି ଓ ଆଲୋକ ବ୍ୟବସ୍ଥା କରିବା ପାଇଁ କଲୋନୀ ବାସିନ୍ଦା ଦୁଃଶାସନ ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ ଓ ବିକ୍ରମ ଗୌଡ଼ ପ୍ରମୁଖ ଦାବି କରିଛନ୍ତି।

### ■ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବର ପ୍ରତିବାଦ

## ୧୭ ନମ୍ବର ୱାର୍ଡବାସୀ ଓ ପାରିଷଦଙ୍କ ଗଣଧାରଣା

ଜଗତସିଂହପୁର,୧୪।୭ (ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ୧୭ ନମ୍ବର ୱାର୍ଡ ପ୍ରତି ପୌର ପ୍ରଶାସନ ବୈମାତୃକ



ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ପାରିଷଦ ଦେବାଶିଷ ସ୍ୱାଇଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ କାର୍ଯ୍ୟ ସରିବାର ଦୀର୍ଘଦିନ ପରେ ମଧ୍ୟ ବିଲ୍ ପରିଶୋଧ କରାଯାଉ ନ ଥିବା ଶ୍ରୀ ସ୍ୱାଇଁ ଅଭିଯୋଗ ଉଠାଇଛନ୍ତି। ବାରମ୍ବାର କହିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ୩ ଦଫା ଦାବି ପୂରଣ ନେଇ ପାରିଷଦ ଶ୍ରୀ ସ୍ୱାଇଁଙ୍କ ସମେତ ୱାର୍ଡର ବାସିନ୍ଦା ଆଜି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ଧାରଣା ଚାଲିବା ପରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ବାହାରକୁ ଆସି ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ପରେ ପୌର ନିର୍ବାହୀ ଅଧିକାରୀଙ୍କ ସହିତ ପାରିଷଦ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉକ୍ତ ୩ ଦଫା ଦାବୀ ସଂପର୍କରେ ଆଲୋଚନା କରିଥିଲେ। ଆସନ୍ତା ୧୮ ତାରିଖରେ ପାରିଷଦଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ଓ ବନ୍ଦ ରହିଥିବା ଫେବର ବ୍ଲକ୍ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଘୋଷ ପୋଖରୀ କାର୍ଯ୍ୟର ବିଲ୍ ମଧ୍ୟ ଯଥାଶୀଘ୍ର ପରିଶୋଧ କରାଯିବା ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ପାରିଷଦ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି।

## ଗଇଠିପୁରରେ ଚାରାରୋପଣ



ବାଲିକୁଦା,୧୪।୭ (ସମିସ): ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ଗଇଠିପୁରର ପାନଲତା ରାମଚନ୍ଦ୍ର ମିଶନ ପକ୍ଷରୁ ବାଲିକୁଦା ବ୍ଲକର ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଷକଣା ଶିଶୁମନ୍ଦିର, ଈଶ୍ୱରପୁର ମଠ ପରିସରରେ ବିଭିନ୍ନ ପ୍ରକାର ଗଛ ଚାରା ରୋପଣ କରାଯାଇଥିବାବେଳେ ବାଲିକୁଦା ମହାବିଦ୍ୟାଳୟ, ପରାହାଟ ବିଦ୍ୟାଳୟ, ରାୟରପୁର, କଣିଆ, ନୂଆଗାଁ, ନାରଦିଆ ଆଦି ସ୍ଥାନରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ବିଶ୍ୱାଳ, ବୀରକିଶୋର ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ବିକାଶ ପ୍ରଧାନ, ସାନ୍ୟାସିନୀ ଅବଧୂତ ଆଚାର୍ଯ୍ୟା ପ୍ରମୁଖ ପ୍ରକୃତି ମା'ର ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ଫଳ ଚାରା ରୋପଣ କରିଥିଲେ। ଏପରିକି ବୃକ୍ଷ ରୋପଣ ପାଇଁ ଅଣ୍ଟା ଭିଡ଼ିଥିବା ଅଞ୍ଚଳର ଅନେକ ବ୍ୟକ୍ତି ବିଶେଷଙ୍କୁ ଚାରା ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା।

## 'ଡ୍ରଗ୍ସ ନିଶା ବିରୋଧରେ ଛାତ୍ରଛାତ୍ରୀଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର

ପାରାଦୀପ, ୧୪।୭ (ସମିସ): 'ଡ୍ରଗ୍ସ ନିଶା ବିରୋଧରେ ଛାତ୍ରଛାତ୍ରୀଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ପାରାଦୀପ ମହାବିଦ୍ୟାଳୟରେ ଆୟୋଜିତ ହୋଇଛି। ଏହାକୁ ମହାବିଦ୍ୟାଳୟର ଏନସିସି ଓ ଏନସିସି ଆଲମୁନି ଆସୋସିଏସନ୍ ମିଳିତ ଭାବେ ଆୟୋଜନ କରିଥିଲେ। ଯୁବପିଢିଙ୍କ ମଧ୍ୟରେ ଡ୍ରଗ୍ସ ନିଶା ସେବନର ପ୍ରଭାବ



ଉପରେ ସଚେତନତା ବୃଦ୍ଧି କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ମୁଖ୍ୟଅତିଥି ଭାବେ ଭାରତୀୟ ତଟରକ୍ଷୀ ବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ ଲୋଗେଶ୍ୱରନ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ଓ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର, ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଏସି ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଡ୍ରଗ୍ସ ନିଶା ସେବନ ବିରୋଧରେ ସାମୂହିକ ଦାୟିତ୍ୱ ନେବାର ଆବଶ୍ୟକତା ଉପରେ ଜୋର ଦେବା ସହ ଛାତ୍ରଛାତ୍ରୀଙ୍କୁ ଏକ ଡ୍ରଗ୍ସ ମୁକ୍ତ ଭବିଷ୍ୟତ ପାଇଁ ଆହ୍ୱାନ ଦେଇଥିଲେ। ଖରାପ ଓ ଭଲ ଅଭ୍ୟାସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ବକ୍ତା ଆଇନଜୀବୀ ଶ୍ରୀ ଶତପଥୀ ଡ୍ରଗ୍ସ ସେବନର ଆଇନଗତ ପରିଣାମ ସମ୍ପର୍କରେ ଆଲୋଚନା କରି କହିଥିଲେ, ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସମାଜ ପାଇଁ ଉପକାରୀ ହେବା ଉଚିତ। ଶେଷରେ ଏନସିସି ଆଲୁମୁନି ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ନିଶା ପାଇଁ ନା, ଜୀବନ ପାଇଁ ହଁ ମନ୍ତ୍ରକୁ ଅନୁସରଣ କରିବାକୁ ଅନୁରୋଧ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଡ୍ରଗ୍ସ ନିଶାର ଭୟାବହତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସେମିନାର ମାଧ୍ୟମରେ ପାରାଦୀପ ଏନସିସି ଆଲୁମୁନି ଆସୋସିଏସନ ଏକ ଉଦାହରଣ ସ୍ଥାପିତ କରିଛି ଯେ ସେମାନେ ଦେଶ ଓ ସମାଜ ପାଇଁ ସଦା ନିରନ୍ତର ଚେଷ୍ଟାରତ ଅଛନ୍ତି। ଯାହା ଏହି ପିଢ଼ିର ଯୁବକଙ୍କ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ।

## ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଇଁ ପ୍ରସ୍ତୁତି

ତିର୍ତ୍ତୋଲ,୧୪।୭ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଶାଗବାରିଆସ୍ଥ ଉତ୍କଳ ବିପନ୍ନ ସହାୟତା ସମିତି କାର୍ଯ୍ୟାଳୟରେ ଜିଲ୍ଲା ଧର୍ମ ଜାଗରଣ ସମିତି ସଂଯୋଜକ ପ୍ରଦୀପ ଲେଙ୍କାଙ୍କ ସଂଯୋଜନାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମହାରାଜଙ୍କ ବଳିଦାନ ଦିବସ ଆସନ୍ତା ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ କରାଯାଇଛି। ବିଭିନ୍ନ ଦିବସରେ ପ୍ରାତଃ ସମୟରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଜିଲ୍ଲାର ଅବସରପ୍ରାପ୍ତ ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ସହିତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା, ପାଲା ଗାୟକ ଓ ଗାୟିକା, ଘୋଡ଼ା ନାଚ, ଦାସକାଠିଆ, ଖଞ୍ଜଣି ବାଦ୍ୟକାର, ମାତୃଶକ୍ତି ସମ୍ମେଳନ, ଯୁବସକ୍ତି ସମ୍ମେଳନ, ଜିଲ୍ଲାର ପ୍ରମୁଖ ମନ୍ଦିର ପୂଜକ ସମ୍ମେଳନ, ସାଧୁସନ୍ଥ ସମ୍ମେଳନ ସହିତ ଜ୍ୟୋତିର୍ବିଦଙ୍କ ଏକତ୍ରିକରଣ ଓ ବିବିଧ ଧର୍ମସଭା ଓ ପ୍ରତ୍ୟେକ ସନ୍ଧ୍ୟାରେ ଲବ୍ଧ ପ୍ରତିଷ୍ଠିତ ପ୍ରବକ୍ତାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଥା ବାଚକ ବାବା ଦିବାକର ଦାସ ମହାରାଜ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ



ଧାରାବାହିକ ପ୍ରବଚନ ପ୍ରଦାନ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମିତି ପ୍ରଦେଶର ବରିଷ୍ଠ ପଦାଧିକାରୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଗୋସୁରକ୍ଷା ବାହିନୀ ସମେତ ବିଭିନ୍ନ ମଠର ମଠାଧିଶ ଯୋଗ ଦେବେ। ଏହି ପ୍ରସ୍ତୁତି ବୈଠକରେ ନିଧି ପ୍ରମୁଖ ରାଜକିଶୋର ସ୍ୱାଇଁ, ଆର୍ଯ୍ୟ ସମାଜର ରଞ୍ଜନ ସାମଲ, ଜିଲ୍ଲା ଜ୍ୟୋତିର୍ବିଦ୍ ପ୍ରମୁଖ ଅରୁଣ ପାଣି, ଜିଲ୍ଲା ସଂସ୍କୃତି ପ୍ରମୁଖ ରାମାୟଣି ପଣ୍ଡିତ ଅଭୟ ଦାଶ, ବ୍ୟବସ୍ଥା ପ୍ରମୁଖ ଦେବେନ୍ଦ୍ର ବିଶ୍ୱାଳ, ସହ ବ୍ୟବସ୍ଥା ପ୍ରମୁଖ ନିମାଇଁ ବିଶ୍ୱାଳ, ରବିନାରାୟଣ ମହାନ୍ତି, ଦିଲ୍ଲୀପ ପଣ୍ଡା, ଦିଲ୍ଲୀପ ସାହୁ, ରମାକାନ୍ତ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ଶରତ ତାରେଣିଆ ଯୋଗ ଦେଇଥିଲେ।

### ● ଶ୍ରାବଣର ପ୍ରଥମ ସୋମବାର

## ଗୋରେଖନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼

ରଘୁନାଥପୁର,୧୪।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କେରେକେରାସ୍ଥ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ଶ୍ରାବଣର ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାତ୍ର ୨ଟା ୩୦ ମିନିଟରେ ପହୁଡ଼ ଖୋଲିବା ପରେ କାଉଡିଆ ଧାଡ଼ିରେ ଆସି ପାଣି ଢାଳିଥିଲେ। ଶୃଙ୍ଖଳାର ସହ ଶ୍ରଦ୍ଧାଳୁ ପାଣି ଢାଳିବା ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହିତ କାଉଡିଆ ଜଳାଭିଷେକ କରି ପ୍ରଭୁଙ୍କ ଦର୍ଶନ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା।



# ରାଢ଼ଙ୍ଗ ମଦ ବିରୋଧୀ ମାତୃ ମଣ୍ଡଳୀର ସଂକଳ୍ପ ସମାବେଶ

ଜଗତସିଂହପୁର,୧୪।୭ (ସମିସ):




ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରାଢ଼ଙ୍ଗ ବଟ ପ୍ରାଙ୍ଗଣରେ ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ମଦମୁକ୍ତ ପଞ୍ଚାୟତ ଗଠନ ଲକ୍ଷ୍ୟ ନେଇ ରାଢ଼ଙ୍ଗ ମଦ ବିରୋଧୀ ମାତୃ ମଣ୍ଡଳୀ ପଞ୍ଚାୟତସ୍ତରୀୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଶିଷ୍ଟ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରି ମଦର ଭୟାବହତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିକଟ ଅତୀତରେ ମଦ ପିଇ ଏକାଧିକ ଯୁବକ ମୃତ୍ୟୁବରଣ କରିବା, ମଦ ପଞ୍ଚାୟତର ଯୁବକଙ୍କ ଭବିଷ୍ୟତ ନଷ୍ଟ କରୁଥିବା, ପଞ୍ଚାୟତ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା, ଅନ୍ୟାୟ, ଦୁର୍ନୀତି ବୃଦ୍ଧିରେ ସହାୟକ ହେବା, ମଦ ପାଇଁ ମହିଳାମାନେ ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ହେଉଥିବାରୁ ରାଢ଼ଙ୍ଗ ପଞ୍ଚାୟତରେ କେହି ମଦ ବିକ୍ରି ନ କରିବା ସହିତ ମଦପିଇ ରାସ୍ତାରେ ଅଶ୍ରାବ୍ୟ ଭାଷା ପ୍ରୟୋଗ ନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଢ଼ଙ୍ଗର ୧୦ କିଲୋମିଟର ପରିଧି ମଧ୍ୟରେ ଯଦି ଚୋରାମଦ ବିକ୍ରିକୁ ସରକାର ବନ୍ଦ ନ କରନ୍ତି, ତେବେ ରାଢ଼ଙ୍ଗ ମଦ ବିରୋଧୀ ମାତୃ ମଣ୍ଡଳୀ ଆଇନକୁ ହାତକୁ ନେବା ପାଇଁ ଆଜିର ସମାବେଶରେ ଉପସ୍ଥିତ ସମସ୍ତ ମହିଳା ସଂକଳ୍ପ ନେଇଥିଲେ।

ଗତ ୮ ତାରିଖରେ ଚୋରାମଦ ବିକ୍ରି ବନ୍ଦ କରିବା ସହିତ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ରାଢ଼ଙ୍ଗ ମଦ ବିରୋଧୀ ମାତୃ ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଚୋରାମଦ ବିକ୍ରି ବନ୍ଦ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ବନ୍ଦ ଡାକରା ଦେଇଛନ୍ତି ଯୁବ ନେତା ଶାରଦା ପ୍ରସାଦ ଜେନା। ଶିକ୍ଷାବିତ୍ ତରୁଣ କୁମାର ଜେନା କହିଥିଲେ, ଆମ ଅଞ୍ଚଳର ମଦ ପିଉଥିବା ବ୍ୟକ୍ତି ମଧ୍ୟ ଚୋରାମଦ ବନ୍ଦ ପାଇଁ ମତ ଦେଉଛନ୍ତି। ପ୍ରଶାନ୍ତ ଜେନା, ବିପିନ ପାଳ, ରାକେଶ ଜେନା, ସୁଧିରଞ୍ଜନ ବାରିକ, ବିନୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉଲ୍ଲାସ ପାଳ, ଲୋକନାଥ ସ୍ୱାଇଁ, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ମଦ ବିରୋଧୀ କାର୍ଯ୍ୟକ୍ରମରେ ଶାରୀରିକ, ଆର୍ଥିକ, ମାନସିକ ସହଯୋଗ ପ୍ରଦାନ କରିଥିବାବେଳେ ଆଜିର ମଦ ବିରୋଧୀ ସଂକଳ୍ପ ସଭାରେ ଆରତୀ ନାୟକ, ସୁଜାତା ବେହେରା, ନର୍ମଦା ନାୟକ, କାନ୍ତିବାଳା ପାଳ, ରୁନୁବାଳା ଖଟୁଆ, ପୁଷ୍ପଲତା ଜେନା, ସୁମିତ୍ରା ରାଉତ, ଶୋଭାରାଣୀ ରାଉତ, ସ୍ୱାଗତିକା ଲେଙ୍କା, ସ୍ମୃତିରେଖା ନାୟକ, ମଧୁସ୍ମିତା ରାଉତ, ରଞ୍ଜିତା ନାୟକ, ଶର୍ମିଷ୍ଠା ରାଉତ, ବୀଣାପାଣି ରାଉତ, ସାଗରିକା ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ



କାମାକ୍ଷାନଗର,୧୪।୭(ସମିସ): ଶ୍ରାବଣ ମାସର ପ୍ରଥମ ସୋମବାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ମହାଦେବଙ୍କ ଉପରେ ଜଳଲାଗି କରିଛନ୍ତି। ଏଥିଲାଗି ଶୈବପୀଠଗୁଡ଼ିକ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ଅଞ୍ଚଳର ପୁରାତନ ରାମେଶ୍ୱର ମନ୍ଦିରରେ ସକାଳୁ ଭକ୍ତଙ୍କ ଗହଳି ଲାଗିଥିଲା। ଏଠାରେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ଧାଡ଼ି ବ୍ୟବସ୍ଥା କରାଯିବା ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଶିବୁଲାପଶି ଶିବ ମନ୍ଦିର, ବିଜାଡିହ ଶିବ ମନ୍ଦିର, କେଦାରେଶ୍ୱର, କମେଶ୍ୱର, କାମାକ୍ଷାନଗର, କାଦୁଆ, ବଡ଼ସୋଆଳ, ହାଟୁଆରୀ କପିଳେଶ୍ୱର ଶିବ ମନ୍ଦିରରେ ଶତାଧିକ କାଉଡ଼ିଆ ଜଳଲାଗି କରିଥିଲେ।

### ଶ୍ରାବଣ ମାସ ପ୍ରଥମ ସୋମବାର

# କପିଳାସ ପୀଠରେ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି



ଢେଙ୍କାନାଳ/ଗଁଦିଆ,୧୪।୭(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁ ଜଳଲାଗି କରିବା ସହ ପ୍ରଭୁଙ୍କ ଦର୍ଶନ କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କାଉଡ଼ିଆମାନେ ଆସି ଜଳଲାଗି କରିଥିଲେ। ଶ୍ରାବଣ ପ୍ରଥମ ସୋମବାର ନିମନ୍ତେ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟ ତଥା ଜିଲ୍ଲାର ପ୍ରମୁଖ ଶୈବପୀଠ କପିଳାସସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କାଉଡ଼ିଆ ଆସି ଜଳାଭିଷେକ କରିଥିଲେ। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଦେବୋତ୍ତର ବିଭାଗ, ପ୍ରଶାସନ, ମନ୍ଦିର କମିଟି ଏବଂ ପୁଲିସ



ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଥିଲା। ପ୍ରାତଃ ସମୟରୁ ଠାକୁରଙ୍କ ସକାଳ ଧୂପ ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ କରାଯାଇଥିଲା। କାଉଡ଼ିଆଲମ୍ବା ଧାଡ଼ିରେ ଠିଆହୋଇ ବାବା ଚନ୍ଦ୍ରଶେଖରଙ୍କଠାରେ ଜଳଲାଗି କରିଥିଲେ।

ଗଁଦିଆ ଥାନାଧିକାରୀ ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହା ସହ ଜିଲ୍ଲାର ଦୌଡ଼େଶ୍ୱର, ପଶ୍ଚିମେଶ୍ୱର, ନାଗନାଥେଶ୍ୱର, ଉନ୍ନକୋଟିଶ୍ୱର, ଭୁବନର ବୁଦ୍ଧେଶ୍ୱର, ଓଡ଼ାପଡ଼ାର ଜୀବନଖୋଲ, ନାଧରାର ଗୋକନକେଶ୍ୱର, କମଳାଙ୍ଗର କମଳେଶ୍ୱର, ପରଜଙ୍ଗ ବ୍ଲକ କୁଆଳୋ ଶିବମନ୍ଦିର, କଙ୍କଡ଼ାହାଡ଼ ରାମେଶ୍ୱର ଶୈବ ପୀଠରେ କାଉଡ଼ିଆମାନେ ଜଳଲାଗି କରିଥିଲେ।

### ପ୍ରବଳ ବର୍ଷା

## କୀର୍ତ୍ତନପୁର ରାସ୍ତାରେ ୫ ଫୁଟ ପାଣି

● କାମାକ୍ଷାନଗର-ତେଲକୋଇ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ

ଢେଙ୍କାନାଳ,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲାରେ ଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼-ଗଡ଼ପଳାଶୁଣୀ ରାସ୍ତାର କୀର୍ତ୍ତନପୁରଠାରେ ରାସ୍ତାରେ ୫ ଫୁଟ ଉଚ୍ଚ ପାଣି ପ୍ରବାହିତ ହେଉଛି। ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କାମାକ୍ଷାନଗର-ତେଲକୋଇ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାରେ ଶହ ଶହ ଗାଡ଼ି ଅଟକି ରହିଛି।

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

● ରାସ୍ତାଘାଟ ଜନଶୂନ୍ୟ

ପରଜଙ୍ଗ,୧୪।୭(ସମିସ): ସମଗ୍ର ଅଞ୍ଚଳରେ କିଛିଦିନ ଜାରି ରହିଛି ବର୍ଷା। ଗତ ୨ ଦିନ ଧରି ଲଗାଣ ବର୍ଷା ହେଉଥିବା ବେଳେ ଏହାର ପ୍ରଭାବରେ ଗାଁଗହଳି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୁଆଡ଼େ ଦେଖିବ ଖାଲି ପାଣି କାଦୁଅରେ ପରିପୂର୍ଣ୍ଣ। ଏପରି ପରିସ୍ଥିତିରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାସ୍ତାଘାଟ ଖାଁ ଖାଁ ହୋଇ ପଡ଼ିଛି। ବସରେ କାଁ ଭାଁ ଯାତ୍ରୀ ଯାଉଥିବା ଦେଖିବାକୁ ମିଳିଛି। ଅତି ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ଘରୁ ବାହାରୁନାହାନ୍ତି। ଶ୍ରାବଣ ମାସ ପ୍ରଥମ ସୋମବାର ବୋଲବମ ଭକ୍ତଙ୍କଠାରୁ ଆରମ୍ଭ କରି ଅନ୍ୟ ଶ୍ରଦ୍ଧାଳୁମାନେ ଓଦା ସରସର ହୋଇ ଶୈବପୀଠକୁ ଯାଇ ଜଳାଭିଷେକ କରୁଛନ୍ତି। ବର୍ଷାରେ କୂଅ, ପୋଖରୀ, ନଦୀନାଳ ପାଣିରେ ଭର୍ତ୍ତି ହୋଇଗଲାଣି। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ବ୍ୟତୀତ ସାଧାରଣ ଲୋକଙ୍କୁ ପ୍ରାୟତଃ ଦେଖିବାକୁ ମିଳୁନାହିଁ।

## ଓଏଭି ସମ୍ମୁଖ ରାସ୍ତା ପାଣି କାଦୁଅରେ ବେହାଲ

ପରଜଙ୍ଗ,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଛକରୁ ଦୂରରେ ୫୩ନଂ ଜାତୀୟ ରାଜପଥ ପାର୍ଶ୍ୱକୁ ଲାଗି ରହିଛି ପରଜଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ତେବେ ଏହି ବିଦ୍ୟାଳୟ ସମ୍ମୁଖ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ କଡ଼ରେ ଥିବା ମାଟି ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ମରାମତି ଦିଗରେ ବିଭାଗୀୟ ଅଧିକାରୀ ପଦକ୍ଷେପ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ପାଣିରେ ବେହାଲ ହୋଇପଡୁଛି। ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁଁ ରାସ୍ତା ମରାମତି ହେଉ ନ ଥିବାରୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବାକୁ ଦାବି ହେଉଛି।



## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



କାମାକ୍ଷାନଗର,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଅପରାହ୍ନରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ରାମଧୁନ ପ୍ରଚାର କରାଯିବା ସହ ପୂର୍ବାହ୍ନ ସାଢ଼େ ୮ଟା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରକାରୀ ବେସରକାରୀ ଅନୁଷ୍ଠାନରେ ସକାଳ ସାଢ଼େ ୭ଟାରେ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୧୫ରେ ଉପଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଖଣ୍ଡସ୍ତରୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ପରେଡ୍‌ରେ ଭାଗନେବାକୁ ଆଗ୍ରହୀ ଥିବା ଦଳଗୁଡ଼ିକ ୧୧, ୧୨ ଓ ୧୩ ତାରିଖ ଅଭ୍ୟାସ ପରେଡ୍‌ରେ ଯୋଗଦେବାକୁ କୁହାଯାଇଛି। ଏଥିସହ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ତିନିଟି ବର୍ଗରେ ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କାର ପ୍ରଦାନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଛି। ବୈଠକ ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବିଡିଓ ପ୍ରଭୁକଲ୍ୟାଣ ଦାଶ, ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲ୍ଲାପାଳ କମଳା ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, କଳ୍ପନା କ୍ଲବ ଉପସଭାପତି ଅଯୋଧ୍ୟା ଶତପଥୀ, ସମାଜସେବୀ ସୁଶାନ୍ତ ପଟ୍ଟନାୟକ, ଜ୍ୟୋତିରଞ୍ଜନ ପାଢ଼ୀଙ୍କ ସମେତ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ପିଙ୍ଗୁଆ ଗ୍ରାମରେ ଝାଡ଼ାବାନ୍ତି; ୨୩ ଆକ୍ରାନ୍ତ

ଗଁଦିଆ,୧୪।୭(ସମିସ): ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତ ପିଙ୍ଗୁଆ ଗ୍ରାମ ୧ନଂ ୱାର୍ଡରେ ଗତ ୨ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଗ୍ରାମର ୨୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ ୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ଆକ୍ରାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୮ ଜଣ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଦୂଷିତ ପାଣି ବ୍ୟବହାର ଫଳରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି। ୱାର୍ଡ ବାସିନ୍ଦାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ନିହଳପ୍ରସାଦ ବିଜେପି ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସହାୟତାରେ ବ୍ଲକ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି।



## ଗଞ୍ଜେଇ ଜବତ; ୩ ଗିରଫ



ଢେଙ୍କାନାଳ,୧୪।୭(ସମିସ): ଟାଉନଥାନା ଅନ୍ତର୍ଗତ ଆନନ୍ଦନଗର ଅଞ୍ଚଳରୁ ଗଞ୍ଜେଇ ଜବତ କରାଯିବା ସହ ୩ ବ୍ୟବସାୟୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଏକ ଇଣ୍ଡିଗୋ କାରରେ ଅନୁଗୋଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। କାର୍ ଅଟକାଇ ଯାଞ୍ଚ କରିବାରେ ସେଥିରୁ ୨୪ କେଜି ଗଞ୍ଜେଇ ବାହାରିଥିଲା। ପୁଲିସ ଗଞ୍ଜେଇ ଜବତ କରିବା ସହ କାରରେ ଯାଉଥିବା ବ୍ୟବସାୟୀ ସିମିନଇ ଅଞ୍ଚଳର ପପୁନ ନାଏକ (୩୦), ବଳଦିଆବନ୍ଧର ରଶ୍ମିରଞ୍ଜନ ସାହୁ (୪୦) ଓ ଜୟଗୋପାଳସାହିର କାଳିଆ ନାଏକ (୨୬)ଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ହିନ୍ଦୋଳ,୧୪।୭(ସମିସ): ସାପ କାମୁଡ଼ାରେ ହିନ୍ଦୋଳ ଉପଖଣ୍ଡ ଗାଲପଡ଼ା ପଞ୍ଚାୟତ ଗାଲପଡ଼ା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁକୁଟା ଦଳେଇ। ସୋମବାର ସକାଳେ ସୁକୁଟା ଗାଁ ନିକଟ ପୋଖରୀରେ ଗାଧୋଇ ଘରକୁ ଫେରୁଥିବା ବେଳେ ଏକ କଳା ନାଗ ତାଙ୍କ ଗୋଡ଼କୁ ଚୋଟ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଅନୁଗୋଳ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସୁକୁଟା ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦେଉଳଝରୀ ଶୈବପୀଠରେ ଶତାଧିକ କାଉଡ଼ିଆଙ୍କ ଜଳଲାଗି



ଆଠମଲ୍ଲିକ,୧୪।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକସ୍ଥିତ ଦେଉଳଝରୀ ଶୈବପୀଠରେ ଶ୍ରାବଣ ମାସ ପ୍ରଥମ ସୋମବାର ଶତାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ଅନୁଗୋଳ ଜିଲ୍ଲା ଓ ସମେତ ପଡ଼ୋଶୀ ବୌଦ୍ଧ ଓ ସମ୍ବଲପୁର ଜିଲ୍ଲାରୁ କାଉଡ଼ିଆମାନେ ଆସି ବାବା ସିଦ୍ଧେଶ୍ୱରଙ୍କ ନିକଟରେ ଜଳଲାଗି କରିଥିଲେ। କାଉଡ଼ିଆଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାଉଡ଼ିଆମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଧାର୍ମିକ ପରିଚ୍ଛା ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସମେତ ସମସ୍ତ ପୂଜକଙ୍କ ସହଯୋଗରେ କାଉଡ଼ିଆମାନେ ଶାନ୍ତିଶୃଙ୍ଖଳାରେ ଜଳଲାଗି କରିଥିଲେ। ଜରୁରୀକାଳୀନ ସେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

● ଛେଲିଆ ଗ୍ରାମବାସୀଙ୍କ ଖଣିକାର୍ଯ୍ୟ ବନ୍ଦ ଆନ୍ଦୋଳନ

## କୋଇଲା ଉତ୍ତୋଳନ ଓ ପରିବହନ ୪ ଘଣ୍ଟା ଠପ୍



କଣିହାଁ,୧୪।୭(ସମିସ): କଣିହାଁ ଖୋଲାମୁହଁ କୋଇଲା ଖଣିସ୍ଥିତ ଜରଡ଼ା ମୁଖ୍ୟ ଫାଟକରେ ନିଯୁକ୍ତି ଓ ଥଇଥାନ ଦାବି ନେଇ ଛେଲିଆ ଜମିହରା ପ୍ରଜା ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଛେଲିଆ ଗ୍ରାମ୍ୟ କମିଟି ସଭାପତି ମାଗୁଣି ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସକାଳ ୯ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା। ଖଣି ପରିସର ଏନଟିପିସି ରେଲ୍ ସାଇଡିଂ, ଜେଆଇଟିପିଏଲ୍ ସାଇଡିଂ ଆଦି ୪ ଘଣ୍ଟା ବନ୍ଦ ରହିବା ସହ ଖଣି ଷ୍ଟକ୍ ୟାର୍ଡରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଖଣି ମହାପ୍ରବନ୍ଧକ ନରେଶ ସିଂ, ରାଜସ୍ୱ ଓ ଭୂଅର୍ଜନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ଜେନା ଓ ଭବାନୀ ଶଙ୍କର ସାହୁ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ସ୍ଥଗିତ ହୋଇଛି। ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଜମିହରା ପ୍ରଜାଙ୍କ ନିଯୁକ୍ତି ଓ ଥଇଥାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା, ପ୍ରତି ୧୫ ଦିନରେ ଉକ୍ତ କାର୍ଯ୍ୟ କେତେ ଅଗ୍ରଗତି ହେଲା ସେ ସମ୍ପର୍କରେ ସୂଚନା ଦେବା ପାଇଁ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରିଥିଲେ।

ବଡ଼ତ୍ରିବିଡ଼ା ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ ଆଲୋଚନାରେ ଉପସ୍ଥିତ ଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଫୁଲ୍ଲ ବେହେରା, ବାବୁଲି ପ୍ରଧାନ, ବିଜୟ କୁମାର ପ୍ରଧାନ, ଭୁବନ ସାହୁ, ସୁମନ୍ତ ସାହୁ, ଆକାଶ ସାହୁ, ଅନିରୁଦ୍ଧ ପ୍ରଧାନ ପ୍ରମୁଖ ୩୦ ଜମିହରା ପ୍ରଜା ଆନ୍ଦୋଳନରେ ସାମିଲ ଥିଲେ।

# ମଦ କାରବାର ବନ୍ଦ, ନିର୍ଯାତିତ ଛାତ୍ରୀଙ୍କୁ ନ୍ୟାୟ ପାଇଁ ଆପ୍‌ର ଦାବିପତ୍ର

ଢେଙ୍କାନାଳ,୧୪।୭(ସମିସ)

ଢେଙ୍କାନାଳ ଜିଲ୍ଲାରେ ବିଷାକ୍ତ ମଦ କାରବାର ବନ୍ଦ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ନିର୍ଯାତିତ ଛାତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। ଢେଙ୍କାନାଳ ଜିଲ୍ଲାରେ ଚୋରା ଓ ବିଷାକ୍ତ ନିଶା କାରବାର ଅବାଧରେ ଚାଲିଛି। ସରକାର ପ୍ରତ୍ୟେକ ଗାଁରେ ମଦ ବିକ୍ରି ପାଇଁ ଅର୍ଥ ବଦଳରେ ଲାଇସେନ୍ସ ଦେଉଛନ୍ତି। ସରକାର ମହୁଲି ଓ ହାଣ୍ଡିଆ ମଦ ତିଆରି କରିବାକୁ କହୁଥିବା ବେଳେ ମଦ ବ୍ୟବସାୟୀମାନେ ସେଥିରେ ବିଭିନ୍ନ ନିଶା ବଟିକା ବ୍ୟବହାର କରୁଥିବାରୁ ତାହା ବିଷାକ୍ତ ହୋଇଯାଉଛି। ଫଳରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମୃତ୍ୟୁବରଣ କରୁଛନ୍ତି। ମଦ ବେପାରୀମାନେ ଶାସକ ଦଳ ନେତା, ପୁଲିସ



ଓ ଅବକାରୀ ବିଭାଗ ଅଧିକାରୀଙ୍କୁ ମୋଟା ଅଙ୍କର ଚାନ୍ଦା ଦେଉଛନ୍ତି। ଗତ ମାସରେ ଜିଲ୍ଲା ଅବକାରୀ ଅଧିକାରୀ ଗୋଟିଏ ଲଫାପାରେ ଫାଇଲ ଭିତରେ ୩ ଲକ୍ଷ ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଯୋଗୁଁ ଅପମିଶ୍ରିତ ତଥା ନକଲି ମଦ କାରବାର ଅବାଧରେ ଚାଲିଛି। ଜିଲ୍ଲାରେ ଗତ ୭ ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକେ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ସାଧାରଣ ଔଷଧ ମିଳୁ ନାହିଁ। ଜିଲ୍ଲାରେ ସର୍ବାଧିକ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ବେଳେ ରୋଗୀ ଉପଯୁକ୍ତ ସେବା ନ ପାଇ ଅକଥନୀୟ କଷ୍ଟ ପାଉଛନ୍ତି। ଜିଲ୍ଲାରେ ଅବୈଧ ନିଶା କାରବାର ବନ୍ଦ, ବିଷାକ୍ତ ମଦ ବିଇ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ, ଚୋରାମଦ ବ୍ୟବସାୟୀଙ୍କୁ ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରିବା, ଯେଉଁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଲାଞ୍ଚ କାରବାରରେ ଲିପ୍ତ ରହି ଧରାପଡୁଛନ୍ତି ସେମାନଙ୍କୁ ଚାକିରିରୁ ବହିଷ୍କାର କରି ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରିବା, ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ଓ ନିର୍ଯାତିତ ହୋଇ ନ୍ୟାୟ ଅପେକ୍ଷାରେ ଥିବା ଅନ୍ୟ ଛାତ୍ରୀମାନଙ୍କୁ ତତ୍କାଳ ନ୍ୟାୟ ପ୍ରଦାନ କରିବାକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନା, ନଗର ସଭାପତି ଦେବାଶିଷ ନନ୍ଦ, ସଦର ବ୍ଲକ ଉପସଭାପତି ଜୟନ୍ତ ଦାସ, ସଦସ୍ୟ ପ୍ରସନ୍ନ ବରାଳ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡ଼ିକ ତୁରନ୍ତ ପୂରଣ କରା ନ ଗଲେ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବୁରୁବାହାଲରୁ ଶଗଡ଼ିପାଳ ନୂତନ ରାସ୍ତା ଧୋଇଗଲା

କଣିହାଁ,୧୪।୭(ସମିସ): କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ ବୁରୁବାହାଲ-ଶଗଡ଼ିପାଳ ନିର୍ମାଣାଧୀନ ଆର୍‌ଡି ରାସ୍ତା ଲଗାଣ ବର୍ଷାରେ ସୋମବାର ଧୋଇଯାଇଛି। ନିକଟସ୍ଥ ଶଗଡ଼ଲାଞ୍ଜି ପାହାଡ଼ରୁ ପ୍ରଖର ସ୍ରୋତରେ ବହି ଆସୁଥିବା ପାଣିରେ ରାସ୍ତା ଧୋଇଯାଇଛି। ୪ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଥିବା ବେଳେ ମାଟିକାମ ସରିଛି।



କଲଭର୍ଟ ବସିବା ପୂର୍ବରୁ ମାଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଏହି ରାସ୍ତା ଉପରେ ଶଗଡ଼ିପାଳ, ଲାଙ୍ଗୁଆବେଡ଼ା ଓ ବୁରୁବାହାଲ ଆଦି ତିନି ଗ୍ରାମର ୧୨୦ ପରିବାର ନିର୍ଭର କରୁଛନ୍ତି। ରାସ୍ତା ଧୋଇଯିବାରୁ ସେମାନଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ରାସ୍ତା କାମ ନିମ୍ନମାନର ହୋଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମ ଚାଲିଥିବା ବେଳେ ଆର୍‌ଡି ବିଭାଗର କୌଣସି ଅଧିକାରୀ ତଦାରଖ କରୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରାଙ୍କୁ ପଚାରିବାରୁ କହିଲେ, ରାସ୍ତା ଧୋଇଯାଇଥିବା ଖବର ମିଳିଛି। ଏ ସମ୍ପର୍କରେ ସେ ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନଙ୍କ ସହ କଥା ହୋଇଥିବା କହିଛନ୍ତି।

● ଆଇଟିବିପି ପରିସରରେ ଖୋଲିଲା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ

## ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଖୋର୍ଦ୍ଧା,୧୪।୭(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ସୋମବାର ତରତୁଆ ବିକ୍ରମନଗରସ୍ଥିତ ଭାରତ ତିବ୍ବତ ସୀମା ପୁଲିସ-୪୧ ବାଟାଲିୟନ ପରିସରରେ ବହୁ ଉପେକ୍ଷିତ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ୍ ଉଦ୍‌ଘାଟନ କରିବା ସହ ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ୍‌ର ଶିଳାନ୍ୟାସ କରିଛନ୍ତି। ପରିସରରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ଯେ ଆଇଟିବିପି କ୍ୟାମ୍ପସ୍ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ସ୍ୱପ୍ନ ପୂରଣ ହୋଇଛି। ୫ ଏକର ଜମିରେ ୩୦ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ହେବ। ସ୍ୱଳ୍ପ ଦିନ ମଧ୍ୟରେ ଏହି ଅସ୍ଥାୟୀ କ୍ୟାମ୍ପସ୍‌ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ନାମଲେଖା ଆରମ୍ଭ ହେବ। ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଆଇଟିବିପି କଲୋନୀ ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଗରିବ ପିଲା ମଧ୍ୟ ଉପକୃତ ହେବେ। ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବ। ଓଡ଼ିଶାରେ ଅନୁମୋଦିତ ନୂଆ ୮ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇଲେ ରାଜ୍ୟରେ ମୋଟ୍ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହୋଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ମାନିତ ଅତିଥିଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଥିଲେ। ଶେଷରେ ୪୧-ଆଇଟିବିପି ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ନୂତନ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଶୈକ୍ଷିକ ଆଲୋଚନା କରିଥିଲେ। ପରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଶିଳାନ୍ୟାସ ଭୂମିପୂଜନରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକଙ୍କ ସହ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭାରେ ଏସ୍‌ପି ସାଗରିକା ନାଥ, ଉପାୟୁକ୍ତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ଶାଖା, ଡ. ଶିହରଣ ବୋଷ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଶ୍ରାବଣ ପ୍ରଥମ ସୋମବାର

## ବିଭିନ୍ନ ଶୈବପୀଠରେ ଜଳାଭିଷେକ କଲେ କାଉଡ଼ିଆ



ଖୋର୍ଦ୍ଧା,୧୪।୭(ସମିସ)

ଶ୍ରବଣ ମାସ ସୋମବାରରେ ମହାଦେବଙ୍କ ପାଖରେ ଜଳଲାଗି କଲେ କୋଟି ଜନ୍ମର ପୁଣ୍ୟ ଅର୍ଜନ କରିବା ସହିତ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ସୋମବାର ହଜାର ହଜାର ସଂଖ୍ୟକ କାଉଡ଼ିଆ ଜିଲ୍ଲାର ବିଭିନ୍ନ ଶୈବ୍ୟପୀଠରେ ନିଷ୍ଠାର ସହିତ ଜଳଲାଗି କରିଥିବା ଦେଖାଯାଇଛି। ଶୁକ୍ରବାରଠାରୁ କଟକ ଜିଲ୍ଲା ମହାନଦୀର ଗଡ଼ଗଡ଼ିଆଠାରୁ ଆରମ୍ଭ କରି ଜିଲ୍ଲାର ତିରିମଲ୍ଲଠାରେ ଥିବା ଦୟା, ରାଜୁଆ ଓ ନୟାଗଡ଼ ଜିଲ୍ଲା କଣ୍ଟିଲୋ ମହାନଦୀଠାରୁ ବୋଲବମ୍ ଭକ୍ତମାନେ ଶୁଦ୍ଧପୁତ ସ୍ନାନ କରିବା ପରେ ଜଳ କଳସ ଉଠାଇ ଜିଲ୍ଲାର ବିଭିନ୍ନ ଶୈବପୀଠ ଅଭିମୁଖେ ଚାଲି ଚାଲି ଆସିଥିଲେ।

ଓଁ ନମଃ ଶିବାୟ, ଭୋଲାବାବା ପାର୍ କରେଗା... ଜଟିଆ ବାବା ପାର୍ କରେଗା, ହରହର ମହାଦେବ ପ୍ରମୁଖ ଶବ୍ଦରେ ରାସ୍ତାଘାଟ କମ୍ପିଥିଲା। ଅଟ୍ରିସ୍ଥିତ ବାବା ହଟକେଶ୍ୱରଙ୍କ ମନ୍ଦିରରେ ଭୋର୍ ୪ଟାରେ ପହଡ଼ ଖୋଲିବା ପରେ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ଚନ୍ଦନଲାଗି ହେବା ପରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ଏଥିନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ କାଉଡ଼ିଆମାନଙ୍କ ଜଳଲାଗି କରିବା ନିମନ୍ତେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ବେଗୁନିଆ ବ୍ଲକ୍ ଗୋଡ଼ା ଗ୍ରାମଠାରେ ଥିବା ବାବା ଗୋଡ଼ାଲୋକନାଥ ପୀଠରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହିତ ପଲ୍ଲାସ୍ଥିତ ବାବା ଲେକେଶ୍ୱର, ଟିଏଲ୍‌ସିଠାରେ ତାରେକେଶ୍ୱର, ବୁଢ଼ୀବଗିଚାସ୍ଥିତ ସ୍ୱପ୍ନେଶ୍ୱର, ଜଟଣୀସ୍ଥିତ ବୁଢ଼ାପଡ଼ା ସୋମନାଥ, ଖୋର୍ଦ୍ଧା ଉପକଣ୍ଠ ବାଜପୁରସ୍ଥିତ ହରିହରପୀଠ ଓ ବାବା ବାଲୁଙ୍କେଶ୍ୱର, ଜରିପୁଟସ୍ଥିତ ବାବା ବାଲୁଙ୍କେଶ୍ୱର ପ୍ରମୁଖ ଜିଲ୍ଲାର ସମସ୍ତ ଶୈବପୀଠରେ ହଜାର ହଜାର ପୁରୁଷ ଓ ମହିଳା କାଉଡ଼ିଆ ଜଳଲାଗି କରିଥିବା ଦେଖାଯାଇଛି। ଏହା ବ୍ୟତୀତ ଜିଲ୍ଲାର ଅଧିକାଂଶ ଭକ୍ତ ପୁରୀର ଲୋକନାଥ, କପିଳେଶ୍ୱରଙ୍କ ସମେତ ଅନ୍ୟ ଶୈବପୀଠରେ ମଧ୍ୟ ଜଳଲାଗି କରିଥିବା ଜଣାଯାଇଛି।

ବାଲୁଗାଁ: ଶ୍ରାବଣ ମାସର ପ୍ରଥମ ସୋମବାର ବାଲୁଗାଁ, ବାଣପୁର ଅଞ୍ଚଳର ଶୈବପୀଠରେ ବହୁ କାଉଡ଼ିଆ ଜଳାଭିଷେକ କରିଥିବା ଦେଖିବାକୁ ମିଳିଛି। ଏହି ପବିତ୍ର ଅବସରରେ ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ବହୁ ସଂଖ୍ୟକ କାଉଡ଼ିଆ ଜଳାଭିଷେକ କରିଛନ୍ତି। ମନ୍ଦିର ଟ୍ରଷ୍ଟ ପକ୍ଷରୁ କାଉଡ଼ିଆଙ୍କ ସହାୟତା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୋମବାର ଭୋର୍ ୪ଟାରୁ ଭକ୍ତମାନେ ଶ୍ରୀଉମାମହେଶ୍ୱର ଦେବଙ୍କୁ ଜଳଲାଗି କରିଥିଲେ।

ଏଥିସହ ଇଞ୍ଜନପୁରସ୍ଥିତ ବିଜେ ଶ୍ରୀରାମେଶ୍ୱର ଦେବଙ୍କ ପୀଠରେ ପରିଚାଳନା କମିଟି ପକ୍ଷରୁ ସଦସ୍ୟ କାଉଡ଼ିଆଙ୍କ ଜଳଲାଗି ନିମନ୍ତେ ସୁବନ୍ଦୋବସ୍ତ କରିଥିଲେ। ସେହିପରି ଧୂଆଁଳସ୍ଥିତ ଧବଳେଶ୍ୱର ଦେବଙ୍କ ପୀଠ, ମଠପୁରସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାଚୁଣୀସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ କାଉଡ଼ିଆଗଣ ଜଳାଭିଷେକ କରିଛନ୍ତି।



### ଶ୍ରୀରଙ୍କନାଥଦେବଙ୍କ ମନୋରମ ଶୁଭ୍ର ବେଶ

ବାଣପୁର,୧୪।୭(ସମିସ): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାରରେ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀରଙ୍କନାଥ ଦେବ ମନୋରମ ଶୁଭ୍ର ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ଦୈନନ୍ଦିନ ପରି ସୋମବାର ପ୍ରାତଃରୁ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଆଳତି ପରେ ଶ୍ରୀଜୀଉମାନଙ୍କୁ ଶୁଭ୍ର ବସ୍ତ୍ର ସହ ତୁଳସୀ ଓ ପୁଷ୍ପମାଲ୍ୟ ପରିଧାନ କରାଇ ସୁସଜ୍ଜିତ କରାଯାଇଛି। ପବିତ୍ର ଶ୍ରାବଣ ସୋମବାର ଶ୍ରୀରଙ୍କନାଥଦେବ ରତ୍ନସିଂହାସନରେ ମନୋରମ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିବାବେଳେ ଏହି ମନୋଲୋଭା ବେଶ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜୀଉମାନଙ୍କୁ ବେଶ କରିବା ସହ ନୀତିକାନ୍ତି କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାଶରଥି ସାହୁ, ସୋମନାଥ ହୋତା, ବାଳମୁକୁନ୍ଦ ଦାସ ପ୍ରମୁଖ ସୁପରିଚାଳନାରେ ସହଯୋଗ କରୁଛନ୍ତି।



### ସଡ଼କ ଦୁର୍ଘଟଣାରେ ମହିଳା କାଉଡ଼ିଆ ଗୁରୁତର

ବାଣପୁର,୧୪।୭(ସମିସ): ବାଣପୁର ଅଞ୍ଚଳର ଜନୈକ ମହିଳା କାଉଡ଼ିଆ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମହିଳା ଜଣକ ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗ୍ରାମର ସୁଜ୍ଞାନୀ ନାୟକ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସୁଜ୍ଞାନୀ ଶ୍ରାବଣ ମାସର ପ୍ରଥମ ସୋମବାର ମହାଦେବଙ୍କୁ ଜଳାଭିଷେକ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀରୁ ଜଳଭାର ଉଠାଇ ଆଣି ବାଲୁଗାଁ ଆସୁଥିଲେ। ଗଞ୍ଜାମ ଜିଲ୍ଲାର ଲଙ୍ଗଳେଶ୍ୱର ନିକଟରେ କୌଣସି ଏକ ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ସୁଜ୍ଞାନୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ତାଙ୍କ ଅବସ୍ଥା ଗୁରୁତର ରହିଛି। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଦେଇଥିବା ସୂଚନା ମିଳିଛି।

## ମାଆ କୋଳକୁ ଫେରିଲା ନିଖୋଜ ଶିଶୁକନ୍ୟା

ବାଲୁଗାଁ,୧୪।୭(ସମିସ): ବାଲୁଗାଁ ରେଳ ଷ୍ଟେସନରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଦୁଇ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରି ତା'ର ମା'କୁ ହସ୍ତାନ୍ତର କରିଛି ଖଲ୍ଲିକୋଟ ପୁଲିସ।

ସୂଚନା ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଉମାମହେଶ୍ୱର ମନ୍ଦିର ନିକଟରେ ବସବାସ କରୁଥିବା ସଙ୍ଗୀତା ପାରିମାଣିକ ଶନିବାର ଅପରାହ୍ଣରେ ତାଙ୍କ ଝିଅକୁ ବାଲୁଗାଁ ରେଳ ଷ୍ଟେସନର ୧ନଂ ପ୍ଲାଟ୍‌ଫର୍ମରେ ବସାଇ କୌଣସି କାମରେ ଷ୍ଟେସନ ବାହାରକୁ ଯାଇଥିଲେ। କିଛି ସମୟ ପରେ ଫେରି ଦେଖିଲା ବେଳକୁ ଝିଅକୁ ସେଠାରେ ନ ପାଇ ବହୁ ଖୋଜାଖୋଜି ପରେ ମଧ୍ୟ ଝିଅର କୌଣସି ସନ୍ଧାନ ମିଳି ନ ଥିଲା। ଏନେଇ ସଙ୍ଗୀତା ବାଲୁଗାଁ ରେଳବାଇ ଥାନାରେ ଏକ ଅଭିଯୋଗ କରିଥିବାବେଳେ ଉକ୍ତ ନିଖୋଜ ଶିଶୁକନ୍ୟା ଜଣକ ରବିବାର ସକାଳେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ୍‌ଗେଟ୍ ନିକଟରେ ବୁଲୁଥିବାର ଜଣେ ଦୋକାନୀ ଦେଖି ଏ ସମ୍ପର୍କରେ ଖଲ୍ଲିକୋଟ ପୁଲିସକୁ ସୂଚନା ଦେଇଥିଲେ। ତେବେ ଶିଶୁଟିକୁ ପୁଲିସ ନିଜ ହେପାଜତକୁ ନେଇଥିବାବେଳେ ତା'ର ପରିଚୟ ନ ପାଇ ଫଟୋକୁ ସବୁ ଥାନାକୁ ପଠାଇବା ସହ ଚାଇଲ୍ଡ ହେଲ୍ପ ଲାଇନ୍‌କୁ ଖବର ଦେଇଥିଲା। ଏ ସମ୍ପର୍କରେ ବାଲୁଗାଁ ରେଳବାଇ ପୁଲିସଠାରୁ ଖବର ପାଇ ମା' ଜଣକ ଖଲ୍ଲିକୋଟ ଥାନାରେ ପହଞ୍ଚିବା ପରେ ପରିଚୟ ପାଇ ପୁଲିସ ଝିଅକୁ ହସ୍ତାନ୍ତର କରିଥିଲା।



## ଧୋଇଗଲା କମାଗୁରୁ-ବାଲିଆଚତରା ଅସ୍ଥାୟୀ ପୋଲ ରାସ୍ତା

ନିରାକାରପୁର,୧୪।୭(ସମିସ): ଖୋର୍ଦ୍ଧା ଜିଲ୍ଲା ହଜ-ବଡ଼ପୋଖରୀଆ ପୂର୍ତ୍ତ ବିଭାଗ ରାସ୍ତାର କମାଗୁରୁ ନିକଟସ୍ଥ ବାଲିଆଚତରା ଅସ୍ଥାୟୀ ପୋଲ ରାସ୍ତା ପ୍ରବଳ ବର୍ଷାଜଳ ପ୍ରବାହରେ ସୋମବାର ଧୋଇଯାଇଛି। ତେବେ ଠିକାଦାରଙ୍କ ଉଦ୍ୟମରେ ପୁନର୍ବାର ଏହାର ମରାମତି କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ କି, ହଜଠାରୁ ବଡ଼ପୋଖରୀଆ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପାଇଁ କାର୍ଯ୍ୟ ଚାଲିଥିବାବେଳେ କମାଗୁରୁ ପୂର୍ବ ବାଲିଆଚତରା ପୋଲ ଭାଙ୍ଗିଯାଇ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ କରାଯାଉଛି। ଫଳରେ ଠିକାଦାର ଜଣକ ଉକ୍ତ ପୋଲ ନିକଟରେ ଯାତାୟାତ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ। କିନ୍ତୁ ରବିବାର ପ୍ରବଳ ବର୍ଷାରେ ଉକ୍ତ ରାସ୍ତା ଉପରେ ୪ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହୋଇଥିଲା। ଯାହାଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯାଇ କମାଗୁରୁ ରାସ୍ତାକୁ ବିଚ୍ଛିନ୍ନ କରିଦେଇଥିଲା। ଏହି ସମୟରେ ଜଣେ ନାବାଳକ ଯାଉଥିବାବେଳେ କିଛି ବାଟ ଭାସିଯିବାରୁ ଲୋକେ ତାକୁ ଉଦ୍ଧାର କରିଥିବା ଶୁଣିବାକୁ ମିଳୁଛି। ପରେ ଠିକାଦାର ଉକ୍ତ ରାସ୍ତାରେ ଦୁଇଟି ହୋମ୍ ପାଇପ୍ ଓ ମାଟି ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ପରେ ଲୋକେ ଯାତାୟାତ କରିଥିବା ଜଣାପଡ଼ିଛି।



### ବିସିଜେଡି ପକ୍ଷରୁ ଆଶୁ ଆରୋଗ୍ୟ କାମନା



ବେଗୁନିଆ,୧୪।୭(ସମିସ): ବେଗୁନିଆ ମହାବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ଚିକିତ୍ସାଧୀନ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆଶୁ ଆରୋଗ୍ୟ କାମନା କରି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମବେତ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ବନ ମହୋତ୍ସବ ଅବସରରେ ଚାରା ବଣ୍ଟନ

ଟାଙ୍ଗୀ,୧୪।୭(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୬ତମ ବନ ମହୋତ୍ସବ ପାଳନ ଅବସରରେ ଚାରା ବଣ୍ଟନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଟାଙ୍ଗୀ ବନ ବିଭାଗ ସୁନ୍ଦରପୁର ନର୍ସରୀରୁ ଅଁଳା, ଆତ, ଲେମ୍ବୁ, ଡାଳିମ୍ବ, ପିଜୁଳି ଇତ୍ୟାଦି ଚାରା ଆଣି ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହିତ ଶିଶୁ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ, ଜନପ୍ରତିନିଧି, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ପାଚିକା, ଗ୍ରାମବାସୀଙ୍କୁ ୩୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରି ବାଡ଼ି ବଗିଚାରେ ମା'ଙ୍କ ନାମରେ ଗଛଟିଏ ଲଗାଇ ତା'ର ଯତ୍ନନେବା ପାଇଁ କହିଥିଲେ। ଶ୍ରୀ ମହାପାତ୍ର ସ୍ୱରଚିତ କବିତାପାଠ କରିଥିଲେ। ଏହି ଅବସରରେ ଶପଥପାଠ କରାଯିବା ସହ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଇଥିଲା।



## ୫୦ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ବାଲୁଗାଁ,୧୪।୭(ସମିସ): ସମଗ୍ର ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ସୋମବାର ପୂର୍ବାହ୍ଣରେ ଚଢ଼ଉ କରି ବାଣପୁର ଥାନା ଅଧୀନ ବିଷ୍ଣୁଡିହ ଗ୍ରାମର ଭିକାରୀ ବେହେରା (୬୦) ଓ ନାଚୁଣୀ ଥାନା ଅଧୀନ ବଉଳାବନ୍ଧ ଗ୍ରାମର କାହ୍ନୁ ବେହେରା(୪୪)ଙ୍କୁ ଗିରଫ କରି ଦୁହିଁଙ୍କଠାରୁ ୪୦ଲିଟର ଦେଶୀ ରନ୍ଧା ମଦ ଓ ୧୦ ଲିଟର ଆସ୍କାଫର୍ଟି ମଦ ସମେତ ମୋଟ୍ ୫୦ ଲିଟର ମଦ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୮୪/୨୫ ଓ ୮୫/୨୫ରେ ଦୁଇଟି ପୃଥକ୍ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଚଢ଼ଉରେ ବାଲୁଗାଁ ଅବକାରୀ ଏସ୍‌ଆଇ ମୀନକେତନ ମାହାଲିକ, ସିପାହୀ ମନୋଜ କୁମାର ଜୟସିଂ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀ, ନିରଞ୍ଜନ ପରିଡ଼ା, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



### ବାଇକ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଖୋର୍ଦ୍ଧା,୧୪।୭(ସମିସ): ୧୬ନଂ ଜାତୀୟ ରାଜପଥର ମୁକୁନ୍ଦପ୍ରସାଦ-ଜଟଣୀ ଓଭରବ୍ରିଜ୍ ନିକଟ ପିତାପଲ୍ଲୀ ରାସ୍ତାରେ ବାଇକ୍ ଏବଂ ମିକ୍ସଚର ମେସିନ୍ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପିତାପଲ୍ଲୀ ଗ୍ରାମର ଗୁଣ୍ଡ ସେନାପତି (୪୦)। ସୂଚନାଯୋଗ୍ୟ, ଗୁଣ୍ଡ ରାଜମିସ୍ତ୍ରି କାମ କରନ୍ତି। ସେ ସୋମବାର ଅପରାହ୍ଣ ସମୟରେ କାମସାରି ଘରକୁ ବାଇକ୍ ଯୋଗେ ଫେରୁଥିଲେ। ମୁକୁନ୍ଦପ୍ରସାଦ-ଜଟଣୀ ଓଭରବ୍ରିଜ୍ ନିକଟ ପିତାପଲ୍ଲୀ ରାସ୍ତାରେ ଅପରପାର୍ଶ୍ୱରୁ ଆସୁଥିବା ଏକ ମିକ୍ସଚର ମେସିନ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟଲୋକ ଏବଂ ପୁଲିସ ଗୁଣ୍ଡଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଳ୍ପାଞ୍ଚଳ ପୁଲିସ ଉଭୟ ଟ୍ରକ୍ ଓ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଥିବାବେଳେ ରିପୋର୍ଟ ଲେଖାହେବା ଯାଏଁ ଥାନାରେ ଅଭିଯୋଗ ହୋଇ ନ ଥିବା ପୁଲିସ ପ୍ରକାଶ କରିଛି।

ଆର୍‌ଆଇ ଅଫିସ୍ ଗୃହ ନିର୍ମାଣକୁ ନେଇ ତହସିଲ୍ କାର୍ଯ୍ୟାଳୟରେ ରଥିପୁର ମୌଜାବାସୀ

# ପ୍ରଶାସନ ହସ୍ତକ୍ଷେପ ନ କଲେ ଆଗକୁ ବିବାଦ ବଢ଼ିବ

ଜଟଣୀ,୧୪।୭(ସମିସ)

ଜଟଣୀ ବ୍ଲକ୍ ଅନ୍ତର୍ଗତ ରଥିପୁରରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ବିବାଦ ବଢ଼ି ଚାଲିଛି। ଗୋଟିଏପଟେ କୁଦିଆରୀ ଅଞ୍ଚଳବାସୀ କୁଦିଆରୀ ଆର୍‌ଆଇ ଅଫିସ୍ କୁଦିଆରୀଠାରେ ନିର୍ମାଣ କରିବାକୁ ଦାବି କରି ଆସୁଥିବାବେଳେ ରଥିପୁର ଅଞ୍ଚଳବାସୀ ମଧ୍ୟ ଆଗକୁ ଆସିଛନ୍ତି। ରଥିପୁରରେ କାର୍ଯ୍ୟାଳୟ ନିର୍ମାଣ ହେଉଛି, ଏଠାରେ ଲୋକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ଥିବାରୁ ଆର୍‌ଆଇ ଅଫିସ୍ ଅନ୍ୟତ୍ର ସ୍ଥାନାନ୍ତରିତ ହେଲେ ଘୋର୍ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ମୌଜାର କିଛି ଗ୍ରାମବାସୀ ସୋମବାର ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ତହସିଲ୍‌ଦାରଙ୍କୁ ଭେଟିଛନ୍ତି।

ସେମାନେ ଦାବି କରିଛନ୍ତି ଯେ ରଥିପୁରରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ଗୃହ ନିର୍ମାଣ ପୂର୍ବରୁ ଜଟଣୀ ଆର୍‌ଆଇ ଅଫିସ୍‌ରେ କାର୍ଯ୍ୟ ଚାଲିଥିଲା। କୁଦିଆରୀଠାରେ ନିଜ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ବହୁଦିନ ଧରି ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ପାରିଲା ନାହିଁ ଓ କୁଦିଆରୀ ଗ୍ରାମବାସୀ ଗଠନମୂଳକ ସହଯୋଗ କଲେ ନାହିଁ। ତେଣୁ ପରିଶେଷରେ ସରକାର କୁଦିଆରୀ ମୌଜାକୁ ଲାଗି ରହିଥିବା ରଥିପୁର ମୌଜାରେ ଏକ ଉପଯୁକ୍ତ ସ୍ଥାନ ନିରୂପଣ କରି ଅଫିସ୍ ଗୃହ ନିର୍ମାଣ ଆଗେଇ ନେଲେ। କିଛି କାର୍ଯ୍ୟ ହୋଇଗଲା ପରେ ଠିକାଦାରଙ୍କୁ ପ୍ରଥମ କିସ୍ତି ବିଲ୍ ଦିଆସରିଛି। ତେବେ ଗଣମାଧ୍ୟମରୁ ଜାଣିବାକୁ ପାଇଲୁ ଯେ, କୁଦିଆରୀ ଗ୍ରାମର କିଛି ସଂଗଠନ ରଥିପୁର ପରିବର୍ତ୍ତେ କୁଦିଆରୀଠାରେ ଆର୍‌ଆଇ ଅଫିସ୍ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଜଣାଇଛନ୍ତି ଯେ, ରଥିପୁର ମୌଜାରେ ସରକାରଙ୍କ ଦ୍ୱାରା ନିରୂପିତ ସ୍ଥାନ ଏକ ଉପଯୁକ୍ତ ସ୍ଥାନ। ଏଠାରେ ଗମନାଗମନ, ବିଜୁଳି, ପାଣି ଏବଂ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ରହିଛି। ଏଠାରେ ଅଫିସ୍ ହେଲେ ଏହି ମୌଜା ଅଧୀନରେ ୧୧ଟି ଗ୍ରାମ ରହିଛି। ଯାହାକି ରଥିପୁର, କୁଦିଆରୀ, କନ୍ତିଆ, ତୁରତିଆପଡ଼ା, ନିରଞ୍ଜନପୁର, ବୁଢ଼ାପଡ଼ା, ପଞ୍ଚୁପଲ୍ଲୀ, ବାଇରଙ୍ଗ, ବେରୁଆଁ, ବ୍ରହ୍ମକୁଣ୍ଡଳ, ସାନ ନୂଆଗାଁ ଗ୍ରାମବାସୀ ସୁବିଧାରେ ଉପକୃତ ହେବେ। ଏହା ସମସ୍ତ ଗ୍ରାମ ପାଇଁ ମଧ୍ୟସ୍ଥଳ ଏବଂ ସୁଗମ ଅଟେ। ଏପରିକି ନୂତନ ନିର୍ମିତ ଆର୍‌ଆଇ ଅଫିସ୍ କୁଦିଆରୀ ସୀମା ସଂଲଗ୍ନ ଅଟେ। ତେଣୁ ଆର୍‌ଆଇ ଅଫିସ୍ ନିର୍ମାଣ କାମ ସମ୍ପୂର୍ଣ୍ଣ ହେଲେ ସମସ୍ତେ ସୁବିଧା ପାଇବେ ବୋଲି ଦାବି କରିଛନ୍ତି। ଅନ୍ୟପଟେ ରଥିପୁରଠାରେ ନିର୍ମାଣ ହେଉଥିବା ଆର୍‌ଆଇ କାର୍ଯ୍ୟାଳୟର ନିର୍ମାଣକୁ ବନ୍ଦ କରିବା ପାଇଁ ଗତ ୯ ତାରିଖରେ ତହସିଲ୍‌ଦାର ଆର୍‌ଡି ବିଭାଗକୁ ଚିଠି ଲେଖିଥିଲେ। ହେଲେ ତହସିଲ୍‌ଦାରଙ୍କ ଚିଠିକୁ ଉକ୍ତ ଠିକାଦାର ବେଖାତିର୍ କରି ଗୃହ ନିର୍ମାଣ କାମ ଚଳାଇ ଆସିଥିଲେ। ଘୋର୍ ବିରୋଧ ପରେ ଗତ ଦୁଇ ଦିନ ପୂର୍ବେ କାମ ବନ୍ଦ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ରଥିପୁର ଓ କୁଦିଆରୀ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ତେଣୁ ପ୍ରଶାସନ ଏହି ଦିଗ ଉପରେ ସମ୍ପୂର୍ଣ୍ଣ ହସ୍ତକ୍ଷେପ ନ କଲେ ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ଆଶଙ୍କା କରାଯାଉଛି।



## ଶିବାଜିତ୍ ଓ ସତ୍ୟଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର



ବେଗୁନିଆ,୧୪।୭(ସମିସ): ବୃକ୍ଷରୋପଣ, ପରିବେଶ ସଚେତନତା ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ଦେଇଥିବା ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ବିଧାୟକ ନବ କିଶୋର ମଲ୍ଲିକ, ଏସ୍‌ପି ସାଗରିକା ନାଥ, ଜିଲ୍ଲା କାର୍ଯ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ବନଖଣ୍ଡ ଅଧିକାରୀ ଗଜାନନ ଦୟାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ଦ୍ୱାରା ଏକ ସବୁଜବନାନୀ ସୃଷ୍ଟି ହୋଇ ସନ୍ତୁଳିତ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଚରା ଗ୍ରାମର ଶିବାଜିତ୍ ମହାନ୍ତି ଓ ବୋଲଗଡ଼ ବ୍ଲକ୍‌ର ସାମ୍ବାଦିକ ସତ୍ୟ ନାରାୟଣ ବାରିକଙ୍କୁ ଚଳିତ ବର୍ଷ ପାଇଁ "ପ୍ରକୃତି ବନ୍ଧୁ ପୁରସ୍କାର' ପ୍ରଦାନ କରାଯାଇଛି।

## ସାର ଅଭାବକୁ ନେଇ ତାତିଲେ ଚାଷୀ

# କଳାବଜାରରେ ମିଳୁଛି; ପାକ୍ସରେ ନାହିଁ

**ସମ୍ବଲପୁର, ୧୪।୭ (ସମିସ)**

ସମ୍ବଲପୁର ଜିଲ୍ଲାର ସଦର ଉପଖଣ୍ଡ ସହ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଖରିଫ୍ ଧାନ ଚାଷ ଆରମ୍ଭ ହୋଇଥିବାବେଳେ ଡିଏପି ସାର ମିଳୁନାହିଁ। ଏହି ସାର ସଠିକ୍ ମୂଲ୍ୟରେ ପ୍ୟାକ୍ସ / ଲ୍ୟାମ୍ପସ୍ ମାନଙ୍କରେ ଉପଲବ୍ଧ ହେବା କଥା। କିନ୍ତୁ



କୃଷି ବିଭାଗର ଅବହେଳା ଯୋଗୁଁ ଚାଷୀ ବିତରକ ମାନଙ୍କଠାରୁ ଦୁଇ ଶହରୁ ପାଞ୍ଚ ଶହ ଟଙ୍କା ଅଧିକ ମୂଲ୍ୟ ଦେଇ କଳାବଜାରରେ କିଣୁଛି। କୃଷି ବିଭାଗର ନିଦ ଭାଙ୍ଗିନାହିଁ। ଆଜି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସଭାପତି ଉମେଶ ଚନ୍ଦ୍ର ମିଶ୍ର ଓ ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଯାଇ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଘେରାଉ କରିଥିଲେ। କୃଷି ବିଭାଗ ମାର୍କଫେଡ୍‌କୁ ଦେଉଥିବାବେଳେ କେମିତି ସାର ଚାଷୀକୁ ପାକ୍ସ ମାନଙ୍କରେ ମିଳୁନାହିଁ ବୋଲି ପ୍ରଶ୍ନ କରିଥିଲେ। ବେସରକାରୀ ବିତରକ ମାନେ ସାରକୁ ଅଧିକ ଦରରେ ବିକ୍ରୟ କରୁଥିବାବେଳେ ତାହା ସହିତ ଭିଟାମିନ୍ ବା ନାନୋ ଲଦାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏବେ ଚାଷ ଆରମ୍ଭ କରିବା ସମୟରେ ଚାଷୀମାନେ ଘେରାଉ କଲେ ଯାଇ କୃଷି ବିଭାଗ ଚେତୁଛି ବୋଲି କହିବାସହ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଣି ଯେତେବେଳେ ଆସିଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତାଙ୍କ ଆସନରେ ନଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ଜେନା ଜମନକିରାକୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସକାଶେ ଯାଇଥିବାବେଳେ ସେ ଫେରିଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକସ୍ତରୀୟ କୃଷି ଅଧିକାରୀ ଓ ଅନ୍ୟମାନଙ୍କୁ ନେଇ ଚଢ଼ଉ କରାଯିବ ବୋଲି ଡିଏଓ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

ଖରିଫ୍ ଧାନ ଚାଷ ସକାଶେ ଚାଷୀମାନେ ପହ୍ଲା ବା ତଳି ପକାଇବା ସହ ରୋଇବା ଆରମ୍ଭ କଲେଣି। ଧାନ ରୋଇବା ସକାଶେ କ୍ଷେତରେ ହଳ ଓ ସମତୁଲ କରି କାଦୁଅ କରାଯିବା ସମୟରେ ଡିଏପି ସାର ଦିଆଯାଇଥାଏ। ଗ୍ରୋମୋର, ୟୁରିଆ ଭଳି କମ୍ପ୍ଲେକ୍ସ ସାର ଦରକାର ପଡ଼େ। ପ୍ରଥମ ପର୍ଯ୍ୟାୟରେ ସେହି ସାର ଆବଶ୍ୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଚାଷୀ ପହ୍ଲା ପକାଇବାସହ ରୋଇବା ପୂର୍ବରୁ କ୍ଷେତକୁ ପ୍ରସ୍ତୁତ କରିବା ସମୟରେ କାଦୁଅସାର ବା ଡିଏପି ପକାଇଥାଏ। ଏହା ଏକର ପିଛା ଗୋଟିଏ ବସ୍ତା ଆବଶ୍ୟକ ପଡ଼େ। କିନ୍ତୁ ସମ୍ବଲପୁର ଜିଲ୍ଲାରେ କୃଷି ବିଭାଗର ଅବହେଳା ଯୋଗୁଁ ପାକ୍ସ / ଲ୍ୟାମ୍ପସ୍‌ମାନଙ୍କରେ ସାର ମିଳୁନାହିଁ। ଚାଷୀମାନେ ବାଧ୍ୟ ହୋଇ କଳାବଜାରରେ ୨ରୁ ୫ ଶହ ଟଙ୍କା ଅଧିକ ଦେଇ ସାର କିଣୁଛନ୍ତି। ପୁଣି ସେହି ସାର ନେବାକୁ ହେଲେ ଗୋଟିଏ ଲଦାସାମଗ୍ରୀ ଭିଟାମିନ୍ କିମ୍ବା ନାନୋ ସାର ନେବାକୁ ପଡୁଛି। ସରକାରୀ ଭାବେ ପାକ୍ସ / ଲ୍ୟାମ୍ପସ୍‌ରେ ଚାଷୀକୁ ସାର ମିଳୁନଥିବାବେଳେ ଖୋଲାଖୋଲି ଭାବେ କଳାବଜାର ହେଉଛି। କଳାବଜାରୀ କରି ବେସରକାରୀ ବିତରକ ଚଢ଼ାଦରରେ ସାର ବିକ୍ରୟ କରୁଥିବା ବେଳେ କୃଷି ବିଭାଗ ପକ୍ଷରୁ ପଦକ୍ଷେପ 'ଶୂନ' ରହିଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ମଙ୍ଗଳବାର ଚାଷୀ ଯେଉଁ ଦୋକାନକୁ ଗଲେ ବି ତାକୁ ସାର ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ମିଳିବା କଥା। ନଚେତ୍ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ବିପିନ ଭୋଇ, ସନ୍ତୋଷ ଭୋଇ, ତରଣୀ ଭୋଇ, ଜୟନାରାୟଣ ପୃଷେଠ୍ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

**୫ ଶହ ଅଧିକରେ ମିଳୁଛି ଡିଏପି**
**ସାର ସହ ଭିଟାମିନ୍ ଲଦାଯାଉଛି**
**କଳାବଜାରୀଙ୍କ ଉପରେ ଅଙ୍କୁଶ ନାହିଁ**
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଘେରିଲେ**

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା କହିଛନ୍ତି, ଜିଲ୍ଲାରେ ଯଥେଷ୍ଟ ପରମାଣର ସାର ଉପଲବ୍ଧ ରହିଛି। ସମବାୟ ସମିତି ଗୁଡ଼ିକ ଋଣ ନେଇଥିବା ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସାର ଯୋଗାଇ ଦେଉଥିବାରୁ କେଉଁଠି ପାକ୍ସ ବା ଲ୍ୟାମ୍ପସ୍‌ରେ ସାର ନଥିବ। ଏନେଇ ତଦାରଖ କରାଯିବ। ସାର କଳାବଜାରୀ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ, ଏଏଓ ଓ ସାର ନିରୀକ୍ଷକଙ୍କ ଦ୍ୱାରା ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟକ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାରୀ ଘଟଣାର ତଦନ୍ତ କରି ସେହି ବେସରକାରୀ ବିତରକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।

### ପହଞ୍ଚିନି ଆବଶ୍ୟକ ପରିମାଣର ସାର

ଜିଲ୍ଲା କୃଷି ବିଭାଗର ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ପାଇଁ ଚଳିତବର୍ଷ ଖରିଫ୍ ଧାନ ଚାଷ ସକାଶେ ୟୁରିଆ ୨୪୦୦୦ମେଟ୍ରିକ ଟନ୍, ଡିଏପି ୧୧୦୦୦ ମେଟ୍ରିକ ଟନ୍, ଏମ୍‌ଓପି ୨୫୦୦ ମେଟ୍ରିକ ଟନ୍ ଏବଂ ନ୍ୟୁରୋଟା ପଟାସ ୧୨୫୦୦ ମେଟ୍ରିକ ଟନ୍ ସକାଶେ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୩୨୧୩ ୟୁନିଟ୍ ୟୁରିଆ, ୫୨୭୯ ମେଟ୍ରିକ ଟନ୍ ଡିଏପି, ୧୬୯୨ ମେଟ୍ରିକ ଟନ୍ ଏମ୍‌ଓପି ଓ ୭୬୩୬ ମେଟ୍ରିକ ଟନ୍ ଏନ୍‌ପିକେଏସ୍ ଆସିଛି। ଏହି ସାର ଗୁଡ଼ିକ ମାର୍କଫେଡ୍ ଜରିଆରେ ସମବାୟ ସମିତିକୁ ଦିଆଯାଇଥାଏ। ତେବେ, ଚାଷୀମାନେ ଧାନଚାଷ ଆରମ୍ଭରେ ଆବଶ୍ୟକ କରୁଥିବା ସାର ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ଜିଲ୍ଲାରେ ପହଞ୍ଚିନଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ନିଖୋଜ ନାବାଳିକା ଉଦ୍ଧାର, ପରିବାରକୁ ହସ୍ତାନ୍ତର

**ସମ୍ବଲପୁର, ୧୪।୭ (ସମିସ):** ସମ୍ବଲପୁର ମହାନଗର ନିଗମ ବୁର୍ଲା ଥାନା ଅଞ୍ଚଳର ନିଖୋଜ ଥିବା ଦୁଇଜଣ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରି ସୋମବାର ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଗତ ୯ ତାରିଖ ବୁର୍ଲା ଥାନାରେ ଯୁକ୍ତ-୨ ପଢୁଥିବା ୧୬ ବର୍ଷ ବୟସ୍କା ଏବଂ ଷଷ୍ଠ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକା ନିଖୋଜ ହୋଇଯାଇଥିବା ନେଇ ବୁର୍ଲା ଥାନାରେ ଏତଲା ଦିଆଯାଇଥିଲା। ଏହାପରେ ପୁଲିସ ପକ୍ଷରୁ ସମସ୍ତ ଥାନାକୁ ବାର୍ତ୍ତା ପ୍ରେରଣ କରାଯାଇଥିଲା। ରେଳବାଇ ପୁଲିସକୁ ମଧ୍ୟ ବାର୍ତ୍ତା ଦିଆଯାଇଥିଲା। ଆର୍‌ପିଏଫ୍ ସତର୍କ ହୋଇ ଦୁଇ ନାବାଳିକାଙ୍କୁ କାନପୁରରୁ ଉଦ୍ଧାର କରାଯାଇଥିଲା। ବୁର୍ଲା ପୁଲିସ ଯାଇ ସେଠାରୁ ସେମାନଙ୍କୁ ଆଜି ସମ୍ବଲପୁରକୁ ଆଣି ଶିଶୁ କଲ୍ୟାଣ ସମିତିଠାରେ ଉପସ୍ଥାପନ କରିଥିଲେ। ଶିଶୁ କଲ୍ୟାଣି ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଓ ସଭ୍ୟମାନଙ୍କ ଉପସ୍ଥିତିରେ ପଚରାଉଚୁରା ଏବଂ ଆବଶ୍ୟକ ପଦକ୍ଷେପ ନେବାପରେ ଉଭୟ ନାବାଳିକାଙ୍କୁ ସେମାନଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ବଜ୍ରପାତରୁ ଅଳ୍ପକେ ବର୍ତ୍ତିଲେ ପରିବାର

**ଜମନକିରା, ୧୪।୭ (ସମିସ):** ଆଜି ଦିନ ପ୍ରାୟ ୧୨ଟାରେ ପ୍ରବଳ ବର୍ଷା ସହ ପ୍ରବଳ ଘଡଘଡି ବେଳେ କଟଙ୍ଗପାଣି ଗ୍ରାମରେ ବ୍ରଜପାତରୁ ଅଳ୍ପକେ ବର୍ତ୍ତିଲେ ପରିବାର ୫ ସଦସ୍ୟ। ଘରର ଆଜବେଷ୍ଟସ ଭାଙ୍ଗିରୁଜି ଯିବାସହ ଘର ପଛପଟେ ଥିବା ଏକ ଶାଗୁଆନ ଗଛ ବି ବ୍ରଜପାତରେ ଚିରି ହୋଇଯାଇଛି। ପ୍ରକାଶଥାଉକି, କଟଙ୍ଗପାଣି ଗ୍ରାମର ନାଥ ବାଘ ପରିବାର ୫ଜଣ ସଦସ୍ୟ ବର୍ଷା ଓ ଘଡଘଡିରେ ଘର ଭିତରେ ଥିବା ବାରଣ୍ଡାରେ ଖଟ ଉପରେ ଶୋଇଥିଲେ। ବ୍ରଜପାତ ଏତେ ଜୋର୍ ଥିଲା ଯେ ଘରର ଏକ ଆଜବେଷ୍ଟସ ଛୋଟ ଛୋଟ ଖଣ୍ଡ ଓ ଗୁଣ୍ଡ ହୋଇଯାଇଥିଲା। ଘରେ ପଦ୍ମିନୀ ବାଘ, ସତ୍ୟ ବାଘ, ଶ୍ରୁତି ବାଘ (୬ବର୍ଷ), ସଚିନ ବାଘ (୪ବର୍ଷ) ପ୍ରମୁଖ ଥିଲେ। ଗତବର୍ଷ ମଧ୍ୟ ଏକ ଶାଗୁଆନ ଗଛ ବଜ୍ରପାତରେ ଜଳି ଯାଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ହୀରାକୁଦ, ୧୪।୭ (ସମିସ):** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ପରିଚାଳନା ସମିତିର ସଦସ୍ୟା ଅଞ୍ଜଳି ତ୍ରିପାଠୀ ଯୋଗଦେଇ 'ଲାଳୟତ ପଞ୍ଚ ବର୍ଷଣୀ 'ଉପରେ ମାଆଙ୍କୁ ଶିଶୁଟିକୁ ଜନ୍ମଠାରୁ ପାଞ୍ଚ ବର୍ଷ ମଧ୍ୟରେ କିଭଳି ଲାଳନପାଳନ କରି ତାର ଯତ୍ନ ନେବେ ଓ ଖାଦ୍ୟପେୟ କିପରି ହେବ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସରୋଜିନୀ ପଣ୍ଡା ବୌଦ୍ଧିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ମାଆ ଯୋଗ ଦେଇଥିଲେ।

## ଟାମ୍ପରଗଡ଼ ଓ ଲଇଡ଼ା ଠାରେ ବନ ମହୋତ୍ସବ

**ସମ୍ବଲପୁର, ୧୪।୭ (ସମିସ) :** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସମ୍ବଲପୁର ବନଖଣ୍ଡର ପଡ଼ିଆବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଯୁଯୋମୁରା ବ୍ଲକ ଅନ୍ତର୍ଗତ ଟାମ୍ପରଗଡ଼ ଓ ଲଇଡ଼ା ଠାରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବନବିଭାଗର ଫରେଷ୍ଟର ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବନବିଭାଗର ପଡ଼ିଆବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏସ୍‌ଏଫ୍‌ଡିଏଏଫ୍ ପ୍ରତିନିଧି ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ନୃପଲାଲ ପ୍ରଧାନ ପ୍ରମୁଖ ବହୁ ବନକର୍ମଚାରୀ ଏବଂ ଉଭୟ ସ୍ଥାନର ବନସୁରକ୍ଷା ସମିତି ସଭ୍ୟସଭ୍ୟା ତଥା ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଉଭୟ ସ୍ଥାନରେ ଏକ ହଜାର ଲେଖାଏଁ ଚାରାରୋପଣ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭାତପୁରା ପଞ୍ଚାୟତ ହାଇସ୍କୁଲର ପ୍ରତିଷ୍ଠା ଦିବସ



**ଜମନକିରା, ୧୪।୭ (ସମିସ):** ପ୍ରଧାନଶିକ୍ଷକ ରତନ ଲାଲ ସିଂଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ହାଇସ୍କୁଲ, ଭାତପୁରାର ୩୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଯେଉଁ ମାନଙ୍କ ନିଃସ୍ୱାର୍ଥପର ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ଆଜି ଛିଡ଼ାହୋଇଛି ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଥିଲା। ସଂସ୍କୃତ ଶିକ୍ଷୟିତ୍ରି ମଧୁମିତା ବହିଦାର, ବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ପଣ୍ଡା ଓ ଖେଳ ଶିକ୍ଷକ ପ୍ରଦୀପ୍ତ ବାରିକ ଅତୀତର ସ୍ମୃତିଚାରଣ କରିଥିଲେ। ଛାତ୍ରୀ ଦୀପିକା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମନକିରା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି



**ଜମନକିରା, ୧୪।୭ (ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜମନକିରା ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପ୍ରକାଶ ଜେମ୍ସ ଟପୋ, ସିଡିଓ ପ୍ରସନ୍ନ ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, ପିଏଆଇଟିଡିଏ ହେମସାଗର ଭୋଇ, ଏସଡିପିଓ ପ୍ରଦୀପ ଦାସ, ଜମନକିରା ବିଡିଓ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରି ଥିଲେ। ବର୍ଷା ଓ ବଜ୍ରପାତ ସତ୍ତ୍ୱେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୩୨ଟି ଅଭିଯୋଗ ଆସିଥିଲା। ୩୨ ମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠିଗତ ଅଭିଯୋଗ ଆସିଥିବା ବେଳେ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଗୁଡିକ ମଧ୍ୟରେ ଆବାସ ଯୋଜନା, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ରାସ୍ତାଘାଟ ସମସ୍ୟା ଉପରେ ଅଭିଯୋଗ ରହିଥିଲା। ବିଭିନ୍ନ ଲାଇନ ବିଭାଗ ଜିଲ୍ଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଗତ ମେ ୧୩ ତାରିଖରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣିରେ ମଧ୍ୟ ଜିଲ୍ଲାପାଳ ଓ ଏସପି ଅନୁପସ୍ଥିତ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରକ୍ତଦାନ ସଂସ୍ଥା 'ଉତ୍ସର୍ଗ' ଦେବ ଶିକ୍ଷା ଓ ସ୍ୱାସ୍ଥ୍ୟ ସହାୟତା

**ସମ୍ବଲପୁର, ୧୪।୭ (ସମିସ):** ରକ୍ତଦାନ ଓ ମେଡିକାଲ ଉପକରଣ ତଥା ଆମ୍ବୁଲାନ୍ସ ସେବା ବ୍ୟତୀତ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସହାୟତା ଦେବାକୁ 'ଉତ୍ସର୍ଗ' ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଦସ୍ୟ ପ୍ରିୟ ରଞ୍ଜନ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆର୍ଥିକ ଅନଗ୍ରସରଙ୍କ ଶିକ୍ଷା ସକାଶେ ଏହି ପ୍ରକଳ୍ପ ଅନୁଷ୍ଠାନ ପକ୍ଷରୁ ନିଆଯାଇଛି। ଶିକ୍ଷାରେ ସରକାରୀ କଲେଜରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ସହାୟତା ଦିଆଯିବ। ସରକାରୀ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଏ୧ ଓ ଏ୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩ ହଜାର ଓ ୨ ହଜାର ଟଙ୍କା ଏକକାଳୀନ ପ୍ରୋତ୍ସାହନ ବୃତ୍ତି ଭାବେ ଦିଆଯିବ। ଚଳିତବର୍ଷ ସମ୍ବଲପୁର ଜିଲ୍ଲା ସରକାରୀ ସ୍କୁଲ ଗୁଡ଼ିକରୁ ୫ ଜଣ ଏ୧ ଏବଂ ୬୩ ଜଣ



ଏ୨ ଗ୍ରେଡ୍ ପାଇଛନ୍ତି। ସେମାନଙ୍କୁ ବ୍ଲକ ବା କ୍ଲଷ୍ଟର ହିସାବରେ ବୃତ୍ତି ଯୋଗାଇ ଦିଆଯିବ। ଏହାଦ୍ୱାରା ଅନ୍ୟ ଛାତ୍ରଛାତ୍ରୀ ଉତ୍ସାହିତ ହେବେ ବୋଲି ଆଶାପ୍ରକାଶ କରାଯାଇଛି। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗରିବ ରୋଗୀଙ୍କୁ ମଧ୍ୟ ଆବଶ୍ୟକ ଆର୍ଥିକ ସହଯୋଗ କରାଯିବ। ସାମ୍ବାଦିକ ସମ୍ମିଳନୀରେ 'ଉତ୍ସର୍ଗ'ର ଉପଦେଷ୍ଟା ସୁଧୀର ପୂଜାରୀ ଓ ସଂଯୋଜକ ପ୍ରଶାନ୍ତ ପାଟଯୋଶୀ ମଞ୍ଚାସୀନ ଥିଲେ।

୧୯୮୪ ମସିହାରେ ସମ୍ବଲପୁର ତଥା ପଶ୍ଚିମାଞ୍ଚଳର ପ୍ରଥମ ସଂସ୍ଥା ଭାବେ ରକ୍ତାଭାବ ଦୂର କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ଏକ ରକ୍ତଦାନ ସଂସ୍ଥା ଭାବେ ଆରମ୍ଭ ହୋଇଥିଲା। ସେବେଠାରୁ ତାହା ବିଭିନ୍ନ କାର୍ଯ୍ୟ ଜାରି ରଖିଛି। ସମ୍ପ୍ରତି ଅନୁଷ୍ଠାନ ପକ୍ଷରୁ ରୋଗୀଙ୍କ ପାଇଁ ଆବଶ୍ୟକ ମେଡିକାଲ ଉପକରଣ ଯଥା ଅମ୍ଳଜାନ ସିଲିଣ୍ଡର, ଅମ୍ଳଜାନ କନସେନ୍‌ଟ୍ରେଟର୍, ବାଇପାସ୍ ମେସିନ, ହ୍ୱିଲଚେୟାର, ୱାକର୍, ମେଡିକାଲ ଶଯ୍ୟା, ନିମ୍ବୁଲାଇଜର୍ ଆଦି ସମସ୍ତ ଉପକରଣ ପ୍ରଦାନ କରାଯାଉଛି। ଏଯାବତ୍ 'ଉତ୍ସର୍ଗ' ପକ୍ଷରୁ ସମ୍ପୂର୍ଣ୍ଣ ଶରୀର ଦାନ ୩୨ଟି କରାଯାଇଥିବା ବେଳେ ଅଙ୍ଗଦାନରେ ୪୮ଟି ଚକ୍ଷୁଦାନ କରାଯାଇଥିବା ସୂଚନା ମିଳିଛି।

## 'ଜାଗରଣ' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୪।୭ (ସମିସ):** ସ୍ୱେଚ୍ଛାସେବୀ ସଙ୍ଗଠନ 'ଜାଗରଣ' ପକ୍ଷରୁ ରାଣୀବନ୍ଧରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ସୁଧୀର ରଞ୍ଜନ ବହିଦାରଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଦିନରେ କିପରି ପରିଷ୍କାର ପରିଚ୍ଛନ୍ନ ରହିବା, ପାଣିକୁ ଫୁଟାଇ ପିଇବା ତଥା ପରିବେଶକୁ ବଞ୍ଚାଇବା ପାଇଁ ଚାରାରୋପଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ ଗରିବ ତଥା ଅସହାୟ ବୃଦ୍ଧବୃଦ୍ଧା ଓ ମହିଳାଙ୍କୁ ସଙ୍ଗଠନ ତରଫରୁ ଛତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଦ୍ରୁପଦ ଛୁରିଆ, ସିବୁନ ଜେନା, ସୁଶିଲ ମହାରଣା, ଅମିତ ବେହେରା, ଶିବ ନାୟକ, ମୁକେଶ ଜରିୱାଲ, ଚନ୍ଦନ ଦାସ, ଜୟନ୍ତ ମହାପାତ୍ର, ରାହୁଲ ଗୁପ୍ତା, ବିଶ୍ୱଜିତ ବାରିକ, ବିଶିଷ୍ଟ ଛତରିଆ, ଜୟରାମ ତାଣ୍ଡି, କାମଦେବ କୁମାର, ଭରତ ବିଭାର, ସନ୍ତୋଷ ବିଭାର ପ୍ରମୁଖ ସହଯୋଗ କରିଥିଲେ।



## ଶୈବପୀଠରେ ଜଳାଭିଷେକ



**ରେଢ଼ାଖୋଲ, ୧୪।୭ (ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାରରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାଉଡ଼ିଆମାନେ ପ୍ରବାହିତ ଜଳଧାରା ମାନଙ୍କରେ ରାତ୍ରି ଉଜାଗର ରହି ବାଲିରେ ଶିବଲିଙ୍ଗ ନିର୍ମାଣ କରି ପୂଜାର୍ଚ୍ଚନା ପୂର୍ବକ ପାଣି ଉଠାଇ ଦୂରଦୂରାନ୍ତରୁ ଚାଲି ଚାଲି ଆସି ବିଭିନ୍ନ ଶୈବପୀଠରେ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ରେଢ଼ାଖୋଲ ସ୍ଥିତ ବାବା କାଶୀ ବିଶ୍ୱନାଥ ମନ୍ଦିର, ଖୁଲଗଡ଼ ଶିବ ମନ୍ଦିର, ଚାରମାଳସ୍ଥିତ ବାବା କପିଳେଶ୍ୱର ମନ୍ଦିର, କଦଳିଗଡ଼ ଶୈବ ପୀଠ ସମେତ ବିଭିନ୍ନ ଗାଁରେ ଥିବା ଶିବ ମନ୍ଦିରରେ ଜଳାଭିଷେକ କରିଛନ୍ତି।

## କେନାଲ ସଫେଇ ପାଇଁ ଦାବି

**ରେଢ଼ାଖୋଲ, ୧୪।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସାଲେଣି ମଧ୍ୟରେ ଥିବା ଏକ ଶାଖା କେନାଲରେ ଆବର୍ଜନା ଜମି ରହିଥିବା ସମ୍ବନ୍ଧେ ଗ୍ରାମବାସୀ ପକ୍ଷରୁ କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାଲେଣି, ମୋଚିସାହି ଏବଂ ସୁଣ୍ଡିମୁଣ୍ଡାଗ୍ରାମର ଚାଷୀମାନେ ମିଳିତ ଭାବରେ ଦାବିପତ୍ର ପ୍ରଦାନ କରିଛନ୍ତି। ସହରରେ ଥିବା କେରାଣ୍ଡି ଜୋର ମୁଖ୍ୟ କେନାଲରୁ ବାହାରିଥିବା ଶାଖା କେନାଲ ଯାହାକି ସାଲେଣି ମୋଚିସାହି ମଧ୍ୟ ଦେଇ ଯାଇଛି। ପୂର୍ବରୁ ଏହି କେନାଲ ଅଞ୍ଚଳର ଚାଷୀ ମାନେ ଚାଷ ଜମିରେ ଜଳ ସେଚନ ସୁବିଧା ପାଇ ଉପକୃତ ହେଉଥିଲେ। କିନ୍ତୁ ଦୀର୍ଘ ଦିନ ହେବ କେନାଲରେ ଗଛ, ଲତା ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି। ଯଦ୍ୱାରା ଚଳିତ ବର୍ଷ ଚାଷ ଜମିକୁ ଜଳ ସେଚନ ପାଇଁ ପାଣି ଯାଇ ପାରୁନି। ଫଳରେ ଚାଷୀମାନେ ଚାଷ ଜମିରେ ଜଳ ସେଚନ ସୁବିଧା ପାଇବାକୁ ବଞ୍ଚିତ ରହିବେ। ତେଣୁ ୭ ଦିନ ମଧ୍ୟରେ ଶାଖା କେନାଲର ସଫେଇ କାର୍ଯ୍ୟ କରିବାକୁ ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଅକ୍ଷୟ ମିରି, ବିଶିକେଶନ ମିରି, ଭାସ୍କର ଚାନ୍ଦ, ନନ୍ଦୁ ମିରି, ଅରୁଣ ମେହେର ପ୍ରମୁଖ ସମେତ ଅନ୍ୟ ଚାଷୀମାନେ ସାମିଲ ରହିଥିଲେ।



## ସମ୍ବଲପୁରୀ ଦିନ୍ ପାଇଁ ବୁର୍ଲାରେ ବିଭିନ୍ନ କମିଟି ଗଠିତ



**ସମ୍ବଲପୁର, ୧୪।୭ (ସମିସ):** ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲା ଆନୁକୂଲ୍ୟରେ ଅଗଷ୍ଟ ୧ରେ ପାଳିତ ହେବାକୁ ଯାଉଥିବା ସମ୍ବଲପୁରୀ ଦିନ୍ ପାଇଁ ଆଜି ବିଭିନ୍ନ କମିଟି ଘୋଷଣା କରାଯାଇଛି। ପ୍ୟାରୀମୋହନ ପୁଜାହାରୀଙ୍କ ସଭାପତିତ୍ୱରେ ସ୍ଥାନୀୟ ନୃସିଂହ ମନ୍ଦିର ଠାରେ ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ନୂତନ ଭାବେ ଉପଦେଷ୍ଟା କମିଟି, ସାଂସ୍କୃତିକ କମିଟି, ଅଭ୍ୟର୍ଥନା କମିଟି, ଖାଦ୍ୟ, ଦୋକାନ, ପରିବହନ, ଶୃଙ୍ଖଳା ଓ ମଞ୍ଚ କମିଟିର ସଦସ୍ୟ ମାନଙ୍କ ନାମ ଘୋଷଣା କରିଥିଲେ। ବୁର୍ଲାର ଅନେକ ସ୍ୱେଚ୍ଛାସେବୀ ସଂଗଠନ, ଯୁବ ସଂଗଠନ ବିଭିନ୍ନ ସମ୍ବଲପୁରୀ ଖାଦ୍ୟର ଆୟୋଜନ କରି ମାଗଣା ସେବା ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶିରିଡି ସାଇ ମନ୍ଦିର, ଶ୍ରୀ ସତ୍ୟସାଇ ମନ୍ଦିର, ରୋଟାରୀ କ୍ଲବ, ଲାୟନ୍ସ ପ୍ରଗତି ବୁର୍ଲା, ଲାୟନ୍ସ କ୍ଲବ୍ ବୁର୍ଲା, କଳିଙ୍ଗ ବୈଶ୍ୟ ସମାଜ, ବ୍ରାହ୍ମଣ ସମାଜ, ଖଣ୍ଡାୟତ କ୍ଷତ୍ରୀୟ ସମାଜ, ଶ୍ରୀ ଗଣେଶ ପୂଜା କମିଟି ଭକ୍ତିମଣ୍ଡପ, ଶ୍ରୀ ଗଣେଶ ପୂଜା କମିଟି ବୋର୍ଡ କଲୋନୀ, ଗୁରୁଦ୍ୱାର କମିଟି ଓ ରାମଚଣ୍ଡୀ ସେବା ସଦନକୁ ଷ୍ଟଲ ପାଇଁ ନିମନ୍ତ୍ରଣ କରାଯାଇଥିଲ। ବିଭିନ୍ନ କ୍ଲବ ଓ ବୁର୍ଲାର ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଭାଗ ନେବା ନିଶ୍ଚିତ କରିବା ସକାଶେ ସାଂସ୍କୃତିକ କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ସ୍ଥାନୀୟ ସରକାରୀ ଉଚ୍ଚ ବାଳକ ପିଏମଶ୍ରୀ ବିଦ୍ୟାଳୟର ଖେଳପଡ଼ିଆରେ ଅନୁଷ୍ଠିତ କରିବା ଲାଗି ମତାମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନେକ ସାଂସ୍କୃତିକ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଗଲା। ଶେଷରେ କୋଷାଧ୍ୟକ୍ଷ ସତ୍ୟବ୍ରତ ନାୟକ ଧନ୍ୟବାଦ ଅର୍ପଣ କରଥିଲେ।

# ଲୋକାଲ୍ ଫଣ୍ଡ ଅଡିଟ୍ ବିଷୟ ଜଣାଇନଥିବାରୁ ବିଗିଡ଼ିଲେ ଉପଜିଲ୍ଲାପାଳ

### ଲଇଡ଼ା ଦୂତିକା ସାହୁ ମହାବିଦ୍ୟାଳୟ ଅଚାନକ ପରିଦର୍ଶନ

**ସମ୍ବଲପୁର, ୧୪।୭ (ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଲଇଡ଼ାସ୍ଥିତ ଦୂତିକା ସାହୁ ମହାବିଦ୍ୟାଳୟକୁ ଆଜି ଅଚାନକ ପରିଦର୍ଶନ କରିଛନ୍ତି ପରିଚାଳନା କମିଟି (ଗଭର୍ଣ୍ଣିଂ ବଡ଼ି) ସଭାପତି ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା। ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ଭିତ୍ତିଭୂମି ବିକାଶ ପାଇଁ ପ୍ରସ୍ତାବ ଦେଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପୁଣି ଲୋକାଲ୍ ଫଣ୍ଡ ଅଡିଟ୍ ବିଷୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସଭାପତି ତଥା ଉପଜିଲ୍ଲାପାଳଙ୍କୁ ଜଣାଇନାହାନ୍ତି। ଅଡିଟର୍ ଦେଇଥିବା ଆପତ୍ତି ଗୁଡ଼ିକର ଅନୁପାଳନ ମଧ୍ୟ କରାଯାଇନଥିବାରୁ ସେ ବିଗିଡ଼ିଥିଲେ। ସାତଦିନ ମଧ୍ୟରେ କ୍ୟାସ୍ ଏନାଲିସିସ୍ ରିପୋର୍ଟ ଜମା କରିବାକୁ ଡା. ପଣ୍ଡା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଉପଜିଲ୍ଲାପାଳ ଡା. ପଣ୍ଡା ଛାତ୍ରଛାତ୍ରୀ ମାନଙ୍କ ସହ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ପରିଦର୍ଶନ ସମୟରେ କଲେଜ ଅଧ୍ୟକ୍ଷ ବସନ୍ତ ନାଏକ ଓ ଅଧ୍ୟାପକ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।




ଦୂତିକା ସାହୁ ମହାବିଦ୍ୟାଳୟର ସଭାପତି ସଦର ଉପଜିଲ୍ଲାପାଳ ଡା. ପଣ୍ଡା ଆଜି ଅଚାନକ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ପରିଦର୍ଶନ ସମୟରେ ଷ୍ଟାଫ୍ ମାନଙ୍କ ଉପସ୍ଥିତି, ବାୟୋମେଟ୍ରିକ ଉପସ୍ଥାନ, ଅଧ୍ୟାପକ ମାନଙ୍କ ଲେସନ୍ ପ୍ଲାନ ଆଦି ଯାଞ୍ଚ କରିଥିଲେ। ମହାବିଦ୍ୟାଳୟରେ କେତେ ଟଙ୍କା ରହିଛି ଏବଂ କେମିତି ଖର୍ଚ୍ଚ କରୁଛନ୍ତି ତାହା ପଚାରି ବୁଝିଥିଲେ। କ୍ୟାସ ଆନାଲିସିସ ରେଜିଷ୍ଟାର ସପ୍ତାହକ ମଧ୍ୟରେ ଆଣି ଦେଖାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ କଲେଜର ଭିତ୍ତିଭୂମି ବିକାଶ ପାଇଁ ଯେଉଁ ଅର୍ଥ ଆସିଛି ତାହା କେଉଁଠି ଫସି ରହିଛି ଏବଂ ବିଡିଓ, ଆର୍‌ଡି କାହାକୁ କାମ ପାଇଁ ଦିଆଯାଇଛି ପଚାରି ବୁଝିବା ସହ କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ। ମହାବିଦ୍ୟାଳୟକୁ କେଉଁଠି ନବୀକରଣ ଆବଶ୍ୟକ, କେଉଁଠି ମରାମତି ଆବଶ୍ୟକ ଏବଂ ଭିତ୍ତିଭୂମି ବିକାଶ ଉପରେ କଲେଜ କର୍ତ୍ତୃପକ୍ଷ ଜଣାଇନାହାନ୍ତି କିମ୍ବା କୌଣସି ପ୍ରସ୍ତାବ ଦେଇନଥିବାରୁ ଡା. ପଣ୍ଡା ଅସନ୍ତୋଷ ପ୍ରକାଶ କରିଥିଲେ। ସବୁକିଛି ପ୍ରସ୍ତୁତ କରିବା ପାଇଁ ସାତଦିନ ସମୟ ଦିଆଯାଇଛି ଏବଂ ପୁଣିଥରେ ପରିଦର୍ଶନ କରିବେ ବୋଲି ଉପଜିଲ୍ଲାପାଳ ଡା. ପଣ୍ଡା କହିଛନ୍ତି।

ଦୂତିକା ସାହୁ ମହାବିଦ୍ୟାଳୟଟି ଦୂର ଅଞ୍ଚଳରେ ଥିବାରୁ ନିୟମିତ ପ୍ରଶାସନିକ ତଦାରଖ ହେଉନାହିଁ। ଏଠାରେ ୩୫ ଜଣ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ଏବଂ ୫ ଜଣ ଠିକା ଅଧ୍ୟାପକ / କର୍ମଚାରୀ ଅଛନ୍ତି। ମହାବିଦ୍ୟାଳୟରେ ଯୁକ୍ତ-୨ରେ ଛାତ୍ରଛାତ୍ରୀ ସଂଖ୍ୟା ୪୪୩ ଥିବାବେଳେ ଯୁକ୍ତ-୩ରେ ଛାତ୍ରଛାତ୍ରୀ ସଂଖ୍ୟା ୨୬୧। ଯୁକ୍ତ-୩ ଶିକ୍ଷା ବିଭାଗରେ କେହି ଅଧ୍ୟାପକ ନଥିବା ସୂଚନା ମିଳିଛି।

## ପାଟଣାଗଡ଼ରେ ଉନ୍ନୟନ କାମ ବ୍ୟାହତ ଘଟଣା

# ଆମରଣ ଅନଶନରେ ସମିତି ସଭ୍ୟ

ପାଟଣାଗଡ଼, ୧୪।୭ (ସମିସ)



ଓଡ଼ିଶାରେ ବିଜେପି ସରକାର ପାଟଣାଗଡ଼ରେ ଆସିବା ଦିନଠାରୁ ଉନ୍ନୟନମୂଳକ କାମ ଠପ ହୋଇପଡ଼ିଥିବା ଅଭିଯୋଗ ନେଇ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସମିତି ସଭ୍ୟ ସଭ୍ୟାଙ୍କ ଧାରଣା ସୋମବାର ପନ୍ଦର ଦିନରେ ପହଞ୍ଚିଛି।କିନ୍ତୁ ଏହି ଧାରଣା ସୋମବାର ନୂଆ ମୋଡ଼ ନେଇଛି।ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀଙ୍କ ସହ ବରପଦର ସମିତି ସଭ୍ୟା ରଜନୀ ଧରୁଆ, କେନ୍ଦୁମୁଣ୍ଡି ସମିତି ସଭ୍ୟା ଭୂମିସୁତା ଧରୁଆ ଓ ଭରତବାହାଲ ସମିତି ସଭ୍ୟା ମଞ୍ଜରୀ ଭୁଏ ସୋମବାର ସକାଳ ୧୦ ଟାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।ଏହି ଆମରଣ ଅନଶନକୁ ୧୪ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ବିଶେଶ୍ୱରୀ ବରିହା, ୧୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ବାଳିକା ମାଝୀଙ୍କ ସହ ବିଭିନ୍ନ ପଞ୍ଚାୟତ ଗୁଡିକର ୧୮ ଜଣ ସମିତି ସଭ୍ୟ ସଭ୍ୟା ସମର୍ଥନରେ ବସିଛନ୍ତି।ଗତ ୨୪ ତାରିଖ ଠାରୁ ଚାଲିଥିବା ଧାରଣାକୁ ପ୍ରଶାସନ ତରଫରୁ ସମାଧାନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ଧାରଣାରତ ସମିତି ସଭ୍ୟ, ସଭ୍ୟା ଆସନ୍ତା ସୋମବାର ଦିନ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାପାଇଁ ଜିଲ୍ଲାପାଳ ବଲାଙ୍ଗିର, ଉପଜିଲ୍ଲାପାଳ ପାଟଣାଗଡ଼, ଉପଖଣ୍ଡିୟ ସ୍ୱାସ୍ଥ୍ୟ ଅଧିକାରୀ ପାଟଣାଗଡ଼, ଏସଡ଼ିପିଓ ପାଟଣାଗଡ଼ ଓ ଥାନାଧିକାରୀ ପାଟଣାଗଡ଼ଙ୍କୁ ଲିଖିତ ଭାବେ ଜଣାଇଥିଲେ।ତଥାପି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଆମରଣ ଅନଶନକୁ ଓହ୍ଲାଇଥିବା ଉପାଧ୍ୟକ୍ଷା ଶ୍ରୀମତୀ ମାଝୀ କହିଛନ୍ତି। ଜୀବନ ଯିବା ପର୍ଯ୍ୟନ୍ତ ନିଜର ହକ ପାଇଁ ଲଢେଇ ଜାରି ରହିବ ତଥାପି ପ୍ରଶାସନ ଆମରଣ ଅନଶନକୁ ମଧ୍ୟ ଅଣଦେଖା କରେ ତାହେଲେ ପରିସ୍ଥିତି ଅତ୍ୟନ୍ତ ଭୟାବହ ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ। ଆଦିବାସୀ ସମ୍ପ୍ରଦାୟର ଚାରିଜଣ ସମିତି ସଭ୍ୟା ଆମରଣ ଅନଶନରେ ବସିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଆଦିବାସୀ ମହିଳାଙ୍କ ପ୍ରତି କେତେ ଦରଦ ରହିଛି ଓ କେବେ ନ୍ୟାୟ ଦେଉଛନ୍ତି ଏଥିରୁ ଜଣାପଡ଼ିବ ବୋଲି ପାଟଣାଗଡ଼ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର ଓ ସମ୍ପାଦକ ଜୟନ୍ତ କୁମ୍ଭାର କହିଛନ୍ତି।ପ୍ରକାଶଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ସମିତି ସଭ୍ୟ, ସଭ୍ୟାଙ୍କ ପାଇଁ ଥିବା ଫଣ୍ଡକୁ ବନ୍ଦ କରିଦିଆଯାଇଛି। କେତେକ ପୁରୁଣା କାମର ବିଲକୁ ମଧ୍ୟ ବନ୍ଦ କରିଦିଆଯାଇଛି। କାହା ଚାପ ଯୋଗୁଁ ଏହି ଉନ୍ନୟନ କାମକୁ ବନ୍ଦ କରାଯାଇଛି। ଏନେଇ

### ଜୀବନ ଥିବା ପର୍ଯ୍ୟନ୍ତ ନିଜ ହକ ପାଇଁ ଅନଶନ ଜାରି ରହିବ

ବିଡ଼ିଓ ପାଟଣାଗଡ଼ ଓ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ବିଭିନ୍ନ ସମୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନ ନେଇ ଚୁପ ରହିଥିଲେ। ତେଣୁ ବାଧ୍ୟ ହୋଇ ନିଜ ହକ ପାଇଁ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚିତ ସମିତି ସଭ୍ୟ, ସଭ୍ୟା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ତଥାପି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଛି।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

# ୧୫୯ ଅଭିଯୋଗରୁ ୩୦ ତୁରନ୍ତ ସମାଧାନ




**ଧର୍ମଗଡ଼, ୧୪।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ଉଚ୍ଛଳା ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୯ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୦ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ଗାଁ ବସତିପଡ଼ାରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ସୁବ୍ରତ କୁମାର ମିଶ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ବନ୍ଦନା ରାଣୀ ପଣ୍ଡା, ମହିଳା ପରିଦର୍ଶିକା ଗୀତା ହରିଜନ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଆର ଆଇ ସୋହନ ପାଟଯୋଶୀ, ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ, ସରପଞ୍ଚ ପୂର୍ଣ୍ଣିମା ଶବର, ପାନୀୟ ଜଳ ବିଭାଗରୁ ଅତିରିକ୍ତ ଯନ୍ତ୍ରୀ ସୁବାସ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଫେଂଗୋ ନାଏକ, ଏପିଓ କ୍ଷେତ୍ର ମୋହନ ମାଝୀ, ପିଇଓ ଯୁଧିଷ୍ଠିର ଗହୀର, ଏଡିଇଓ କଳ୍ପ ସୁନାନୀ, ଜନ ଶୁଣାଣି ବିଭାଗରୁ ନନ୍ଦିନୀ ଶବର ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ଉଚ୍ଛଳା ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ




**ବରଗଡ଼, ୧୪।୭ (ସମିସ):** ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍‌ର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ହୋଟେଲ୍ ଟୁଲୀ ପ୍ରିମିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ଆଇଡି-୩୨୬୧ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଓ ତାଙ୍କର ପତ୍ନୀ ପଲ୍ଲବୀ ଜୟସ୍ୱାଲ ଯୋଗ ଦେଇଥିଲେ। ଏହି ଅବସରରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ମହେଶ ଅଗ୍ରୱାଲ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଆଶିଷ ପନ୍ସାରୀ, ସଚିବ ସୁମନ ସାୱଡିଆ ତାଙ୍କର ନିର୍ଦ୍ଦେଶକ ମଣ୍ଡଳ ସହ ଶପଥ ନେବା ସହ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ରୋଟାରିଆନ୍ ଅମିତ ଅଗ୍ରୱାଲ ଓ ସିଦ୍ଧାର୍ଥ ଶାସ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜେସିଆଇ, ଇନରହ୍ୱିଲ୍, ଲାୟନ୍ସ କ୍ଲବ୍‌ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ମହାନିର୍ଦ୍ଦେଶକ ଅମିତ ଜୟସ୍ୱାଲ ରୋଟାରୀର ମୂଲ୍ୟବୋଧ ବିଷୟରେ କହିଥିଲେ।

# ଝାରବନ୍ଧରେ ନିଶାନିବାରଣ କାର୍ଯ୍ୟକ୍ରମ



**ବରଗଡ଼, ୧୪।୭ (ସମିସ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ କଳା ସଂସ୍କୃତି ସଂଘର କଳାକାର ମାନେ ନିଶା ନିବାରଣ ସମ୍ବନ୍ଧୀୟ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କରିଛନ୍ତି। ଝାରବନ୍ଧ ବ୍ଲକ ମୁଖ୍ୟାଳୟ ସ୍ଥିତ ସରକାରୀ ଡାକ୍ତରଖାନା ସମ୍ମୁଖରେ ଗୁରୁଶ୍ରୀ ଘନଶ୍ୟାମ ନାଗ ଏବଂ ସାଥି ଭାବେ ଅନୁଗୁଳର ଜୟ ଜଗନ୍ନାଥ ସଞ୍ଚାର ଦଳ ଦ୍ୱାରା, ଗୁରୁ ଶ୍ରୀ ବେଲାଲ ସେନ ସାହୁ ଏବଂ ସାଥି ଭାବେ ଗୌଡ଼ମାଳର ରାମଜୀ ପାଲା ପାର୍ଟି ଦ୍ୱାରା ଭଇସାଦର୍ହା ଗାଁରେ ନିଶା ନିବାରଣ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶା ଗ୍ରହଣ ଦ୍ୱାରା ମଣିଷକୁ ହେଉଥିବା ରୋଗ ଏବଂ ବେଆଇନ ନିଶା କାରବାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟକୁ ଗୀତ ବାଦ୍ୟ ମାଧ୍ୟମରେ କଳାକାର ମାନେ ବୁଝାଇଥିଲେ।

# ଶିଶୁପ୍ରକାଶ ହୋତାଙ୍କ ପରଲୋକ



**ଭେଡେନ, ୧୪।୭ (ସମିସ):** ଭେଡେନ ବ୍ଲକ ଅଧୀନ ବକଟି ପଞ୍ଚାୟତର ବୁରଦା ଗାଁର ଶିଶୁପ୍ରକାଶ ହୋତା(୭୫)ଙ୍କର ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଦୁର୍ଗା ପ୍ରସାଦ ଛୁରିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବୁରଦା ସ୍ଥିତ ବାସଭବନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ପଛରେ ପତ୍ନୀ, ଦୁଇ ପୁଅ ନିର୍ମଳ ହୋତା, ଅରବିନ୍ଦ ହୋତାଙ୍କୁ ଛାଡି ଯାଇଛନ୍ତି। ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ନିର୍ମଳ ମୁଖାଗ୍ନି ଦେଇଥିଲେ।

### ୧୮ ମାସ ହେଲାଣି ପ୍ରକଳ୍ପ ଅଚଳ

# ପାଣି ପାଇଁ ଲୋକେ ହନ୍ତସନ୍ତ

**କେସିଙ୍ଗା, ୧୪।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ରେଙ୍ଗାଲିଗ୍ରାମ ନୂଆପଡ଼ାରେ ସରକାର ଜଳ ସମସ୍ୟା ଦୂର କରିବା



ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଶେଷ କରି ସୌରଚାଳିତ ଜଳ ପ୍ରକଳ୍ପ କରି ଜଳ ସମସ୍ୟା ଦୂର କରୁଛନ୍ତି। ହେଲେ ଅନେକ ଗାଁରେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା କାରଣରୁ ଅନେକ ସ୍ଥାନରେ ଅଚଳ ହୋଇ ଜଳପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ।ମରାମତି ଅଭାବରୁ ପ୍ରକଳ୍ପ ଗୁଡିକ ଅଚଳ ହୋଇପଡ଼ିଛି। ଫଳରେ ବର୍ଷା ଦିନରେ ମଧ୍ୟ ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ରେଙ୍ଗାଲିଗ୍ରାମର ନୂଆପଡ଼ା ନିକଟରେ ଥିବା ସୋଲାର ପାଣି ଟାଙ୍କି ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡ଼ିଛି। ଫଳରେ ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ପଡ଼ାବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କାହାରି ଦୃଷ୍ଟି ପଡ଼ିନାହିଁ। ଏହି ପଡ଼ାରେ ପ୍ରାୟ ଦୁଇ ଶହ ଊର୍ଦ୍ଧ୍ୱ ଲୋକ ବସ ବାସ କରୁଥିବା ବେଳେ ସେମାନଙ୍କ ପାନୀୟ ଜଳ ପାଇଁ ଉକ୍ତ ସୋଲାର ଟ୍ୟାଙ୍କ ଉପରେ ନିର୍ଭର କରନ୍ତି। ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ସୌରଚାଳିତ ଜଳ ପ୍ରକଳ୍ପର ମରାମତି ଦିଗରେ ଦୃଷ୍ଟି ଦେବାକୁ ପଡ଼ାବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ମୃତ ମୁଖ୍ୟ କିରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୋକସଭା




**ବରଗଡ଼, ୧୪।୭ (ସମିସ):** ରବିବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ମୃତ ଆର୍‌ଟିଓ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ମନୋରଞ୍ଜନ ପାଲଙ୍କ ଶେଷକୃତ୍ୟ ସୋମବାର ବରଗଡ଼ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ସ୍ୱର୍ଗତ ମନୋରଞ୍ଜନ ପାଲଙ୍କ ସାନ ଭାଇ ମାନସରଞ୍ଜନ ପାଲ ମୁଖାଗ୍ନି ଦେଇଥିଲେ। ଅନ୍ୟପଟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଏଡିଏମ୍ ମଧୁଛନ୍ଦା ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ଡେପୁଟି କଲେକ୍ଟର ଉତ୍ତମ ବାଗ, ଡେପୁଟି କଲେକ୍ଟର ସୀତାରାମ ଭୋଇ, ଡେପୁଟି କଲେକ୍ଟର ମଧୁସ୍ମିତା ସାମଲ, ସହାୟକ ଜିଲ୍ଲାପାଳ ନିଶିକାନ୍ତ ମେହେର, ସହାୟକ ଜିଲ୍ଲାପାଳ ଶିବପ୍ରସାଦ ବିଶ୍ୱାଳ, କୁମୁରା ଡେପୁଟି କଲେକ୍ଟର ଉମାକାନ୍ତ ସଞ୍ଜୀବ ଶେଖର, ଜିଲ୍ଲା ଇ ପ୍ରଶାସନ ଅଧିକାରୀ ମସ୍ତରାମ ଛନ୍ଦଙ୍କ ସମେତ ସମସ୍ତ ବିଭାଗର ସେକ୍ସନ ଅଫିସର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୪।୭ (ସମିସ) :** ପଶ୍ଚିମାଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରେକ୍ଷାଳୟରେ ୧୯୯୧ ଶିକ୍ଷାବର୍ଷ (ବ୍ୟାଚ୍)ର ପୁରାତନ ଛାତ୍ର ସଂଘ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଓ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶିକ୍ଷାମୂଳକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅବସର ଶିକ୍ଷକଙ୍କ ବହୁବର୍ଷୀୟ ସେବାକୁ ସମ୍ମାନ ଜଣାଇବା ସହ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ସଠିକ୍ ଦିଗ ଦେଖେଇବା। ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପୁରସ୍କାର ବିତରଣ କରାଯାଇଥିଲା। ବୈଷୟିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ଦେଖାଇଥିବା ଦଶମଶ୍ରେଣୀର ତିନିଜଣ ଛାତ୍ରଛାତ୍ରୀ ଆଦର୍ଶ ସାହୁ, ସବିନା ତାବାସୁମ ଓ ଅନୁଜ ଗୁପ୍ତା ଏବଂ ନବମ ଶ୍ରେଣୀର ପାଞ୍ଚଜଣ ଛାତ୍ରଛାତ୍ରୀ ଆଦିତ୍ୟ ସାହୁ, ଏମ୍‌ଡି କସଫ ହୁସେନ, ରାଜନନ୍ଦିନୀ ପ୍ରିୟଦର୍ଶିନୀ ସାହୁ, ରାଜେନ୍ଦ୍ର ପ୍ରତାପ ସାହୁ ଓ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଏହି ପୁରସ୍କାର ଉପସ୍ଥାପନ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକମାନେ ତାଙ୍କର ଶିକ୍ଷା ସମ୍ପର୍କିତ ଯାତ୍ରା ଓ ଅନେକ ସ୍ନେହଭରା ସ୍ମୃତି ଅଭିବ୍ୟକ୍ତ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଛାତ୍ରଛାତ୍ରୀଙ୍କ ଦୃଢ଼ଲକ୍ଷ୍ୟ, ଶିଷ୍ଟ ଚରିତ୍ର ଓ ଶ୍ରମ ପ୍ରତି ନିଷ୍ଠା ଧାରଣା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂଘ ନିଜ ବିଦ୍ୟାଳୟ ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁରାତନ ଛାତ୍ର ସୌମ୍ୟକୁମାର ଡାଲୁଆ ଚଳିତବର୍ଷର ଦଶମ ଶ୍ରେଣୀର କିଛି ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚଭାର ବହନ କରିବ ପାଇଁ ପ୍ରସ୍ତାବ ଦେଇଛନ୍ତି। ସଭାକୁ ୧୯୯୧ ଶିକ୍ଷାବର୍ଷ (ବ୍ୟାଚ୍)ର ପୁରାତନ ଛାତ୍ର ସଂସଦର କିଶୋର ଧରେଇ ପରିଚାଳନା କରିଥିଲେ।



# ଏନର୍ଜି ଡ୍ରିଙ୍କ୍‌ରେ କଫ ସିରପ୍ - ନିଶାର ନୂଆ ତରିକା

**ସମ୍ବଲପୁର, ୧୪।୭ (ସମିସ) :** ଅବକାରୀ ବିଭାଗ ଓ ସମ୍ବଲପୁର ପୁଲିସ ବିଭିନ୍ନ ଅଞ୍ଚଳରେ ବାରମ୍ବାର ଚଢ଼ଉ କରି କଫସିରପ୍ ଜବତ କରିବାସହ ନିଶା କାରବାରରେ ଲିପ୍ତ ଅଭିଯୁକ୍ତ ମାନଙ୍କୁ ଧରି ଜେଲ୍ ପଠାଉଛି। କିନ୍ତୁ ସେମାନେ ଜାମିନରେ ମୁକୁଳିବା ପରେ ପୁଣି ସେହି ନିଶା କାରବାରରେ



ଲିପ୍ତ ରହୁଛନ୍ତି। ମହାନଗର ନିଗମ ପକ୍ଷରୁ କେତେକ ଝୁପୁଡ଼ି ବସ୍ତି ଉଚ୍ଛେଦ କଲାପରେ ପୁଣିଥରେ ସେଠାରେ ପ୍ଲାଷ୍ଟିକ ପାଲ, ବାଉଁଶ ତାଟି ଆଦି ଦେଇ ଘର କରି କାରବାର ଚଳାଉଛନ୍ତି। କମ୍ ବୟସର ପିଲା ଓ ଝିଅମାନେ ମଧ୍ୟ କଫସିରପ୍ ନେଇ ବିକ୍ରୟ କରିବା ପୁଲିସ ନଜରକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ପୁଲିସ ଏବଂ ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବାପରେ ମାଛ ବଜାର କରାଯାଇଛି। ପୁଲିସ ଓ ଅବକାରୀ ବିଭାଗର ଚଢ଼ଉ ଏବଂ ସତର୍କ ଦୃଷ୍ଟି ରହିଥିବା ସତ୍ତ୍ୱେ ନିଶା କାରବାରରେ ରୋକ୍ ଲାଗି ପାରୁନାହିଁ। ମୁଖ୍ୟତଃ ଯୁବପିଢ଼ି ଏହି ନିଶାର କବଳିତ ହେଉଛନ୍ତି।

ସମ୍ପ୍ରତି ସମ୍ବଲପୁର ସହରରେ କଫସିରପ୍ ଅବୈଧ ଭାବରେ ବହୁସଂଖ୍ୟାରେ ବିକ୍ରୟ ହେଉଛି। ଏହାସହିତ ବିକ୍ରୟ ହେଉଛି ଏନର୍ଜି ଡ୍ରିଙ୍କ୍। ପାନ ଓ ଅନ୍ୟ ଦୋକାନ ମାନଙ୍କରେ ଦୋକାନୀମାନେ ଯେତେ ସଂଖ୍ୟାରେ ରଖିଲେ ମଧ୍ୟ ତାହା ତୁରନ୍ତ ବିକ୍ରି ହୋଇଯାଉଛି। ନିଶାଖୋରମାନେ କଫସିରପ୍ ଆଣି ଏନର୍ଜି ଡ୍ରିଙ୍କରେ ମିଶାଇ ପିଉଛନ୍ତି। ଏହାକୁ କେହି ନିୟନ୍ତ୍ରଣ କରିପାରୁନାହାନ୍ତି। ଯୁବପିଢ଼ି ଏଭଳି ନିଶାକରି ଅପରାଧ ଘଟାଉଛନ୍ତି। କଫସିରପ୍ ପୂର୍ବରୁ କଟକ ପଟୁ ଆସୁଥିବାବେଳେ ପୁଲିସ ପକ୍ଷରୁ ଚଢ଼ଉ କରି ଧରପଗଡ଼ କରିବାପରେ ଏହା ଏବେ କଲିକତାପଟୁ ଆସୁଥିବା କୁହାଯାଉଛି। ମାତ୍ର ୭୦ ଟଙ୍କା ମୂଲ୍ୟର କଫସିରପ୍ ନିଶା ବେପାରୀମାନେ ୨୪୦ରୁ ଅଧିକ ଟଙ୍କାରେ ବିକ୍ରୟ କରୁଥିବା କୁହାଯାଉଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ସମ୍ପ୍ରତି ଶିକ୍ଷାର ହବ୍ ପାଲଟିଥିବାବେଳେ ଯୁବ ପିଢ଼ି ଏହି ନିଶାର ଶିକାର ହେଉଛନ୍ତି। ସମ୍ବଲପୁର ପୁଲିସ ପକ୍ଷରୁ ଏହି ନିଶା କଫସିରପ୍ ଚାଲାଣ ଉପରେ ବାରମ୍ବାର ଚଢ଼ଉ ଜାରି ରହିଛି। ତେବେ, ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବାକୁ ସଚେତନ ମହଲରେ ମତପ୍ରକାଶ ପାଉଛି।

# ସମ୍ବଲପୁର ଗ୍ରେଟର ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ସମାରୋହ




**ସମ୍ବଲପୁର, ୧୪।୭ (ସମିସ) :** ସମ୍ବଲପୁର ସହରର ଚାରଭାଟି ନିକଟସ୍ଥ ଏକ ହୋଟେଲରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ଆଜି ଅଧିଷ୍ଠାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ୨୦୨୫ - ୨୦୨୬ ବର୍ଷ ପାଇଁ ସଭାପତି ଭାବରେ ରାଜୀବ କୁମାର ଜୈନ, ସମ୍ପାଦକ ଭାବରେ ସଞ୍ଜୟ ମିତ୍ତଲଙ୍କ ସମେତ ଅନ୍ୟ ପଦାଧିକାରୀ ମାନେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଦାୟୀ ସଭାପତି ବିଲାଲ ମଲ୍ଲିକ ଓ ସମ୍ପାଦକ ସୁମିତ ନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ ଗଭର୍ଣ୍ଣର ଅମିତ ଜୟସ୍ୱାଲ ଓ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଶିବ ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ। ଏହାସହ ୨୦୨୪-୨୦୨୫ ବର୍ଷରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କ୍ଲବର ସଭ୍ୟସଭ୍ୟାଙ୍କୁ ସମ୍ମାନିତ କରାଯାଇଥିଲା।

## ବର୍ଷା ଆସିଲେ ଦୁଃଖ ବଢ଼େ

# ତଳିମୁଣ୍ଡା ଗାଁକୁ କାଦୁଅ ପଚପଚ ରାସ୍ତା

ସମ୍ବଲପୁର, ୧୪।୭ (ସମିସ)

ରାଜ୍ୟ ତଥା କେନ୍ଦ୍ରରେ ଏବେ ଡବଲ ଇଞ୍ଜିନ ସରକାର। କେନ୍ଦ୍ର ସରକାର ପ୍ରତି ପଞ୍ଚାୟତରୁ ପଞ୍ଚାୟତକୁ ପକ୍କା ସଡ଼କ ସୁବିଧା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ତଳିମୁଣ୍ଡା ଗ୍ରାମରେ ତାହାର ବ୍ୟତିକ୍ରମ ହୋଇଛି। ବର୍ଷା ଦିନ ଆସିଲେ ବଢ଼ିଯାଏ ଗ୍ରାମବାସୀଙ୍କ ଦୁଃଖ। ତଳିମୁଣ୍ଡା ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପ୍ରାୟ ସମସ୍ତ ପରିବାର କୃଷି ଉପରେ ନିର୍ଭରଶୀଳ। କିଛି ଯୁବପିଢ଼ି ବାହାରେ ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି କରନ୍ତି। ହେଲେ ଗାଁକୁ ରାସ୍ତାଟିଏ ହୋଇପାରୁ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡ଼ିଆବାହାଲରୁ ମୁଣ୍ଡେନପାଲି ପଟକୁ ପିଚୁ ରାସ୍ତା ହୋଇଛି। ସେହି ରାସ୍ତା ଦେଇ ୪ରୁ ୫ କିଲୋମିଟର ଆଗକୁ କଲେ ତଳିମୁଣ୍ଡା ଗାଁ ରାସ୍ତା ଆସିବ। ପିଚୁ ରାସ୍ତାରୁ ୫୦୦ ମିଟର ଦୂରରେ ତଳିମୁଣ୍ଡା ଗାଁ। ହେଲେ ୫୦୦ ମିଟର ରାସ୍ତାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପିଚ୍କା କରିବା ନାମ ଧରୁନି। ଦେହ ଅସୁସ୍ଥ ହେଲେ ପଡ଼ିଆବାହାଲ ନ ହେଲେ ସମ୍ବଲପୁରକୁ ଆସିଥାନ୍ତି। ହେଲେ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଆମ୍ବୁଲାନ୍ସ ମଧ୍ୟ ଯିବା ପାଇଁ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖରା ଦିନେ ଯାତାୟତ ପାଇଁ ସେତେଟା ଅସୁବିଧା ହୁଏନି। ହେଲେ ବର୍ଷା ଦିନେ କାଦୁଅ ପାଇଁ ଗାଡ଼ି ଅଟକି ଯାଇଥାଏ। ପୂର୍ବରୁ ରାସ୍ତା ପାଇଁ ଖର୍ସନମାଲ ସରପଞ୍ଚଙ୍କୁ ଅନେକଥର ଅଭିଯୋଗ କରାଯାଇଛି। ହେଲେ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ପରେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ ବିଭିନ୍ନ ଗୃହ ନିର୍ମାଣ କିମ୍ବା ଅନ୍ୟ ସାମଗ୍ରୀ ଆଣିବାକୁ ଗାଡିବାଲା ମଙ୍ଗୁନାହାନ୍ତି। ସେହିପରି ଗାଁରୁ ଅନେକ ଛାତ୍ର ଛାତ୍ରୀ ସ୍କୁଲ ଓ କଲେଜକୁ ପାଠ ପଢ଼ିବାକୁ ଯାଉଛନ୍ତି। ହେଲେ କାଦୁଅ ରାସ୍ତା ଯିବାଆସିବାରେ ବାଧକ ହେଉଛି। ତଳିମୁଣ୍ଡା ଗାଁରେ କାହାର ଦେହ ଖରାପ ହେଲେ ରୋଗୀଙ୍କୁ ଟେକିଟେକି ଗାଁ ମୁଣ୍ଡକୁ ନେଇ ଯିବାକୁ ପଡୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗାଁକୁ ପକ୍କା ରାସ୍ତାଟିଏ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## କାର-ବାଇକ୍ ଧକ୍କା; ଜଣେ ଗୁରୁତର

**ବୌଦ୍ଧ, ୧୪।୭ (ସମିସ):** ବୌଦ୍ଧ ବ୍ଲକ ସାହାଜପାଲ ନିକଟରେ କାର ଓ ବାଇକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଜଣକ ହେଲେ ତାଳସରଡା ଗ୍ରାମର ଅଙ୍ଗଦ ପେରା। ସୂଚନାନୁଯାୟୀ, ରବିବାର ରାତିରେ ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ସାହାଜପାଲ ଗ୍ରାମ ନିକଟରେ ନବରଙ୍ଗପୁରରୁ ଭୁବନେଶ୍ୱର ଯାଉଥିବା ଏକ ଆର୍ଟିଗା କାର ସହ ସମ୍ମୁଖରୁ ଆସୁଥିବା ଏକ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ତାଳସରଡା ଗ୍ରାମର ବାଇକ ଆରୋହୀ ଅଙ୍ଗଦ ପେରା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ବାଉଁଶୁଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଙ୍କ ଉଦ୍ଧାର ବେଳେ ଭାଙ୍ଗିଲା ଗାର୍ଡ ୱାଲ



**ଶଗଡ଼ା, ୧୪।୭ (ସମିସ) :** ବୌଦ୍ଧ ବ୍ଲକ ମନୁପାଲି ନିକଟରେ ଜଳସେଚନ ବିଭାଗ ପକ୍ଷରୁ ବାଘ କେନାଲର ପଙ୍କ ଉଦ୍ଧାର କାର୍ଯ୍ୟ ଜେସିବି ଦ୍ୱାରା ଚାଲିଥିଲା। ଏହି ସମୟରେ କେନାଲର କଂକ୍ରିଟ ଗାର୍ଡ ୱାଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉକ୍ତ କେନାଲ ଉପରେ ନିର୍ଭରଶୀଳ ଚାଷୀମାନେ ପ୍ରତିବାଦ କରିବା ସହ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଏନେଇ ଅଭିଯୋଗ କରିଛନ୍ତି। ଫଳରେ ଜେସିବିରେ ପଙ୍କ ଉଦ୍ଧାର କାର୍ଯ୍ୟ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, କିଛି ବର୍ଷ ତଳେ ନିର୍ମିତ ଗାର୍ଡ ୱାଲ କାମ ହୋଇଥିବାବେଳେ ପଙ୍କ ଉଦ୍ଧାର ପାଇଁ ଶ୍ରମିକ ଦ୍ୱାରା କାର୍ଯ୍ୟ କରା ନଯାଇ ଜଳସେଚନ ବିଭାଗ ଜେସିବି ସାହାଯ୍ୟରେ କାମ କରିବା ଫଳରେ କଂକ୍ରିଟ ଗାର୍ଡ ୱାଲ ଭାଙ୍ଗି କେନାଲ ଭିତରେ ଓ ହୁଡ଼ାରେ ପକାଇ ଦିଆଯାଇଛି। ଏ ଘଟଣା ଦେଖିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଏଭଳି ଗାର୍ଡ ୱାଲ ଭାଙ୍ଗି ଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ।

## ବୀରମହାରାଜପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ବୀରମହାରାଜପୁର, ୧୪।୭ (ସମିସ):** ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ୱ ସମ୍ବନ୍ଧରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ତରଭା ଏଇଏସ କଲେଜର ପୂର୍ବତନ ଅଧ୍ୟକ୍ଷ ଶମ୍ଭୁ ଭୂଷଣ ପଣ୍ଡା ମୁଖ୍ୟବକ୍ତା, ବୀରମହାରାଜପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମୁରଲୀଧର ହୋତା, କଲେଜର ଇଂରାଜୀ ବିଭାଗ ମୁଖ୍ୟ ଗୀତାଞ୍ଜଳି ପୂଝାରୀ ଓ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଯାମିନି ଦାସ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# କାଉଡ଼ିଆଙ୍କ ବୋଲ୍ ବୋମ୍ ଧ୍ୱନିରେ କମ୍ପିଲା ଶୈବପୀଠ





**ବୌଦ୍ଧ, ୧୪।୭ (ସମିସ)**

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଜଳଲାଗି କରିବାକୁ ବୌଦ୍ଧ ସହରରେ ଅବସ୍ଥିତ ବାବା ରାମେଶ୍ୱର, ଶ୍ରୀଚନ୍ଦ୍ରଚୁଡ ଓ ବାବା ମାତଙ୍ଗେଶ୍ୱର ମନ୍ଦିରରେ କାଉଡିଆ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଶ୍ରଦ୍ଧାଳୁ ଓ କାଉଡିଆମାନେ ମହାନଦୀରୁ ଜଳ ଉଠାଇ ମନ୍ଦିରରେ ପହଞ୍ଚି ମହାଦେବଙ୍କ ଉପରେ ଜଳ ଢ଼ାଳିଥିଲେ। ଚାରିଶମ୍ଭୁ, ଚଣ୍ଡିଗଡ଼, ଚଣ୍ଡିତଳ ପୀଠ ସମେତ କୁସଙ୍ଗ, ବୁରୁବୁଡା, ପୁରୁଣାକଟକ, ହରଭଙ୍ଗା, ସରସରା, ବିରନରସିଂପୁର, ମଲ୍ଲିକପଡ଼ା, ଖଲିଆପାଲି, ବାଉଁଶୁଣୀ, ଅମୁର୍ଦ୍ଧା, ମନମୁଣ୍ଡା, ବିରାମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡ଼ା ଭଳି ସ୍ଥାନରେ ଥିବା ଶୈବ ପୀଠରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। ସେହିପରି ଦାମୋଦରପୁର, କୃଷ୍ଣପାଲି, ବନ୍ଧାପଥର, ପଲାଶ, ଐତିହାସିକ ଗନ୍ଧରାଡ଼ିର ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥ ଆଦି ପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୂରଦୂରାନ୍ତରୁ କାଉଡିଆମାନେ ଆସି ଶୈବପୀଠ ନିକଟରେ ଥିବା ଗୋଷ୍ଠୀ କେନ୍ଦ୍ର, ସ୍କୁଲ, ବିଶ୍ରାମଗାରରେ ରାତ୍ରି ଯାପନ କରି ସକାଳୁ ନିକଟସ୍ଥ ପୋଖରୀ, ନାଳ ଓ ନଦୀରେ ସ୍ନାନ କରି ଭାରରେ ପାଣି ଧରି ଧାଡିରେ ଠିଆ ହୋଇ ଜଳଲାଗି କରିଥିଲେ।





ଗନ୍ଧରାଡ଼ି(ଚାରିଶମ୍ଭୁ) ପୀଠରେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**ବୀରମହାରାଜପୁର/ସୁବଳୟା:** ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ଜଟେସିଂହା ପଞ୍ଚାୟତର ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ମନ୍ଦିରରେ ସକାଳୁ ଜଳଲାଗି କରିବାକୁ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋର ୪ଟାରୁ ମନ୍ଦିର ଖୋଲା ହୋଇ ମହାଦେବଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ଓ ପୁରୁଷ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରି ମହାନଦୀରୁ ବାହୁଙ୍ଗୀରେ ଜଳଭାର ଧରି ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ କାଉଡିଆଙ୍କ ବୋଲ୍‌ବୋମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ସୁବଳୟା ପୁଲିସ ମୁତୟନ ହୋଇଥିଲେ। ସେହିପରି ବୀରମହାରାଜପୁର ଅଞ୍ଚଳର ଚମ୍ପାମାଳ ଚମ୍ପେଶ୍ୱର, କମଳପୁର ଗୁପ୍ତେଶ୍ୱର, ଟିଠିପାଲି ରାମେଶ୍ୱର, ସୁନାରିବେର୍ଣ୍ଣି ସ୍ୱପ୍ନେଶ୍ୱର, ସୁବଳୟା, ପିତାମହୁଲ, ଚଉକା, କଳମପୁର, ଉଫୁଲା, ବର୍ଡାକଟା, ଗୌଉଡଗାଡ ଶିବ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

**ଶଗଡ଼ା:** ଆଜି ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ କଣ୍ଟାମାଳ ବ୍ଲକର କଣ୍ଟାମାଳ, ଘଣ୍ଟାପଡ଼ା, ପଲସାଗୋରା, ଲୋକାପଡ଼ା ଖୁଣ୍ଟିଗୋରା, ଟପର୍ଣ୍ଣା, ଖଟଖଟିଆ, ଗୋହିପିଟା, ମନମୁଣ୍ଡା, ଗୁଡଭେଲି ପଦର, ବିଳାସ ପୁର ପ୍ରମୁଖ ସ୍ଥାନମାନଙ୍କରେ ଥିବା ଶୈବପୀଠ ଗୁଡ଼ିକରେ ବୋଲବମ ଭକ୍ତମାନଙ୍କ ପ୍ରବଳ ଗହଳି ଲାଗିଥିଲା। ନଦୀ ଓ ପୋଖରୀରୁ ପୂର୍ଣ୍ଣକୁମ୍ଭରେ ଜଳ ଆଣି ଶିବମନ୍ଦିରଗୁଡ଼ିକରେ ମହାଦେବଙ୍କ ଉପରେ ଜଳ ଢ଼ାଳିଥିଲେ।

**ସୋନପୁର:** ଅଷ୍ଟ ଶମ୍ଭୁଙ୍କ ସହର ସୁବର୍ଣ୍ଣପୁରରେ ରାଜା ରାଜୁଡା ସମୟରୁ ରହିଥିବା ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ରୁଦ୍ରନାଥ, ବାଲୁଙ୍କେଶ୍ୱର, ଲୋକନାଥ ଏବଂ ସିଦ୍ଧେଶ୍ୱର ପ୍ରମୁଖ ଅଷ୍ଟ ଶମ୍ଭୁ ପୀଠରେ ସ୍ୱତନ୍ତ୍ର ପୂଜାବିଧି ଆୟୋଜିତ ହୋଇଛି। ମୁଖ୍ୟତଃ ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗିଥିବା ଦେଖିବାକୁ ମିଳିଛି। କାଉଡିଆଙ୍କ ବୋଲବମ ଧ୍ୱନୀ ଓ ଭଜନ କୀର୍ତ୍ତନରେ କମ୍ପିଥିଲା ରାସ୍ତା। ରାମେଶ୍ୱର ତ୍ରିବେଣୀ ସଙ୍ଗମରୁ ଜଳ ନେଇ ଭୋଳାବାବାଙ୍କୁ ଜଳ ଲାଗି କରିଥିଲେ କାଉଡିଆ। ଏହି ଅବସରରେ ପଶ୍ଚିମ ସୋମନାଥ ମନ୍ଦିରରେ ସନ୍ଧ୍ୟାରେ ଠାକୁରଙ୍କ ବଡ ସିଂହାର ବେଶ ଆୟୋଜିତ ହୋଇଥିଲା।

## ସମସ୍ୟା ସୃଷ୍ଟି କରୁଛି ବସ୍‌ଷ୍ଟାଣ୍ଡରୁ ଥାନାଛକ ରାସ୍ତାର ଡିଭାଇଡର୍

### ସରକାରଙ୍କୁ ଟୁଇଟ୍ କରି ଜଣାଇଲେ ସାମାଜିକ କର୍ମୀ


DEEPA BARIK
@CharubalaB
We request the administration immediate steps to solve this i and bring relief to the people. _Odisha @DM_Subarnapur @N @HUDDeptOdisha @PWD_Odi

Post
Ramesh Meher
@CMO_Odisha @sksingh_deo @SecyChief @NacBinka @HUDDeptOdisha @DM_Subar
@PWD_Odisha
Translate post

ବସ୍‌ଷ୍ଟାଣ୍ଡରୁ ଥାନା ଛକ ମଝିରେ
ବସ୍‌ଷ୍ଟାଣ୍ଡରୁ ଥାନା ଛକ ମଝିରେ ରାସ୍ତା

**ବିନିକା, ୧୪।୭ (ସମିସ):** ବିନିକା ସହର ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ରାସ୍ତା ଚଉଡା କରାଯିବା ସହ ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତା ମଝିରେ ଡିଭାଇଡର ଦିଆଯାଇଛି। ଯାହାକୁ ଲୋକେ ସ୍ୱାଗତ କରିଥିବା ବେଳେ ବସଷ୍ଟାଣ୍ଡ ଛକଠାରୁ ଥାନା ଛକ ପର୍ଯ୍ୟନ୍ତ କୌଣସିଠାରେ ପଥିକଙ୍କ ପାଇଁ ରାସ୍ତାଟିଏ ନଥିବାରୁ ଏପଟରୁ ସେପଟ ହେବା ପାଇଁ ସାଧାରଣ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବସ୍‌ଷ୍ଟାଣ୍ଡ କିମ୍ବା ଥାନା ଛକକୁ ଚାଲି ଚାଲି ଯିବା ପରେ ହିଁ ରାସ୍ତା ପାରି ହେବାକୁ ପଡୁଛି। ବିଶେଷ କରି ଆହାର କେନ୍ଦ୍ରକୁ ଖାଇବାକୁ ଆସୁଥିବା ଲୋକେ ରାସ୍ତା ପାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଆଜି ସକାଳ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଦୀପା ବାରିକ ଓ ରମେଶ ମେହେର ପୃଥକପୃଥକ ଭାବେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସୁବର୍ଣ୍ଣପୁର ଜିଲ୍ଲାପାଳ, ଏଚୟୁଡିଡି ବିଭାଗ, ପୂର୍ତ୍ତ ବିଭାଗ, ଏନ୍ଏସି ପ୍ରଶାସନକୁ ଟୁଇଟ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଏହାର ସମାଧାନ ପାଇଁ ନିବେଦନ କରିଛନ୍ତି।

## ଗନ୍ଧବାଡ଼ି ପୀଠରେ ନାହିଁ ଆନୁଷଙ୍ଗିକ ସୁବିଧା; ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

**ବୌଦ୍ଧ, ୧୪।୭ (ସମିସ):** ଗନ୍ଧରାଡ଼ି(ଚାରିଶମ୍ଭୁ) ପୀଠରେ ଆଜି ଶ୍ରାବଣମାସ ସୋମବାର ଅବସରରେ ପୀଠରେ ଜଳ ଢ଼ାଳିବାକୁ କାଉଡିଆ ଓ ଭକ୍ତଙ୍କ ଭିଡ ଜମିଥିଲା। ସେଠାରେ ପାନୀୟ ଜଳ, ରହିବା ଭଳି ଆନୁଷଙ୍ଗିକ ସୁବିଧା ନଥିବାରୁ କାଉଡିଆ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଥିଲେ ମଧ୍ୟ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରୋଷେଇ ଶାଳ ଓ ଭୋଗ ମଣ୍ଡପ ପାଇଁ ୩୫ ଲକ୍ଷ ଟଙ୍କା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୨ ବର୍ଷ ହେଲା ଅନୁଦାନ ମଞ୍ଜୁରୀ ହୋଇ ପଡ଼ିଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା ନିର୍ମାଣ ହୋଇ ପାରୁନାହିଁ। ଜହ୍ନାପଙ୍କ ଛକରୁ ଚାରିଶମ୍ଭୁ ମନ୍ଦିର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଫାଇଲ ବନ୍ଧାରେ ସୀମିତ ରହିଛି। ଗନ୍ଧରାଡ଼ି ଲୋକକଳା ମହୋତ୍ସବ ନାମରେ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ନେତା, ମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ମହୋତ୍ସବ ପରେ କୌଣସି ପଦକ୍ଷେପ ନିଆଯାଇ ନଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉପରୋକ୍ତ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଏହା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



### ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୮୮ ଅଭିଯୋଗର ଶୁଣାଣି

**ବୀରମହାରାଜପୁର, ୧୪।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୁଗ୍ମ ଭାବେ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବଳିତ ଅଭିଯୋଗ ଶୁଣିଥିଲେ। ସର୍ବମୋଟ ୮୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୭୮ଟି ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ଅଭିଯୋଗର ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କୀତ ରହିଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ବିଡ଼ିଓ ପୁରୁଷୋତ୍ତମ ଧାରୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ତହସିଲଦାର, ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ଆଇଆଇସି ଗଞ୍ଜୁ ଓରାମ, ସିଡିପିଓ ଝରଣା ନାଏକ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯୋଗ ପ୍ରକୋଷ୍ଠରେ ବୀରମହାରାଜପୁର କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେର ଓ କର୍ମକର୍ତ୍ତାମାନେ ବର୍ତ୍ତମାନର କାର୍ଯ୍ୟାଳୟ ନାମରେ ଜମି ପଟ୍ଟା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।



## ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧୪।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଭଗବାନ ଶିବଙ୍କ ଉପରେ ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠାନର ସଦସ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଦେଇଥିଲେ। ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦର ସଭାପତି ଯୁଗଳ କିଶୋର ମିଶ୍ର, ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ, ଶଙ୍କର ମେହେର, ଦିଲ୍ଲିପ ତ୍ରିପାଠୀ, ମୀନକେତନ ମେହେର ପ୍ରମୁଖ ବାଦ୍ୟଯନ୍ତ୍ର ଓ ପାଳିଆରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ଭୂଷଣ କୁମାର ପାତ୍ର ପ୍ରମୁଖ ସମୀକ୍ଷକ ରହିଥିଲେ। ପାରାୟଣ ଗାୟକ ଶ୍ରୀନିବାସ ନାୟକ, ପୀତବାସ ପଣ୍ଡା, ପୂର୍ବତନ ସଭାପତି ଭଗବାନ ମିଶ୍ର, ଚମରା ମହାକୁର, ବିଦ୍ୱାନ ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲିପ ମିଶ୍ର, ବଳରାମ କାଣ୍ଡ, ଜୟଦେବ ସାହୁ, ରାଧେଶ୍ୟାମ ରାଏ, ଶ୍ୟାମସୁନ୍ଦର ସେଠି, ସୁରୁ ସାହୁ, ଦାମୋଦର ମିଶ୍ର, ଶିକ୍ଷାବିତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ସମବେତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ଉପସ୍ଥିତ ଥିଲେ।



## କମିରା ସ୍କୁଲରେ ଚାରାରୋପଣ



**ବୌଦ୍ଧ, ୧୪।୭ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଅନ୍ତର୍ଗତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇକୋ କ୍ଲବ୍ ଏବଂ ଜୁନିଅର ରେଡକ୍ରସ ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ଚାରାରୋପଣ କରିବା ପାଇଁ ସଚେତନ କରିଥିଲା। ମା' ପାଇଁ ଗଛଟିଏ ଲଗାଇ ତାର ଯତ୍ନ ନେବାପାଇଁ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ସହିତ ଅନ୍ୟାନ୍ୟ ବୃକ୍ଷ ଚାରାରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସୁମନ୍ତ କୁମାର ଦାସ, ସଭ୍ୟ ସଞ୍ଜୟ କୁମାର ଖଟୁଆ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଇକୋ କ୍ଲବ ଶିକ୍ଷକ ବୀର ବିକ୍ରମ ପ୍ରଧାନ ଓ ଜୁନିଅର ରେଡକ୍ରସ ପରାମର୍ଶଦାତା ଶବର ସେଠୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ରିତାଞ୍ଜଳି ପ୍ରଧାନ, ଶିକ୍ଷକ ସୁବୋଧ ସାହୁ, ମନ୍ମଥ ତରିଆ, ବିକାଶ ଦୀପ ସହଯୋଗ କରିଥିଲେ।

### ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା

## ପୂର୍ବତନ ସରପଞ୍ଚଙ୍କ ହତ୍ୟାକାରୀଙ୍କୁ ଦଣ୍ଡ ଦାବି

**ସୁବଳୟା, ୧୪।୭ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ହେଉଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଅନ୍ୟା ଦାସ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକଙ୍କୁ ଭେଟି ରାମପୁର ଥାନା ଗଜବନ୍ଧ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ହତ୍ୟାକାରୀଙ୍କୁ କଠୋର ଆଇନଗତ ଦଣ୍ଡବିଧାନ ଓ ତାଙ୍କ ଧର୍ମପତ୍ନୀ ତଥା ସରପଞ୍ଚ ବାସନ୍ତୀ କ୍ଷେତିଙ୍କ ପାରିବାର ବର୍ଗଙ୍କୁ ସୁରକ୍ଷା ପାଇଁ ଦାବି କରିଥିଲେ। ଗତବର୍ଷ ଜୁଲାଇ ୨୪ ତାରିଖରେ ଦୀଙ୍ଗୁରି ପାଲି ବ୍ଲକ ଇଚ୍ଛାପୁର ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ବ୍ଲକ ପରିସରରେ ସ୍ୱଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ଓ ଗତ ୧୦ ତାରିଖରେ ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତିଙ୍କୁ ନିର୍ମମ ହତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ତୃଣମୂଳସ୍ତର ନିର୍ବାଚିତ ସରପଞ୍ଚ ଓ ପରିବାର ବର୍ଗଙ୍କ ସୁରକ୍ଷା ପାଇଁ ମଧ୍ୟ ସେମାନେ ଦାବି କରିଥିଲେ। ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଆବଶ୍ୟକୀୟ ସାହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତିଙ୍କ ହତ୍ୟା ଘଟଣାର ଆସାମୀଙ୍କୁ ଗିରଫ କରାଯାଇଥିବା ସେ ଅବଗତ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସଂଘ ଉପସଭାନେତ୍ରୀ ଅନୁଷୟା ପଧାନ, ସମ୍ପାଦକ ସୂର୍ଯ୍ୟ ନନ୍ଦ, କୋଷାଧ୍ୟକ୍ଷା ଜୟଶ୍ରୀ ଦେହୁରୀ, ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଲା, ବନିତା ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ଡୁମାଲ ସମାଜ ପକ୍ଷରୁ ପ୍ରସାଦ ବଣ୍ଟନ



**ଶଗଡ଼ା, ୧୪।୭ (ସମିସ) :** ଆଜି ଶ୍ରାବଣମାସର ପ୍ରଥମ ସୋମବାର ଉପଲକ୍ଷେ କଣ୍ଟାମାଳ ବ୍ଲକ ଗୋହିପିଟା (ଦମାମୁଣ୍ଡା ) ସ୍ଥିତ ଖୁଙ୍କୁଡ଼େଶ୍ୱର ମହାଦେବ ମନ୍ଦିରରେ ସ୍ଥାନୀୟ ଡୁମାଲ ସମାଜ ତରଫରୁ କାଉଡିଆ ଏବଂ ଶୈବଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ସଭାପତି ହର ମେଣ୍ଡିଲି, କାଶୀବିଶ୍ୱନାଥ କର୍ଣ୍ଣ, ସଂକର୍ଷଣ କର୍ଣ୍ଣ, ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼ ଓ ଅନ୍ୟସଦସ୍ୟମାନେ ପରିଚାଳନା କରିଥିଲେ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମାଜସେବୀ ସୁଧୀର ମହାକୁଡ଼, ଶିକ୍ଷକ ନିରଞ୍ଜନ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



# ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ଭିତରେ ପାଣି



## ପାଣିରେ ଛିଡା ହୋଇ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା

**ଚନ୍ଦନେଶ୍ୱର/ଭୂଷଣ୍ଡେଶ୍ୱର, ୧୪।୭ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତର ଅଧିଷ୍ଠିତ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର। ସାମାନ୍ୟ ବର୍ଷା ପାଣିରେ ମନ୍ଦିର ଭିତରେ ପାଣି ପଶିଥିବା ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ପୀଠକୁ ପ୍ରତ୍ୟେକ ଦିନ ରାଜ୍ୟ, ଦେଶ ଓ ବିଦେଶରୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବାବେଳେ ନୂଆ ମନ୍ଦିର ନିର୍ମାଣ ନ ହେବାକୁ ନେଇ ସେମାନଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି ହେଉଛି। ଚଳିତ ବର୍ଷ ଆଜି ସୋମବାର ସାମାନ୍ୟ ବର୍ଷାରେ ବାବାଙ୍କ ମନ୍ଦିର ଭିତରେ ପ୍ରାୟ ଏକ ଫୁଟ ପାଣି ଜମି ରହିଥିଲା । ଭକ୍ତମାନେ ଏହି ପାଣିରେ ଛିଡା ହୋଇ ବାବାଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି । ପୀଠର ଏମିତି ଦୟନୀୟ ଅବସ୍ଥା ସମସ୍ତଙ୍କୁ ମର୍ମାହତ କରୁଛି । ଏକଦା ଯେଉଁ ଶୈବ ପୀଠରେ ସର୍ବଦା ଗହଳି ଲାଗି ରହିବା ସହିତ ଭାବ ଓ ଭକ୍ତିର ଅର୍ଘ୍ୟଦାନ ହେଉଥିଲା ! ଏବେ ସେହି ସ୍ଥାନ ଖାଁ ଖାଁ ଲାଗୁଛି । ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳର ବହୁ ଲୋକ ଆସି ଏହି ପୀଠ ନିକଟରେ ଫଳ, ମିଠା, ପଇଡ଼, ଜଳଖିଆ ଓ ହୋଟେଲ ଇତ୍ୟାଦି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି । ଏବେ ସେମାନେ ଜୀବନ ଜୀବିକା ନେଇ ଚିନ୍ତାରେ ଅଛନ୍ତି । ଦେଶ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବଙ୍କ ଲାଗି ମନ୍ଦିରଟିଏ ନିର୍ମାଣ ହୋଇ ନ ପାରିବା ଦେଖି ଦୁଃଖ ଓ କ୍ଷୋଭ ପ୍ରକାଶ କରି ଫେରୁଛନ୍ତି ! ଅନ୍ୟ ପକ୍ଷରେ ପଡୋଶୀ ପଶ୍ଚିମବଙ୍ଗରୁ ଏହି ପୀଠକୁ ସର୍ବାଧିକ ଭକ୍ତ ଆସୁଥିବା ନେଇ ବଙ୍ଗ ସରକାର ଦୀଘାକୁ ଗୁରୁତ୍ୱ ବଢାଇବା ସହିତ ଆକର୍ଷଣୀୟ କରିବା ପାଇଁ ଅଳ୍ପ ବର୍ଷ ମଧ୍ୟରେ ବୃହତ ଜଗନ୍ନାଥ ମନ୍ଦିର ନିର୍ମାଣ କରିସାରିଛନ୍ତି । ତେବେ ଆମ ପାଖରେ ଏସିଆ ମହାଦେଶର ସର୍ବବୃହତ ଶିବ ଲିଙ୍ଗ ଥାଇ ମଧ୍ୟ ଦୀର୍ଘ ବର୍ଷ ଧରି ମନ୍ଦିର ହୋଇପାରୁନାହିଁ । ଶ୍ରାବଣ ମାସରେ ବାବାଙ୍କ ଦର୍ଶନ ସହିତ ଜଳାଭିଷେକ କରିବା ପାଇଁ ହଜାର ହଜାର କାଉଡ଼ିଆଙ୍କ ସମାଗମକୁ ନେଇ ପ୍ରଶ୍ନ ଉଠୁଛି । ଏହି ପୀଠରେ ଯୁଦ୍ଧକାଳୀନ ଭିତ୍ତିରେ ବାବାଙ୍କ ମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଶ୍ରାବଣ ମାସର ପ୍ରଥମ ସୋମବାର

# ଭକ୍ତମୟ ଚନ୍ଦନେଶ୍ୱର ପୀଠ



**ଚନ୍ଦନେଶ୍ୱର/ଭୂଷଣ୍ଡେଶ୍ୱର, ୧୪।୭ (ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ଚନ୍ଦନେଶ୍ୱର ଜୀଉଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସମାଗମରେ ପୀଠ ଭକ୍ତମୟ ହୋଇଉଠିଛି। ଆଜି ସକାଳେ ସେବାୟତ ମାନଙ୍କ ଦ୍ୱାରା ଚନ୍ଦନେଶ୍ୱର ଜୀଉଙ୍କର ବିଶେଷ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ଭକ୍ତ ମାନଙ୍କ ଦର୍ଶନ ପାଇଁ ମନ୍ଦିର ଫିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଭକ୍ତମାନେ ଲମ୍ବା ଧାଡ଼ିରେ ଶ୍ରୀ ଜୀଉଙ୍କର ଦର୍ଶନ କରିବା ସହିତ ଜଳାଭିଷେକ କରିଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇ ଥିଲା । ମୌରସି ତପନ କୁମାର ପଣ୍ଡା, ଉପ ମୌରସୀ ବ୍ରଜଦେବ ପଣ୍ଡା, ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼

**ପଞ୍ଚଲିଙ୍ଗେଶ୍ୱର/ନୀଳଗିରି,୧୪।୭ (ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାରରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ମାନଙ୍କର ଭିଡ ଦେଖିବାକୁ ମିଳିଛି। ବିଶେଷକରି କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଅଞ୍ଚଳରୁ ଭକ୍ତ ମାନେ ନିଜର ମନସ୍କାମନା ପୂରଣ ନିମିତ୍ତ ଚାଲି ଚାଲି ଉକ୍ତ ପୀଠକୁ ନଦ ନଦୀ ମାନଙ୍କର ପାଣି ନେଇ ଆସି ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଭକ୍ତଙ୍କୁ ଶାନ୍ତି ଶୃଙ୍ଖଳାରେ ପୂଜା ଅର୍ଚ୍ଚନା କରିବା ନିମିତ୍ତ ନୀଳଗିରି ପ୍ରଶାସନ ଏବଂ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତ ମାନେ ରବିବାର ଠାରୁ ଉକ୍ତ ଶୈବପୀଠରେ ଆସି ପହଞ୍ଚିଥିଲେ। ଭକ୍ତଙ୍କ ସୁରକ୍ଷା ନିମନ୍ତେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ପୀଠରେ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପରିଲକ୍ଷିତ ହୋଇଛି।



# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଗାଁରେ ଉତ୍ତେଜନା

**ନୀଳଗିରି, ୧୪।୭ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ଗରଡିହୀ ପଞ୍ଚାୟତର କଳାକାଦ ଗ୍ରାମର ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ସମେତ ଗ୍ରାମରେ ଉତ୍ତେଜନା ଦେଖାଯାଇଛି । କଳାକାଦ ଗ୍ରାମର ସ୍ୱର୍ଗତ ହରପ୍ରସାଦ ପାତ୍ରଙ୍କ ବଡପୁଅ ସନ୍ତୋଷ ପାତ୍ର(୪୫) ଓ ପାଖ ପଡ଼ୋଶୀଙ୍କ ମଧ୍ୟରେ କିଛିଦିନ ହେବ କଳହ ଲାଗି ରହିଥିବାବେଳେ ସୋମବାର ସକାଳ ୫ଟାରେ ସନ୍ତୋଷ ଘର ସାମ୍ନା ରାସ୍ତା ପାଶ୍ୱର୍ରେ ସଂଜ୍ଞାହୀନ ଅବସ୍ଥାରେ ପଡିଥିବାର ଗ୍ରାମର କିଛି ଯୁବକ ଦେଖିବାକୁ ପାଇଥିଲେ । ତୁରନ୍ତ ଘର ଲୋକଙ୍କୁ ଜଣାଇବା ସହିତ ଘଟଣାଟି ଅଞ୍ଚଳରେ ପ୍ରଘଟ ହୋଇଯାଇଥିଲା । ସନ୍ତୋଷଙ୍କ ମୁଣ୍ଡ ପଛ ପଟରେ ଗଭୀର ଆଘାତ ଲାଗିଥିବାର ଜଣାପଡିଛି । ପଡିଥିବା ସ୍ଥାନରେ ପ୍ରବଳ ରକ୍ତ ବାହାରି ଜମାଟ ହୋଇଥିବାର ଦେଖିବାକୁ ମିଳିଥିଲା । ଆମ୍ବୁଲାନ୍ସ ଆସିବା ପରେ ପୀଡ଼ିତଙ୍କୁ ନୀଳଗିରି ହସ୍ପିଟାଲ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଥିନେଇ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି । ମରଶରୀରକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏଥିନେଇ ବରହମପୁର ପୁଲିସ୍ ଘଟଣାସ୍ଥଳରେ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ପରିବା ହାଟରେ ନିଆଁ; ଖାଉଟି ଓ ପରିବା ଚାଷୀ ଚିନ୍ତାରେ



**ଚନ୍ଦନେଶ୍ୱର, ୧୪।୭(ସମିସ):** କ୍ରମାଗତ ଭାବରେ ତିନି ଥର ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ଯୋଗୁଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ନଦୀପଠା ଅଞ୍ଚଳରେ ଅଧିକ କ୍ଷୟକ୍ଷତି ହୋଇଛି। ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ୍ୟା ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ଏ ଅଞ୍ଚଳର ବିଭିନ୍ନ ବଜାରରେ ବିକ୍ରୀ ହେଉଥିବା ପନିପରିବା ଉପରେ ପଡିଛି। ଫଳରେ ହାଟ ବଜାରରେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ୫୦୦ ଟଙ୍କାରେ ପରିବା କିଣିଲେ ମଧ୍ୟ ବେଗ ଭର୍ତ୍ତି ହେଉନାହିଁ । ଭୋଗରାଇର ପ୍ରମୁଖ ବଜାର ଚନ୍ଦନେଶ୍ୱର, ଥାନାଛକ, ଦେଉଳା, କମର୍ଦ୍ଦା, ଶ୍ରଦ୍ଧାପୁର, ନିମାତପୁର, ଚୌକି, ଶଙ୍ଖାରୀ ଓ ଭୋଗରାଇରେ ବିକ୍ରି ହେଉଥିବା ପନିପରିବା ସାଧାରଣତଃ ବାଲିଆପାଳ ଓ ଭୋଗରାଇର ବ୍ଲକର ନଦୀକୁଳିଆ ଅଞ୍ଚଳରୁ ଆସିଥାଏ। ତେବେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଲଗାତାର ତିନି ଥର ବନ୍ୟା ଆସିବାରୁ ଏହି ସବୁ ଅଞ୍ଚଳରେ ଶତାଧିକ ଏକର ଜମିରେ ବନ୍ୟା ପାଣି ଜମି ରହିବା କାରଣ ରୁ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ପ୍ରଭାବ ପରିବା ବଜାରରେ ଦେଖିବାକୁ ମିଳିଛି । ପରିବା ଦର ପୂର୍ବ ଅପେକ୍ଷା ଏବେ ପାଖାପାଖି କିଲୋ ପ୍ରତି ତିନି ଗୁଣ ବଢିଯାଇଛି। ବନ୍ୟା ପୂର୍ବରୁ ବାଇଗଣ କିଲୋ ୩୦ରୁ ୪୦ ଟଙ୍କା ଥିଲାବେଳେ ବନ୍ୟା ପରେ ତାହା ୮୦ ଟଙ୍କାରେ ପହଁଚିଛି। ସେହିଭଳି ବିଲାତି କିଲୋ ପ୍ରତି ୨୦ ରୁ ୨୫ ଟଙ୍କା ଥିଲାବେଳେ ଏବେ ତାହା ୪୦ରୁ ୫୦ ଟଙ୍କା ରହିଛି । କଖାରୁ କିଲୋ ପ୍ରତି ୧୦ରୁ ୧୫ ଟଙ୍କା ଥିଲାବେଳେ ଏବେ ୨୦ରୁ ୨୫ ଟଙ୍କା ହୋଇଛି। ଅମୃତଭଣ୍ଡା ଦାମ କିଲୋ ପ୍ରତି ୩୦ ଟଙ୍କା, ପୋଟଳ ୫୦ରୁ ୭୦ ଟଙ୍କା, ଗାଜର ୫୦ ରୁ ୬୦ ଟଙ୍କା, କଲରା କିଲୋ ପ୍ରତି ୫୦ରୁ ୬୦ ଟଙ୍କା, କୁନ୍ଦୁରି ୪୦ରୁ ୫୦ ଟଙ୍କା, ଜହ୍ନି କିଲୋ ପ୍ରତି ୪୦ ରୁ ୫୦ ଟଙ୍କା, କଞ୍ଚା ଲଙ୍କା ୨୦୦ ଟଙ୍କା, କାକୁଡି ୫୦ ଟଙ୍କାରେ ପହଞ୍ଚିଛି। ଯାହା ଦ୍ୱାରା ଗରିବ, ଖଟିଖିଆ, ସାଧାରଣ ଖାଉଟିଙ୍କ ଉପରେ ଅଧିକ ପ୍ରଭାବ ପଡୁଛି । ଚାରି ମାସ ପର୍ଯ୍ୟନ୍ତ ଏହିଭଳି ସମସ୍ୟା ଲାଗି ରହିବ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ମତ ଦେଇଛନ୍ତି । ବର୍ତ୍ତମାନ ଖାଉଟିଙ୍କୁ ବାହାର ପରିବା ଉପରେ ନିର୍ଭର କରିବାକୁ ପଡିବ । ବନ୍ୟା କେବଳ ଖାଉଟିଙ୍କ ପାଇଁ ନୁହେଁ ବରଂ ଚାଷୀଙ୍କୁ ଅଧିକ ମାତ୍ରାରେ କଲବଲ କରି ମାରିଛି । ଅନ୍ୟ ପକ୍ଷରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପରିବା ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି । ପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ଚାଷୀ ନିଜ ପରିବାର କେମିତି ଚଳାଇବେ, ଧାର କରଜ କିପରି ପରିଶୋଧ କରିବେ ସେଇ ଚିନ୍ତାରେ ଅଛନ୍ତି।

# ଏମ୍‌ଏସ୍‌ଏସ୍ ସଙ୍ଗଠନ ପକ୍ଷରୁ ବିକ୍ଷୋଭ




**ଭୋଗରାଇ, ୧୪।୭ (ସମିସ) :** ବହୁ ଚର୍ଚ୍ଚିତ ବାଲେଶ୍ୱର ଜିଲ୍ଲା ଫକୀର ମୋହନ ସ୍ୱୟଂ ଶାସିତ ମହାଦ୍ୟାଳୟରେ ଜନୈକା ଛାତ୍ରୀ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା କରିବା ପାଇଁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ଏକ ସମ୍ବେଦନଶୀଳ ଘଟଣା। ଏହି ଘଟଣାକୁ ଭାରତ ବର୍ଷର ବିପ୍ଳବୀ ମହିଳା ସଂଗଠନ ଅଲ ଇଣ୍ଡିଆ ଏମ ଏସ ଏସ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ କରି ସମ୍ପୃକ୍ତ ଅପରାଧୀମାନଙ୍କୁ କଠୋରରୁ କଠୋର ଶାସ୍ତି ବିଧାନ କରିବା ପାଇଁ ସଂଗଠନ ଦାବି କରିଛି । ଏଥି ପାଇଁ ଆଜି ଭୋଗରାଇ ଏମ ଏସ ଏସ ଆଞ୍ଚଳିକ କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଗରାଇ ତହସିଲଦାରଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବିକ୍ଷୋଭକାରୀ ମାନେ ଥାନାଛକରୁ ଏକ ଶୋଭା ଯାତ୍ରାରେ ବାହାରି ଭୋଗରାଇ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରତିବାଦ ସଭା କରିଥିଲେ। ସଙ୍ଗଠନର ସଭାନେତ୍ରୀ ସରୋଜିନୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ ଏସ ଏସ ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟା ତରଙ୍ଗିନୀ ଦାସ ବକ୍ତା ଭାବେ ଯୋଗ ଦେଇ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଜଡିତ ସମସ୍ତ ଅପରାଧୀଙ୍କୁ କଠୋର ଶାସ୍ତି ଦେବା ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ ଏସ ଏସ ସମ୍ପାଦିକା ପିଙ୍କି ମଲ୍ଲିକ, ଶାନ୍ତିଲତା ବେହେରା, କାମିନୀ ମୁର୍ମୁ, ସନ୍ଧ୍ୟା ଦାସ, ସୀତା ଦାସ, ବୁକି ସିଂ ଏହି ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ଛାତ୍ରୀ ଓ ମହିଳାମାନଙ୍କୁ ସୁରକ୍ଷା ଦେଇନପାରିଲେ ଆଗାମୀ ଦିନରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ସଂଗଠିତ ହେବ ବୋଲି ଚେତାବନୀ ଦେଇଥିଲେ।

## ବାଲିଆପାଳରେ ମହିଳା ସାମ୍ବାଦିକାଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା

# ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

**ନ୍ୟାୟ ପାଇଁ ସାଂସଦ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ପୀଡ଼ିତା**

**ଆସନ୍ତାକାଲିଠାରୁ ଥାନା ସମ୍ମୁଖରେ ଧାରଣାରେ ବସିବ ସାମ୍ବାଦିକ ସଂଘ**

**ବାଲିଆପାଳ, ୧୪।୭ (ସମିସ):** ବାଲେଶ୍ୱର ଜିଲ୍ଲା ଫକୀରମୋହନ କଲେଜର ଛାତ୍ରୀ ନ୍ୟାୟ ପାଇଁ ଆତ୍ମାହୁତି ଘଟଣା ଏବେ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିବା ବେଳେ ପୁଣି ଥରେ ଆଉ ଜଣେ ମହିଳା ନ୍ୟାୟ ପାଇଁ ଦୌଡି ଦୌଡି ନିରାଶ ହୋଇ ଥାନା ସମ୍ମୁଖରେ ଆତ୍ମାହୁତି ଦେବା ନେଇ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଅଭିଯୋଗ ମୁତାବକ ବାଲିଆପାଳ ବ୍ଲକର କାର୍ଯ୍ୟରତ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ ଗତ ୧୧ ତାରିଖ (ଶୁକ୍ରବାର) ବ୍ଲକ ପରିସରରେ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ସେଠାରେ ବିଜେପି ନେତା ତଥା ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଦୁର୍ବ୍ୟବହାର କରିବା ସହ ଜୀବନରୁ ମାରିଦେବା ଧମକ ଦେଇଥିଲେ। ଏ ନେଇ ସାମ୍ବାଦିକା ରାଜଶ୍ରୀ ବାଲିଆପାଳ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଏତଲା ଦେଇଥିଲେ। ଏହି ଏତଲା କ୍ରମେ ବାଲିଆପାଳ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା କହିଛି। ଏହି ଘଟଣାକୁ ନେଇ ବିଭିନ୍ନ ସାମ୍ବାଦିକ ସଂଗଠନ,ସାମଜିକ ଅନୁଷ୍ଠାନ, ରାଜନେତା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ଏହି ଘଟଣାରେ ସାମ୍ବାଦିକା ରାଜଶ୍ରୀ ଙ୍କ ସମେତ ବହୁ ସାମ୍ବାଦିକ ବସ୍ତା ଏସଡିପିଓ, ବାଲିଆପାଳର ବିଜେପି ବିଧାୟକ ପ୍ରାର୍ଥୀ ତଥା ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ଅଣ୍ଡିଆ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏପରିକି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ନ୍ୟାୟ ପାଇଁ ସାମ୍ବାଦିକା ଜଣଙ୍କ ନିବେଦନ କରିଆସୁଛନ୍ତି। ତେବେ ଘଟଣାକୁ ଚାରିଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରୁନାହିଁ। ଅଭିଯୋଗ ହୋଇଥିବା ସରପଂଚଙ୍କ ସ୍ୱାମୀ ହେମନ୍ତ ଦାସଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକାଧିକ ଅଭିଯୋଗ ଥିଲେ ମଧ୍ୟ ପୁଲିସ ହେମନ୍ତଙ୍କୁ ଗିରଫ ନକରିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ତେବେ ଆସନ୍ତା କାଲିଠାରୁ ସାମ୍ବାଦିକା ଶ୍ରୀମତୀ ପାଣିଗ୍ରାହୀ ବାଲିଆପାଳ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି। ସାମ୍ବାଦିକାଙ୍କୁ ସମର୍ଥନ ଜଣାଇ ବହୁ ଉତ୍ତର ବାଲେଶ୍ୱରର ବହୁ ସାମ୍ବାଦିକ ଧାରଣାରେ ବସିବେ ବୋଲି କହିଛନ୍ତି। ସାମ୍ବାଦିକା ଜଣଙ୍କ ଏବେ ମାନସିକ ଅଶାନ୍ତିରେ ରହିବା ସହ ନ୍ୟାୟ ନମିଳିଲେ ସାମ୍ବାଦିକା ପାଣିଗ୍ରାହୀ ବାଧ୍ୟ ହୋଇ ଆତ୍ମାହୁତି ଦେବେ ବୋଲି ପ୍ରଶାସନକୁ ଖୋଲା ଖୋଲି ଚେତାବନୀ ଦେଇଛନ୍ତି।

# ଧାରଣାରୁ ଉଠିଲେ ଲକ୍ଷ୍ମୀବସ୍ କଣ୍ଡକ୍ଟର

**ସୋର, ୧୪।୭ (ସମିସ):** ସୋର ବ୍ଲକ କାର୍ଯ୍ୟାଳୟ ପରିସରରେ ତିନିଦିନ ଧରି ଧାରଣାରେ ବସିଥିବା ଲକ୍ଷ୍ମୀବସ୍‌ର କଣ୍ଡକ୍ଟର ମାନେ ଆଜି ଧାରଣାରୁ ଉଠିଥିବା ଦେଖିବାକୁ ମିଳିଛି। ଗତ ୧୨ ତାରିଖରେ ସୋର ବ୍ଲକରେ ଚାଲିଥିବା ୪ଟି ଲକ୍ଷ୍ମୀବସର କଣ୍ଡକ୍ଟର ମାନେ କେତେକ ଦାବି ନେଇ ଧାରଣାରେ ବସିଥିଲେ। ଯାହାଫଳରେ ଲକ୍ଷ୍ମୀବସ ସେବା ବନ୍ଦ ରହିବାରୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତିନିଦିନ ଧରି ଧାରଣାରେ ବସିବା ପରେ ଆଜି ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ବସ୍ କଣ୍ଡକ୍ଟର ଅପରେସନ ମ୍ୟାନେଜର ଚକ୍ରଧର ପାଢ଼ୀ, ଏରିଆ ମ୍ୟାନେଜର ସୁଶାନ୍ତ ପଣ୍ଡା ଓ ଅଶୋକ କୁମାର ରାଉତ ସୋର ବ୍ଲକରେ ପହଞ୍ଚି କଣ୍ଡକ୍ଟରମାନଙ୍କୁ ବୁଝାସୁଝା କରିବା ସହିତ ସେମାନଙ୍କର ଦାବି ପୂରଣ କରିବା ପାଇଁ ପ୍ରତିଶୃତି ଦେବାରୁ ଧାରଣାରତ କଣ୍ଡକ୍ଟରମାନେ ପୂର୍ବବତ କାର୍ଯ୍ୟରେ ଯୋଗଦାନ କରିଥିଲେ। ଫଳରେ ପୂର୍ବପରି ବସ ସେବା ସ୍ୱାଭାବିକ ହୋଇଥିଲା।

# ହରିଶ୍ଚନ୍ଦ୍ର ସହାୟତା ରାଶିକୁ ଚାହିଁ ବସିଛନ୍ତି ୩୨ ପଞ୍ଚାୟତ

**ଖଇରା,୧୪।୭ (ସମିସ):** ପ୍ରଶାସନିକ ଅବହେଳା କାରଣରୁ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୩୨ପଞ୍ଚାୟତକୁ ୩୦୩ ହିତାଧିକାରୀଙ୍କ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳିପାରିନାହିଁ। ଯେଉଁଥିପାଇଁ ଅର୍ଥାଭାବରୁ ପଞ୍ଚାୟତମାନେ ଏହି ଯୋଜନାକୁ ସଠିକ ଢଙ୍ଗରେ ପରିଚାଳିତ କରି ପାରୁନଥିବା ଅଭିଯୋଗ ହୋଇଛି। କିଛି ପଞ୍ଚାୟତ ୨୦୨୨ ମସିହାରୁ ଏହି ଅର୍ଥ ଖର୍ଚ୍ଚ କରିଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କୁ ମିଳିପାରିନାହିଁ। ତୁରନ୍ତ ପ୍ରଶାସନ ଏହାକୁ ଗୁରୁତର ଭାବେ ଗ୍ରହଣ କରି ଆବେଦନ ତ୍ରୁଟିକୁ ସଂଶୋଧନ କରି ବକେୟା ଅର୍ଥ ପ୍ରଦାନ କରିବାକୁ ଲୋକପ୍ରତିନିଧିମାନେ ଦାବି କରିଛନ୍ତି। ମୃତ୍ୟୁ ପରେ ମୃତକଙ୍କ ପରିବାରକୁ ଶବସତ୍କାର ତଥା ଅନ୍ତେଷ୍ଟିକ୍ରିୟାରେ ଖର୍ଚ୍ଚ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ୩ହଜାର ଟଙ୍କା ପ୍ରଦାନ କରିଥାନ୍ତି। ଆବେଦନ ମାତ୍ରେ ପଞ୍ଚାୟତ କର୍ତ୍ତୃପକ୍ଷ ନିଜ ପାଣ୍ଠିରୁ ତତକ୍ଷଣାତ ଶୋକାକୁଳ ପରିବାରକୁ ଅର୍ଥ ପ୍ରଦାନ କରିଥାନ୍ତି। ପରେ ସରକାରଙ୍କ ଠାରୁ ପଞ୍ଚାୟତକୁ ଏହି ଅର୍ଥ ପ୍ରଦାନ କରାଯାଇଥାଏ। ହେଲେ ପ୍ରଶାସନ ଅବହେଳା କାରଣରୁ ବହୁ ପଞ୍ଚାୟତ ୨୦୨୨ରୁ ଅର୍ଥ ଦେଇସାରିଥିଲେ ହେଁ ଏ ପର୍ଯ୍ୟନ୍ତ ଅର୍ଥ ପାଇ ପାରିନାହାଁନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଗଗନଧୂଳୀ ପଞ୍ଚାୟତରେ ୩୦, କଇଥଗଡିଆରେ୨୨, ମହତୀପୁରରେ ୨୬, ମାଖନପୁରରେ ୧୩, ବାଉଁଶଗଡିଆରେ ୧୪, ଡଗରପଡାରେ ୧୧, ଗୋଳିହାରେ ୧୨, ସାରଡାଙ୍ଗରେ ୧୦, ଡୁଙ୍ଗୁରାରେ ୧୫, ବଡଜୟପୁରରେ ୧୪, ପଳସାରେ ୩୨, ବଡନୁଆଗାଁରେ ୧୧ଜଣଙ୍କ ଟଙ୍କା ଏ ପର୍ଯ୍ୟନ୍ତ ବାକି ପଡିଛି। ସେହିଭଳି ଅନ୍ୟ ୨୦ ପଞ୍ଚାୟତର ୯୨ଜଣ ହିତାଧିକାରୀଙ୍କ ଅର୍ଥ ଆସିପାରୁନାହିଁ। ଆବେଦନରେ ଭୁଲ ପାଇଁ ଏ ପଇସା ରାଜ୍ୟସ୍ତରରୁ ମିଳିପାରୁ ନଥିବା ବ୍ଲକ ପ୍ରଶାସନ କହୁଥିବା ବେଳେ କିଭଳି ଆବେଦନରେ ସଂଶୋଧନ ହେବ କାହାରି ପାଖରେ ଉତ୍ତର ନାହିଁ। ଏ ସମ୍ପର୍କରେ ଖଇରା ବ୍ଲକ ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ଏହା ଉପରେ ତର୍ଜମା କରି କିଭଳି ଅର୍ଥ ଆସିବ ତା'ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଗଛକୁ ପିଟିଲା କାର, ଅଳ୍ପକେ ବର୍ତ୍ତିଲେ ଚାଳକ



**ନୀଳଗିରି,୧୪।୭(ସମିସ):** ନୀଳଗିରି ବ୍ଲକ୍ ଅନ୍ତର୍ଗତ ଗରଡିହି ପଞ୍ଚାୟତର କଳାକାଦ ଓ ଗରଡିହି ଛକ ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱରରୁ ଉଦଳା ଅଭିମୁଖେ ଯାଉଥିବା ଏକ କଳା ରଙ୍ଗର କାର ରାସ୍ତା କଡ଼ରେ ଥିବା ଏକ ବଡ ଆମ୍ବଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଜଣାପଡିଛି। ଗାଡିଟିର ଏୟାର ବ୍ୟାଗ ପାଇଁ ଡ୍ରାଇଭର ଜଣକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଡିର ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ପହଁଚି ଡ୍ରାଇଭରକୁ ଗାଡି ଭିତରୁ ବାହାର କରିଥିଲେ। କିଛି ସମୟ ପରେ ଡ୍ରାଇଭରର ପରିଚିତ ଲୋକ ପହଁଚି ଗାଡି ସମେତ ତାଙ୍କୁ ନେଇଯାଇଥିବାର ସୂଚନା ମିଳିଛି। ଘଟଣା ସମ୍ପର୍କରେ ବରହମପୁର ପୁଲିସ ପାଖରେ ସୂଚନା ନାହିଁ।

# ନିଷ୍କାସନ ବ୍ୟବସ୍ଥା ନାହିଁ, ଜମୁଛି ବର୍ଷା ପାଣି

**ଚନ୍ଦନେଶ୍ୱର, ୧୪।୭ (ସମିସ)**



ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଦୁର୍ଗାଦେବୀ ହାଟ ପାଖ ରାସ୍ତା ଉପରେ ଅସରାଏ ବର୍ଷା ହେଲେ ୨ ଫୁଟର ପାଣି ଜମା ହେଉଛି। ଟିକେ ପାଣି ଶୁଖି ଗଲେ ପଙ୍କ, କାଦ ପଚ ପଚ ହୋଇଯାଉଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ, ଦୋକାନୀ, ରଜନୀକାନ୍ତ ଏକାଡେମୀର ଛାତ୍ରଛାତ୍ରୀ, ବାବୁରାମ ମହାନ୍ତି ଉ:ପ୍ରା: ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡି କେନ୍ଦ୍ରର କୁନି କୁନି ପିଲା ଏବଂ ଏହି ରାସ୍ତାକୁ ଲାଗି ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଯିବା ଆସିବାରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମନ୍ଦିରକୁ ଯିବା ପାଇଁ ମଧ୍ୟ ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଛି । ତେଣୁ ପ୍ରତ୍ୟେକ ଦିନ ଶହ ଶହ ବାଇକ, ଟ୍ରାକ୍ଟର, ଟ୍ରକ ମଧ୍ୟ ଯିବା ଆସିବା କରୁଛି। ସେହି ଦୁର୍ଗାଦେବୀ ହାଟ ପଡିଆରେ ମା' ଦୁର୍ଗାଦେବୀଙ୍କ ସାର୍ବଜନୀନ ପୂଜାର୍ଚ୍ଚନା ସାଙ୍ଗକୁ ବିରାଟ ମେଳା ଅନୁଷ୍ଠିତ ହୋଇଥାଏ ଏବଂ ରଥ ଓ ବାହୁଡା ଯାତ୍ରା ଦେଖିବା ପାଇଁ ଭୋଗରାଇର ବିଭିନ୍ନ ଅଞ୍ଚଳ ତଥା ସୀମାନ୍ତ ପଶ୍ଚିମବଙ୍ଗରୁ ହଜାର ହଜାର ଲୋକଙ୍କର ଜନସମାଗମ ଦେଖିବାକୁ ମିଳିଥାଏ । ପାଣି ନିଷ୍କାସନ ହେବାର ବ୍ୟବସ୍ଥା ନ ଥିବାରୁ ଏହି ରାସ୍ତାରେ ୨ଫୁଟର ପାଣି ଜମା ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ବର୍ଷା ପରେ ରାସ୍ତା ପଙ୍କ, କାଦ ପଚ ପଚ ହୋଇଯାଉଛି । ରାସ୍ତାର ଅବସ୍ଥା ଏତେ ଖରାପ ହେଉଛି ଯେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷର କାରଣ ପାଲଟିଛି । ତେଣୁ ରାସ୍ତାରେ ଜମୁଥିବା ପାଣି ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ପଦ୍ମଲୋଚନ ସେନାପତି, ମନ୍ମଥ ବାରିକ, ବଂଶୀଧର ମଣ୍ଡଳ, ବଳରାମ ନାୟକ, ଗୌରହରି ସେନାପତି, ସଦାନନ୍ଦ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ଅସରାଏ ବର୍ଷାରେ ଗ୍ରାମ ରାସ୍ତା କାଦୁଅ ପଚପଚ



**ବାଲେଶ୍ୱର(ଉତ୍ତର),୧୪।୭(ସମିସ):** ଭୋଗରାଇ ବ୍ଲକ ସିଆଁରୋଇ ଗ୍ରାମ ପଞ୍ଚାୟତ ଅଧୀନ ବେଲଦା ଗ୍ରାମ ରାସ୍ତା ଆଜି ବି କାଦୁଅ ପଚ ପଚ ହୋଇଯାଉଛି। ବର୍ଷ ବର୍ଷ ଧରି ଏହି ଗାଁର ଲୋକେ ବର୍ଷା ଦିନ ଆସିଲେ କାଦୁଅରେ ସଡୁଛନ୍ତି। ନେତାଙ୍କ ଠାରୁ ପ୍ରଶାସନ ଗାଁ ଲୋକଙ୍କ ଗୁହାରୀ କେହି ଶୁଣୁନାହାନ୍ତି। ବର୍ଷା ହେଲେ କାଦୁଅ ଉପରେ କାଠ ପକାଇ ଯିବା ଆସିବା କରିବା ପାଇଁ ବାଧ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳି ପାରୁନାହିଁ। ବର୍ଷେ ବିତିଲା ଉଭୟ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଭୋଗରାଇ ବ୍ଲକ ପ୍ରଶାସନଙ୍କୁ ବିନମ୍ର ଅନୁରୋଧ କଲେ ମଧ୍ୟ ଏଥି ପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ତୁରନ୍ତ ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରିବେ ତେବେ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଡେରାବିଶରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩୯ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

କେନ୍ଦ୍ରାପଡ଼ା/ଡେରାବିଶ, ୧୪।୭ (ସମିସ)



ଡେରାବିଶ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଅଜାମ୍ବର ମହାନ୍ତି, ଏଡିଏମ୍ ନବକୃଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲିକ, ସବ୍‌କଲେକ୍ଟର ଅରୁଣ କୁମାର ନାୟକ, ଡେରାବିଶ ବିଡିଓ ନମିତା ବାରିକ, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୩୯ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୬ଟି ସାମୂହିକ ଅଭିଯୋଗ ଥିବାବେଳେ ୩୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ତେବେ ସାମୂହିକ ଅଭିଯୋଗ ମଧ୍ୟରେ ମହାକାଳପଡ଼ା ବ୍ଲକ୍ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ କୋଚିଳା ଗ୍ରାମର ଲୋକେ ସେମାନଙ୍କ ଗ୍ରାମ ପାଇଁ ନିଯୁକ୍ତ ହେବାକୁ ଥିବା ଖୁଚୁରା ବିକ୍ରେତା କେନ୍ଦ୍ର ବିରୋଧରେ ଦରଖାସ୍ତ ଦେଇଥିଲେ। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏହି ଦରଖାସ୍ତ ମାଧ୍ୟମରେ ଜିଲ୍ଲା ପ୍ରଶାସନର ପତ୍ର ସଂଖ୍ୟା ୧୫୪୩, ୯। ୭।୨୫ ଅନୁସାରେ କୋଚିଳା ଗ୍ରାମ ପାଇଁ ବଜ୍ରମହାକାଳି ସ୍ୱୟଂସହାୟିକା ଗୋଷ୍ଠୀକୁ ଖୁଚୁରା ବିକ୍ରୟ କେନ୍ଦ୍ର ନିମନ୍ତେ ନିଯୁକ୍ତି ଦେବାକୁ ବିଜ୍ଞାପନ ମାଧ୍ୟମରେ ଜଣାଯାଇଛି। ଏହି ବିଜ୍ଞାପନକୁ ପଞ୍ଚାୟତ କାର୍ଯ୍ୟାଳୟରେ କୌଣସି ସରକାରୀ କର୍ମଚାରୀ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନ ଲଗାଇ ଜଣେ ବ୍ୟକ୍ତି କାର୍ଯ୍ୟାଳୟ ପରିସରରେ ଏହି ବିଜ୍ଞାପନକୁ ଲଗାଇ ଫଟୋ ଉଠାଇବା ପରେ ସଙ୍ଗେ ସଙ୍ଗେ ଚିରିଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରିକି ଏହି ବଜ୍ରମହାକାଳୀ ଗୋଷ୍ଠୀର ସଦସ୍ୟାଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ, ଅନ୍ୟଜଣେ ଅଙ୍ଗନବାଡ଼ି କର୍ମୀ ରହିଥିବାବେଳେ ଅନ୍ୟଜଣେ ସଦସ୍ୟାଙ୍କ ସ୍ୱାମୀ ସରକାରୀ ଚାକିରି କରିଛନ୍ତି। ଏଥିସହିତ ଏହି ଗୋଷ୍ଠୀରୁ କିଛି ସଦସ୍ୟା ଘରେ ରହୁ ନ ଥିବାବେଳେ କିଛି ସଦସ୍ୟାଙ୍କ ବୟସ ୭୦ରୁ ଅଧିକ ଅଟେ ବୋଲି ଗ୍ରାମବାସୀ ସେମାନଙ୍କର ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହିତ ଏହି ଗ୍ରୁପର ମହିଳା ପୂର୍ବରୁ ଚିଟ୍‌ଫଣ୍ଡ ସଂସ୍ଥାରେ କାର୍ଯ୍ୟ କରି ଗ୍ରାମର ସରଳ ଲୋକଙ୍କୁ ଲୋଭ ଦେଖାଇ ଅନେକ ଟଙ୍କା ହଡ଼ପ କରିଥିବା ଗ୍ରାମବାସୀ ସୋମନଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ବଜ୍ରମହାକାଳୀ ସ୍ୱୟଂସହାୟିକା ଗୋଷ୍ଠୀକୁ ଖୁଚୁରା ବିକ୍ରେତା କେନ୍ଦ୍ର ଦାୟିତ୍ୱ ନ ଦେଇ ବର୍ଷ ପୂର୍ବରୁ ଖୁଚୁରା ବିକ୍ରୟ କେନ୍ଦ୍ର ନିମନ୍ତେ ଦାୟିତ୍ୱ ନେଇଥିବା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ କୋଚିଳା ଗ୍ରାମବାସୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ବିଦ୍ୟାପୀଠ ଛାତ୍ରଛାତ୍ରୀଙ୍କ ନିମନ୍ତେ ଡେସ୍କ, ବେଞ୍ଚ, ଲାଇବ୍ରେରୀ ଓ ଲାବ୍ରୋଟୋରୀ ସାମଗ୍ରୀ ଯୋଗାଇ ଦେବାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହିତ ନିକିରାଇ ଥାନା ଅଧୀନ କଅଁରପୁର ଅଞ୍ଚଳର ରଂଜିତା ନାୟକ ନାମକ ଜଣେ ମହିଳା ଦୀର୍ଘ ୧୭ ଦିନ ଧରି ଏକ ଗଣ୍ଡଗୋଳ ଅଭିଯୋଗ ଥାନାରେ ଦେଇଥିଲେ ମଧ୍ୟ ତାଙ୍କ ଅଭିଯୋଗକୁ ଥାନା ପକ୍ଷରୁ ରେଜିଷ୍ଟ୍ରେସନ କରାଯାଉ ନ ଥିବା ନେଇ ମହିଳା ଜଣକ ଅଭିଯୋଗ କରିଥିଲେ। ବ୍ଲକ କଳାକାର ସଂଘ ପକ୍ଷରୁ ଡେରାବିଶ ବ୍ଲକ୍‌ର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଅନୁମତି ଦେବାକୁ ଜିଲ୍ଲାପାଳଙ୍କୁ ଲିଖିତ ଦରଖାସ୍ତ କରାଯାଇଥିଲା। ଏଥିସହିତ ଡେରାବିଶ ବ୍ଲକ୍ ଅଧୀନ ଗୁଆଳସିଂ ପଞ୍ଚାୟତର ଛାଞ୍ଛୁଣିଆ ଗ୍ରାମ ୫ନଂ ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାମ ଅଧାପନ୍ତରିଆ ହୋଇ ଦୀର୍ଘ ୬ ବର୍ଷ ହେବ ରହିଥିବାରୁ କୋମଳମତି ଶିଶୁ ଗୃହ ଅଭାବରୁ ସ୍କୁଲ ବାରଣ୍ଡରେ ବସୁଥିବାବେଳେ ଗ୍ରାମବାସୀ ଏହି କେନ୍ଦ୍ରର ଗୃହ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳଙ୍କୁ ନିରାକାର ମହାରଣା ଅଭିଯୋଗ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବହୁ ଭିନ୍ନକ୍ଷମ ବ୍ୟକ୍ତି ରାସନ କାର୍ଡରେ ସାମିଲ କରିବା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ପାଇବା ପାଇଁ ଗୁହାରି କରିଥିଲେ। ଏହି ଶିବିରରେ ଏମ୍‌ଆଇ ସ୍ୱରୁପ ଦାସ, ସିଡିପିଓ ହରପ୍ରିୟା ଦେବୀ, ଏବିଇଓ ଖଗେଶ୍ୱର ନାୟକ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ବିଭୁଦତ୍ତ ଦାସ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ୍‌ର ଏବିଡିଓ ମୃଣ୍ମୟ ରାଉତ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାରଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଭିତରଗଡ଼ ପଞ୍ଚାୟତ ଅଫିସ ଓ ମୋ ସେବା କେନ୍ଦ୍ରରୁ ଚୋରି



ରାଜନଗର, ୧୪।୭ (ସମିସ): ରାଜନଗର ଇସ୍କନ ମନ୍ଦିରରୁ ୧୦ ଦିନ ତଳେ ଦୁର୍ବୃତ୍ତ କଳାକନା ବୁଲାଇଥିବାବେଳେ ଗତକାଲି ରାତିରେ ଭିତରଗଡ଼ ପଞ୍ଚାୟତ ଅଫିସ ଓ ମୋ ସେବା କେନ୍ଦ୍ରରେ କଳାକନା ବୁଲାଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଗେଟ, ଅଫିସ ଓ ମୋ ସେବା କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ସନ୍ଧ୍ୟାରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନା ମୁତାବକ, ଆଜି ଅପରାହ୍ନ ପ୍ରାୟ ୫ ଘଟିକା ସମୟରେ ଭିତରଗଡ଼ ସରପଞ୍ଚଙ୍କ ସ୍ୱାମୀ ଅକ୍ଷୟ ମାଝୀ ପଞ୍ଚାୟତ ବାଟ ଦେଇ ଘରକୁ ଫେରୁଥିବାବେଳେ ପଞ୍ଚାୟତ ଅଫିସ ଗେଟ ଖୋଲାଥିବା ଦେଖିଥିଲେ। ଏ ନେଇ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଭିତରକୁ ଯିବା ପରେ ଅଫିସ ତାଲା ଖୋଲାଥିବା ଦେଖିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଦୁଇଟି ବ୍ୟାଟେରି ଓ ଇନଭଟର ନ ଥିବା ଦେଖିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ମୋ ସେବା କେନ୍ଦ୍ର କବାଟ ଆଉଜା ହୋଇଥିବା ଦେଖôଥିଲେ। କେନ୍ଦ୍ରରୁ ଇନଭଟର, ବ୍ୟାଟେରି, ଦୁଇଟି କମ୍ପ୍ୟୁଟର ସେଟ, ପ୍ରିଣ୍ଟର, ସିସିଟିଭି ହାର୍ଡଡିସ୍କ ନ ଥିବା ଦେଖିବାକୁ ମିଳିଛି। ସରପଞ୍ଚ ଇତିଶ୍ରୀ ମହାପାତ୍ର ଏ ନେଇ ପୁଲିସକୁ ଜଣାଇବା ପରେ ପୁଲିସ ଟିମ ସନ୍ଧ୍ୟାରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଆଜି ସୋମବାର ଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଯାଇ ନ ଥିଲା। ସନ୍ଧ୍ୟାରେ ଜଣାପଡିବା ପରେ ଥାନାରେ ସରପଞ୍ଚ ଅଭିଯୋଗ କରିଛନ୍ତି।

## ଏଫ୍‌ଏମ୍ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



କେନ୍ଦ୍ରାପଡ଼ା, ୧୪।୭ (ସମିସ): ବଳଦେବ ସେନା ପକ୍ଷରୁ ବଳଦେବଜୀଉଙ୍କ ନିକଟରେ ବାଲେଶ୍ୱରଫକୀରମୋହନବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରାଯାଇଛି। ଜଣେ ଅଧ୍ୟାପକଙ୍କ ଦ୍ୱାରା ମାନସିକ ଭାବେ ଚାପଗ୍ରସ୍ତ ହୋଇ ସେ ଆତ୍ମହୁତି କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ବାରମ୍ବାର ଛାତ୍ରୀ ଜଣଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କାହିଁକି ସେମାନେ ନିରବଦ୍ରଷ୍ଟା ସାଜଥିଲେ, ସେ ନେଇ ସେନା ପକ୍ଷରୁ ପ୍ରଶ୍ନ କରାଯାଇଛି। ତୁରନ୍ତ ଦୋଷୀ ଉପରେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ସେନା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛି। ଏହି କାର୍ଯ୍ୟକ୍ରମରେ ସଭାପତି ପପୁନ୍ ସ୍ୱାଇଁ, ସମ୍ପାଦକ ଅମର ବାରିକ, ଉପସଭାପତି ନିରଞ୍ଜନ ସୁଆର, ବଡ଼ପଣ୍ଡା ମାଧବ ପତ୍ରୀ, ସେବକ ସୁରେନ୍ଦ୍ର ପତ୍ରୀ, ସଦସ୍ୟ ଆଶୁତୋଷ ପଣ୍ଡା, ଆଶିଷ ପ୍ରଧାନ, ହିମାଂଶୁ ରାଉତ, ଶିବନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରକ୍- ସହ ଧକ୍କା, ସ୍କୁଟି ଚାଳକ ଗୁରୁତର ଆହତ

ଆଳି, ୧୪।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ରାଇସରପୁର ପେଟ୍ରୋଲ ପମ୍ପ ଛକ ନିକଟରେ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଜଣେ ବ୍ୟକ୍ତି ଛିଟକି ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ଆଳି ଥାନା ପତ୍ରପୁର ପଞ୍ଚାୟତ ବିଲିକଣା ଗ୍ରାମର ଭଗବାନ ଦାଶଙ୍କ ପୁଅ କୈଳାସ (୫୪)। ସେ ଆଳି ସିଙ୍ଗିରିରୁ ତାଙ୍କ ଦୋକାନ ସାମଗ୍ରୀ ନେଇ ତାଙ୍କ ଗ୍ରାମ ଛକରେ ଥିବା ନିଜସ୍ୱ ଭେରାଇଟି ଷ୍ଟୋରକୁ ଯାଉଥିବା ସମୟରେ ଏକ ଅଜଣା ଟ୍ରକ୍ ତାଙ୍କ ସ୍କୁଟିକୁ ଧକ୍କା ଦେବା ଫଳରେ ତାଙ୍କ ହାତ, ଛାତି, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା କୈଳାସଙ୍କୁ ପଟ୍ଟାମୁଣ୍ଡାଇରୁ ଆଳି ଫେରୁଥିବା ସଡ଼କ ବନ୍ଧୁ ସୁଶାନ୍ତ ତରାଇ ପହଞ୍ଚି ସେଠାରେ ତାଙ୍କର ବ୍ୟାଣ୍ଡେଜ କରାଇଥିଲେ। ଶ୍ରୀ ତରାଇ ଦମକଳ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପହଞ୍ଚି କୈଳାସଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ତାଙ୍କର କିଛି ଦାନ୍ତ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଫଳରେ ମୁଣ୍ଡ ଓ ମୁହଁରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଦୁର୍ଘଟଣା ସ୍ଥଳରୁ କୈଳାସଙ୍କ ମୋବାଇଲ ଓ ଟଙ୍କା ଶ୍ରୀ ତରାଇ ତାଙ୍କ ବାପା ଭଗବାନ ଦାଶଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।



### ଦେଢ଼ମାସ ପୂର୍ବେ ଜବତ ହୋଇଥିଲା ବାଲି ବୋଝେଇ ଟ୍ରକ୍

# ନିଜ ଜିମାରେ ନେଲେ ଅତିରିକ୍ତ ଖଣି ଅଧିକାରୀ



ପଟ୍ଟାମୁଣ୍ଡାଇ/ମାଳିପୁର, ୧୪।୭ (ସମିସ): ଦେଢ଼ମାସ ପୂର୍ବେ ଜବତ କରାଯାଇ ପୁଲିସ ହେପାଜତରେ ଥିବା ଏକ ବେଆଇନ ବାଲି ବୋଝେଇ ଟ୍ରକ୍‌କୁ ବିନା ଜରିମାନା ଓ ବିନା ରିଲିଜ୍ ଅର୍ଡରରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଖଣି ଅଧିକାରୀ ଜିମାନାମାରେ ନେଇଯିବା ଘଟଣା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଆଲୋଚ୍ୟ ବିଷୟ ହୋଇଛି।

ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ବିସ୍ତୃତ ନଦୀକୂଳରୁ ଦୈନିକ ଶହ ଶହ ଟ୍ରକ୍ ବାଲି ବେଆଇନ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଲୋକଙ୍କ ଦୃଷ୍ଟିକୁ ଆଡେଇ ଯିବା ପାଇଁ ନାମକୁ ମାତ୍ର ଧରପଗଡ ଓ ଚଢ଼ଉ କରାଯାଉଥିଲେ ହେଁ ବାଲି ମାଫିଆଙ୍କ ସହିତ ଖଣି ବିଭାଗର ମଧୁଚନ୍ଦ୍ରିକା ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହାର ଜ୍ୱଳନ୍ତ ପ୍ରମାଣ ମିଳିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ। ଗତ ଦେଢ଼ ମାସ ତଳେ ଗ୍ରାମାଞ୍ଚଳ ଥାନା ଅଧୀନ ଖଡ଼ିଅଣ୍ଟା ପୋଲ ନିକଟରେ ଏକ ବେଆଇନ ବାଲି ବୋଝେଇ ଟ୍ରକ୍‌କୁ କେନ୍ଦ୍ରାପଡା ଜିଲ୍ଲା ଅତିରିକ୍ତ ଖଣି ଅଧିକାରୀ ଦିନେଶ ମହାପାତ୍ର ଅଟକାଇଥିଲେ। ଗ୍ରାମାଞ୍ଚଳ ଥାନା ପୁଲିସ ସହଯୋଗରେ ଏହି ବାଲି ବୋଝେଇ ଟ୍ରକ୍‌କୁ ଜବତ କରି ଗ୍ରାମାଞ୍ଚଳ ଥାନା ଅଧିକାରୀ ଧିରଜ ଲେଙ୍କାଙ୍କୁ ଜିମାରେ ଦେଇଥିଲେ। ଜବତ ବେଆଇନ ବାଲି ଟ୍ରକ୍ ବିରୁଦ୍ଧରେ ମାମଲା ରୁଜୁ ପାଇଁ ଥାନା ଅଧିକାରୀ ଶ୍ରୀ ଲେଙ୍କା ଅତିରିକ୍ତ ଖଣି ଅଧିକାରୀ ଶ୍ରୀ ମହାପାତ୍ରଙ୍କୁ ପଚାରିବାରୁ ମାମଲା ରୁଜୁ ନ କରିବାକୁ କହିଥିଲେ। ଇତିମଧ୍ୟରେ ବାଲି ଗାଡ଼ି ଜବତ ହେବାର ଦେଢ଼ ମାସ ବିତିସାରିଛି। ଥାନା ଅଧିକାରୀ ଜବତ ଗାଡ଼ି ସମ୍ପର୍କରେ ବାରମ୍ବାର ଖଣି ବିଭାଗକୁ ଚିଠି ଲେଖିଛନ୍ତି। କିନ୍ତୁ ଖଣି ବିଭାଗ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ। ଆଜି ଅପରାହ୍ନରେ ଜିଲ୍ଲା ଅତିରିକ୍ତ ଖଣି ଅଧିକାରୀ ଦିନେଶ ମହାପାତ୍ର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପହଞ୍ଚି ଜବତ ବାଲି ବୋଝେଇ ଟ୍ରକ୍ ଛାଡି ଦେବାକୁ ଥାନା ଅଧିକାରୀଙ୍କୁ ବାଧ କରିଥିଲେ। ଜବତ ଗାଡ଼ି ଛାଡ଼ିବା ପାଇଁ ଥାନାଧିକାରୀ ଶ୍ରୀ ଲେଙ୍କା ଜରିମାନା କଟାଯାଇଥିବା ଚାଲାଣ ରସିଦ ଓ ରିଲିଜ୍ ଅର୍ଡର ମାଗିବାରୁ ଅତିରିକ୍ତ ଜିଲ୍ଲା ଖଣି ଅଧିକାରୀ ଶ୍ରୀ ମହାପାତ୍ର ଏସବୁର ଆବଶ୍ୟକତା ନାହିଁ କହିବା ସହିତ ଜିମାନାମାରେ ଗାଡ଼ି ଛାଡି ଦେବାକୁ ବାଧ କରିଥିଲେ। ଅନ୍ୟ ଉପାୟ ନ ପାଇ ଥାନାଧିକାରୀ ଶ୍ରୀ ଲେଙ୍କା କୌଣସି ଜରିମାନା କଟାଯାଇ ନ ଥିବା ଓ ରିଲିଜ୍ ଅର୍ଡର ନ ଥାଇ ଜବତ ବାଲି ବୋଝେଇ ଟ୍ରକ ଜିମାନାମାରେ ଦେଇଥିବା କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହି ଜିମାନାମାରେ ଗାଡ଼ି ମାଲିକ ଓ ଖୋଦ୍ ଅତିରିକ୍ତ ଜିଲ୍ଲା ଖଣି ଅଧିକାରୀ ଶ୍ରୀ ମହାପାତ୍ର ଦସ୍ତଖତ କରିବା ପରେ ଗାଡ଼ିକୁ ନେଇଯାଇଥିବା ଜଣାଯାଇଛି। ଗତ ଦେଢ଼ ମାସ ତଳେ ଜବତ ବେଆଇନ ବାଲି ବୋଝେଇ ଟ୍ରକକୁ ବିନା କାଗଜପତ୍ରରେ ଜିଲ୍ଲା ଅତିରିକ୍ତ ଖଣି ଅଧିକାରୀ ଥାନାରୁ ନେଇଯିବା ଘଟଣାର ତଦନ୍ତ କରାଯିବାକୁ ଉତିକଣ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି, ଦଳିତ ନେତା ଦିଲ୍ଲୀପ ମଲିକ, ଉତିକଣ ଅଞ୍ଚଳର ବରିଷ୍ଠ ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ ପ୍ରମୁଖ କେନ୍ଦ୍ରାପଡା ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି।

**କଟାଯାଇନି ଜରିମାନା, ନ ଥିଲା ରିଲିଜ୍ ଅର୍ଡର**

**ମାମଲା ରୁଜୁ ପାଇଁ ପୁଲିସକୁ ମନା କରିଥିଲେ**

## କନଷ୍ଟେବଲଙ୍କ କ୍ଷମତାର ଅପବ୍ୟବହାର ଅଭିଯୋଗ

କେନ୍ଦ୍ରାପଡା, ୧୪।୭ (ସମିସ): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ଅଞ୍ଚଳର ଜଣେ କନଷ୍ଟେବଲ ପଡୋଶୀଙ୍କୁ ନିଜ ପୋଷାକ କ୍ଷମତା ଦେଖାଇଥିବା ଅଭିଯୋଗ ହୋଇଛି। ନିଜ ଘରର ଭାଇ ଭାଗ ଉପରେ ପାଚେରି କରିବା ପରେ ମଧ୍ୟ ପାଖ ଜାଗାକୁ ଜବରଦଖଲ କରିବା ପାଇଁ ଚେଷ୍ଟା କରୁଛନ୍ତି। ତେଣୁ ପଡ଼ୋଶୀ ବିରୋଧ କରିବାରୁ ଜୀବନରୁ ମାରିଦେବି, ହାଣିଦେବି କହି ଧମକ ଦେଉଛନ୍ତି। ଏଥି ସହିତ ପ୍ରତିପକ୍ଷଙ୍କ କଦଳୀ ଗଛ ହାଣି ଗାଳିଗୁଲଜ କରୁଛନ୍ତି। ମୁଁ ପୁଲିସ୍, ମୋର କିଏ କ'ଣ କରିବ କହି ଧମକ ଦେଉଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଧ୍ୟ ପୁଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ତେଣୁ ବାଧ ହୋଇ ଅଭିଯୋଗକାରୀ କେନ୍ଦ୍ରାପଡା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ କୌଣସି ପଦକ୍ଷେପ ପୁଲିସ୍ ବିଭାଗ ଗ୍ରହଣ କରିନି। ବାଧ ହୋଇ ଅଭିଯୋଗକାରୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଏହାପରେ ଆରକ୍ଷୀ ଅଧୀକ୍ଷକ ନିକିରାଇ ଥାନାକୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ସମ୍ପୃକ୍ତ କନଷ୍ଟେବଲ ସବୁବେଳେ ପଡ଼ିଶା ଘର ଲୋକଙ୍କୁ ଆକ୍ଷେପ କରି ଗାଳିଗୁଲଜ କରୁଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ କିମ୍ବା ଥାନାରେ ମାମଲା ରୁଜୁ କରାଯାଇନି। ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ରାଜ୍ୟ କିକ୍‌ବକ୍ସିଂ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଖେଳାଳିଙ୍କ ସଫଳତା



କେନ୍ଦ୍ରାପଡ଼ା, ୧୪।୭ (ସମିସ): ଚଳିତ ମାସ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଗୋଳରେ ଆୟୋଜିତ ଷଷ୍ଠ ରାଜ୍ୟ କିକ୍‌ବକ୍ସିଂ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ସ୍ପୋର୍ଟ୍ସ କିକ୍‌ବକ୍ସିଂ ଆସୋସିଏସନ୍‌ର ଖେଳାଳି ସଫଳତା ହାସଲ କରିଛନ୍ତି। ରାଜ୍ୟ କିକ୍‌ବକ୍ସିଂ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଖେଳାଳି ୧୨ ପଦକ ଲାଭ କରିଛନ୍ତି। ଏଥିରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୬ କାଂସ୍ୟ ରହିଛି। ସୌଭାଗ୍ୟଲକ୍ଷ୍ମୀ ପାତ୍ର (୨ ସ୍ୱର୍ଣ୍ଣ, ୧ କାଂସ୍ୟ), ବିଘ୍ନେସ୍ କୁମାର ପାତ୍ର (୨ ସ୍ୱର୍ଣ୍ଣ), ବିଜୟଲକ୍ଷ୍ମୀ ପାତ୍ର (୧ ରୌପ୍ୟ), ପ୍ରଦୀପ୍ତ ଦାସ (୧ କାଂସ୍ୟ), ନଳିନୀକାନ୍ତ ଦାସ (୨ କାଂସ୍ୟ) ଓ ପୃଥୀରାଜ ଦାସ (୧ ସ୍ୱର୍ଣ୍ଣ, ୨ କାଂସ୍ୟ) ପଦକ ଜିତି କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା ଆସୋସିଏସନ ସଭାପତି ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ, ସଚିବ ସଦାସିବା ପାତ୍ରଙ୍କ ନେତୃତ୍ୱରେ ରାଜକିଶୋର ନାୟକ ଓ ପ୍ରଦୀପ୍ତ ଦାସଙ୍କ ପ୍ରଶିକ୍ଷିତ ଦଳ ପ୍ରଶଂସନୀୟ ପ୍ରତିଭା ପ୍ରଦର୍ଶନ କରିଥିଲା। ଏ ଅବସରରେ ମୁଖ୍ୟ ପ୍ରଶିକ୍ଷକ ଓ ଉପଦେଷ୍ଟା ହିମାଂଶୁ ଭୂଷଣ ଦାସ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପୂଜ୍ୟପୂଜା ପକ୍ଷରୁ ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟକ୍ରମ



ଡେରାବିଶ, ୧୪।୭ (ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳସ୍ଥ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଭୂବନେଶ୍ୱରସ୍ଥ 'ପୂଜ୍ୟପୂଜା ଓଡ଼ିଶା' ପକ୍ଷରୁ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସାରସ୍ୱତ ସଂଗଠନ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ପୂଜ୍ୟପୂଜା ଉତ୍କଳ ସଂସ୍କୃତିର ମହାନ ପରମ୍ପରା ବୋଲି କହିଥିଲେ। ଏ ଅବସରରେ ଉପସ୍ଥିତ ଛାତ୍ରୀଙ୍କୁ ଗୀତା ଭାଗବତ ଆଦି ପୁରାଣର ବିଭିନ୍ନ ଉଦାହରଣ ମାଧ୍ୟମରେ ନିଜ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ରଖିବା ସହିତ କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ଜୀବନରେ ଜଣେ ଭଲ ମଣିଷ ହୋଇ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଏ ଅବସରରେ ଛାତ୍ରୀଙ୍କ ମଧ୍ୟରେ ରହିଥିବା ସଂଶୟ ଦୂର କରିବା ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପଙ୍କଜିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରଣତୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଲୋକନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରାହ୍ମଣୀ ବନ୍ୟାରେ ବ୍ୟାପକ ଫସଲହାନୀ, ଚିନ୍ତାରେ ଚାଷୀ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୪।୭ (ସମିସ)





- **ସୁବଳପୁର ସ୍ପରରୁ ପଥର ଖସୁଛି, ସୁରକ୍ଷା ବିପନ୍ନ**
- **ସ୍ପର ଉପରେ କୁମ୍ଭୀର ଦେଖି ଲୋକେ ଭୟଭୀତ**

ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ ଦୀର୍ଘ ୭ଦିନ ଧରି ଧୋୟାଅଞ୍ଚଳର ଚାଷଜମି ଜଳମଗ୍ନ ହେବା ଫଳରେ ବ୍ୟାପକ ଫସଲ ହାନୀ ଘଟିଛି। ବନ୍ୟା ଜଳ ବିଭିନ୍ନ ସ୍ଥାନରେ ଜମି ରହିବା ଫଳରେ ପରିବେଶ ଦୂଷିତ ହୋଇଛି। ଫଳରେ ଜ୍ୱର, ଥଣ୍ଡା, କାଶ, ଝାଡ଼ାବାନ୍ତି ଆଦି ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ପାନୀୟଜଳ ଉତ୍ସ ବୁଡ଼ିଯାଇଥିବାରୁ ବିଶୁଦ୍ଧ ପାନୀୟଜଳ ପାଇବା କଷ୍ଟକର ହୋଇଛି। ବିଭିନ୍ନ ଗାଁ ରାସ୍ତା ଓ ଖାଲୁଆ ରାସ୍ତା ବୁଡି ଯାଇଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ଧୋୟାଅଞ୍ଚଳର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଲୋକେ ଡଙ୍ଗା ସାହାଯ୍ୟରେ ଯାତାୟାତ କରୁଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ପଞ୍ଚାୟତର ବ୍ରାହ୍ମଣୀ ନଦୀକୂଳରେ ଥିବା ସୁବଳପୁର ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ବନ୍ୟା ଦାଉରୁ ଲୋକଙ୍କୁ ସୁରକ୍ଷା ଦେବାକୁ ନଦୀରେ ଥିବା ସ୍ପରରୁ ପଥର ଖସିବା ଆରମ୍ଭ କରିଛି। ଫଳରେ ନଦୀକୂଳରେ ଥିବା ଲୋକଙ୍କ ସୁରକ୍ଷା ବିପନ୍ନ ହୋଇଛି। ବ୍ରାହ୍ମଣୀ ନଦୀ କୂଳରେ ପ୍ରାୟ ୪୫ଟି ପରିବାର ବସବାସ କରୁଛନ୍ତି। ସ୍ପର ମଧ୍ୟରୁ ପଥର ଖସିବା ଦ୍ୱାରା ସୁରକ୍ଷା ବିପନ୍ନ ହୋଇଥିବାରୁ ଲୋକମାନେ ଚିନ୍ତାରେ ଥିବାବେଳେ ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଚିନ୍ତାକୁ ଅଧିକ ବଢ଼ାଇ ଦେଇଛି । ବନ୍ୟା ସମୟରେ ଗୋଟିଏ ବଉଳା କୁମ୍ଭୀର ପ୍ରାୟ ସମୟ ସ୍ପର ଉପରେ ଶୋଇ ରହିବା ଦେଖାଯାଉଛି। ସୁବଳପୁର ଗ୍ରାମର ଛବି ଜେନା କୁମ୍ଭୀର ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୁମ୍ଭୀର ପ୍ରାୟ ଚଳପ୍ରଚଳ କରୁଥିବା ନେଇ ନିରଞ୍ଜନ ଦାସ, ଭରତ ଦାସ, ଧରଣୀ ଦାସ, କାଳନ୍ଦୀ ଦାସ ଓ ବନମାଳୀ ଦାସ ପ୍ରମୁଖ ବହୁ ଲୋକ ଦେଖିଥିବା ପ୍ରକାଶ କରିଛନ୍ତି। ନଦୀ କୂଳରେ ସୁରକ୍ଷା ବାଡ଼ ନ ଥିବାରୁ କୁମ୍ଭୀର ଚଳପ୍ରଚଳ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକର ସବୁଠୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମି ବୁଡି ରହିଛି। ବନ୍ୟାର ଏକ ସପ୍ତାହ ପରେ ବି କୃଷ୍ଣଦାସପୁର-ସିଂହଗାଁ ମୁଖ୍ୟ ରାସ୍ତା ବନ୍ୟା ପାଣିରେ ବୁଡ଼ିରହିଛି। ସେହିପରି ତରଡ଼ିପାଳ ପଞ୍ଚାୟତର ତରଡ଼ିପାଳ, ଗୋପାଳପୁର, ପୋଖରୀକୂଳ ଆଦି ଅଞ୍ଚଳର ଚାଷଜମି ଜଳମଗ୍ନ ରହିଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହିର ଚାଷଜମି ଜଳମଗ୍ନ ରହିଛି। ତରଡ଼ିପାଳ ପଂଚାୟତର ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମି ବନ୍ୟା ଜଳରେ ବୁଡି ରହିବା ଫଳରେ ବ୍ୟାପକ ଫସଲହାନ ଘଟିଛି। ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷଜମି ବନ୍ୟା ଜଳରେ ବୁଡି ରହିବା ଫଳରେ ଫସଲ ନଷ୍ଟ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷଜମି ଦୀର୍ଘ ୭ ଦିନ ଧରି ବନ୍ୟା ଜଳରେ ବୁଡି ରହିବା ଫଳରେ ବିଭିନ୍ନ ଫସଲ ହାନୀ ଘଟିଛି। ବନ୍ୟା ପାଣିରେ କଖାରୁ, ପୋଇ, କଲରା ଓ ଟମାଟୋ ଆଦି ପନିପରିବା ପଚି ନଷ୍ଟ ହୋଇଯାଇଛି। ଗୃହପାଳିତ ପଶୁ ଚରିବାକୁ ଯାଇ ନ ପାରି ଅସୁବିଧାରେ ଅଛନ୍ତି। ଧୋୟାଅଞ୍ଚଳର ଲୋକେ ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଫଳରେ ଚିନ୍ତିତ ଥିବାବେଳେ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଦେଖାଦେଉଥିବାରୁ ଲୋକେ ବନ୍ୟାପାଣିରେ ପଶି ଯାତାୟାତ କରିବାକୁ ଭୟ କରୁଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବନ୍ୟାରେ କ୍ଷତିଗସ୍ତ ଚାଷୀଙ୍କୁ ସହାୟତା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ଜିଲ୍ଲାପାଳଙ୍କ ଅଫିସ୍ ଘେରିଲା ଯୁବ ଓ ଛାତ୍ର କଂଗ୍ରେସ






ବାଲେଶ୍ୱର,୧୪।୭ (ସମିସ)

ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ଭାରତ ବର୍ଷରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉକ୍ତ ମହାବିଦ୍ୟାଳୟ ଛାତ୍ରୀ ଯିଏ ଏବିଭିପିର ସଦସ୍ୟା ଏବଂ ରାଷ୍ଟ୍ରୀୟ କଳା ମଞ୍ଚର ବାଲେଶ୍ୱର ଜିଲ୍ଲା ସଂଯୋଜକ ଥିବା ସତ୍ତ୍ୱେ ଅଧକ୍ଷ ଏବଂ ଏଚଓଡ଼ିଙ୍କ ନିର୍ଯାତନାର ଶିକାର ହେଇ ଆତ୍ମାହୁତି କଲେ। ଉକ୍ତ ଛାତ୍ରୀ ବାରମ୍ବାର ଉଚ୍ଚଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସାଂସଦଙ୍କୁ ଏହି ଘଟଣା ବାବଦରେ ଅବଗତ କରିବା ପରେ ବି ତାଙ୍କୁ ଉଚିତ୍ ନ୍ୟାୟ ମିଳିପାରିଲା ନାହିଁ। ତେଣୁ ଏହି ପ୍ରତିବାଦରେ ଉଭୟ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ପକ୍ଷରୁ ସାନ ଭଉଣୀ ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ ଦାବିରେ ବାଲେଶ୍ୱର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ଗୌତମ ସାହୁ, ଯୁବନେତା ସରୋଜ ଲେଙ୍କା. ଜିଲ୍ଲା ପରିଷଦ ବାବାଜୀ ଦେହୁରୀ,ଜିଲ୍ଲା କଂଗ୍ରେସ ମୁଖପାତ୍ର ସୁଧାଂଶୁ ଜେନା, ଛାତ୍ର ନେତା ରାଧାନାଥ ସାହୁ, ଜଗନ୍ନାଥ ମହାପାତ୍ର, ରଞ୍ଜିତ ପାତ୍ର, ସୌମ୍ୟା ମହାକୁଡ, ଆଶିଷ ଜେନା, ଅଶ୍ୱିନୀ ପାତ୍ର, ମୁନା ନାଗ, ଶ୍ରୀକାନ୍ତ ବାଗୁଡେଇ, ମହିଳା କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, ଅଞ୍ଜଳି ପ୍ରଧାନ, କୁମୁଦିନୀ ଦାସ, ସଂଯୁକ୍ତା ମିଶ୍ର, ଉର୍ମିଳା ମାଝୀ, ହେମଲତା ଦାସଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ବାଲେଶ୍ୱର ବନ୍ଦ ପାଇଁ ସିଭିଲ ସୋସାଇଟିର ସଜବାଜ




ବାଲେଶ୍ୱର : ଫକୀରମୋହନ ମହାବିଦ୍ୟାଳୟର ଜନୈକା ଛାତ୍ରୀ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇ ଗତ ଶନିବାର ଆତ୍ମଦାହ ପାଇଁ ଉଦ୍ୟମ କରିବା ଘଟଣାରେ ବାଲେଶ୍ୱର ସିଭିଲ ସୋସାଇଟି ଗଭୀର ଉଦବେଗ ପ୍ରକାଶ କରିଛି। ସୋସାଇଟିର ଏକ ଜରୁରୀ ବୈଠକ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୀଡ଼ିତା ଛାତ୍ରୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଛାତ୍ରୀଜଣକ ଏପରି ଏକ ଚରମ ନିଷ୍ପତି ନେବା ପୂର୍ବରୁ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ପୁଲିସକୁ ଓ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ମହଲରୁ ନ୍ୟାୟ ନ ପାଇବାରୁ ଛାତ୍ରୀଜଣକ ଆତ୍ମହତ୍ୟା ପାଇଁ ବାଧ ହୋଇଛନ୍ତି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବାଲେଶ୍ୱରରେ ଜନୈକ ବରିଷ୍ଠ ଆଇନଜୀବୀଙ୍କୁ ଥାନା ଭିତରେ ଆକ୍ରମଣ ଘଟଣାରେ ପୁଲିସ ଏତଲାକୁ ପଞ୍ଜିକୃତ କଲାନାହିଁ। ବାଲେଶ୍ୱରରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବ୍ୟାହତ ହୋଇଛି ବୋଲି ସମ୍ପାଦକ ମନୋଜ ନାୟକ ଅଭିଯୋଗ କରିଥିଲେ। ତେଣୁ ବାଲେଶ୍ୱର ବନ୍ଦ ପାଇଁ ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ତେଣୁ ଆସନ୍ତା ୧୬ତାରିଖ ବୁଧବାର ଦିନ ଅପରାହ୍ନ ୪ଟାରେ ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଏକ ପରିବର୍ଦ୍ଧିତ ବୈଠକରେ ବାଲେଶ୍ୱର ବନ୍ଦ ପାଇଁ ତାରିଖ ଓ ତରିକା ଧାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ବାଲେଶ୍ୱରର ସମସ୍ତ ସାମାଜିକ ଓ ଗଣସଙ୍ଗଠନ, ବୁଦ୍ଧିଜୀବୀ, ଛାତ୍ରନେତା ଓ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେବାକୁ ନିବେଦନ କରାଯାଇଛି। ଏହି ବୈଠକରେ ସର୍ବଶ୍ରୀ ବିପ୍ଳବ କୁମାର ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ସାହୁ, ଗଣେଶ୍ୱର ରାଉତ, ଡ କ୍ଷିତୀଶ୍ୱର ଦାଶ, ରୋଜି ପଟ୍ଟନାୟକ, ରାଜକିଶୋର ଲେଙ୍କା, ଶରତ ଚନ୍ଦ୍ର ଦଲାଇ, ପ୍ରଭାକର ବେହେରା, କମଳାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ଦାସ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉମାକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା




ବାଲେଶ୍ୱର : ସରକାରୀ ଦଳର ଛାତ୍ର ସଙ୍ଗଠନର ଛାତ୍ରୀକୁ ସରକାର ଯଦି ସୁରକ୍ଷା ଦେଇ ପାରୁ ନାହାଁନ୍ତି। ଏ ସରକାର ଅନ୍ୟମାନଙ୍କୁ କିପରି ସୁରକ୍ଷା ଦେବେ। ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଆଜି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକଙ୍କ ମାଧ୍ୟମରେ ଡିଜିଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ତାପରେ ମହିଳା ସମିତି ପକ୍ଷରୁ ବାଲେଶ୍ୱର ଫାଣ୍ଡି ଛକରେ ଏକ ପ୍ରତିବାଦ ସଭା କରିଥିଲେ। ଉକ୍ତ ସଭାରେ ମହିଳା ସମିତିର ଜିଲ୍ଲା ନେତ୍ରୀ ମମି ପଣ୍ଡା, ସୁକାନ୍ତି ସିଂ, ହରପ୍ରିୟା ଜେନା, ଶାନ୍ତିଲତା ବାରିକ, ଶାନ୍ତି ଜେନା, ସୁମତି ବାରିକ, ଏସ ଏଫ ଆଇର ରାଜ୍ୟ ସମ୍ପାଦକ ଚନ୍ଦନ କମିଲା, ସିପିଆଇ(ଏମ) ଜିଲ୍ଲା ନେତା ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର, ସିତାଂଶୁ ସେନାପତି, ରାଜକିଶୋର ଲେଙ୍କା, ପ୍ରଭାକର ବେହେରାଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ଏଆଇଡିଏସ୍‌ଓ




ବାଲେଶ୍ୱର : ଫକୀରମୋହନ କଲେଜ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ଦାବିରେ ଏ ଆଇ ଡିଏସଓ, ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରୁ ଛାତ୍ରମାନେ ଶୋଭା ଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫକୀର ମୋହନ କଲେଜର ଜନୈକା ଛାତ୍ରୀ ନିଜ ବିଭାଗୀୟ ଅଧ୍ୟାପକଙ୍କ ଦ୍ୱାରା ବାରମ୍ବାର ମାନସିକ ନିର୍ଯ୍ୟାତନାର ଶିକାର ହେଲା ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ,ପୁଲିସ ପ୍ରଶାସନ,ସ୍ଥାନୀୟ ଲୋକ ପ୍ରତିନିଧି, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ତାଙ୍କ ସୁରକ୍ଷା ପାଇଁ ଆକୁଳ ନିବେଦନ କରିଥିଲେ ବି କେହି କୌଣସି କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିନଥିଲେ। ଫଳରେ ଛାତ୍ରୀ ଜଣଙ୍କ ହତାଶ ହୋଇ ଶେଷରେ ଆତ୍ମାହୁତିର ଉଦ୍ୟମ ଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲେ। ଘଟଣାକୁ କେନ୍ଦ୍ରକରି ସରକାର ଧର୍ମକୁ ଆଖି ଠାର ଭଳି ଅଧ୍ୟକ୍ଷଙ୍କୁ ନିଲମ୍ବନ, ଦୋଷୀ ଅଧ୍ୟାପକଙ୍କୁ ଗିରଫ କରିବା ଆଦି ଦାବି କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଉଚ୍ଚନ୍ୟାଳୟର ବିଚାରପତିଙ୍କ ଦ୍ୱାରା ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ଏବଂ ଘଟଣା ବିଷୟରେ ଅବଗତ ଥାଇବି କର୍ତ୍ତବ୍ୟରେ ଅବହେଳା କରିଥିବା ସମସ୍ତଙ୍କୁ ଚିହ୍ନଟ କରି କଠୋରରୁ କଠୋର ଦଣ୍ଡ ବିଧାନ କରିବା ସହିତ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ବିକ୍ଷୋଭ ସ୍ଥଳରୁ ଏଆଇଡିଏସଓ, ରାଜ୍ୟ ସଭାପତି ସୋମନାଥ ବେହେରା, ବାଲେଶ୍ୱର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସଂଯୁକ୍ତା ସାହୁ, ଫୁଲଚାନ୍ଦ ଲୋହାର ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଦାବି ଉପସ୍ଥାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରନେତା ମନୋଜ କୁମାର ପାତ୍ର, ମାନସିଂ ହୋ, ଯତୀନ ଶିଂରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ବାଲେଶ୍ୱର,୧୪।୭ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଏବଂ ତାଲୁକ ଆଇନସେବା ସମିତି ସୋର, ଜଳେଶ୍ୱର, ନୀଳଗିରି ଏବଂ ବସ୍ତାରେ ଏକ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ବୈବାହିକ ବିବାଦ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ସର୍ଭିସ୍ ମେଟର, କ୍ରିମିନାଲ କମ୍ପାଉଣ୍ଡେବଲ, ଖାଉଟି ବିବାଦ, ଡେବଟ୍ ରିକଭରି, ପାର୍ଟିସନ୍, ଏଭିକ୍ସନ, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୋଗୀ ଦେୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ। ଏହି ଅଭିଯାନ ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡିକର ତ୍ୱରିତ ସମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗର ସେମିନାର




ବାଲେଶ୍ୱର,୧୪।୭ (ସମିସ): 'ପରିବର୍ତ୍ତନଶୀଳ ବିଶ୍ୱରେ ମନୋବିଜ୍ଞାନର ପ୍ରୟୋଗ: ବୁଝାମଣା, କାର୍ଯ୍ୟାନ୍ୱୟନ ଓ ପରିବର୍ତ୍ତନ" ଶୀର୍ଷକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ମନୋବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ଆନ୍ତର୍ଜାତିକ ସେମିନାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସେମିନାର ଜେଏନୟୁସ୍ଥିତ ଜାକିର ହୁସେନ ସେଣ୍ଟର ଫର ଏଜୁକେସନାଲ ଷ୍ଟଡିଜର ପୂର୍ବତନ ଅଧକ୍ଷ ପ୍ରଫେସର ଅଜିତ କୁମାର ମହାନ୍ତି ଦ୍ୱାରା ଉଦଘାଟିତ ହୋଇଥିଲା। ପ୍ରଫେସର ମହାନ୍ତି, ସାଂପ୍ରତିକ ସମୟରେ ବ୍ୟବହାରିକ ମନୋବିଜ୍ଞାନ ସହ କୃତ୍ରିମ ବୁଦ୍ଧିମତାର ସଂପର୍କ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଆଧାର କରି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟସ୍ଥିତ ସେଣ୍ଟର ଫର ହେଲଥ ସାଇକୋଲୋଜିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମୀନା ହରିହରନ ଓ ନେପାଳ ସ୍ଥିତ ତ୍ରିଭୁବନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ନରେନ୍ଦ୍ର ସିଂ ଥଗୁନା ନିଜର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟବକ୍ତା ଭାବେ ୟୁଏସଏ- ବୋଷ୍ଟନସ୍ଥିତ ସୁଫୋଲକ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକନ୍ୟା ରାୟ ଯୋଗଦେଇ ନିଜର ତଥ୍ୟ ସଂପର୍ଣ୍ଣ ଗବେଷଣାର ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ସେମିନାରରେ ବିଭିନ୍ନ ବୈଷୟିକ ଅଧିବେଶନରେ ମାନସିକ ସ୍ୱାସ୍ଥ୍ୟ ଓ କୁଶଳତା, ପରାମର୍ଶ ମନୋବିଜ୍ଞାନ ଓ ଶିଶୁ ମନୋବିଜ୍ଞାନର ପ୍ରୟୋଗଗୁଡ଼ିକ ଜୀବନରେ ଭାବନାରକ ସ୍ଥିରତା ଓ ସ୍ଥାୟୀ ଉନ୍ନତିକୁ ପ୍ରୋତ୍ସାହନ, ଶିକ୍ଷା ଓ କାର୍ଯ୍ୟସ୍ଥଳ ମନୋବିଜ୍ଞାନ ଶିକ୍ଷାଗତ ଫଳାଫଳ ଓ ସଂସ୍ଥାଗତ ଉତ୍ପାଦନଶୀଳତା ବୃଦ୍ଧିର ଲକ୍ଷ୍ୟ, ମାଧ୍ୟମ ଓ ଶାସନ ବିଷୟରେ ମନୋବିଜ୍ଞାନୀୟ ପ୍ରଭାବର ଅନୁଧ୍ୟାନ, ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ମାନବ-ପ୍ରଯୁକ୍ତି ଆନ୍ତର୍କ୍ରିୟାରୁ ସମ୍ବନ୍ଧିତ ଅନ୍ତର୍ଦୃଷ୍ଟି ତଥା ବ୍ୟବହାରିକ ବିଜ୍ଞାନରେ ଉନ୍ନତ ଗବେଷଣା ନୂତନତାକୁ ଅଗ୍ରଗତି ଓ ସଂସ୍କୃତିମୂଳକ ସମ୍ବେଦନଶୀଳତାକୁ ବଢ଼ାଇବାରେ ସାହାଯ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥିଲା। ଏଥିସହ ସାମୁଦାୟିକ ପରିବର୍ତ୍ତନ ଓ ସ୍ଥାୟୀ ବିକାଶ ସାମୁଦାୟିକ ସଶକ୍ତିକରଣରେ ମନୋବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଖାଦ୍ୟ ପୋଷଣ, ପରିବେଶ ବିଜ୍ଞାନ ଓ କ୍ରୀଡା ମନୋବିଜ୍ଞାନ ଜୀବନରେ ସୁସ୍ଥ ଅଭ୍ୟାସ ଓ ସମୃଦ୍ଧିକୁ ବଢ଼ାଇବା ଦିଗରେ ଏହି ମନୋବିଜ୍ଞାନ କିପରି ପ୍ରଭାବିତ କରେ ସେ ସଂପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେମିନାରର ସଂଯୋଜକ ଡ଼କ୍ଟର ରାଜଶ୍ରୀ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସହସଂଯୋଜକ ଶଶାଙ୍କ ଶେଖର ଗଡନାୟକ ସେମିନାରର ମୂଳପ୍ରସଙ୍ଗ ଉପରେ ପ୍ରାରମ୍ଭିକ ଉଦବୋଧନ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଯସ୍ମିନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ଼କ୍ଟର ଯଶସ୍ୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁଲିସ ଛାଉଣୀ

# କଳା ଗୁରୁ କାହ୍ନୁ ଚରଣ ଦାସଙ୍କ ଦେହାନ୍ତ

ବାଲେଶ୍ୱର,୧୪।୭ (ସମିସ): ସଦର ବ୍ଲକର ଦୁବଲାଗଡି ଗ୍ରାମର କାହ୍ନୁ ଚରଣ ଦାସ ୮୧ ବର୍ଷ ବୟସରେ ତାଙ୍କ ବାସଭବନରେ ପ୍ରାଣ ତ୍ୟାଗ କରିଛନ୍ତି। କାହ୍ନୁ ଚରଣ ଦାସ ଶିଳ୍ପୀ କେଶୁ ଦାସଙ୍କ ବଡ଼ ଭାଇ ତଥା ଆଦ୍ୟ କଳା ଗୁରୁ ଥିଲେ। ସେ ଜଣେ ସୁନ୍ଦର ଚିତ୍ରକଳା କରୁଥିବା ବେଳେ ଗ୍ରାମର ଯାତ୍ରା ଦଳରେ ବହୁ ନାଟକରେ



ରାଜା ଭୂମିକାରେ ଅଭିନୟ କରି ପ୍ରିୟ ପାତ୍ର ହୋଇଥିଲେ। ଦୁବଲାଗଡିର ପୁରାତନ ରଥଯାତ୍ରାର ଆଦ୍ୟ ଉଦ୍ୟୋକ୍ତା ମଧ୍ୟ ଥିଲେ। ତାଙ୍କ ଭାଇ, ପୁଅ, ପୁତୁରା ଓ ନାତୁଣୀ ମଧ୍ୟ ତାଙ୍କ ପ୍ରଭାବରେ ଚିତ୍ରଶିଳ୍ପୀ ହୋଇଛନ୍ତି। ଅମର ଯବାନ ଯୁବ ସଂଗଠନର ସଭାପତି ଭକ୍ତଚରଣ ଦାସ ବଡ଼ ପୁଅ ଓ ଭୀମପୁରା ସେଣ୍ଟ ଥମାସ୍ କନଭେଣ୍ଟ ସ୍କୁଲର କଳା ଶିକ୍ଷକ ଗୋକୁଳାନନ୍ଦ ଦାସ ସହ ପରିବାର ତାଙ୍କ ମୃତ୍ୟୁବେଳକୁ ଉପସ୍ଥିତ ଥିଲେ। ଶିଳ୍ପୀ କେଶୁଦାସ, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ସହ ଗ୍ରାମର ଗଣ୍ୟମାନ୍ୟ ବ୍ୟକ୍ତି ତଥା ପଡୋଶୀ, ବନ୍ଧୁ ବାନ୍ଧବ ଉପସ୍ଥିତ ହୋଇ ଶୋକ ପ୍ରକାଶ କରିଥିଲେ।

# ସରିଲା ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା

ବାଲେଶ୍ୱର,୧୪।୭ (ସମିସ): ଯୁକ୍ତ ଦୁଇର ପ୍ରଥମ ସିଲେକସନ୍ ନାମଲେଖା ପ୍ରକ୍ରିୟା ଆଜି ଶେଷ ହୋଇଛି। ଏ ନେଇ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ୮ ତାରିଖରୁ ବାଣିଜ୍ୟ ବିଭାଗରେ ନାମଲେଖା ପ୍ରକ୍ରିୟା ଚାଲୁ ରହିଥିଲା। ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ କଲେଜର ମେନ୍ ବ୍ଲକରେ ସମସ୍ତ ବିକ୍ଷୋଭ ଆଦି ଚାଲୁରହିଛି। ତେବେ ପ୍ରତିବର୍ଷ ପରି କମର୍ସ ବ୍ଲକରେ ନାମଲେଖା କାର୍ଯ୍ୟକ୍ରମ ଚାଲୁରହିଛି। ଏଥିରେ ୮୦ ପ୍ରତିଶତ ପିଲା ନାମ ଲେଖାଇଛନ୍ତି। ବାକି ୨୦ ପ୍ରତି ପିଲା ଦ୍ୱିତୀୟ ସିଲେକସନ୍ ବା ସ୍ପଟ୍ ଆଡମିସନ୍‌ରେ ନାମ ଲେଖାନ୍ତି। ଏହି ନାମଲେଖା ପ୍ରକ୍ରିୟା ସକାଳ ୯ରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଚାଲୁ ରହୁଥିବା କାରଣରୁ କଲେଜର କ୍ଲାସ ମଧ୍ୟ ବନ୍ଦ ରହିଛି। ଏହାବ୍ୟତୀତ ବର୍ତ୍ତମାନ କଲେଜର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା କାଲଠୁ ଦୁଇ ଦିନ କଲେଜ ଛୁଟି ରହିଛି ବୋଲି କଲେଜ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଯୁକ୍ତ ଦୁଇ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ପ୍ରଥମ



- କଳାରେ ୩୦୪, ବାଣିଜ୍ୟରେ ୨୫୦ ଏବଂ ବିଜ୍ଞାନରେ ୩୪୯ ପିଲା ନାମ ଲେଖାଇଛନ୍ତି
- ଦୁଇ ଦିନ କନିଷ୍ଠ ମହାବିଦ୍ୟାଳୟ ଛୁଟି

ପର୍ଯ୍ୟାୟ ନାମଲେଖା। ଏହି ପ୍ରକିୟାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମଲେଖା ଆଜି ଶେଷ ହୋଇଛି। ଚଳିତ ଶିକ୍ଷା ବର୍ଷ ୨୦୨୫ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସାମ୍ସ ଦ୍ୱାରା ଆୟୋଜିତ ପ୍ରଥମ ପର୍ଯ୍ୟାୟ ନାମ ଲେଖାଇବା ପ୍ରକ୍ରିୟାରେ +୨ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦା ମୂଳକ ବିଜ୍ଞାନରେ ସମୁଦାୟ ସିଟ୍‌ରେ ୮୦% ଛାତ୍ର ଛାତ୍ରୀ ମାନେ ଆଡ଼ମିଶନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କଳାରେ ୩୮୪ ସିଟରୁ ୩୦୪ ଜଣ, ବାଣିଜ୍ୟରେ ୩୨୦ ଜଣ ସିଟ ରୁ ୨୫୦ ଜଣ, ବିଜ୍ଞାନରେ ୪୪୮ ସିଟରୁ ୩୪୯ ଜଣ, ଧନ୍ଦା ମୂଳକ ବିଜ୍ଞାନରେ ୪୮ ସିଟରୁ ୩୯ ଜଣ ନାମ ଲେଖାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ମେରିଟ ଲିଷ୍ଟ ଜୁଲାଇ ମାସ ୨୧ ତାରିଖ ଦିନ ୧୧ ଟା ସମୟରେ ସାମ୍ସ ଦ୍ୱାରା ପ୍ରକାଶିତ ହେବ। ଏହାର ନାମ ଲେଖା ପ୍ରକ୍ରିୟା ଚଳିତ ମାସ ୨୩ ତାରିଖରୁ ୨୮ ପର୍ଯ୍ୟନ୍ତ ଚାଲୁ ରହିବ। ତେବେ ସ୍ୱୟଂଶାସିତ ଓ କନିଷ୍ଠ ମହାବିଦ୍ୟାଳୟ କ୍ୟାମ୍ପସ ଏକାଠି ରହିଛି। ସମ୍ପ୍ରତି କଲେଜର ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୫ ଏବଂ ୧୬ ତାରିଖ ଦୁଇଦିନ କନିଷ୍ଠ ମହାବିଦ୍ୟାଳୟ ଛୁଟି ରହିବ ବୋଲି କଲେଜ ପକ୍ଷରୁ ଜିଲ୍ଲାପାଳ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ଜଣାଯାଇଛି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଓ ସଂପାଦକ ସମ୍ବର୍ଦ୍ଧିତ




ବାଲେଶ୍ୱର,୧୪।୭ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ବର୍ଦ୍ଧିତ ହୋଇଥିବାରୁ ଅନୁଷ୍ଠାନର ସଦସ୍ୟମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବି.ଏନ୍. ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ମେ' ଫେୟାର ହୋଟେଲରେ ଆୟୋଜିତ 'ମେଟାବୋଲିକ, ହରାଇଜନ୍' ଶୀର୍ଷକ ଅଲୋଚନାଚକ୍ରରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ଚିକିତ୍ସା ତଥା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଭୁବନେଶ୍ୱରସ୍ଥିତ ହେଲ୍ଥମେଟ୍ ଅନୁଷ୍ଠାନର ରୌପ୍ୟଜୟନ୍ତୀ ପାଳନ ଅବସରରେ ଜୟଦେବ ଭବନରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ଯଶସ୍ୱୀ ସାରସ୍ୱତ ସାଧକ ତ୍ଥା ବ୍ୟଙ୍ଗ ସ୍ରଷ୍ଟା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି।